بِسۡمِ اللّٰہِ الرَّحۡمٰنِ الرَّحِیۡمِ نَحۡمَدُہٗ وَنُصَلِّیۡ عَلٰی رَسُوۡلِہِ الۡکَرِیۡمِ وَعَلٰی عَبۡدِہِ الۡمَسِیۡحِ الۡمَوۡعُوۡدِ

وَلَقَدۡ نَصَرَکُمُ اللّٰہُ بِبَدۡرٍ وَّاَنۡتُمۡ اَذِلَّۃٌ

ଖଣ୍ଡ: 10

**ସମ୍ପାଦକ:**

କମ୍ଫୁଲ୍ ହକ୍ ଖାନ୍

**ସହ ସମ୍ପାଦକ:**

ସୟଦ୍ ଅତାଉଲ୍ ୱାହାବ୍

ସାପ୍ତାହିକ ବଦର

Weekly BADAR Qadian କାଦିଆନ Odia

ସଂଖ୍ୟା: 21-20

ବାର୍ଷିକ ଦେୟ : 600/-

23-16 ଜୁଲ୍ କାଦା 1446 ହି.କ, 15-22 ହିଜରତ୍ 1404 ହି.ଶ, 15-22 May 2025 ମସିହା

www.akhbarbadr.in


## ଅଲାଃତାଲାଙ୍କ ବାଣୀ

وَلَا تَاۡکُلُوۡۤا اَمۡوَالَکُمۡ بَیۡنَکُمۡ بِالۡبَاطِلِ وَتُدۡلُوۡا بِہَاۤ اِلَی الۡحُکَّامِ لِتَاۡکُلُوۡا فَرِیۡقًا مِّنۡ اَمۡوَالِ النَّاسِ بِالۡاِثۡمِ وَاَنۡتُمۡ تَعۡلَمُوۡنَ

(ଅଲ୍ ବକ୍ରାହ୍: 189)

ଅନୁବାଦ: ଏବଂ ତୁମେମାନେ ମିଥ୍ୟା ଓ ପ୍ରତାରଣା ଦ୍ୱାରା ଆପଣା ଭାଇ-ମାନଙ୍କ ସମ୍ପତ୍ତିକୁ ନିଜ ନିଜ ମଧ୍ୟରେ ମିଳିମିଶି ଆତ୍ମସାତ୍ କର ନାହିଁ ଏବଂ ତୁମେମାନେ ଅନ୍ୟାୟ ପୂର୍ବକ ଜାଣିଶୁଣି ସର୍ବସାଧାରଣ ସମ୍ପତ୍ତିର କୌଣସି ଅଂଶକୁ ନିଜର କରିବା ଉଦ୍ଦେଶ୍ୟରେ ତାହାକୁ ଉତ୍କୋଚ ରୂପେ କର୍ତ୍ତୃପକ୍ଷଙ୍କ ନିକଟରେ ଉପସ୍ଥାପିତ କର ନାହିଁ ।

## ଅହମଦିୟା ଖବର

**ଅଲହମଦୁ ଲିଲ୍ଲାଃ** ! ଅଲ୍ଲାଃତାଲାଙ୍କ କୃପାରୁ ହୁଜୁର ଅନ୍ୱର୍ ଅ.ବ ସକୁଶଳେ ଅଛନ୍ତି ।

ଜମାଅତର ସଦସ୍ୟବୃନ୍ଦଙ୍କୁ ବିନମ୍ରତାପୂର୍ବକ ଅନୁରୋଧ କି ସେମାନେ ହୁଜୁର ଅନ୍ୱର୍ ଅ.ବଙ୍କ ସ୍ୱାସ୍ଥ୍ୟବାନ୍, ନିରୋଗ, ଦୀର୍ଘାୟୁ ହେବା ନିମନ୍ତେ ଦୁଆ କରନ୍ତୁ । ସକଳ ଏବଂ ସର୍ବୋଚ୍ଚ ଉଦ୍ଦେଶ୍ୟରେ ସାଫଲ୍ୟ ମଣ୍ଡିତ ହେବା ନିମନ୍ତେ ଓ ହୁଜୁର ଅନ୍ୱର୍ ଅ.ବଙ୍କ ବିଶେଷ ସୁରକ୍ଷା ନିମନ୍ତେ ଦୁଆ ଜାରି ରଖନ୍ତୁ। ଅଲ୍ଲାଃତାଲା ପ୍ରତ୍ୟେକ ମୁହୂର୍ତ୍ତ ହୁଜୁର ଅନ୍ୱର୍ ଅ.ବଙ୍କର ରକ୍ଷକ ଓ ସହାୟକ ହୁଅନ୍ତୁ । ଆମିନ୍ ।

# ହଜରତ୍ ମସିହ୍ ମଉଦ୍ ଅସ.ଙ୍କ ନିତୀବାଣୀ

**ତୁମମାନଙ୍କ ନିମନ୍ତେ ଦ୍ୱିତୀୟ ଐଶ୍ୱରିକ (ଶକ୍ତି) ଲୀଳା ଦେଖିବା ମଧ୍ୟ ଆବଶ୍ୟକ ଅଟେ । ସେହି ଦ୍ୱିତୀୟ ଐଶୀ ଲୀଳାର ଆଗମନ ମଧ୍ୟ ତୁମମାନଙ୍କ ପକ୍ଷେ ଉତ୍ତମ ଅଟେ । କାରଣ ସେହି ଐଶୀ ଲୀଳା ସାର୍ବକାଳୀନ ଅଟେ । କାରଣ ତାହା ପ୍ରଳୟ ଦିବସ ପର୍ଯ୍ୟନ୍ତ ବିଛିନ୍ନ (ଖଣ୍ଡିତ) ହେବ ନାହିଁ ।**

ଅଲ୍ଲାଃ ନିଜର ବାଣୀରେ ମୋତେ ଏହି ସୂଚନା ପ୍ରଦାନ କରନ୍ତି ଯେ, ଅନେକ ଘଟଣା ଘଟିବ ଏବଂ ଭୂପୃଷ୍ଠରେ ଅନେକ ବିପତ୍ତି ଅବତୀର୍ଣ୍ଣ ହେବ । ସେହି ବିପତ୍ତି ଏବଂ ଘଟଣା ମଧ୍ୟରୁ ଅନେକ ବିପତ୍ତି ଏବଂ ଘଟଣା ମୋ ଜୀବନ କାଳ ମଧ୍ୟରେ ପ୍ରାଦୁର୍ଭୂତ (ଘଟିବ) ହେବ ଏବଂ ଆଉ କେତେକ ବିପତ୍ତି ଓ ଘଟଣା ମୋ ମୃତ୍ୟୁ ପରେ ପ୍ରାଦୁର୍ଭୂତ ହେବ । ସେହି ବିପତ୍ତି ଏବଂ ଘଟଣା ଏହି ସଂପ୍ରଦାୟ ଅର୍ଥାତ୍ ଜମାଅତ୍ ଅହେମଦିୟାକୁ ପୂର୍ଣ୍ଣତ୍ୱ ପ୍ରଦାନ କରିବ ଓ ଜମାଅତ୍ ଅହେମଦିୟାକୁ ଉନ୍ନତି ପ୍ରଦାନ କରିବ । ସେହି ଉନ୍ନତି ଏବଂ ପୂର୍ଣ୍ଣତ୍ୱ ମଧ୍ୟରୁ କେତେକ ଉନ୍ନତି ଏବଂ ପୂର୍ଣ୍ଣତ୍ୱ ମୋ ହସ୍ତ ଦ୍ୱାରା ପୂର୍ଣ୍ଣ ହେବ ଓ ଆଉ କେତେକ ଉନ୍ନତି ଏବଂ ପୂର୍ଣ୍ଣତ୍ୱ  ମୋ ଜୀବନର ପରେ ଅର୍ଥାତ୍ ମୃତ୍ୟୁ ପରେ ପୂର୍ଣ୍ଣ ହେବ ।

ଏହା ଅଲ୍ଲାଃତାଲାଙ୍କ ପରମ୍ପରା ଅଟେ । ଅଲ୍ଲାଃତାଲା ଯେବେଠାରୁ ମନୁଷ୍ୟକୁ ଭୂପୃଷ୍ଠରେ ଜନ୍ମ ଦେଇଛନ୍ତି ସେବେ ଠାରୁ ଅଲ୍ଲାଃତାଲାଲ ଏହି ପରମ୍ପରାକୁ ପ୍ରକାଶିତ କରି ଆସୁଛନ୍ତି ଯେ, ସେ ନିଜର ଅବତାର, ବାର୍ତ୍ତାବହଙ୍କୁ ସାହାଯ୍ୟ କରିଥାଆନ୍ତି ଏବଂ ସେମାନଙ୍କୁ ବିଜୟ ପ୍ରଦାନ କରିଥାଆନ୍ତି । ଯେପରିକି ସେ କୁହନ୍ତି: "كَتَبَ اللّٰهُ لَاَغۡلِبَنَّ اَنَا وَرُسُلِىۡ। ଉକ୍ତ ବିଜୟରୁ ଏହା ହିଁ ଯଥାର୍ଥ ଯେ, ଅଲ୍ଲାଃତାଲାଙ୍କ ନିଦର୍ଶନ ଏବଂ ପ୍ରମାଣ ଭୂପୃଷ୍ଠରେ ସିଦ୍ଧ ଏଭଂ ପୂର୍ଣ୍ଣ ହୋଇଯାଉ ଓ ତାହାଙ୍କ ନିଦର୍ଶନର ମୁକାବିଲା କେହି ବି ଯେପରି ନକରିପାରୁ । ସେହିପରି ଅଲ୍ଲାଃତାଲାଙ୍କ ଜାତୀୟ ନିଦର୍ଶନ ସହିତ ସେହି ଅବତାର ଏବଂ ବାର୍ତ୍ତାବଙ୍କର ସତ୍ୟତା ମଧ୍ୟ ପ୍ରକାଶିତ କରିଦେଇ ଥାଆନ୍ତି । ଯେଉଁ ସତ୍ୟବାଦୀତାକୁ ସେମାନେ (ଅବତାର ଓ ବାର୍ତ୍ତାବଙ୍କ) ସଂସାରରେ ପରିବ୍ୟାପ୍ତ ଓ ପ୍ରସାରିତ କରିବାକୁ ଚାହାନ୍ତି ସେହି ସତ୍ୟବାଦୀତାର ବୀଜ ସେହି ଅବତାର ଏବଂ ବାର୍ତ୍ତାବହମାନଙ୍କ ହସ୍ତରୁ ହିଁ ଈଶ୍ୱର ବପନ କରାଇଥାଆନ୍ତି । କିନ୍ତୁ ଏହାକୁ ସଂପୂର୍ଣ୍ଣ ସେମାନଙ୍କ ହସ୍ତ ଦ୍ୱାରା କରାନ୍ତି ନାହିଁ । ବରଂ ଏପରି ସମୟରେ ସେହି ଅବତାରମାନଙ୍କୁ ମୃତ୍ୟୁ ପ୍ରଦାନ କରିଥାଆନ୍ତି ଯାହା ଅସଫଳତା ବୋଲି ମନେ ହୋଇଥାଏ । ବିରୋଧୀମାନଙ୍କୁ ଉପହାସ୍, ଥଟ୍ଟା ଓ ବ୍ୟଙ୍ଗ ବିଦ୍ରୂପ କରିବାର ସୁଯୋଗ ପ୍ରଦାନ କରି ଦେଇଥାଏ । ଯେତେବେଳେ ସେହି ବୋରିଧୀମାନେ ଉପହାସ, ଥଟ୍ଟା ଏବଂ ବ୍ୟଙ୍ଗ ବିଦ୍ରୂପ କରି ନିଅନ୍ତି ସେତେବେଳେ ଅନ୍ୟ ଏକ ହସ୍ତ (ହାତ) ନିଜର ଶକ୍ତି (ଲୀଳା) ପ୍ରକାଶ କରିଥାଏ । ଅର୍ଥାତ୍ ଅଲ୍ଲାଃତାଲା ନିଜର ଲୀଳା ପ୍ରକାଶ କରିଥାଆନ୍ତି ଏବଂ ଏପରି ସାଧନ ସୃଷ୍ଟି କରିଦେଅନ୍ତି ଯେଉଁ ସାଧନ ମାଧ୍ୟମରେ ସେହି ଅଭିପ୍ରାୟ ଯାହା କୌଣସି ପ୍ରକାରରେ ଅସଂପୂର୍ଣ୍ଣ ରହିଯାଇଥିଲା ତାହା ନିଜର ପୂର୍ଣ୍ଣତ୍ୱ ଅବସ୍ଥାକୁ ପହଞ୍ଚିଥାଏ।"

ଅତଏବଂ ଅଲ୍ଲାଃତାଲା ଦୁଇ ପ୍ରକାରର ଶକ୍ତି (ଲୀଳା) ପ୍ରକାଶ କରିଥାଆନ୍ତି। (1) ଅଲ୍ଲାଃତାଲା ସ୍ୱୟଂ ଅବତାରମାନଙ୍କ ହସ୍ତ ମାଧ୍ୟମରେ ନିଜର ଐଶୀ ଶକ୍ତିର ହସ୍ତ ଦେଖାଇ ଥାଆନ୍ତି । (2) ଈଶ୍ୱର ନିଜର ଐଶୀ ଶକ୍ତି (ଲୀଳା) ଏପରି ସମୟରେ ପ୍ରକାଶିତ କରିଥାଆନ୍ତି ଯେ, ଅବତାରଙ୍କ ବିୟୋଗ ପରେ ତାଙ୍କ ସଂପ୍ରଦାୟର ଲୋକମାନଙ୍କୁ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିଥାଏ ଏବଂ ଶତ୍ରୁମାନେ ଶକ୍ତିଶାଳୀ ହୋଇ ଉଠନ୍ତି। ସେମାନେ ଏହା ମନେକରନ୍ତି ଯେ, ବର୍ତ୍ତମାନ ଈଶ୍ୱରଙ୍କ ସଂପ୍ରଦାୟର କାମ ବିଗିଡ଼ି ଯାଇଛି, ଉକ୍ତ ସଂପ୍ରଦାୟ ଧ୍ୱଂସ ହୋଇଯିବ ଏବଂ ଜମାଅତ୍ର ଲୋମାନେ ସ୍ୱୟଂ ଆଶଙ୍କା ଦେଇ ଗତି କରନ୍ତି । ସେମାନଙ୍କର ଅଣ୍ଟା ଭାଙ୍ଗି ଯାଇଥାଏ ଏବଂ ଅନେକ ହତଭାଗ୍ୟ  ବ୍ୟକ୍ତିମାନେ ଧର୍ମଦ୍ରୋହୀ ହୋଇ ଧର୍ମ ପରିବର୍ତ୍ତନର ମାର୍ଗ ବାଛି ନେଇଥାଆନ୍ତି । ସେତେବେଳେ ଅଲ୍ଲାଃତାଲା ଦ୍ୱିତୀୟ ଥର ନିଜର ବଳିଷ୍ଠ ଶକ୍ତି ପ୍ରକାଶ କରିଥାଆନ୍ତି  ଏବଂ ପତନୋନ୍ମୁଖୀ ଜମାଅତ୍‌କୁ ସମ୍ଭାଳି ନେଇଥାଆନ୍ତି । ଅତଏବ୍ ଯେଉଁ ବ୍ୟକ୍ତି ଧୈର୍ଯ୍ୟ ପ୍ରଦର୍ଶନ କରିଥାଏ ସେହି ବ୍ୟକ୍ତିକୁ ଈଶ୍ୱର ଚମତ୍କାର ଦେଖାଇ ଥାଆନ୍ତି । ଯେପରି ଚମତ୍କାର ହ. ଅବୁ ବକ୍କର ସିଦ୍ଦିକ୍ ର.ଅଙ୍କ କାଳରେ ହୋଇଥିଲା । ଅର୍ଥାତ୍ ଯେତେବେଳେ ଆଁହଜରତ ସ.ଅଙ୍କ ବିୟୋଗକୁ ଏକ ଅକାଳ ତଥା ଅସମୟ ବିୟୋଗ ବୋଲି ମନେକରାଗଲା । ଅନେକ ପୁରପଲ୍ଲୀ ଏବଂ ଅରଣ୍ୟବାସୀର ମୂର୍ଖ ଲୋକମାନେ ବିଧର୍ମୀ ପାଲଟିଗଲେ ଏବଂ ସାହାବାମାନେ ଦୁଃଖରେ ମର୍ମାହତ ହୋଇ ପାଗଳ ପ୍ରାୟ ହୋଇଗଲେ ସେତେବେଳେ ଈଶ୍ୱର ହ. ଅବୁ ବକ୍କର ର.ଅଙ୍କୁ ଛିଡ଼ା କରି ପୁନଃ ନିଜର ଐଶୀ ଶକ୍ତିର ପରିଚୟ ଦେଲେ ଏବଂ ଇସ୍‌ଲାମ୍ ଧର୍ମକୁ ଧ୍ୱଂସ ମୁଖରୁ ଉଦ୍ଧାର କରିନେଲେ । ଈଶ୍ୱର ଏହି ପ୍ରତିଶୃତିକୁ ପୂର୍ଣ୍ଣ କଲେ ଯେ, وَلَيُمَكِّنَنَّ لَهُمۡ دِيۡنَهُمُ الَّذِى ارۡتَضٰى لَهُمۡ وَلَيُبَدِّلَنَّهُمۡ مِّنۡۢ بَعۡدِ خَوۡفِهِمۡ اَمۡنًا ଅର୍ଥାତ୍ ଭୟ ପରେ ଆମ୍ଭେ (ଅଲ୍ଲାଃତାଲା) ସେମାନଙ୍କୁ ଦୃଢତ୍ୱତା ପ୍ରଦାନ କରିବୁ । ଠିକ୍ ସେହିପରି ହ. ମୁସା ଅ.ସଙ୍କ କାଳରେ ମଧ୍ୟ ହୋଇଥିଲା । ଅର୍ଥାତ୍ ହ. ମୁସା ଅ.ସ ଯେତେବେଳେ ମିସର୍ ଓ କିନ୍‌ଆନ୍ ମାର୍ଗର ଦେଇ ଯାଉଥିଲେ ଏବଂ ଇସ୍ରାଇଲୀୟ ଜାତିକୁ ଏହି ପ୍ରତିଶୃତି ଦିଆଯାଇଥିଲା ହ. ମୁସା ଅ.ସ ସେମାନଙ୍କୁ ଲକ୍ଷ୍ୟସ୍ଥଳରେ ପହଞ୍ଚାଇଦେବେ ସେହି ପ୍ରତିଶୃତ ଅନୁଯାୟୀ ହ. ମୁସା ଅ.ସ ମିସର ଏବଂ କିନ୍‌ଆନ୍ ମାର୍ଗରେ ହିଁ ମୃତ୍ୟୁବରଣ କଲେ । ହ. ମୁସା ଅ.ସଙ୍କ ବିୟୋଗ ଯୋଗୁଁ ବନି ଇସ୍ରାଇଲ୍ ଜାତି ମର୍ମାହତ ହୋଇ ପଡ଼ିଥିଲା । ଯେପରିକି ତୌରାତ୍‌ରେ ଉଲ୍ଲିଖିତ  ରହିଛି ଯେ, ହ. ମୁସା ଅ.ସଙ୍କ ଅକାଳ ବିୟୋଗ ଏବଂ ବିରହ ଯୋଗୁଁ ବନି ଇସ୍ରାଇଲ୍ 40 ଦିନ ପର୍ଯ୍ୟନ୍ତ ରୋଦନ (କାନ୍ଦୁଥିଲେ) କରୁଥିଲେ । ଠିକ୍ ସେହିପରି ହ. ଇସା ଅ.ସଙ୍କ ସହିତ ହୋଇଥିଲା । ହ. ଇସା (ଯୀଶୁ ଖ୍ରୀଷ୍ଟ) ଅ.ସଙ୍କୁ ଯେତେଳେ ଶୁଳି ଦିଆଗଲା ସେତେବେଳେ ଉକ୍ତ ଘଟଣା ଯୋଗୁଁ ସମସ୍ତ ହୱାରୀ (ହ. ଇସା ଅ.ସଙ୍କ ଶିଷ୍ୟ) ବିକ୍ଷିପ୍ତ ହୋଇଗଲେ । ସେହି ହୱାରୀ (ଶିଷ୍ୟ)ଙ୍କ ମଧ୍ୟରୁ ଜଣେ ହୱାରୀ  ବିଧର୍ମୀ ମଧ୍ୟ ପାଲଟି ଗଲା ।

ଅତଏବ୍ ହେ ମୋ ଜମାଅତ୍‌ର ପ୍ରିୟ ସଦସ୍ୟବୃନ୍ଦ ! ଆବାହମାନ କାଳରୁ ଅଲ୍ଲାଃତାଲାଙ୍କର ଏହି ପରମ୍ପରା ରହିଛି ଯେ, ଈଶ୍ୱର ଦୁଇଟି ଐଶୀ ଶକ୍ତି (ଲୀଳା) ପ୍ରଦର୍ଶନ କରିଥାଆନ୍ତି । କାରଣ ଈଶ୍ୱର ବିରୋଧୀମାନଙ୍କର 2ଟି ମିଥ୍ୟା ଆନନ୍ଦକୁ ଧ୍ୱଂସ କରି ଦେଖାଇ ଦେବେ । ତେଣୁ ବର୍ତ୍ତମାନ ଏହା ସମ୍ଭବ ନୁହେଁ ଯେ, ଈଶ୍ୱର ନିଜର ପ୍ରାଚୀନ ପରମ୍ପରାକୁ ପରିତ୍ୟାଗ (ଛାଡ଼ିଦେବେ) କରିଦେବେ । ସୁତରାଂ ମୁଁ ଯେଉଁ କଥା ତୁମମାନଙ୍କ ନିମନ୍ତେ ତୁମ ସମ୍ମୁଖରେ ବର୍ଣ୍ଣନା କରିଛି ସେହି କଥା ଯୋଗୁଁ ତୁମେମାନେ ଦୁଃଖିତ ହୁଅ ନାହିଁ । ତୁମମାନଙ୍କର ହୃଦୟ ଚିନ୍ତିତ ହୋଇ ନଯାଉ । କାରଣ ତୁମମାନଙ୍କ ପକ୍ଷେ ଅନ୍ୟ ଐଶୀ ଶକ୍ତି ବା ଲୀଳା ଦେଖିବା ମଧ୍ୟ ଜରୁରୀ ଅଟେ ଓ ସେହି ଐଶୀ ଶକ୍ତି ବା ଲୀଳୀ (ଅର୍ଥାତ୍ ଖଲିଫାତ୍)ର ଆଗମନ ମଧ୍ୟ ଉତ୍ତମ ଅଟେ । କାରଣ ସେହି ଦ୍ୱିତୀୟ ଐଶୀ ଲୀଳା **(ଅବଶିଷ୍ଟାଂଶ......ପୃ-10ରେ)**

# ଉପସ୍ଥିତ ଖଲିଫାଙ୍କ ପଦ ମର୍ଯ୍ୟାଦା ଏବଂ ଖଲିଫାଙ୍କ ଆଜ୍ଞାବହତ୍ୱତା ଓ ଖଲିଫାଙ୍କ ସହିତ ସଂଶ୍ଳୀଷ୍ଟ ରହିବାର ମହତ୍ତ୍ୱ ତଥା କଲ୍ୟାଣ ।

(ମୁଜଫ୍ଫର ଅହମଦ ସାହେବ, ନାଜିର୍ ଇସଲାହ୍ ଓ ଇର୍ଶାଦ୍ କାଦିୟାନ)


| କ୍ର.ନଂ | ସୂଚୀପତ୍ର | ପୃ.ସଂଖ୍ୟା |
|---|---|---|
| ୧. | ହ. ମସିହ୍ ମଉଦ୍ ଅ.ସଙ୍କ ନିତୀବାଣୀ | ୧,୧୦ |
| ୨. | **ଉପସ୍ଥିତ ଖଲିଫାଙ୍କ ପଦ ମର୍ଯ୍ୟାଦା ଏବଂ ଖଲିଫାଙ୍କ ଆଜ୍ଞାବହତ୍ୱତା ଓ ଖଲିଫାଙ୍କ ସହିତ ସଂଶ୍ଳୀଷ୍ଟ ରହିବାର ମହତ୍ତ୍ୱ ତଥା କଲ୍ୟାଣ ।** | ୩-୧୦<br>୨,୧୪ |
| ୩. | **ଖତୁବା ଜୁମା ହୁଜୁର ଅନୱର୍ ଅ.ବ (୦୪-୦୪-୨୫)** | ୩-୧୦ |
| ୪. | **ଖତୁବା ଜୁମା ହୁଜୁର ଅନୱର୍ ଅ.ବ (୧୧-୦୪-୨୫)** | ୧୫-୨୦, ୧୪ |


وَعَدَ اللّٰهُ الَّذِيْنَ اٰمَنُوْا مِنْكُمْ وَعَمِلُوا الصّٰلِحٰتِ لَيَسْتَخْلِفَنَّهُمْ فِي الْاَرْضِ كَمَا اسْتَخْلَفَ الَّذِيْنَ مِنْ قَبْلِهِمْ وَلَيُمَكِّنَنَّ لَهُمْ دِيْنَهُمُ الَّذِي ارْتَضٰى لَهُمْ وَلَيُبَدِّلَنَّهُمْ مِّنْ بَعْدِ خَوْفِهِمْ اَمْنًا يَعْبُدُوْنَنِيْ لَا يُشْرِكُوْنَ بِيْ شَيْـًٔا وَمَنْ كَفَرَ بَعْدَ ذٰلِكَ فَاُولٰٓئِكَ هُمُ الْفٰسِقُوْنَ

**(ଅନ୍ ନୁର୍: 56)**

خلافت کا جس کو نہیں احترام
زمانے میں ہو گا نہ وہ شاد کام
نہ کیوں جان و دل سے ہوں اس پر فدا
اس کے ہے دم سے ہماری بقاء

ସମ୍ମାନନୀୟ ସଭାପିତ ମହୋଦୟ ଏବଂ ଶ୍ରୋତାବର୍ଗ ! **ଅସ୍ସଲାମୁ ଅଲୈକୁମ୍ ୱ ରହମତୁଲ୍ଲାଃହି ୱବରକାତୁହୁ** । ଯେପରି ଆପଣମାନେ ଶୁଣି ସାରିଛନ୍ତି ଯେ, ଏହି ବିନୀତର ଭାଷଣର ବିଷୟବସ୍ତୁ ହେଲା: "**ଉପସ୍ଥିତ ଖଲିଫାଙ୍କ ପଦ ମର୍ଯ୍ୟାଦା ଏବଂ ଖଲିଫାଙ୍କ ଆଜ୍ଞାବହତ୍ୱତା ଓ ଖଲିଫାଙ୍କ ସହିତ ସଂଶ୍ଳୀଷ୍ଟ ରହିବାର ମହତ୍ତ୍ୱ ତଥା କଲ୍ୟାଣ ।**" ବିନୀତ ଉପରେ ସୁରାଃ ନୁରର ଆୟତେ ଇସ୍ତିଖ୍ଲାଫ୍‌ର ଯେଉଁ ଆୟତ୍ ଆବୃତ୍ତି କରିଅଛି ସେହି ଆୟତ୍‌ର ଅନୁବାଦ୍ ନିମ୍ନମତେ ଅଟେ ।

"ତୁମମାନଙ୍କ ମଧ୍ୟରୁ ଯେଉଁମାନେ ବିଶ୍ୱାସ କରିଛନ୍ତି ଓ ସତ୍‌କର୍ମ କରୁଛନ୍ତି (ତହିଁରୁ ଏହା ଯଥାର୍ଥ ନୁହେଁ ଯେ, ଯେକୌଣସି ବିଶ୍ୱାସକାରୀ ବି ସତ୍‌କର୍ମ ସମ୍ପାଦନ କରିବ, ସେ ଅବଶ୍ୟ ଖଲିଫା ହେବ ବରଂ ତହିଁରେ ଏହି ଇଙ୍ଗିତ ରହିଛି ଯେ, ଯେଉଁ ବ୍ୟକ୍ତି ଖଲିଫା ହେବ ସେ ସୁନିଶ୍ଚିତ ରୂପେ ଜଣେ ବିଶ୍ୱାସକାରୀ ଓ ସତ୍‌କର୍ମକାରୀ ହେବ) ଅଲ୍ଲାଃତାଲା ସେମାନଙ୍କ ସହିତ ଅଙ୍ଗୀକାର କରିଛନ୍ତି ଯେ, ସେ ସେମାନଙ୍କୁ ଭୂପୃଷ୍ଠରେ ଅବଶ୍ୟ ଖଲିଫା କରିଦେବେ ଯେପରି ସେ ସେମାନଙ୍କ ପୂର୍ବବର୍ତ୍ତୀ ଲୋକମାନଙ୍କୁ ଖଲିଫା କରିଥିଲେ । ଯେଉଁ ଧର୍ମକୁ ସେ ସେମାନଙ୍କ ପାଇଁ ପସନ୍ଦ କରିଛନ୍ତି ସେମାନଙ୍କ ପାଇଁ ତାହାକୁ ଦୃଢ ଭାବରେ ସ୍ଥାପନ କରିଦେବେ ଏବଂ ସେମାନଙ୍କ ଭୟପ୍ରଦ ଅବସ୍ଥାକୁ ସେ ସେମାନଙ୍କ ପାଇଁ ଶାନ୍ତିପ୍ରଦ ଅବସ୍ଥାରେ ପରିଣତ କରିଦେବେ (କାରଣ ପ୍ରତ୍ୟେକ ପରିବର୍ତ୍ତନ ସମୟରେ ଏକ ଭୟର ବାତାବରଣ ସୃଷ୍ଟି ହୋଇଥାଏ) । ସେମାନେ ଆମ୍ଭର ଉପାସନା କରିବେ ଓ ଆମ୍ଭ ସହିତ କୌଣସି ବସ୍ତୁକୁ ଶିର୍କ (ସମକକ୍ଷ) କରିବେ ନାହିଁ (ସେ ପଛେ ପ୍ରକାଶ୍ୟ ହେଉ ଅବା ଅପ୍ରକାଶ୍ୟ ହେଉ), ଏବଂ ଯେଉଁମାନେ ଏହାପରେ ମଧ୍ୟ ଅମାନ୍ୟ କରିବେ ସେମାନେ ଅବଜ୍ଞାକାରୀମାନଙ୍କ ମଧ୍ୟରେ ଗଣ୍ୟ ହେବେ ।"

ହ. ମସିହ୍ ମଉଦ୍ ଅ.ସ କୁହନ୍ତି: "ଖଲିଫା ସ୍ଥାନାପନ୍ନ ଉତ୍ତରାଧିକାରୀକୁ ବୁଝାଏ। ପ୍ରକୃତ ଅର୍ଥରେ ରସୁଲଙ୍କ ଉତ୍ତରାଧିକାରୀ ସେହି ବ୍ୟକ୍ତି ହିଁ ହୋଇ ପାରିବ ଯିଏ ଛାୟୀ ସ୍ୱରୂପ ରୁସଲଙ୍କ ସମସ୍ତ ସମସ୍ତ ବିଶେଷତା ନିଜ ମଧ୍ୟରେ ଧାରଣ କରୁଥିବ......... ବାସ୍ତବରେ ଖଲିଫା ଅବତାରଙ୍କର ହିଁ ଛାୟୀ ହୋଇଥାଏ । ହେଲେ କୌଣସି ବ୍ୟକ୍ତି ନିମନ୍ତେ ଚିରଞ୍ଜୀବୀ ହେବା ସମ୍ଭବପର ନୁହେଁ । ତେଣୁ ଅଲ୍ଲାଃତାଲା ଏହା ଚାହିଁଲେ କି ରସୁଲଙ୍କ ଅସ୍ତିତ୍ୱକୁ ଯାହା ସମସ୍ତ ଅସ୍ତିତ୍ୱ ଠାରୁ ସର୍ବଶ୍ରେଷ୍ଠ ଅଟେ ତାହା ଛାୟୀ ରୂପେ ଚିରକାଳ ନିମନ୍ତେ ପ୍ରଳୟ ଦିବସ ପର୍ଯ୍ୟନ୍ତ ଅବ୍ୟାହତ ରହୁ । ସୁତରାଂ ଉକ୍ତ ଅଭିପ୍ରାୟକୁ ଦୃଷ୍ଟିରେ ରଖି ଅଲ୍ଲାଃତାଲା ଖିଲାଫତ୍‌ର ପ୍ରସ୍ତାବ ଦେଲେ । କାରଣ ସଂସାର କେବେ ଏବଂ କୌଣସି ଯୁଗରେ ମଧ୍ୟ ଅବତାରତ୍ୱର କଲ୍ୟାଣରୁ ବଞ୍ଚିତ ନରହୁ ।"

**(ଶାହାଦତୁଲ୍ କୁରଆନ୍, ରୁହାନୀ ଖଜାଏନ୍, ଭାଗ-6, ପୃ-353)**

ହ. ଖଲିଫତୁଲ୍ ମସିହ ଅୱଲ୍ ର.ଅ କୁହନ୍ତି: "ଯେକୌଣସି ପ୍ରକାରର ଖଲିଫା ହେଉ ପଛେ, ଖଲିଫା ତିଆର କରିବା ହେଉଛି ଈଶ୍ୱରଙ୍କର କାର୍ଯ୍ୟ । ଅଲ୍ଲାଃତାଲା ଆଦମ୍ ଅ.ସଙ୍କୁ ଖଲିଫା କରିଥିଲେ, ଅଲ୍ଲାଃତାଲା ଦାଉଦ୍ ଅ.ସଙ୍କୁ ଖଲିଫା କରିଥିଲେ, ତେବେ ଅଲ୍ଲାଃତାଲା ଆମ ସମସ୍ତଙ୍କୁ ମଧ୍ୟ ସୃଷ୍ଟି କରିଛନ୍ତି । ପୁନଶ୍ଚ ଅଲ୍ଲାଃତାଲା ହ. ମୁହମ୍ମଦ ସ.ଅଙ୍କ ଉତ୍ତରାଧିକାରୀମାନଙ୍କୁ କହିଲେ, وَعَدَ اللّٰهُ الَّذِيْنَ اٰمَنُوْا مِنْكُمْ وَعَمِلُوا الصّٰلِحٰتِ لَيَسْتَخْلِفَنَّهُمْ فِي الْاَرْضِ كَمَا اسْتَخْلَفَ الَّذِيْنَ مِنْ قَبْلِهِمْ وَلَيُمَكِّنَنَّ لَهُمْ دِيْنَهُمُ الَّذِي ارْتَضٰى لَهُمْ وَلَيُبَدِّلَنَّهُمْ مِّنْ بَعْدِ خَوْفِهِمْ اَمْنًا **(ଅନ୍ ନୁର୍: 56)**

ବିଶ୍ୱାସକାରୀମାନଙ୍କ ମଧ୍ୟରୁ ଯେଉଁ ବ୍ୟକ୍ତିମାନେ ଖଲିଫା ହୁଅନ୍ତି ସେମାନଙ୍କୁ ମଧ୍ୟ ଅଲ୍ଲାଃତାଲା ସୃଷ୍ଟି କରିଛନ୍ତି । ସେମାନେ ଯେତେବେଳେ ଭୟର ସମ୍ମୁଖୀନ ହୋଇଥାଆନ୍ତି। କିନ୍ତୁ ଅଲ୍ଲାଃତାଲା ସେମାନଙ୍କୁ ଶାନ୍ତି ଓ ଦାର୍ଢ୍ୟତା (ଦୃଢତ୍ୱତା) ପ୍ରଦାନ କରିଥାଆନ୍ତି । ଯେତେବେଳେ କୌଣସି ପ୍ରକାରର ଅଶାନ୍ତି ଏବଂ ବିଶୃଙ୍ଖଳା ବ୍ୟାପେ ସେତେବେଳେ ଅଲ୍ଲାଃତାଲା ସେମାନଙ୍କ ନିମନ୍ତେ ଶାନ୍ତିର ମାର୍ଗ ଉନ୍ମୁକ୍ତ (ଖୋଲି ଦିଅନ୍ତି) କରି ଦେଇଥାଆନ୍ତି । ସେହିପରି ଯେଉଁମାନେ ଅମାନ୍ୟକାରୀ ଏବଂ ପ୍ରତ୍ୟାଖ୍ୟାକାରୀ ଅଟନ୍ତି ସେମାନଙ୍କର ପରିଚୟ ଏହିକିଯେ, ସେମାନଙ୍କର ସତ୍‌କର୍ମରେ ହ୍ରାସ ପାଇଥାଏ ଏବଂ ସେମାନେ ଧାର୍ମିକ କାର୍ଯ୍ୟ ସମ୍ପାଦନ କରିପାରନ୍ତି ନାହିଁ ।" **(ହକାଏକୁଲ୍ ଫୁର୍କାନ୍, ଭାଗ-1, ପୃ-125-126)**

**ଉପସ୍ଥିତ ଖଲିଫାଙ୍କର ମର୍ଯ୍ୟାଦା:**

ସୟେଦିନା ହ. ମୁହମ୍ମଦ ଇସ୍‌ମାଇଲ୍ ସାହେବ ଶହୀଦ୍ ଉପସ୍ଥିତ ଖଲିଫାଙ୍କର ମର୍ଯ୍ୟାଦା ସଂପର୍କରେ ଉଲ୍ଲେଖ କରି କୁହନ୍ତି: "ଉକ୍ତ ଆସନ ତଥା ପଦ ଉପରେ ଆସୀନ ହେଉଥିବା ବ୍ୟକ୍ତି ଅତ୍ୟନ୍ତ ପବିତ୍ର ଅସ୍ତିତ୍ୱ, ବ୍ରହ୍ମାଣ୍ଡର ପାଳନକର୍ତ୍ତାଙ୍କ ଛତ୍ର ଛାୟା, ଅବତାର ତଥା ବାର୍ତ୍ତାବହଙ୍କ ସାହଚର୍ଯ୍ୟତ୍ୱ, ଧର୍ମର ଉନ୍ନତି ନିମନ୍ତେ ପାଥେୟ, ସମମର୍ଯ୍ୟାଦା ଦେବଦୂତଙ୍କ ସମୀପବର୍ତ୍ତୀ ହୋଇଥାଏ । ଗୃହର କେନ୍ଦ୍ର, ସମସ୍ତ କାରଣରୁ ଗର୍ବଯୋଗ୍ୟ ଏବଂ ଈଶ୍ୱରଙ୍କର ପରିଚୟ ଏବଂ ଅଧିକାରୀ ହୋଇଥାଏ । ତା'ର ହୃଦୟ ଈଶ୍ୱରଙ୍କ ଗଗନାଲୋକ, ତାହାଙ୍କ ପ୍ରଶସ୍ତ କୃପାମୂଳକ ହୃଦୟ ଏବଂ ଅସୀମ ତଥା ଅପୂର୍ବ ପ୍ରତାପର ଛାୟୀ, ତାହାଙ୍କ ପ୍ରସିଦ୍ଧି, ଈଶ୍ୱରଙ୍କ ସୌନ୍ଦର୍ଯ୍ୟମୂଳକ ଛାୟୀ ଅଟେ..........ତାହାଙ୍କ କୋପ ଏବଂ ତାହାଙ୍କ ନିର୍ଣ୍ଣୟକାରୀ ଖଡ୍‌ଗ ଓ ପ୍ରଦାନକାରୀ ମୋହରର ଝରଣା ଅଟେ । ସେହି ଖଲିଫାର ଅବମାନନା ଈଶ୍ୱରଙ୍କ ଅବମାନନା ଏବଂ ତା'ର ବିରୋଧ ସର୍ବଶକ୍ତିମାନ ଈଶ୍ୱରଙ୍କ ବିରୁଦ୍ଧାଚାରଣ ଅଟେ ।.........ଯେଉଁ ପୂର୍ଣ୍ଣ ବ୍ୟକ୍ତି ଖଲିଫାଙ୍କ ସହିତ ନିଜର ପୂର୍ଣ୍ଣତ୍ୱତାକୁ ତୁଳନା କରେ ସେ ଅଲ୍ଲାତାଲାଙ୍କ ଦ୍ୱାରା ଆଧାରିତ ସତ୍ୟ ସହିତ ସାମିଲ୍ ହୋଇ ନଥାଏ । ପୂର୍ଣ୍ଣ ଏବ ଅଭିଜ୍ଞ ବ୍ୟକ୍ତିର ଲକ୍ଷଣ ଏହିକି ଯେ, ସେ ଖଲିଫାଙ୍କର ସେବାରେ ନିଜକୁ ନିୟୋଜିତ କରୁ ଏବଂ ତାହାଙ୍କ ଆଜ୍ଞାପାଳନ କରିବାରେ ସର୍ବଦା ନିମଗ୍ନ ରହୁ । ଖଲିଫାଙ୍କ ସହିତ ସମକକ୍ଷ ହେବାର ଦାବି କରିବାରୁ ନିଜକୁ ନିବୃତ୍ତ ରଖୁ ଓ ସେହି ଖଲିଫାଙ୍କୁ ବ୍ୟକ୍ତି ରସୁଲୁଲ୍ଲାଃ ସ.ଅଙ୍କ ଉତ୍ତରାଧିକାରୀ ରୂପେ ଗଣ୍ୟ କରୁ (ମନେକରୁ) ।"

**(ମନ୍‌ସବେ ଇମାମତ୍, ପୃ-121-122)**

ସମ୍ମାନିତ ଶ୍ରୋତବନ୍ଧୁମାନେ ! ଉପସ୍ଥିତ ଖଲିଫା ଅବତାରଙ୍କ ପରେ ଏକ ସର୍ବୋଚ୍ଚ ଏବଂ ଅନନ୍ୟ ସ୍ଥାନ ଅର୍ଥାତ୍ ଆସନରେ ଆସୀନ ହୋଇଥାଏ । ଈଶ୍ୱର ହିଁ ଖଲିଫାକୁ ଗଢନ୍ତି ଏବଂ ସେ ହିଁ ଖିଲାଫତ୍‌କୁ ସ୍ଥାପନ ଏବଂ ଅବ୍ୟାହତ ରଖନ୍ତି । ସେହି ଖଲିଫାକୁ ଈଶ୍ୱର ପ୍ରତ୍ୟେକ ଦୃଷ୍ଟିରୁ ସାହାଯ୍ୟ ଓ ସମର୍ଥନ ଜଣାଇ ଥାଆନ୍ତି । ସେହି ଖଲିଫାକୁ ଈଶ୍ୱର ଅଧ୍ୟାତ୍ମ ଜ୍ଞାନ ପ୍ରଦାନ କରିଥାଆନ୍ତି । ସେହି ଖଲିଫାକୁ ଅଲ୍ଲାଃତାଲା ସ୍ୱୟଂ ତତ୍ତ୍ୱ ଶିକ୍ଷା ପ୍ରଦାନ କରନ୍ତି । ପବିତ୍ର କୁରଆନ୍ କରୀମ୍‌ର ଅର୍ଥ, ନିଗୂଢ ରହସ୍ୟ ଏବଂ ବାସ୍ତବତା ଏବଂ ସୂକ୍ଷ୍ମ ରହସ୍ୟ ଦ୍ୱାରା ଧନବାନ୍ କରିଦିଅନ୍ତି । ଏହି ଅପୂର୍ବ ଜ୍ଞାନ ଏବଂ ଶକ୍ତି ମାଧ୍ୟମରେ ଖଲିଫା ପବିତ୍ର କୁରଆନ୍ କରୀମ୍‌ର ବ୍ୟାଖ୍ୟାକୁ ଅନ୍ୟମାନଙ୍କ ତୁଳନାରେ ସର୍ବାଧିକ ରୂପେ ବୁଝିଥାଏ ଓ ବର୍ଣ୍ଣନା ମଧ୍ୟ କରିଥାଏ । ଈଶ୍ୱର ସ୍ୱୟଂ ସେହି ଖଲିଫାଙ୍କର ପ୍ରତ୍ୟେକ ସମସ୍ୟାଜନିତ ମାର୍ଗରେ ମାର୍ଗଦର୍ଶନ କରିଥାଆନ୍ତି ।

ହ. ମୁସ୍‌ଲେହ୍ ମଉଦ୍ ର.ଅ କୁହନ୍ତି: "ଯେପରି ନବୀ (ଅବତାର)ଙ୍କର ଆଜ୍ଞାପାଳନ କରିବା ଆବଶ୍ୟକତ ହୋଇଥାଏ । ହଁ ଏହି ଦୁଇ ଆଜ୍ଞାବହତ୍ୱ ମଧ୍ୟରେ ଗୋଟିଏ ପାର୍ଥକ୍ୟ ରହିଛି । ତାହା ଏହିକି ଯେ, ଜଣେ ଅବତାର ଏବଂ ବାର୍ତ୍ତାବହଙ୍କର ଆଜ୍ଞା ପାଳନ ଏଇଥି ପାଇଁ କରାଯାଇଥାଏ ଯେ, ସେ ଈଶ୍ୱରଙ୍କର ଐଶୀବାଣୀ ଏବଂ ପବିତ୍ରତାର କେନ୍ଦ୍ର ହୋଇଥାଏ କିନ୍ତୁ ଖଲିଫାଙ୍କର ଆଜ୍ଞାପାଳନ କରି ଏଇଥି ପାଇଁ କରାଯାଇ ନଥାଏ ଯେ, ଈଶ୍ୱରଙ୍କର ଐଶୀବାଣୀ ଏବଂ ସକଳ ପବିତ୍ରତାର କେନ୍ଦ୍ର ହୋଇଥାଏ । ନା । ବରଂ ଖଲିଫାଙ୍କର ଆଜ୍ଞା ପାଳନ ଏଇଥି ପାଇଁ କରାଯାଇଥାଏ ଯେ, ସେ ଐଶୀବାଣୀକୁ ଜାରି କରିଥାଏ, ଆମମାନଙ୍କୁ ବୁଝାଇଥାଏ ଏବଂ ସମସ୍ତ ବ୍ୟବସ୍ଥାର କେନ୍ଦ୍ର ଅଟେ । ସେଇଥି ପାଇଁ ବିଜ୍ଞ ଏବଂ ଜ୍ଞାନୀ ବ୍ୟକ୍ତିମାନେ କହିଥାଆନ୍ତି ଯେ, ଅବତାରମାନଙ୍କୁ ବୃହତ୍ ସତୀତ୍ୱତା (ପବିତ୍ରତା) ପ୍ରାପ୍ତ ହୋଇଥାଏ ଏବଂ ଖଲିଫମାନଙ୍କୁ କ୍ଷୁଦ୍ର ସତୀତ୍ୱତା (ପବିତ୍ରତା) ପ୍ରାପ୍ତ ହୋଇଥାଏ ।"

**(ଅଲ୍ ଫଜଲ୍, 17 ଫେବୃୟାରୀ, 1935 ମସିହା)**

ଆପଣ ର.ଅ ପୁନଶ୍ଚ କହିଲେ, ଈଶ୍ୱର ଯେଉଁ ବ୍ୟକ୍ତିକୁ ଖିଲାଫତ୍ ପଦବୀ ନିମନ୍ତେ ଛିଡ଼ା (ମନୋନୀତ କରିଥାଆନ୍ତି) କରନ୍ତି ସେହି ବ୍ୟକ୍ତିକୁ ଈଶ୍ୱର ଯୁଗାନୁସାରୀ ଜ୍ଞାନ ମଧ୍ୟ ପ୍ରଦାନ କରିଥାଆନ୍ତି........। ଅତଏବ୍ ଏହାର ଅର୍ଥ ଏହିକି ଯେ, ଈଶ୍ୱର ହିଁ ସ୍ୱୟଂ ଖଲିଫା ଗଢି ଥାଆନ୍ତି । ଅର୍ଥାତ୍ ଈଶ୍ୱର ଯେତେବେଳେ କୌଣସି ବ୍ୟକ୍ତିକୁ ଖଲିଫା କରିଥାଆନ୍ତି ସେତେବେଳେ ସେହି ବ୍ୟକ୍ତିକୁ ଈଶ୍ୱର ନିଜର ବିଶିଷ୍ଟ ଗୁଣାବଳୀ ପ୍ରଦାନ କରିଥାଆନ୍ତି । ଈଶ୍ୱର ଯଦି ନିଜର ବିଶେଷ ଗୁଣାବଳୀ ପ୍ରଦାନ କରନ୍ତି ନାହିଁ ତେବେ ଈଶ୍ୱରଙ୍କ ସ୍ୱୟଂ ଖଲିଫା ଗଢିବାର ଅର୍ଥ କ'ଣ ? **(ଅଲ୍ ଫଜଲ୍, 17 ଫେବୃୟାରୀ, 1935 ମସିହା)** ହ. ଖଲିଫତୁଲ୍ **(ଅବଶିଷ୍ଟାଂଶ......................ପୃ-10ରେ)**

(ଖୁତ୍‌ବା ଜୁମା)

**ନବୀ କରୀମ୍ ସ.ଅ ଖୈବର୍ ଯୁଦ୍ଧ ଅବସରରେ ହବ୍‌ଶାର ପ୍ରବାସକାରୀଙ୍କ ପ୍ରତ୍ୟାବର୍ତ୍ତନ ପରେ କହିଲେ: " مَا اَدْرِیْ بِاَیِّہِمَا اَنَا اَسَرُّ: بِفَتْحِ خَیْبَرَ، اَمْ بِقُدُوْمِ جَعْفَرٍ" ମୁଁ ଜାଣି ନାହିଁ ଯେ, ଏହି ଦୁଇଟି କଥା ମଧ୍ୟରୁ ଅର୍ଥାତ୍ ଖୈବର୍ ବିଜୟ ହେବା କଥା ଉପରେ ନା ଜାଫର୍‌ଙ୍କ ଆଗମନ ଯୋଗୁଁ ମୁଁ କେଉଁ କଥା ଉପରେ ଅଧିକ ପ୍ରସନ୍ନ ହେବି ?**

– – – – – – – – – – – – – – – – – – –

**ଏକ ଶହୀଦ୍ ହୋଇଥିବା ନିଗ୍ରୋ ଦାସ ସଂପର୍କରେ ଆପଣ ସ.ଅ କହିଲେ: "ହେ ଦାସ ! ଅଲ୍ଲାଃତାଲା ତୋର ମୁଖମଣ୍ଡଳକୁ ସୁନ୍ଦର କରିଦେଇଛନ୍ତି ଏବଂ ତୋର ଦୁର୍ଗନ୍ଧକୁ ସୁଗନ୍ଧରେ ପରିଣତ କରିଦେଇଛନ୍ତି ଓ ତୋର ଧନକୁ ମଧ୍ୟ ଅଲ୍ଲାଃତାଲା ଅଧିକ କରିଦେଲେ । "**

– – – – – – – – – – – – – – – – – – –

**ଆପଣ ସ.ଅ ସେହି ନିଗ୍ରୋ ଦାସ ନିମନ୍ତେ ଦୁଆ କଲେ ଏବଂ କହିଲେ, ଅଲ୍ଲାଃତାଲା ତ' ଉକ୍ତ ନିଗ୍ରୋ ଦାସକୁ ବୈକୁଣ୍ଠଗାମୀ କରାଇଦେଲେ । ଆଁହଜରତ ସ.ଅଙ୍କ ଧାର୍ମିକ ସହିଷ୍ଣୁତା ଭାବ, ଧାର୍ମିକ ଭାବାବେଗ ଓ ଉତ୍ସାହର ଅନନ୍ୟତା ଥିଲା ଯେ, ଆପଣ ସ.ଅ ଇହୁଦୀମାନଙ୍କର ତୌରାତ୍‌କୁ ସୁରକ୍ଷିତ ରୂପେ ଓ ସକୁଶଳତାର ସହିତ ଫେରସ୍ତ କରିବା ନିମନ୍ତେ ନିଜର ସାହାବାମାନଙ୍କୁ ଆଦେଶ ଦେଇଥିଲେ । ଆଜିକାଲିକା ଲୋକମାନଙ୍କ ପରି ସାହାବାମାନେ ନଥିଲେ । କିନ୍ତୁ ଆଜିକାଲିକା ଅଣମୁସଲମାନମାନେ ମୁସଲମାନମାନଙ୍କ ପ୍ରତି ଶତ୍ରୁତା ଆଚରଣ ପ୍ରଦର୍ଶନ କରିବାକୁ ଯାଇ ପବିତ୍ର କୁରଆନ୍ କରୀମକୁ ଜଳାଇ ଦେଉଛନ୍ତି । ଆପଣ ସ.ଅ ତ' ଏହି ଉଦାହରଣ ପ୍ରଦର୍ଶନ କରିଥିଲେ ଏବଂ ସାହାବାମାନଙ୍କୁ ଏହି ନିର୍ଦ୍ଦେଶ ଦେଇଥିଲେ ଯେ, ହେ ସାହାବାମାନେ ! ତୁମେମାନେ ଇହୁଦୀମାନଙ୍କର ପବିତ୍ର ଧର୍ମଗ୍ରନ୍ଥକୁ ସୁରକ୍ଷିତ ରଖ ଏବଂ ସୁରକ୍ଷିତ ଉପାୟରେ ସେହି ଗ୍ରନ୍ଥକୁ ସେମାନଙ୍କୁ (ଇହୁଦୀମାନଙ୍କୁ) ଫେରସ୍ତ କରିଦିଅ ।**

– – – – – – – – – – – – – – – – – – –

**ଖୈବର୍ ଯୁଦ୍ଧ ଏବଂ ୱାଦିଉଲ୍ କୁରା ଯୁଦ୍ଧର ପୃଷ୍ଠଭୂମିରେ ନବୀ କରୀମ୍ ସ.ଅଙ୍କ ପବିତ୍ର ଜୀବନୀ ଚର୍ଚ୍ଚାର ବର୍ଣ୍ଣନା ।**

**ସମ୍ମାନନୀୟ ସ୍ୱର୍ଗତ ମୌଲାନା ମୁହମ୍ମଦ୍ କରୀମୁଦ୍ଦୀନ୍ ଶାହିଦ୍ ସାହେବ, ସଦର୍ ସଦର୍ ଅଞ୍ଜୁମନ ଅହେମଦିୟା କାଦିୟାନ୍, କାନାଡ଼ାର ପୂର୍ବତନ କଜା ବୋର୍ଡ଼ର ସଦର୍ (ସଭାପତି) ସମ୍ମାନନୀୟ ସ୍ୱର୍ଗତ ଅବ୍‌ଦୁର୍ ରଶିଦ୍ ଯହୟା ସାହେବ, ହାଇଦ୍ରାବାଦ୍ ଜିଲ୍ଲାର ସିନ୍ଧ୍ ଅନ୍ତର୍ଗତ ଅମୀର୍ ସାହେବ ସମ୍ମାନନୀୟ ସ୍ୱର୍ଗତ ମିର୍ଜା ଇମ୍‌ତିୟାଜ୍ ଅହେମଦ ସାହେବ, ଅଲ୍‌ଯଜାଏର୍ (ଉପଦ୍ୱୀପ)ର ସମ୍ମାନନୀୟ ସ୍ୱର୍ଗତ ଅଲ୍‌ହାଜ୍ ବିଲ୍ ଅରବୀ ସାହେବ ଓ ହାଇଦ୍ରାବାଦ୍ ଜିଲ୍ଲାର କୋଟ୍‌ରୀ ଅଞ୍ଚଳ ଅନ୍ତର୍ଗତ ସମ୍ମାନନୀୟ ସ୍ୱର୍ଗତ ମୁହମ୍ମଦ୍ ଅଶ୍ରଫ୍ ସାହେବଙ୍କ ବିୟୋଗର ଉତ୍ତମ ଚର୍ଚ୍ଚା ଏବଂ ନମାଜ ଯନାଜାଃ ଗାଏବ୍ ।**

– – – – – – – – – – – – – – – – – – –

**04 APRIL 2025 ମସିହା ଅନୁଯାୟୀ ୦୪ ଶହାଦତ୍ ୧୪୦୪ ହିଜ୍ରୀ ଶମ୍‌ଶୀ, ସ୍ଥାନ-ମସ୍‌ଜିଦ୍ ମୁବାରକ ଇସ୍‌ଲାମାବାଦ୍ ଟେଲ୍‌ଫୋର୍ଡ଼ (ସରେ) ୟୁ.କେ ।**

ଖୁତ୍‌ବାର ଉକ୍ତ ମଧ୍ୟବର୍ତ୍ତୀ ଟୀକା ବଦରର ସମ୍ପାଦକୀୟ ମଣ୍ଡଳୀ ଓ ଅଲ୍‌ଫଜଲ୍ ଲଣ୍ଡନ୍‌ର ସମ୍ପାଦକୀୟ ମଣ୍ଡଳୀଙ୍କ ପକ୍ଷରୁ କୃତଜ୍ଞତାର ସହିତ ପ୍ରକାଶିତ କରାଯାଉଛି ।

أَشْھَدُ أَنْ لَّا إِلٰهَ اِلَّا اللّٰهُ وَحْدَہٗ لَا شَرِیكَ لَهٗ وَأَشْھَدُ أَنَّ مُحَمَّدًا عَبْدُہٗ و رَسُوْلُہٗ۔ أَمَّا بَعْدُ فَأَعُوْذُ بِاللّٰهِ مِنَ الشَّیْطٰنِ الرَّجِیْمِ۔ بِسْمِ اللّٰهِ الرَّحْمٰنِ الرَّحِیْمِ۔ اَلْحَمْدُ لِلّٰهِ رَبِّ الْعَالَمِیْنَ۔ اَلرَّحْمٰنِ الرَّحِیْمِ ۔ مٰلِكِ یَوْمِ الدِّیْنِ ۔اِیَّا كَ نَعْبُدُ وَ اِیَّاكَ نَسْتَعِیْنُ۔ اِھْدِنَا الصِّرَاطَ الْمُسْتَقِیْمَ ۔صِرَاطَ الَّذِیْنَ اَنْعَمْتَ عَلَیْھِمْ ۔غَیْرِالْمَغْضُوْبِ عَلَیْھِمْ وَلَاالضَّآلِّیْنَ۔

ତଶହୁଦ୍, ତଉଜ୍ ଏବଂ ସୁରଃ ଫାତିହାର ଆବୃତ୍ତି କରିବା ପରେ ହୁଜୁର ଅନ୍‌ୱର୍ ଅୟେଦହୁଲ୍ଲାଃହୁ ତାଆଲା ବନିସ୍ରେହିଲ୍ ଅଜିଜ୍ କହିଲେ, ରମ୍‌ଜାନ ମାସ ପୂର୍ବରୁ ଯୁଦ୍ଧ ସଂପର୍କରେ ଆଁହଜରତ ସ.ଅଙ୍କ ଜୀବନୀର କେତେକ ପାର୍ଶ୍ୱ ସଂପର୍କରେ ଚର୍ଚ୍ଚା ଚାଲିଥିଲା । ସେହି କ୍ରମରେ ଖୈବର୍ ଯୁଦ୍ଧର ଘଟଣାବଳୀର ଚର୍ଚ୍ଚା ଚାଲିଥିଲା । ଆଜି ମଧ୍ୟ ଏଥି ସଂକ୍ରାନ୍ତରେ କିଛି ବର୍ଣ୍ଣନା କରିବି । ଖୈବର୍ ବିଜୟ ହେବା ସହିତ ସେହି ଦିନମାନଙ୍କରେ ଆଁହଜରତ ସ.ଅଙ୍କ ନିମନ୍ତେ ଆଉ ଏକ ପ୍ରସନ୍ନତାର ପ୍ରସଙ୍ଗ ହେଲା । ଉକ୍ତ ପ୍ରସଙ୍ଗ ସଂକ୍ରାନ୍ତରେ ଆଁହଜରତ ସ.ଅ କହିଲେ, ମୁଁ ଜାଣି ନାହିଁ ଯେ, ଏହି ଦୁଇଟି କଥା ମଧ୍ୟରୁ ଅର୍ଥାତ୍ ଖୈବର୍ ବିଜୟ ହେବା କଥା ଉପରେ ନା ଜାଫର୍‌ଙ୍କ ଆଗମନ ଯୋଗୁଁ ମୁଁ କେଉଁ କଥା ଉପରେ ଅଧିକ ପ୍ରସନ୍ନ ହେବି ?

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଯେପରିକି ଆମେ ଜାଣୁ ଯେ, ମକ୍କାବାସୀଙ୍କ ଅନ୍ୟାୟ ଓ ଅତ୍ୟାଚାରରୁ ଅତିଷ୍ଠ ହୋଇ କିଛି ମୁସଲମାନମାନେ ହବ୍‌ଶା ଆଡ଼କୁ ପ୍ରବାସ କରି ଚାଲି ଯାଇଥିଲେ । ସେହି ପ୍ରବାସକାରୀମାନଙ୍କ ମଧ୍ୟରେ ଆଁହଜରତ ସ.ଅଙ୍କ ଚଚା ହ. ଜାଫର୍ ବିନ୍ ଅବୁ ତାଲିବ୍ ମଧ୍ୟ ଥିଲେ । ସୁଲାହ୍ ହୁଦୈବିୟା ପରେ ନବୀ କରୀମ୍ ସ.ଅ ହ. ଉମର୍ ବିନ୍ ଉମୈୟାହ୍ ଜମ୍ରୀ ର.ଅଙ୍କୁ ନଜ୍ଜାଶୀ ଅଭିମୁଖେ ଏକ ପତ୍ର ଦେଇ ହବ୍‌ଶା ପ୍ରେରଣ କରିଦେଲେ । ସେହି ପତ୍ରରେ ଉଲ୍ଲେଖ ଥିଲା ଯେ, ବର୍ତ୍ତମାନ ହବ୍‌ଶା ଠାରେ ଯେତେ ମୁସଲମାନମାନେ ରହିଯାଇଛନ୍ତି ସେମାନଙ୍କୁ ମଦିନା ମୋ ନିକଟକୁ ପ୍ରେରଣ କରିଦିଆଯାଉ । ସୁତରାଂ ପରଦେଶରେ 14, 15 ବର୍ଷ କାଳ ଅତିବାହିତ କରିବା ପେର ଏହି ଲୋକମାନେ ଦୁଇଟି ଡଙ୍ଗାରେ ଆରୋହଣ ହୋଇ ମଦିନା ଠାରେ ପହଞ୍ଚିଲେ । ସେମାନଙ୍କୁ ଯେତେବେଳେ ଏହା ଜ୍ଞାତ ହେଲା ଯେ, ଆଁହଜରତ ସ.ଅ ଖୈବର ଆଡ଼କୁ ଯାଇଛନ୍ତି ସେତେବେଳେ ଏମାନେ ଶୀଘ୍ର ଆଁହଜରତ ସ.ଅଙ୍କୁ ଭେଟିବାର ଉତ୍କଣ୍ଠାରେ ବ୍ୟାକୁଳିତ ହୋଇ ମଦିନାରେ ଅଟକିବା ପରିବର୍ତ୍ତେ ଖୈବର୍ ଅଭିମୁଖେ (ଆଡ଼କୁ) ଚାଲିଗଲେ । ଆଁହଜରତ ସ.ଅ ନିଜର ଚଚା ହ. ଜାଫର୍ ର.ଅଙ୍କୁ ଯେତେବେଳେ ଦେଖିଲେ ସେତେବେଳେ ଆପଣ ସ.ଅ ଛିଡ଼ା ହୋଇ ତାଙ୍କୁ ଆଲିଙ୍ଗନ କରିନେଲେ । ଦୁହେଁ ପରସ୍ପରକୁ କପାଳ ମଧ୍ୟବର୍ତ୍ତୀ ସ୍ଥାନରେ (ମଥାରେ) ଚୁମ୍ବନ ଦେଲେ ଏବଂ କହିଲେ, " مَا اَدْرِیْ بِاَیِّہِمَا اَنَا اَسَرُّ: بِفَتْحِ خَیْبَرَ، اَمْ بِقُدُوْمِ جَعْفَرٍ"ମୁଁ ଜାଣି ନାହିଁ ଯେ, ଏହି ଦୁଇଟି କଥା ମଧ୍ୟରୁ ଅର୍ଥାତ୍ ଖୈବର୍ ବିଜୟ ହେବା କଥା ଉପରେ ନା ଜାଫର୍‌ଙ୍କ ଆଗମନ ଯୋଗୁଁ ମୁଁ କେଉଁ କଥା ଉପରେ ଅଧିକ ପ୍ରସନ୍ନ ହେବି ?

ସେହି ଲୋକମାନଙ୍କ ସହିତ ହ. ଅବୁ ମୁସା ଅଶଅରୀ ର.ଅ ମଧ୍ୟ ଥିଲେ । ସେ ନିଜ ଜାତିର 50 ଜଣ ସଦସ୍ୟଙ୍କ ସହିତ ଆଁହଜରତ ସ.ଅଙ୍କ ନିକଟରେ ପହଞ୍ଚିଥିଲେ। ହ. ଅବୁ ମୁସା ଅଶ୍‌ଅରୀ ର.ଅଙ୍କ ନାମ ଅବ୍‌ଦୁଲ୍ଲାଃ ବିନ୍ କୈସ୍ ଥିଲା ଏବଂ ଆପଣ ଅଶ୍‌ଅରୀ ସଂପ୍ରଦାୟଭୁକ୍ତ ଥିଲେ । ଆପଣ ର.ଅ ନିଜ ଜାତିର କେତେକ ଲୋକମାନଙ୍କ ସହିତ ମକ୍କା ଆସିଲେ ଏବଂ ଇସ୍‌ଲାମ୍ ଧର୍ମ ସ୍ୱୀକାର କରିନେବା ପରେ ପୁନଃ ନିଜ ଜାତି ଆଡ଼କୁ ଫେରିଗଲେ ଏବଂ ପୁନଶ୍ଚ କିଛି କାଳ ଗଲା ପରେ ନିଜ ଦୁଇ ଭାଇ ଏବଂ ନିଜ ସଂପ୍ରଦାୟର 50ରୁ ଉର୍ଦ୍ଧ୍ୱ ଲୋକମାନଙ୍କ ସହିତ ପହଞ୍ଚିଥିଲେ । ହ. ଅବୁ ମୁସା ଅଶ୍‌ଅରୀ ର.ଅଙ୍କ ନାମ ଅବ୍‌ଦୁଲ୍ଲାଃ ବିନ୍ କୈସ୍ ଥିଲା ଓ ଆପଣ ଅଶ୍‌ଅରୀ ସଂପ୍ରଦାୟର ବ୍ୟକ୍ତି ଥିଲେ । ଆପଣ ନିଜ ସଂପ୍ରଦାୟର ଲୋକମାନଙ୍କ ସହିତ ମକ୍କା ଆସିଲେ ଏବଂ ଇସ୍‌ଲାମ୍ ଧର୍ମ ସ୍ୱୀକାର କରିନେଲେ । ଇସ୍‌ଲାମ୍ ଧର୍ମ ସ୍ୱୀକାର କରିବା ପରେ ନିଜ ସଂପ୍ରଦାୟ ଆଡ଼କୁ ଫେରିଗଲେ ଓ କିଛି କାଳ ପରେ ନିଜର ଦୁଇ ଭାଇ ଏବଂ ଜାତିର 50 ଜଣ ଲୋକମାନଙ୍କ ସହିତ ମଦିନା ଆଡକୁ ପ୍ରବାସ କରିବା ନିମନ୍ତେ ସାମୁଦ୍ରିକ ଯାତ୍ରା ନିମନ୍ତେ ବାହାରିଲେ । କିନ୍ତୁ ଯାତ୍ରା ସମୟରେ ଝଡ଼ ତୋଫାନ ପବନ ଯୋଗୁଁ ସେମାନଙ୍କର ଡଙ୍ଗା ହବ୍‌ଶାର ଉପକୂଳରେ ଯାଇ ଲାଗିଲା ଏବଂ ହବ୍‌ଶାରେ ତାଙ୍କର ସାକ୍ଷାତ ହ. ଜାଫର୍ ର.ଅଙ୍କ ସହିତ ହୋଇଥିଲା । ହ. ଜାଫର ର.ଅ ମଧ୍ୟ ସେଠାରେ ରହିବାକୁ ଲାଗିଲେ ଏବଂ ବର୍ତ୍ତମାନ ଯେତେବେଳେ ମଦିନା ଆଡ଼କୁ ଆସିବା ନିମନ୍ତେ ପ୍ରସ୍ତୁତ ହେଉଥିଲେ ସେତେବେଳେ ଅଶ୍‌ଅରୀ ସଂପ୍ରଦାୟର ଏହି ମୁସଲମାନମାନେ ମଧ୍ୟ ସାଙ୍ଗରେ ଥିଲେ । ତାଙ୍କର ଉପସ୍ଥିତି ଯୋଗୁଁ ଦୌସ୍ ସଂପ୍ରଦାୟର ଅନ୍ୟ କେତେକ ସଦସ୍ୟମାନେ ମଧ୍ୟ ଆସିଗଲେ । ସେହି ସଦସ୍ୟଙ୍କ ମଧ୍ୟରେ ହ. ଅବୁ ହୁରେରାହ୍ ର.ଅ ଏବଂ ତୁଫୈଲ୍ ବିନ୍ ଅମ୍ର ଓ ତା'ର ସାଥିମାନେ ମଧ୍ୟ ଥିଲେ । ଅଶ୍‌ଯାଅ ସଂପ୍ରଦାୟର ମଧ୍ୟ କିଛି ଲୋକମାନେ ରହିଥିଲେ ସେମାନେ ମଧ୍ୟ ଚାଲି ଆସିଲେ । ରସୁଲୁଲ୍ଲାଃ ସ.ଅ ସେହି ସମସ୍ତ ଆଗମନକାରୀଙ୍କୁ ମଧ୍ୟ ଖୈବରର ଧନ ମଧ୍ୟରୁ କିଛି ନା କିଛି ଧନ ପ୍ରଦାନ କଲେ । **(ଜୀବନୀ ଶବ୍ଦକୋଷ, ଭାଗ-8 ପୃ-402-404, ଦାରୁସ୍ ସଲାମ୍)(ଉସ୍‌ଦୁଲ୍ ଗାବା,ଭାଗ-3, ପୃ-364 ଓ ଭାଗ-6, ପୃ-299, ଦାରୁଲ୍ କୁତ୍‌ବୁଲ୍ ଇଲ୍‌ମିୟାହ୍) (ସହିହୁଲ୍ ବୁଖାରୀ, କିତାବୁଲ୍ ମୁଗାଜି, ବାବ୍-ମୁଆମିଲତୁନ୍ ନବୀ ସ.ଅ ଅହ୍‌ଲଲ୍ ଖୈବର୍, ହଦିସ୍ ନଂ-4230) (ଫତହ୍ ଖୈବର୍, ଲେଖକ-ବାଶମିଲ୍, ପୃ-200, ନଫିସ୍ ଏକାଡ଼େମୀ, କରାଚୀ) (ଅତ୍‌ତବ୍‌କାତୁଲ୍ କୁବ୍ରା, ଭାଗ-1, ପୃ-265, ଦାରୁଲ୍ କୁତ୍‌ବୁଲ୍ ଇଲ୍‌ମିୟାହ୍, ବୈରୁତ୍)**

ଡଙ୍ଗାରେ ଆରୋହଣ ହୋଇ ଆସିଥିବା ମୁସଲମାନମାନଙ୍କ ସଂପର୍କରେ ଅତିରିକ୍ତ ବିବରଣୀ ଏହିପରି ବର୍ଣ୍ଣିତ ହୋଇଛି ଯେ, ହ. ଜାଫର୍ ର.ଅ ଓ ତାଙ୍କର ଅନ୍ୟ ମୁସଲମାନ ସାଥିମାନେ ଡଙ୍ଗା ସାହାଯ୍ୟରେ ଯାତ୍ରା କରି ପହଞ୍ଚିଥିଲେ । ତେଣୁ ସେମାନଙ୍କୁ **"ଅସ୍‌ହାବୁସ୍ ସଫିନା"** କୁହାଯାଉଥିଲା । ଏମାନେ ଯେତେବେଳେ

ମଦିନାରେ ପହଞ୍ଚିଲେ ସେତେବେଳେ 15 ବର୍ଷ କାଳ ଅତିକ୍ରାନ୍ତ ହୋଇ ସାରିଥିଲା । ଏବଂ ଏଠାକାର ଅନେକ ପ୍ରବାସକାରୀ ମୁସଲମାନମାନେ ଅନେକ ଯୁଦ୍ଧରେ ସାମିଲ୍ ହୋଇ ସାରିଥିଲେ ଏବଂ ପ୍ରବାସରେ ମଧ୍ୟ ଆଗେଇ ଯାଇଥିଲେ । ତେଣୁ ଏହା ପ୍ରତିତ ହୁଏ ଯେ, ପରସ୍ପର ମଧ୍ୟରେ ଏହି ଚର୍ଚ୍ଚା ମଧ୍ୟ ହେବାକୁ ଲାଗିଲା ଯେ, ଆମେମାନେ ସେମାନଙ୍କ ଅପେକ୍ଷା ଶ୍ରେଷ୍ଠ ଓ ମର୍ଯ୍ୟାଦାର ଅଧିକାରୀ ଅଟୁ । ଅର୍ଥାତ୍ ଯେଉଁମାନେ ହବ୍‌ଶାକୁ ପ୍ରବାସ କରିଥିଲେ ସେହି ପ୍ରବାସକାରୀମାନଙ୍କ ଅପେକ୍ଷା ଏଠାରେ ରହୁଥିବା ପ୍ରବାସକାରୀମାନେ ଅର୍ଥାତ୍ ଯେଉଁମାନେ ମଦିନାରେ ଆଁହଜରତ ସ.ଅଙ୍କ ସାଙ୍ଗରେ ଆସିଥିଲେ ସେମାନେ ନିଜକୁ ମର୍ଯ୍ୟାଦ ଏବଂ ଶ୍ରେଷ୍ଠ ବୋଲି ମନେକରୁଥିଲେ । ଏକଦା ହ. ଜାଫର୍ ର.ଅଙ୍କ ପତ୍ନି ହ. ଅସ୍‌ମା ବିନ୍‌ତ୍ ଉମୈସ୍ ଉମ୍ମୁଲ୍ ମୁମିନିନ୍ ହ. ହଫ୍‌ସା ର.ଅଙ୍କ ସହିତ ସାକ୍ଷାତ୍ କରିବା ନିମନ୍ତେ ଉପସ୍ଥିତ ହେଲେ । ସେଠାକୁ ହ. ଉମର୍ ର.ଅ ମଧ୍ୟ ଗଲେ । ତେଣୁ ସେଠାକୁ ଯାଇ ପଚାରିଲେ ଯେ, ଏ ମହିଳା କିଏ ଅଟନ୍ତି? ତେବେ ହ. ହଫ୍‌ସା ର.ଅ କହିଲେ, ଅସ୍‌ମା ବିନତ୍ ଉମୈସ୍ ଅଟନ୍ତି । ହ. ଉମର୍ ର.ଅ କହିବାକୁ ଲାଗିଲେ ଯେ, ଆଚ୍ଛା ଆଚ୍ଛା ସେହି ହବ୍‌ଶାବାଲା ମହିଳା ! ସାମୁଦ୍ରିକ ଯାତ୍ରା କରିଥିବା ମହିଳା ନା ! ହ. ଅସ୍‌ମା ର.ଅ କହିଲେ, ଆଜ୍ଞା ହଁ ! ପ୍ରତ୍ୟୁତ୍ତରରେ ହ. ଉମର୍ ର.ଅ କହିଲେ, ଆମେମାନେ ତୁମ ଅପେକ୍ଷା ଆଗ ମଦିନା ପ୍ରବାସ କରିଥିଲୁ ତୁମ ଠାରୁ ଆମେ ଆଗେଇଗଲୁ । ତେଣୁ ଆମେମାନେ ତୁମ ଅପେକ୍ଷା ଅଧିକ ନିକଟବର୍ତ୍ତୀ ହେଲୁ । ଏକଥା ଶୁଣି ହ. ଅସ୍‌ମା ଦୁଃଖିତ ଏବଂ କ୍ରୋଧିତ ହୋଇ କହିଲେ, ମୁଁ ଅଲ୍ଲାଃତାଲାଙ୍କର ଶପଥ କରି କହୁଛି ! ଏପରି କଦାପି ହୋଇ ପାରିବ ନାହିଁ । ତୁମେମାନେ ତ' ଆଁହଜରତ ସ.ଅଙ୍କ ସହିତ ରହୁଥିଲ । ସେ ତୁମମାନଙ୍କର ଭୋକିଲା ବ୍ୟକ୍ତିକୁ ଆହାର ଦେଉଥିଲେ। ତୁମମାନଙ୍କ ମଧ୍ୟରେ ଥିବା ସ୍ୱଳ୍ପ ଜ୍ଞାନ ଥିବା ବ୍ୟକ୍ତିକୁ ଉପଦେଶ ଦେଉଥିଲେ । ଅପରପକ୍ଷେ ଆମେମାନ ନିଜ ମାତୃଭୂମି ଠାରୁ ଦୂର ରାଇଜ ଶତ୍ରୁ ଦେଶରେ ଥିଲୁ । ଆମେମାନଙ୍କୁ ସେଠାରେ ନାନା ଭୟ ଲାଗି ରହିଥିଲା । ଏସବୁ ଦୁଃଖ ଆମେମାନେ ଅଲ୍ଲାଃତାଲା ଓ ତାହାଙ୍କ ବାର୍ତ୍ତାବହଙ୍କ ସକାଶେ ସହ୍ୟ କଲୁ । ସେ (ଅସ୍‌ମା) କହିବାକୁ ଲାଗିଲେ, ମୁଁ ଈଶ୍ୱରର ଶପଥ କହୁଛି ଯେ, ମୁଁ ସେପର୍ଯ୍ୟନ୍ତ ଅନ୍ନ ଜଳ ସ୍ୱର୍ଶ କରିବି ନାହିଁ ଯେପର୍ଯ୍ୟନ୍ତ ମୁଁ ଆଁହଜରତ ସ.ଅଙ୍କୁ ଉକ୍ତ ପ୍ରସଙ୍ଗ ସଂପର୍କରେ ପଚାରି ନନେଇଛି । ହଁ ମୁଁ ସେତିକି କଥା କହିବି ଯେତିକି ଆପଣ କହିଛନ୍ତି । ତହିଁରୁ ମୁଁଉଣା ଅଧିକେ କଥା କହିବି ନାହିଁ । ଅର୍ଥାତ୍ ଆଁହଜରତ ସ.ଅଙ୍କୁ ଯାଇ ସଂପୂର୍ଣ୍ଣ କଥା କହିବି । ଏତଦ୍‌ପରେ ସେ ଆଁହଜରତ ସ.ଅଙ୍କ ସେବାରେ ଉପସ୍ଥିତ ହେଲେ ଏବଂ ସମସ୍ତ ଘଟଣାବୃତ୍ତାନ୍ତ ବର୍ଣ୍ଣନା କଲେ । ପ୍ରତ୍ୟୁତ୍ତରରେ ରସୁଲ୍ କରୀମ୍ ସ.ଅ କହିଲେ, لَيْسَ بِأَحَقَّ بِيْ مِنْكُمْ، وَلَهٗ وَلِأَصْحَابِهٖ هِجْرَةٌ وَاحِدَةٌ، وَلَكُمْ أَنْتُمْ أَهْلَ السَّفِيْنَةِ هِجْرَتَانِ ଅର୍ଥାତ୍ ସେ ତୁମ ଠାରୁ ବେଶୀ ଅଧିକାରୀ ନୁହନ୍ତି ବରଂ ତାଙ୍କର ଅର୍ଥାତ୍ ହ. ଉମର୍ ର.ଅଙ୍କର ପ୍ରବାସ ହେଉଛି ଗୋଟିଏ ପ୍ରବାସ ଆଉ ତୁମର ପ୍ରବାସ ହେଉଛି ହବ୍‌ଶା ଅଭିମୁଖେ ଡଙ୍ଗା ସାହଯ୍ୟରେ ଯାତ୍ରାକାରୀଙ୍କର 2ଟି ପ୍ରବାସ (ଅର୍ଥାତ୍ ମଦିନା ଓ ହବ୍‌ଶା) । ସେହିପରି ଆପଣ ସ.ଅ ତାଙ୍କର ମନ ରଖିଲେ ଏବଂ ତାଙ୍କର ଦଃଖକୁ ଦୂର କଲେ। ହ. ଅସ୍‌ମା ର.ଅ ଯେତେବେଳେ ଉକ୍ତ କଥା ଶୁଣିଲେ ସେତେବେଳେ ସେ ଗର୍ବ ଏବଂ ସୌଭାଗ୍ୟର ଏହି ସମ୍ମାନ ସଂପର୍କରେ ନିଜର ସାଥିମାନଙ୍କୁ କହିଲେ, ହ. ଅସ୍‌ମା ର.ଅ ବର୍ଣ୍ଣନା କରନ୍ତି ଯେ, ତାଙ୍କ ଠାରୁ ଲୋକମାନେ ଯେତେବେଳେ ଏହି କଥା ଶୁଣିଲେ ସେତେବେଳେ ସେମାନେ ଦଳ ଦଳ ହୋଇ ହ. ଅସ୍‌ମା ର.ଅଙ୍କ ପାଖକୁ ଆସୁଥିଲେ ଏବଂ ଅତ୍ୟନ୍ତ ଅଗ୍ରହର ସହିତ ହୁଜୁର ସ.ଅଙ୍କ ପବିତ୍ର କଥା ମୋ ଠାରୁ (ହ. ଅସମା ଙ୍କ ଠାରୁ) ଶୁଣୁଥିଲେ । ସଂସାରରେ କୌଣସି ବସ୍ତୁ ଏତେ ଆନନ୍ଦ ଦାୟକ ନଥିଲା ଯେତେ ଆଁହଜରତ ସ.ଅଙ୍କ କଥା ଆନନ୍ଦ ଦାୟକ ଥିଲା । ସେହିପରି ହ. ଅସ୍‌ମା ର.ଅଙ୍କ ନିମନ୍ତେ ଅନ୍ୟ କୌଣସି କଥା ଏତେ ସମ୍ମାନଜନକ ନଥିଲା ଯେତେ ଆଁହଜରତ ସ.ଅଙ୍କର ଏହି କଥା ଥିଲା । ସେ ବର୍ଣ୍ଣନା କରନ୍ତି ଯେ, କେତେକ ଲୋକ ମୋ ପାଖକୁ ଆଁହଜରତ ସ.ଅଙ୍କ ଏହି କଥାକୁ ଶୁଣିବା ନିମନ୍ତେ ବରମ୍ବାର ଆସୁଥିଲେ। **(ସହିହୁଲ୍ ବୁଖାରୀ, କିତାବୁଲ୍ ମୁଗାଜି, ବାବ୍-ମୁଆମିଲତୁନ୍ ନବୀ ସ.ଅ ଅହ୍‌ଲଲ୍ ଖୈବର୍, ହଦିସ୍ ନଂ-4230-4231)**

ହୁଜୁର ଅନୱର୍ ଅ.ବ କହିଲେ, ଏଠାରେ ଜଣେ ନିଗ୍ରୋ ଦାସର ମଧ୍ୟ ଚର୍ଚ୍ଚା ମିଳେ। ସେହି ଦାସ ଜଣକ ମୁସଲମାନ ହୋଇଥିଲା ଏବଂ ସେ ଶହୀଦ୍ ମଧ୍ୟ ହୋଇଥିଲା। ବର୍ଣ୍ଣନାରେ ବର୍ଣ୍ଣିତ ହୋଇଛି ଯେ, ଖୈବର୍‌ର ୟସାର୍ ନମାକ ଜନୈକ (ଜଣେ) ଦାସ ଥିଲା ଯିଏ ପଶୁପଲଙ୍କୁ ଚରାଉଥିଲା । ସେ ଯେତେବେଳେ ରସୁଲୁଲ୍ଲାଃ ସ.ଅଙ୍କୁ ଖୈବର୍ ଯୁଦ୍ଧ ପାଇଁ ଅସ୍ତ୍ର ଧରୁଥିବାର ଦେଖିଲା ସେତେବେଳେ ସେ ଖୈବରବାସୀଙ୍କୁ ପ୍ରଶ୍ନ କଲା ଯେ, ହେ ଖୈବର୍‌ବାସୀମାନେ ! ତୁମମାନଙ୍କର କ'ଣ ଇଚ୍ଛା ଏବଂ ଅଭିମତ ରହିଛି? ସେମାନେ କହିଲେ, ଆମେମାନେ ସେହି ବ୍ୟକ୍ତି ସହିତ ଯୁଦ୍ଧ କରିବୁ ଯିଏ ନିଜକୁ ଅବତାର କହେ । ସେହି ଦାସଙ୍କ ମନରେ ଆଁହଜରତ ସ.ଅଙ୍କ ଉପଦେଶ ପ୍ରବିଷ୍ଟ ହୋଇଗଲା । ସେ ନିଜ ମନରେ ଏହା ଭାବିଲା କି ରସୁଲୁଲ୍ଲା ସ.ଅଙ୍କର ଯେଉଁ ଦାବି ରହିଛି ନିଃସନ୍ଦେହ ରୂପେ ତହିଁରେ କିଛି ନା କିଛି ସତ୍ୟତା ରହିଛି । ସେ ନିଜର ଛେଳୀମାନଙ୍କୁ ଚରାଇବା ନିମନ୍ତେ ବାହାରିଲା । ମୁସଲମାନମାନେ ସେହି ନିଗ୍ରୋ ଦାସ ଯାହାର ନାମ ୟସାର୍ ଥିଲା ତା'କୁ ଧରି ପକାଇଲେ ଏବଂ ତା'କୁ ଆଁହଜରତ ସ.ଅଙ୍କ ପାଖକୁ ନେଇ ଆସିଲେ ।

**ଦ୍ୱିତୀୟ ବର୍ଣ୍ଣନା** ଟିକିଏ ବିସ୍ତୃତାତ୍ମକ ଅଟେ । ତାହା ଏହିକି ଯେ, ସେହି ଦ୍ୱିତୀୟ ବର୍ଣ୍ଣନାନୁଯାୟୀ ସେହି ଦାସ ଜଣକ ଛେଳୀମାନଙ୍କୁ ନେଇ ରସୁଲ୍ କରୀମ୍ ସ.ଅଙ୍କ ପାଖକୁ ଆସିଲା । ରସୁଲୁଲ୍ଲାଃ ସ.ଅ ତା' ସହିତ କଥାବାର୍ତ୍ତା ହେଲେ, ସେ କହିଲା, ହେ ମୁହମ୍ମଦ ! ସ.ଅ ଆପଣ ସ.ଅ ମୋତେ ଏବଂ (ଲୋକମାନଙ୍କୁ) କେଉଁ ଆଡ଼କୁ ଡାକୁଛନ୍ତି ? ଆପଣ ସ.ଅ କହିଲେ, ମୁଁ ତୁମମାନଙ୍କୁ ଇସ୍‌ଲାମ୍ ଧର୍ମ ଆଡ଼କୁ ଆମନ୍ତ୍ରିତ କରୁଛି । ତେଣୁ ତୁମେ ଏହି ସାକ୍ଷ୍ୟ ପ୍ରଦାନ କର କି ଅଲ୍ଲାଃତାଲାଙ୍କ ବ୍ୟତୀତ କେହି ବି ଉପାସ୍ୟ ନୁହନ୍ତି ଏବଂ ମୁଁ ଅଲ୍ଲାଃତାଲାଙ୍କ ବାର୍ତ୍ତାବହ ଅଟେ । ତୁମେ ଅଲ୍ଲାଃତାଲାଙ୍କ ବ୍ୟତୀତ ଅନ୍ୟ କାହାରି ଉପାସନା କରିବ ନାହିଁ । ସେହି ଦାସ ଜଣକ କହିବାକୁ ଲାଗିଲା, ମୁଁ ଯଦି ଏହି କଥାର ସାକ୍ଷ୍ୟ ଦିଏ ତେବେ ମୋତେ କ'ଣ ମିଳିବ ? ଅର୍ଥାତ୍ ମୁଁ ଯଦି ଅଲ୍ଲାଃତାଲାଙ୍କ ଉପରେ ବିଶ୍ୱାସ ନେଇ ଆସେ (ଅର୍ଥାତ୍ ବିଶ୍ୱାସ ସ୍ଥାପନ କରେ) ତେବେ ମୋତେ କ'ଣ ମିଳିବ ? ରସୁଲୁଲ୍ଲାଃ ସ.ଅ କହିଲେ, ତୁମେ ଯଦି ଅଲ୍ଲାଃତାଲା ଏବଂ ମୋ ଉପରେ ବିଶ୍ୱାସ ନେଇ ଆସ ତେବେ ତୁମକୁ ସ୍ୱର୍ଗ ମିଳିବ । ସୁତରାଂ ସେହି ଦାସ ଜଣକ ଇସ୍‌ଲାମ୍ ଧର୍ମ ସ୍ୱୀକାର କରିନେଲା ଏବଂ ସେ କହିବାକୁ ଲାଗିଲା ଯେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ନିଃସନ୍ଦେହ ମୁଁ ଏପରି ବ୍ୟକ୍ତି ଅଟେ ଯାହାର ରଙ୍ଗ କୃଷ୍ଣକାୟ (କଳା) ଅଟେ ଏବଂ ମୋର ମୁଖମଣ୍ଡଳ ସୁନ୍ଦର ନୁହେଁ, ମୋ ଶରୀରରୁ ଦୁର୍ଗନ୍ଧ ବାହାରିଥାଏ ଏବଂ ମୋ ନିକଟରେ ଧନ ମଧ୍ୟ ନାହିଁ । ମୁଁ ଯଦି ସେମାନଙ୍କ (ଶତ୍ରୁ) ସହିତ ଯୁଦ୍ଧ କରିବି ଏବଂ ମୋତେ ଯଦି ମାରି ଦିଆଗଲା ତେବେ କ'ଣ ମୁଁ ବୈକୁଣ୍ଠରେ ପ୍ରବିଷ୍ଟ ହେବି କି ? ଆପଣ ସ.ଅ କହିଲେ, ତୁମେ ଅବଶ୍ୟ ସ୍ୱର୍ଗରେ ପ୍ରବିଷ୍ଟ ହୋଇଯିବ। ନିଗ୍ରୋ ଦାସ ଜଣକ କହିଲା, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ଏହି ଛେଳୀମାନେ ମୋ ନିକଟରେ ପରର ଅମାନତ ଅଟନ୍ତି । ମୁଁ କ'ଣ କରିବି ? ପ୍ରତ୍ୟୁତ୍ତରରେ ରସୁଲୁଲ୍ଲାଃ ସ.ଅ କହିଲେ, ସେମାନଙ୍କୁ ସୈନ୍ୟବାହିନୀରୁ କାଢି ନେଇଯାଅ ଏବଂ ଖୋଲା ପଡ଼ିଆରେ ଛାଡ଼ିଦିଅ । ନିଃସନ୍ଦେହ ଅଲ୍ଲାଃତାଲା ତୁମ ଅମାନତ୍ ତୁମ ତରଫରୁ ପୈଠ କରିଦେବେ । ଅର୍ଥାତ୍ ଏହି ଛେଳୀମାନେ ସେମାନଙ୍କ ମାଲିକମାନଙ୍କ ପର୍ଯ୍ୟନ୍ତ ପହଞ୍ଚିଯିବେ ।

ଯେଉଁ ଲୋକମାନେ ଆଁହଜରତ ସ.ଅଙ୍କ ଉପରେ ଆପତ୍ତି କରିଥାଆନ୍ତି ଯେ, ଆଁହଜରତ ସ.ଅ ମାଲେ ଗନିମତ୍ ପ୍ରାପ୍ତ କରିବା ନିମନ୍ତେ ଯୁଦ୍ଧ କରିଛନ୍ତି । ସେହି ଲୋକମାନେ ବିଶେଷ ରୂପେ ଖୈବର୍ ଯୁଦ୍ଧର ପ୍ରମାଣ ଦେଇ ଆଁହଜରତ ସ.ଅଙ୍କ ଉପରେ ଆପତ୍ତି କରିଥାଆନ୍ତି ଯେ, ଆଁହଜରତ ସ.ଅ ଅନ୍ୟାୟ ଏବଂ ଅବୈଧ ରୂପେ ପରର ସମ୍ପତ୍ତି ଉପରେ ଅଧିକାର କରିବା ପାଇଁ ଏହି ଅତ୍ୟାଚାର କରିଥିଲେ । ଯଦି ଏକଥା ସତ୍ୟ ହୋଇଥାଆନ୍ତା ତେବେ ଠିକ୍ ଯୁଦ୍ଧାବସ୍ଥାରେ ଶତ୍ରୁପକ୍ଷର ଛେଳୀମାନଙ୍କର ଏକ ପଲ ଖୈବର୍ ଠାରେ ଥିଲା । ସାହାବାମାନେ ସେତେବେଳେ ଭୋକ ଯୋଗୁଁ ଆଉଟୁ ପାଉଟୁ ହେଉଥିଲେ । ଅତ୍ୟନ୍ତ ଦୁଃରାବସ୍ଥା ଥିଲା ସାହାବାମାନଙ୍କର । ସାହାବାମାନେ କିଛି ଖାଇବାକୁ ପାଉ ନଥିଲେ । ଏପରି ଅବସ୍ଥାରେ ଏହି ଛେଳୀମାନେ ସାହାବାମାନଙ୍କ ପାଇଁ ମାଗଣା ଧନ ଓ ଖୋରାକ୍ ଥିଲେ । ସାହାବାମାନେ ଏହି ଛେଳୀମାନଙ୍କୁ ମାରି ଖାଇ ଦେଇପାରି ଥାଆନ୍ତେ ଏବଂ ଏହି ଛେଳୀମାନଙ୍କୁ ବ୍ୟବହାର କରିପାରେ ଥାଆନ୍ତେ । କିନ୍ତୁ ନବୀ କରୀମ୍ ସ.ଅଙ୍କ ଯୁଦ୍ଧାବସ୍ଥା ଏପରି ଥିଲା କି ଆପଣ ସ.ଅ ଅମାନତର ଅଧିକାର ସମ୍ପାଦନ କରି ଛେଳୀମାନଙ୍କୁ ଫେରସ୍ତ କରିବା ନିମନ୍ତେ ସାହାବାମାନଙ୍କୁ ଆଦେଶ ଦେଲେ । ସେ ଯାହା ହେଉ ସାହାବାମାନେ ଏହିପରି ହିଁ କଲେ । ସେହି ଛେଳୀମାନେ ଏକତ୍ରିତ ହୋଇ ବାହାରିଲେ । ଅର୍ଥାତ୍ କେହି ଘଉଡ଼ାଇଲା ବାଲା ନଥିଲା । ଏପର୍ଯ୍ୟନ୍ତକି ପ୍ରତ୍ୟେକ ଛେଳୀ ନିଜର ମାଲିକ ପର୍ଯ୍ୟନ୍ତ ପହଞ୍ଚିଗଲା । ସୁତରାଂ ସେହି ନିଗ୍ରୋ ଦାସ ଜଣକ ଆଗକୁ ଅଗ୍ରସର ହେଲା ଏବଂ ସେ ଶତ୍ରୁ ସହିତ ଯୁଦ୍ଧ କଲା, ଯୁଦ୍ଧରେ ସାମିଲ୍ ହେଲା । ଏପର୍ଯ୍ୟନ୍ତକି ସେହି ନିଗ୍ରୋ ଦାସକୁ ଗୋଟିଏ ତୀର ଆସି ବାଜିଲା ଫଳତଃ ସେ ସେହିଠାରେ ହିଁ ଶହୀଦ୍ ହୋଇଗଲା । କିନ୍ତୁ ସେହି ଦାସ ଜଣକ ଗୋଟିଏ ସିଜ୍‌ଦା ମଧ୍ୟ କରି ନଥିଲା । ସେହି ଦାସ ଜଣକ ବର୍ତ୍ତମାନ ନୂଆ ନୂଆ ମୁସଲମାନ ହୋଇଥିଲା । କୌଣସି ନମାଜ୍ ମଧ୍ୟ ପାଠ କରି ନଥିଲା । ମୁସଲମାନମାନେ ସେହି ନିଗ୍ରୋ ଦାସକୁ ଉଠାଇ ଆଣିଥିଲେ । ରସୁଲୁଲ୍ଲାଃ


**ଅଲ୍ଲାଃତାଲାଙ୍କ ବାଣୀ**

"ୱମା ଅର୍‌ସଲନାକା ଇଲ୍ଲା ରହ୍‌ମତନ୍ ଲିଲ୍ ଆଲମିନ୍ ।"
(ଅଲ୍ ହଜ୍:31)

ଅର୍ଥାତ ହେ ମୁହମ୍ମଦ ସ.ଅ ଆମ୍ଭେ ତୁମକୁ ସମଗ୍ର ସଂସାରବାସୀଙ୍କ ନିମନ୍ତେ କେବଳ କରୁଣା ରୂପେ ଗଢି ପ୍ରେରଣ କରିଛୁ ।

ତାଲିବେ ଦୁଆ: Sarafat Ali Khan, S/o- Manwar Ali Khan , Jamat Ahmadiya Karadapalli (Odisha)



**ଅଲ୍ଲାଃତାଲାଙ୍କ ବାଣୀ**

"ଲନ୍ ତନାଲୁଲ୍ ବିର୍‌ରା ହତ୍ତା ତୁନ୍‌ଫିକୁ ମିମ୍ମା ତୁହିବ୍‌ବୁନ୍ ।"
(ଆଲେ ଇମ୍ରାନ୍ :93)

ଅର୍ଥାତ ଯେପର୍ଯ୍ୟନ୍ତ ତୁମେମାନେ ଅଲ୍ଲାଃତାଲାଙ୍କ ଉଦ୍ଦେଶ୍ୟରେ ନିଜର ପ୍ରିୟ ଧନକୁ ବ୍ୟୟ କରିଦେଇ ନାହଁ ସେପର୍ଯ୍ୟନ୍ତ ତୁମେମାନେ ସଂପୂର୍ଣ୍ଣ ପୁଣ୍ୟ ଲାଭ କରିପାରିବ ନାହିଁ ।

ତାଲିବେ ଦୁଆ: Sheikh Ghulam Ahmad & Family, Jamat Ahmadiya Kerang, Darul Barkat (Odisha)

ସ.ଅ କହିଲେ, ଏହି ଦାସକୁ ଶିବିର ମଧ୍ୟରେ ପ୍ରବିଷ୍ଟ କରାଅ । ସାହାବାମାନେ ତା'କୁ ରସୁଲୁଲ୍ଲାଃ ସ.ଅଙ୍କ ଶିବିର ମଧ୍ୟରେ ପ୍ରବିଷ୍ଟ କରାଇଦେଲେ । ହ. ଅନସ୍ ର.ଅ ବର୍ଣ୍ଣନା କରନ୍ତି ଯେ, ସେହି ଦାସ ପାଖକୁ ଆଁହଜରତ ସ.ଅ ଆସିଲେ ଏବଂ ସେହି ଦାସ ଜଣକ ସେତେବେଳକୁ ଶହୀଦ୍ ହୋଇଯାଇଥିଲା । ଆପଣ ସ.ଅ କହିଲେ, ହେ ଦାସ ! ଅଲ୍ଲାଃତାଲା ତୋର ମୁଖକୁ ସୁନ୍ଦର କରିଦେଲେ ଏବଂ ତୋର ଦୁର୍ଗନ୍ଧକୁ ସୁଗନ୍ଧରେ ପରିଣତ କରିଦେଲେ ଏବଂ ତୋ ଧନକୁ ଅଧିକ କରିଦେଲେ । ଆଁହଜରତ ସ.ଅ ସେହି ଦାସ ନିମନ୍ତେ ଦୁଆ କଲେ ଏବଂ କହିଲେ, ଅଲ୍ଲାଃତାଲା ସେହି ଦାସକୁ ବୈକୁଣ୍ଠରେ ପହଞ୍ଚାଇ ଦେଲେ । **(ସବ୍‌ଲୁଲ୍ ହୁଦା, ୱର୍ ରଶ୍ଵାଦ୍, ଭାଗ-5, ପୃ-129, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍) (ଅତତବ୍‌କାତୁଲ୍ କୁବ୍ରା, ଭାଗ-2, ପୃ-82, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍, ବୈରୁତ୍)**

ହ. ମୁସଲେହ୍ ମଉଦ୍ ର.ଅ ବର୍ଣ୍ଣନା କରନ୍ତି ଯେ, "ଖୈବରର ଘେରାଉ ଦିନମାନଙ୍କରେ ଜଣେ ଇହୁଦୀ ଅଧିପତିର ଶସ୍ୟ ରକ୍ଷୀ ଯେକି ସେହି ଇହୁଦୀ ବ୍ୟକ୍ତିର ଛେଳୀ ଚରାଉଥିଲା । ସେହି ଦାସ ଜଣକୁ ମୁସଲମାନ ହୋଇଗଲା । ମୁସଲମାନ ହେବା ପରେ ସେ କହିଲା, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ମୁଁ ବର୍ତ୍ତମାନ ସେହି ଲୋକମାନଙ୍କ ମଧ୍ୟରେ (ଇହୁଦୀମାନଙ୍କ ନିକଟକୁ) ଆଉ ଯାଇ ପାରିବି ନାହିଁ । ଏହି ଛେଳୀମାନେ ହେଉଛନ୍ତି ସେହି ଇହୁଦୀ ମାଲିକର ଏବଂ ଏମାନେ ମୋ ପାଖରେ ଅମାନତ୍ ଅଟନ୍ତି। ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ବର୍ତ୍ତମାନ ମୁଁ କ'ଣ କରିବି ? ଆପଣ ସ.ଅ କହିଲେ, ହେ ଦାସ ଛେଳୀମାନଙ୍କର ମୁହଁ ଦୁର୍ଗ ଆଡ଼କୁ କରିଦିଅ ଏବଂ ସେମାନଙ୍କୁ ଠେଲିଦିଅ । ଅଲ୍ଲାଃତାଲା ସେହି ଛେଳୀମାନଙ୍କୁ ସେମାନଙ୍କର ମାଲିକ ପର୍ଯ୍ୟନ୍ତ ପହଞ୍ଚାଇଦେବେ । ସୁତରାଂ ସେ ଏହିପରି ହିଁ କଲା ଏବଂ ଛେଳୀମାନଙ୍କର ମୁହଁକୁ ଦୁର୍ଗ ଆଡ଼କୁ କଲା । ଫଳତଃ ସେହି ଛେଳୀମାନେ ଦୁର୍ଗ ଆଡ଼କୁ ଚାଲିଗଲେ ଏବଂ ଦୁର୍ଗବାସୀମାନେ ସେହି ଛେଳୀମାନଙ୍କୁ ଦୁର୍ଗ ମଧ୍ୟରେ ପ୍ରବେଶ କରାଇନେଲେ ।"

**(ଦିବାଚା ତଫ୍‌ସିରୁଲ୍ କୁରଆନ୍, ଅନୱାରୁଲ୍ ଉଲୁମ୍, ଭାଗ-20, ପୃ-327)**

ଖୈବର୍ ଯୁଦ୍ଧ ଅବସରରେ କେତେକ ଫିକହି ମସାଏଲ୍ (ଧାର୍ମିକ ତତ୍ତ୍ୱବୋଧ)ର ମଧ୍ୟ ଚର୍ଚ୍ଚା ମିଳେ । ହ. ଅବ୍‌ଦୁଲ୍ଲାଃ ବିନ ଉମର୍ ର.ଅ ବର୍ଣ୍ଣନା କରନ୍ତି ଯେ, ରସୁଲୁଲ୍ଲାଃ ସ.ଅ ଖୈବର୍ ଦିନ ଗୃହ ପାଳିତ ଗଧମାନଙ୍କର ମାଂସ ଭକ୍ଷଣ କରିବାକୁ ବାରଣ (ମନା) କଲେ ।

**(ସହି ବୁଖାରୀ, କିତାବୁଲ୍ ମୁଗାଜି, ବାବ୍-ଗଜୱା ଖୈବର୍, ହଦିସ୍ ନଂ-4218)**

ସେହିପରି ବୁଖାରୀର ଏକ ବର୍ଣ୍ଣନାରେ ଉଲ୍ଲେଖ ରହିଛି ଯେ, ହ. ଅଲୀ ର.ଅ ବର୍ଣ୍ଣନା କରନ୍ତି ଯେ, ଆଁହଜରତ ସ.ଅ ଖୈବର୍ ଯୁଦ୍ଧ ଦିନ ଗୃହପାଳିତ ଗଧର ମାଂସ ଖାଇବାକୁ ଏବଂ ମୁତା (ମାଇ ଗଧର ମାଂସ) ମନା କରିଦେଲେ । **(ସହି ବୁଖାରୀ, କିତାବୁଜ୍ ଜବାଏହ୍ ୱସ୍ ସୈଦ୍ ବାବୁଲ୍ ହମ୍ରୁଲ୍ ଇନ୍‌ସିୟାହ୍, ବାବ୍-ଗଜୱା ଖୈବର୍, ହଦିସ୍ ନଂ-5523)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଫଦକ୍‌ବାସୀଙ୍କ ରସୁଲୁଲ୍ଲାଃ ସ.ଅଙ୍କ ସହିତ ସନ୍ଧିର ଚର୍ଚ୍ଚା ରହିଛି । ଫଦକ୍ ମଦିନା ଠାରୁ 6 ରାତ୍ର ଦୂରତାରେ ଖୈବର୍ ନିକଟବର୍ତ୍ତୀ ଏକ ସ୍ଥାନ ଥିଲା । **(ଜୀବନୀ ଶବ୍ଦକୋଷ, ପୃ-225, ଜୱାର୍ ଏକାଡ଼େମୀ କରାଚୀ)**

ରସୁଲ୍ କରୀମ୍ ସ.ଅ ଯେତେବେଳେ ଖୈବର୍ ମୁହାଁ ହେଲେ ଏବଂ ଖୈବର୍ ନିକଟବର୍ତ୍ତୀ ହେଲେ ସେତେବେଳେ ଆପଣ ସ.ଅ ମୁହଈଇସା ବିନ୍ ମସ୍‌ଉଦ୍‌ଙ୍କୁ ଫଦକ୍ ଅଭିମୁଖେ ପ୍ରେରଣ କଲେ । ସେ ସେମାନଙ୍କୁ ଇସଲାମ୍ ଧର୍ମ ଆଡ଼କୁ ଆମନ୍ତ୍ରିତ କଲେ, ସେମାନଙ୍କୁ ଭୟଭୀତ କରାଇଲେ ଯେ, ତୁମମାନଙ୍କ ଉପରେ ମଧ୍ୟ ଆକ୍ରମଣ କରାଯାଇପାରିବ । କାରଣ ସେମାନେ ମଧ୍ୟ ଉପଦ୍ରବ କରିବାରେ ସୀମା ଲଂଘନ କରିଥିଲେ ଅବା ସେମାନେ କୌଣସି ନା କୌଣସି ଉପାୟରେ ମୁସଲମାନମାନଙ୍କୁ ହଇରାଣ କରୁଥିଲେ କିମ୍ବା ସେମାନେ ଏପରି କଥା କହୁଥିଲେ ଯଦ୍ଦ୍ୱାରାକି କୌଣସି ନା କୌଣଶି ଉପାୟରେ ମୁସଲମାନମାନଙ୍କୁ କ୍ଷତି ପହଞ୍ଚୁ । ତେଣୁ ଆପଣ ର.ଅ କହିଲେ, ହେ ଫଦକ୍‌ବାସୀ ! ତୁମମାନଙ୍କ ଉପରେ ମଧ୍ୟ ଆକ୍ରମଣ ହୋଇପାରେ ଯେପରି ଖୈବର୍‌ବାସୀଙ୍କ ଉପରେ ଆମେମାନେ ଆକ୍ରମଣ କରିଛୁ । ହ. ମୁହଈଇସା ବର୍ଣ୍ଣନା କରନ୍ତି ଯେ, ମୁଁ ଫଦକ୍‌ବାସୀଙ୍କ ପାଖକୁ ଗଲି ଏବଂ ସେମାନଙ୍କ ନିକଟରେ ଦୁଇ ଦିନ ରହିଲି । କିନ୍ତୁ ସେମାନେ ଟାଳଟୁଳ କରୁଥିଲେ ଏବଂ କହିବାକୁ ଲାଗିଲେ ଯେ, ଖୈବର୍ ଠାରେ ଦଶ ହଜାର ଯୋଦ୍ଧା ଏବଂ ସେମାନଙ୍କ ମଧ୍ୟରେ ଆମିର୍, ୟାସିର୍, ହାରିସ୍ ଏବଂ ଇହୁଦୀମାନଙ୍କ ଅଧିପତି ମରହବ୍ ଭଳି ଲୋକମାନେ ସାମିଲ୍ ଥିଲେ। ଆମେମାନେ ବୁଝିପାରି ନଥିଲୁ ଯେ, ଆଁହଜରତ ସ.ଅ ସେମାନଙ୍କ ପର୍ଯ୍ୟନ୍ତ ପହଞ୍ଚି ପାରିବେ । ହ. ମୁହଈଇସା ବର୍ଣ୍ଣନା କରନ୍ତି ଯେ, ମୁଁ ଯେତେବେଳେ ସେମାନଙ୍କର ଉପଦ୍ରବ ଏବଂ ହଠ ଧର୍ମୀତାକୁ ଦେଖିଲି ସେତେବେଳେ ମୁଁ ପ୍ରତ୍ୟାବର୍ତ୍ତନ କରିବାକୁ ଇଚ୍ଛା ପ୍ରକାଶ କଲି। ସେ କୁହନ୍ତି: "ପୁନଶ୍ଚ ସେହି ସଂପ୍ରଦାୟର ଲୋକମାନେ କହିଲେ, ହେ ମୁହଈଇସା! ଆମେମାନେ ଆପଣଙ୍କ ସହିତ କିଛି ଲୋକଙ୍କୁ ପଠାଉଛୁ । ସେହି ଲୋକମାନେ ଆମମାନଙ୍କ ତରଫରୁ ସନ୍ଧିର ବାର୍ତ୍ତା ନେଇ ଯିବେ । ସେମାନେ ଏହା ମନେକରୁଥିଲେ ଯେ, ରସୁଲୁଲ୍ଲାଃ ସ.ଅ ଖୈବର୍ ଜୟ କରିପାରିବେ ନାହିଁ । ସେମାନେ କହି ତ' ଦେଲେ ଯେ, ଠିକ୍ ଅଛି ଆମେ ଲୋକ ପ୍ରେରଣ କରି ଦେଉଛୁ। କିନ୍ତୁ ସେମାନଙ୍କର ଏହି ଧାରଣା ରହିଥିଲା ଯେ, ଖୈବର୍ ଜୟ ହେବ ନାହିଁ । ଅତଏବ୍ ସେମାନେ ଏହିପରି କରି ଚାଲିଲେ । ଟାଳଟୁଳ କରୁଥିଲେ, ଏମାନେ କଥା କହୁଥିଲେ ଯେ, ଆଚ୍ଛା ଆମେ ଲୋକ ପଠାଉଛୁ । ଏପର୍ଯ୍ୟନ୍ତକି ସେମାନଙ୍କ ନିକଟକୁ କିଛି ଲୋକ ଆସିଲେ ଏବଂ ସେମାନେ ଏହି ଫଦକ୍‌ବାସୀଙ୍କୁ ଖବର ଦେଲେ ଯେ, ହେ ଫଦକ୍‌ବାସୀ! ମୁହମ୍ମଦ୍ ସ.ଅ ନାଆମ୍ ଦୁର୍ଗକୁ ଜୟ କରି ନେଇଛନ୍ତି । ଏକଥା ଶୁଣି ଫଦକ୍‌ବାସୀ ସିହରି ଉଠିଲେ ଏବଂ ସେମାନେ ନିଜର ଅଧିପତିମାନଙ୍କ ମଧ୍ୟରୁ ଜଣେ ବ୍ୟକ୍ତିଙ୍କୁ ଏକ ଦଳଙ୍କ ସହିତ ଆଁହଜରତ ସ.ଅଙ୍କ ସେବାରେ ପ୍ରେରଣ କଲେ । ସେହି ବ୍ୟକ୍ତିଙ୍କୁ ନୁନ୍ ବିନ୍ ୟୁଶା କୁହାଯାଉଥିଲା । ସେ ଆଁହଜରତ ସ.ଅଙ୍କ ସମ୍ମୁଖରେ ଉପସ୍ଥିତ ହୋଇ କହିଲା, ହେ ମୁହମ୍ମଦ୍ ସ.ଅ ! ଆମ ସହିତ ଉକ୍ତ କଥା ଯୋଗୁଁ ସନ୍ଧି ସ୍ଥାପନ କରିନିଆଯାଉ କି ଆପଣ ଆମମାନଙ୍କୁ ଜୀବିତ ଛାଡ଼ି ଦେବେ ଏବଂ ଆମେମାନେ ନିଜର ଧନ ସମ୍ପତ୍ତି ନେଇ ଫଦକ୍ ଛାଡ଼ି ଚାଲିଯିବୁ । ଆଁହଜରତ ସ.ଅ ସେମାନଙ୍କର ନିବେଦନକୁ ସ୍ୱୀକାର କରିନେଲେ । ସେହିପରି ଅନ୍ୟ ଏକ ବର୍ଣ୍ଣନାରେ ଏହା ମଧ୍ୟ ବର୍ଣ୍ଣିତ ହୋଇଛି ଯେ, ଫଦକ୍‌ବାସୀ ଉକ୍ତ କଥାକୁ ଆୟୁଦ୍ଧ କରି ଆଁହଜରତ ସ.ଅଙ୍କ ସହିତ ସନ୍ଧି କରିଥିଲେ ଯେ, ସେମାନେ ଅଧା ଜମି ଛାଡ଼ି ଦେବେ ଏବଂ ବଳକା ଅଧା ଜମି ଆଁହଜରତ ସ. ନେଇ ନେବେ । ସୁତରାଂ ଆଁହଜରତ୍ ସ.ଅ ଅଧା ଜମି ନିଜ ଦଖଲକୁ ନେଇନେଲେ। ଉକ୍ତ ବସ୍ତି ବିନା ଯୁଦ୍ଧରେ ପ୍ରାପ୍ତ ହୋଇଥିଲା । ତେଣୁ ଏହି ଜମି ଆଁହଜରତ ସ.ଅଙ୍କ ଅଧିକାରକୁ ଫୈ ମାଲ୍ (ବିନା ଯୁଦ୍ଧରେ ପ୍ରାପ୍ତ ଜମି ବା ଧନ) ଥିଲା। ସୁତରାଂ ରସୁଲୁଲ୍ଲାଃ ସ.ଅ ଫଦକ୍‌ର ଆୟ ମଧ୍ୟରୁ ଅର୍ଥ ବ୍ୟୟ କରୁଥିଲେ।"**(ସବ୍‌ଲୁଲ୍ ହୁଦା, ୱର୍ ରଶ୍ଵାଦ୍, ଭାଗ-5, ପୃ-138, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍, ବୈରୁତ୍)(ସିରତୁଲ୍ ହଲବିୟାହ୍, ଭାଗ-3, ପୃ-74, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍, ବୈରୁତ୍)**

ଖୈବର୍‌ର ମାଲେ ଗନିମତ୍ ଏବଂ ଏହାର ବଣ୍ଟନ ସଂପର୍କରେ ଏକ ବର୍ଣ୍ଣନା ହଦିସ୍‌ରେ ବର୍ଣ୍ଣିତ ହୋଇଛି । ହ. ଅବୁ ହୁରୈରାହ୍ ର.ଅ ବର୍ଣ୍ଣନା କଲେ ଯେ, ଆମେମାନେ ରସୁଲୁଲ୍ଲାଃ ସ.ଅଙ୍କ ସହିତ ଖୈବର୍ ଅଭିମୁଖେ ବାହାରିଲୁ ଏବଂ ମାଲେ ଗନିମତ୍‌ରେ ଆମକୁ ସ୍ୱର୍ଣ୍ଣ (ସୁନା) ଏବଂ ରୌପ୍ୟ (ରୁପା) ମିଳିଲା ନାହିଁ । କେବଳ ଓଟ, ଗୃପାଳିତ ପଶୁ, ଜିନିଷ ପତ୍ର ଓ ଉଦ୍ୟାନ ଇତ୍ୟାଦି ଜିନିଷ ପ୍ରାପ୍ତ ହେଲା । ସେହିପରି ଅନ୍ୟ ଏକ ବର୍ଣ୍ଣନାରେ ଧନ ସମ୍ପତ୍ତି ଏବଂ ବସ୍ତ୍ର ଓ ଜିନିଷ ପତ୍ର ପ୍ରାପ୍ତ ହୋଇଥିଲା ବୋଲି ଉଲ୍ଲେଖ ମିଳେ । କେତେକ ଦୁର୍ଗରୁ ଯେଉଁ ଅସ୍ତ୍ରଶସ୍ତ୍ର ପ୍ରାପ୍ତ ହୋଇଥିଲା ତାହାର ସବିଶେଷ ବିବରଣୀ ଏହିପରି ଯେ, ସେହି ଅସ୍ତ୍ରଶସ୍ତ୍ର ମଧ୍ୟରେ ଏକ ସହସ୍ର (1000) ବର୍ଛା, 400 ଖଡ଼ଗ ଏବଂ 500 ତୀର କମାଣ ମିଳିଲା ।" ବୁଶୈର୍ ବିନ୍ ୟସାର୍ ବର୍ଣ୍ଣନା କରନ୍ତି ଯ, "ରସୁଲୁଲ୍ଲାଃ ସ.ଅ ଖୈବର୍‌କୁ ସାମଗ୍ରିକ ରୂପେ 36ଟି ଭାଗରେ ବିଭକ୍ତ କରିଥିଲେ । ଆପଣ ସ.ଅ ସେହି 36ଟି ଭାଗ ମଧ୍ୟରୁ 18ଟି ଭାଗ ମୁସଲମାନମାନଙ୍କ ନିମନ୍ତେ ସୁରକ୍ଷିତ ରଖିଥିଲେ । ତନ୍ମଧ୍ୟରେ ପ୍ରତ୍ୟେକ ଭାଗ ଏକ ଶତାଂଶ ଭାଗରେ ବିଭକ୍ତ ଥିଲା । ଅର୍ଥାତ୍ ଏକ ସହସ୍ର ଆଠ ଶତାଂଶ (1800) ଭାଗ ଥିଲା । ନବୀ କରୀମ୍ ସ.ଅଙ୍କର ମଧ୍ୟ ଏକ ଭାଗ ଥିଲା । ଅନ୍ୟ ଭାଗ ପରି ସମାନ ଥିଲା । ଅର୍ଥାତ୍ ଆଁହଜରତ ସ.ଅଙ୍କ ନିଜର ଭାଗ ମଧ୍ୟ ସାହାବାମାନଙ୍କ ପରି ଥିଲା ।" ଏକ ବର୍ଣ୍ଣନା ବର୍ଣ୍ଣିତ ହୋଇଛି ଯେ, ଅଶ୍ୱାରୋହୀମାନଙ୍କର ତିନି ଭାଗ ଥିଲା ଓ ପଦାତିକମାନଙ୍କର ଗୋଟିଏ ଭାଗ ଥିଲା । ଆପଣ ସ.ଅ ଅନ୍ୟ ଭାଗ ଭବିଷ୍ୟର ପରିସ୍ଥିତି ଓ ପ୍ରସଙ୍ଗ, ଘଟଣା ତଥା ମୁସଲମାନମାନେ ସମ୍ମୁଖୀନ ହେବାକୁ ଥିବା ପ୍ରସଙ୍ଗ ନିମନ୍ତେ ଧାର୍ଯ୍ୟ କରି ଦେଇଥିଲେ । ସେହି ଭାଗ Reserve Fund (ସଂରକ୍ଷିତ ପାଣ୍ଠି)ରେ ଚାଲିଗଲା ଏବଂ ସେହି ସମ୍ପତ୍ତିଗୁଡ଼ିକ ହେଲେ- ୱତୈହି, କତିବା ଏବଂ ସୁଲାଲେମ୍ ଓ ତତ୍‌ସଂପର୍କିତ ସମ୍ପତ୍ତି ଥିଲା । ସେଠିକାର ସମ୍ପତ୍ତି ଥିଲା । **(ସହି ବୁଖାରୀ, କିତାବୁଲ୍ ମୁଗାଜି, ବାବ୍-ଗଜୱା ଖୈବର୍, ହଦିସ୍ ନଂ-4228) (ସୁନନ୍ ଅବୁ ଦାଉଦ୍, ବାବ୍- ମା ଯାଆ ଫି ଅର୍ଜ ଖୈବର୍, ହଦିସ୍ ନଂ-3012-3014)(ସବ୍‌ଲୁଲ୍ ହୁଦା, ୱର୍ ରଶ୍ଵାଦ୍, ଭାଗ-5, ପୃ-141, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍, ବୈରୁତ୍)(ଫତହ୍ ଖୈବର୍, ଲେଖକ-ବାଶ୍‌ମିଲ୍, ପୃ-188, ନଫିସ୍ ଏକାଡ଼େମୀ, କରାଚୀ)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଏକ ବର୍ଣ୍ଣନାରେ ବର୍ଣ୍ଣିତ ହୋଇଛି ଯେ,

### କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

"ପ୍ରାଣୀମାନଙ୍କ ପ୍ରତି ସହାନୁଭୂତି ଓ ସମବେଦନା ଜ୍ଞାପନ କରିବା ଏଭଳି ଏକ ବସ୍ତୁ ଯେ, ଯଦି ମନୁଷ୍ୟ ତାହାକୁ ପରିତ୍ୟାଗ କରିଦିଏ ଏବଂ ତହିଁରୁ ଦୂରେଇ ଯାଏ ତେବେ କ୍ରମଶଃ ସେ ହିଂସ୍ର ପ୍ରାଣୀରେ ପରିଣତ ହୋଇଯାଏ ।"

(ମଲଫୁଜାତ୍, ଖଣ୍ଡ-7, ପୃ-282, ସଂସ୍କରଣ ବର୍ଷ- 1984 ମସିହା)

ତାଲିବେ ଦୁଆ: Mohammad Moin, S/o- Mohammad Majid, Jamat Ahmadiya Karadapalli (Odisha)

### ନବୀ ସ.ଅଙ୍କ ବାଣୀ:-

**"ଇଜ୍‌ତନିବୁଲ୍ ଗଜିବା"** ଅର୍ଥାତ୍ କ୍ରୋଧରୁ ସର୍ବଦା ବର୍ତ୍ତିବା ଉଚିତ୍, କାରଣ କ୍ରୋଧ ହେଉଛି ମଣିଷର ପରମ ଶତ୍ରୁ ।

ତାଲିବେ ଦୁଆ: Sk Deedar Ahmed & Family,
Jamat Ahmadiya Kerang,
Darul Fazal (Odisha)

କତିବା ସମ୍ପତ୍ତିରୁ ଅଲ୍ଲାଃତାଲାଙ୍କ ନିମନ୍ତେ ପଞ୍ଚମାଂଶ ଏବଂ ଅବତାରଙ୍କ ଭାଗ, ସଂପର୍କୀୟମାନଙ୍କ ଭାଗ, ଅନାଥ, ଦରିଦ୍ରମାନଙ୍କର ଭାଗ ଓ ଅବତାରଙ୍କ ପତ୍ନିଙ୍କ ଖର୍ଚ୍ଚ ଉଦ୍ଦିଷ୍ଟ ଥିଲା ଏବଂ ସେହି ଲୋକମାନଙ୍କର ଭାଗ ବାହାରିଲା ଯେଉଁମାନେ ରସୁଲୁଲ୍ଲାଃ ସ.ଅ ଏବଂ ଫଦକ୍‌ବାସୀଙ୍କ ମଧ୍ୟରେ ରାଜଦୂତ କାର୍ଯ କରିଥିଲେ । ସେମାନଙ୍କ (ରାଜଦୂତମାନଙ୍କ ମଧ୍ୟରୁ) ମୁହଐଇସା ବିନ୍ ମସ୍‌ଉଦ୍ ମଧ୍ୟ ଅନ୍ୟତମ ବ୍ୟକ୍ତି ଥିଲେ। ମହଐଇସଙ୍କୁ ଆଁହଜରତ ସ.ଅ 30 ୱସକ୍ ଯଅ, 30 ୱସକ୍ ଖଜୁରୀ (ଏକ ୱସକ୍ 60 ସାଅ (ପରିମାପକ) ହୋଇଥାଏ ଏବଂ ଗୋଟିଏ ସାଅ 2.50 କି.ଗ୍ରା ହୋଇଥାଏ) ଏହିପରି ହାରାହାରି 4000 ପାଞ୍ଚ ହଜାର ଶହ କି.ଗ୍ରା ଖଜୁରୀ ଦିଆଗଲା । ଖୈବରର ମାଲେ ଗନିମତ୍ ସାମଗ୍ରିକ ରୂପେ କେବଳ ସେହି ଲୋକମାନଙ୍କ ମଧ୍ୟରେ ବଣ୍ଟାଗଲା ଯେଉଁମାନେ ସୁଲାହ୍ ହୁଦୈବିୟାହରେ ଉପସ୍ଥିତ ଥିଲେ । କିନ୍ତୁ ଅନ୍ୟ ସ୍ଥିତିରେ ଅର୍ଥାତ୍ ତାଙ୍କୁ ବାଦ୍‌ଦେଲେ ତାଙ୍କ ବ୍ୟତୀତ ହ. ଜାବିର୍ ବିନ୍ ଅବ୍‌ଦୁଲ୍ଲାଃ ବିନ୍ ଅମ୍ର ର.ଅଙ୍କୁ ଭାଗ ଦିଆଗଲା । ସେହିପରି ହବ୍‌ଶା ଫେରନ୍ତା ମୁସଲମାନମାନଙ୍କୁ, ହ. ଅବୁ ହୁରୈରାହ୍ ର.ଅ ଇତ୍ୟାଦି ଲୋକମାନଙ୍କୁ ମଧ୍ୟ ମାଲେ ଗନିମତ୍ ପ୍ରଦାନ କରାଗଲା । ସେହିପରି ଅନ୍ୟ ଏକ ବର୍ଣ୍ଣନାରେ ଉଲ୍ଲେଖ ରହିଛି ଯେ, ଆଁହଜରତ ସ.ଅଙ୍କ ନିମନ୍ତେ ଯେଉଁ ପଞ୍ଚମାଂଶ ରହିଥିଲା ତହିଁରୁ ଆପଣ ସ.ଅ ଅସ୍ତ୍ର ଏବଂ ବସ୍ତ୍ର କ୍ରୟ (କିଣୁ) କରୁଥିଲେ ଏବଂ ସେହି ସମ୍ପତ୍ତିରୁ ଆଁହଜରତ ସ.ଅ ନିଜର ପରିବାରବର୍ଗଙ୍କୁ ପ୍ରଦାନ କରୁଥିଲେ ଏବଂ ମୁତଲ୍ଲିବ୍‌ଙ୍କୁ ଦେଇଥିଲେ ଏବଂ ବନୁ ମତଲ୍ଲିବ୍ ସଂପ୍ରଦାୟର ବିଧବା ମହିଳା ଓ ଦରିଦ୍ର ଲୋକମାନଙ୍କୁ ମଧ୍ୟ ପ୍ରଦାନ କରୁଥିଲେ ।

ଇବ୍‌ନେ ଇସ୍‌ହାକ୍ ଉଲ୍ଲେଖ କରନ୍ତି ଯେ, ଖୈବର୍‌ରେ ବଣ୍ଟା ହୋଇଥିବା ମାଲେ ଗନିମତ୍‌ର ବଣ୍ଟନକାରୀ ବ୍ୟକ୍ତି ଥିଲେ ଜବ୍‌ବାର୍ ବିନ୍ ସଖର୍ ଅନ୍‌ସାରୀ ର.ଅ ଯେକି ବନୁ ସଲ୍‌ମା ସଂପ୍ରଦାୟର ସଦସ୍ୟ ଥିଲେ ଏବଂ ଜୈଦ୍ ବିନ୍ ସାବିତ୍ ବନୁ ନଜ୍ଜାର ସଂପ୍ରଦାୟର ସଦସ୍ୟ ଥିଲେ । ଏମାନେ ଦୁହେଁ ହିସାବ ରକ୍ଷୀ ଥିଲେ ଏବଂ ହିସାବ କରି ମାଲେ ଗନିମତ୍ ବଣ୍ଟନ କରୁଥିଲେ । ଇବ୍‌ନେ ସାଆଦ୍ ଉଲ୍ଲେଖ କରନ୍ତି ଯେ, ରସୁଲୁଲ୍ଲାଃ ସ.ଅ ମାଲେ ଗନିମତ୍ ଏକତ୍ରିତ କରିବା ନିମନ୍ତେ ଆଦେଶ ଯେତେବେଳେ ଦେଲେ ସେତେବେଳେ ଧନକୁ ଏକତ୍ରିତ କରି ଦିଆଗଲା । ଏହି ସମ୍ପତ୍ତି ଉପରେ ଫଜାରାହ୍ ବିନ୍ ବୟ୍ୟାଜିଙ୍କୁ ନିରୀକ୍ଷକ ରୂପେ ନିଯୁକ୍ତ କରାଗଲା ଏବଂ ସମ୍ପତ୍ତି ଗଣତି କରିବାର ଦାୟିତ୍ୱ ହ. ଜୈଦ୍ ବିନ୍ ସାବିତ୍ ର.ଅଙ୍କ ଉପରେ ନ୍ୟସ୍ତ କରାଗଲା । ହ. ଅବ୍‌ଦୁଲ୍ଲାଃ ବିନ୍ ମୁଗଫ୍ଫିଲ୍ ର.ଅ ବର୍ଣ୍ଣନା କରନ୍ତି ଯେ, ମୋତେ ଖାଦ୍ୟ ପଦାର୍ଥ ରଖିବାର ଏକ ପାତ୍ର ଦାନ ଆକାରରେ ମିଳିଲା । ଅନ୍ୟ ଏକ ବର୍ଣ୍ଣନାରେ ବର୍ଣ୍ଣିତ ହୋଇଛି ଯେ, ସେହି ପାତ୍ର ଚର୍ବି ଦ୍ୱାରା ଭର୍ତ୍ତି ହୋଇଥିଲା । ମୁଁ କହିଲି, ମୁଁ ଉକ୍ତ ପାତ୍ରରୁ କାହାରିକୁ କିଛି ଦେବି ନାହିଁ । ମୁଁ ଆପଣ ସ.ଅଙ୍କ ସମ୍ମୁଖ ଦେଇ ଅତିକ୍ରମ କଲି । ମୁଁ ନିଜକୁ ଲଜ୍ଜିତ ଅନୁଭବ କଲି । ତେଣୁ ମୁଁ ସେହି ପାତ୍ରକୁ ନିଜ କାଖରେ ନେଇ ନିଜର ସାଥିମାନଙ୍କ ନିକଟରେ ପହଞ୍ଚିଗଲି ଓ ତାହାକୁ ଲୁଚାଇ ଦେଲି । ବାଟରେ ମୋତେ ମାଲେ ଗନିମତ୍‌ର ନିରୀକ୍ଷକ ଭେଟ ହେଲା । ସେ ସେହି ପାତ୍ରର କଡ଼କୁ ଧରି କହିଲେ, ଆଣ ଏହି ପାତ୍ରକୁ ମଧ୍ୟ ବାଣ୍ଟି ଦେବା । ମୁଁ କହିଲି କଦାପି ନୁହଁ । ମୁଁ ଅଲ୍ଲାଃତାଲାଙ୍କ ଶପଥ କରି କହୁଛି ! ମୁଁ ତୋତେ କଦାପି ଏହି ପାତ୍ର ଦେବି ନାହିଁ । ସେ ମୋ ଠାରୁ ସେହି ଥଳୀ (ବ୍ୟାଗ୍) ଟାଣିବା ଆରମ୍ଭ କରିଦେଲା । ଆପଣ ସ.ଅ ଏହି ଦୃଶ୍ୟକୁ ଦେଖିଲେ ଏବଂ ସ୍ମିତହାସ୍ୟ ପ୍ରକାଶ କରି ସେହି ନିରୀକ୍ଷକ (ଫଜାରାହ୍ ବିନ୍ ବୟ୍ୟାଜି)ଙ୍କୁ କହିଲେ, ଆରେ ତା'କୁ (ଅବଦୁଲ୍ଲାଃ ବିନ୍ ମୁଗଫ୍ଫିଲଙ୍କୁ) ଛାଡ଼ିଦିଅ । ତେଣୁ ସେ ତାଙ୍କୁ ଛାଡ଼ିଦେଲେ । ମୁଁ ନିଜର ଜିନିଷ ନେଇ ନିଜର ସାଥିମାନଙ୍କ ନିକଟକୁ ଗଲି । ପୁନଶ୍ଚ ଆମେମାନେ ସେହି ପାତ୍ରରେ ଥିବା ଚର୍ବିକୁ ସେବନ କରିନେଲୁ (ଖାଇଦେଲୁ) । ଆପଣ ସ.ଅ ନିଜର ସାହାବାମାନଙ୍କ ପ୍ରତି ଦୟା ପ୍ରଦର୍ଶନ କଲେ ଏବଂ କହିଲେ, ଠିକ୍ ଅଛି ନେଇ ଯାଇଛି ତ' ନେଇ ଯିବାକୁ ଦିଅ ।

ଇବ୍‌ନେ ଇସ୍‌ହାକ୍ ବର୍ଣ୍ଣନା କରନ୍ତି ଯେ, ରସୁଲୁଲ୍ଲାଃ ସ.ଅ ଇବ୍‌ନେ ଲୁକୈମ୍‌ଙ୍କୁ ପାଳିତ କୁକୁଡ଼ା ପ୍ରଦାନ କରିଦେଲେ । ଅର୍ଥାତ୍ ଯାହା କିଛି ଥିଲା ପ୍ରତ୍ୟେକଟି ଜିନିଷ ବଣ୍ଟା ହୋଇଥିଲା । ଖୈବର୍‌ରେ ସାମିଲ୍ ହୋଇଥିବା ପ୍ରତ୍ୟେକ ମହିଳାଙ୍କୁ ମଧ୍ୟ ଖୈବରର୍ ମାଲେ ଗନିମତ ପ୍ରଦାନ କରାଯାଇଥିଲା । ଇବ୍‌ନେ ଇସ୍‌ହାକ୍ ଉଲ୍ଲେଖ କରନ୍ତି ଯେ, ରସୁଲୁଲ୍ଲା) ସ.ଅଙ୍କ ସହିତ ଖୈବର୍‌ରେ ମୁସଲମାନମାନଙ୍କର କେତେକ ମହିଳାମାନେ ମଧ୍ୟ ଉପସ୍ଥିତ ଥିଲେ । ଆପଣ ସ.ଅ ସେହି ମହିଳାମାନଙ୍କୁ ମାଲେ ଫୈ (ବିନା ଯୁଦ୍ଧ କରି ପ୍ରାପ୍ତ ହୋଇଥିବା ଧନରତ୍ନ) ମଧ୍ୟରୁ କିଛି ଜିନିଷ ପ୍ରଦାନ କଲେ । ହେଲେ ମାଲେ ଗନିମତ୍‌ରେ ସେମାନଙ୍କର ନିମୟିତ ଭାଗ ଆପଣ ସ.ଅ କାଢିଲେ ନାହିଁ। ବନୁ ଗଫ୍ଫାର୍‌ର ଜନୈକା ମହିଳା କୁହେ କି "ମୁଁ ବନୁ ଗିଫ୍ଫାର କେତେକ ମହିଳାମାନଙ୍କ ସହିତ ରସୁଲୁଲ୍ଲା) ସ.ଅଙ୍କ ନିକଟକୁ ଆସିଲି । ଆମେମାନେ ସମସ୍ତେ କହିଲୁ: ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ଆମେମାନେ ଆପଣ ସ.ଅଙ୍କ ସହିତ ବାହାରିବାକୁ ଚାହୁଁଛୁ ଏବଂ ଆପଣ ସ.ଅ ସେତେବେଳେ ଖୈବର୍ ଅଭିମୁଖେ ଯାଉଥିଲେ । ମହିଳାମାନେ କହିଲେ, ହେ ଅଲ୍ଲାଃତାଲାଙ୍କ ବାର୍ତ୍ତାବହ ! ଆମେମାନେ ମଧ୍ୟ ଆପଣ ସ.ଅଙ୍କ ସହିତ ଯିବାକୁ ଚାହୁଁଛୁ ଓ ଆହତମାନଙ୍କର ଚିକିତ୍ସା ତଥା ସେବା ଶୁଶ୍ରୁଷା କରିବୁ ଓ ମୁସଲମାନମାନଙ୍କୁ ସାହାଯ୍ୟ କରିବୁ । ଆପଣ ସ.ଅ କହିଲେ, ଅଲ୍ଲାଃତାଲାଙ୍କ କଲ୍ୟାଣ ସହିତ ଚାଲ (ଅଲ୍ଲାଃତାଲାଙ୍କ ନାମ ନେଇ ଚାଲ) । ଠିକ୍ ଅଛି ମୁଁ ତୁମମାନଙ୍କୁ ଯିବାକୁ ଅନୁମତି ପ୍ରଦାନ କରୁଛି। ଆମେମାନେ ଆପଣ ସ.ଅଙ୍କ ସହିତ ବାହାରି ପଡ଼ିଲୁ। ରସୁଲ୍ କରୀମ୍ ସ.ଅ ଯେତେବେଳେ ଖୈବର ଜୟ କରିନେଲେ ସେତେବେଳେ ଧନ ମଧ୍ୟରୁ ଆମମାନଙ୍କୁ ମଧ୍ୟ କିଛି ଧନ ପ୍ରଦାନ କଲେ । ଆଁହଜରତ ସ.ଅ ଏକ ହାର ଧରି ମୋ ବେକରେ ପିନ୍ଧାଇଲେ । ଉକ୍ତ କଥାକୁ ବର୍ଣ୍ଣନା କରୁଥିବା ମହିଳା ଜଣକ କୁହନ୍ତି- ମୁଁ ଈଶ୍ୱରଙ୍କ ଶପଥ କରି କହୁଛି ସେହି ହାରଟି ପ୍ରତ୍ୟେକ ମୁହୂର୍ତ୍ତ ମୋ ବେକରେ ଝୁଲୁଥିଲା। ମୁଁ ମୁହୂର୍ତ୍ତକ ପାଇଁ ମଧ୍ୟ ସେହି ହାରକୁ ନିଜ ଠାରୁ (ବେକରୁ) ଅଲଗା କରିପାରୁ ନଥିଲି। ଏପର୍ଯ୍ୟନ୍ତକି ସେହି ସାହାବିୟା ଜଣକ ଓସିୟତ୍ କରିଥିଲେ କି ସେହି ହାରକୁ ମୋ ସହିତ କବରରେ ପୋତି ଦିଆଯାଉ ଏବଂ ସେହି ହାରରେ ଆଁହଜରତ ସ.ଅ ଯେଉଁ ଗଣ୍ଠି ପକାଇଥିଲେ ତାହାକୁ କେହି ନଖୋଲୁ । ସେହି ମହିଳା ଜଣକ ବନୁ ଗିଫାର୍ ସଂପ୍ରଦାୟର ଥିଲା ଏବଂ ସେହି ମହିଳାର ପିତାଙ୍କ ନାମ ହେଲା ଉମୈୟାହ୍ ବିନ୍‌ତ୍ କୈସ୍ ଅବୁ ସଲତ୍ ବୋଲି ବର୍ଣ୍ଣନା କରାଯାଇଛି ।

ହ. ଅବ୍‌ଦୁଲ୍ଲାଃ ବିନ୍ ଉନୈସ୍ ବର୍ଣ୍ଣନା କରନ୍ତି ଯେ, ରସୁଲୁଲ୍ଲାଃ ସ.ଅଙ୍କ ସହିତ ମୁଁ ଖୈବର୍ ଆଡ଼କୁ ବାହାରିଲି ଏବଂ ମୋ ସହିତ ମୋର ପତ୍ନି ଥିଲା ଯେକି ଗର୍ଭବତୀ ଥିଲା। ମାର୍ଗରେ ହିଁ ମୋ ସ୍ତ୍ରୀ ପ୍ରସବ ପୀଡ଼ା ହେଲା ଏବଂ ମୋ ପତ୍ନି ଏକ ସନ୍ତାନକୁ ଜନ୍ମ ଦେଲା । ତେଣୁ ମୁଁ ଆଁହଜରତ ସ.ଅଙ୍କୁ ଖବର ପଠାଇଲି । ଆଁହଜରତ ସ.ଅ କହିଲେ, ସେହି ମହିଳା ନିମନ୍ତେ ଖଜୁରୀ କୋଳିକୁ ପାଣିରେ ଭିଜାଇ ଦିଅ । ଯେତେବେଳେ ସେହି ଖଜୁରୀ କୋଳିଗୁଡ଼ିକ ପାଣି ଭିତରେ ଭଲ ଭାବରେ ଭିଜିଯିବ ସେତେବେଳେ ସେହି ମହିଳାକୁ ଉକ୍ତ ଖଜୁରୀ ମିଶ୍ରିତ ଜଳ ପାନ କରିବାକୁ ଆଦେଶ ଦିଅ । ଅର୍ଥାତ୍ ପାଣିରେ ଯେତେବେଳେ ଖଜୁରୀ କୋଳି ଭିଜିଯିବ ସେତେବେଳେ ସେହି ଖଜୁରୀରୁ ରସ ଝରିଥିବା ଏବଂ ଜଳରେ ତାହା ଦ୍ରବୀଭୂତ ହୋଇ ଯାଇଥିବ । ତେଣୁ ସେହି ଜଳକୁ ଉକ୍ତ ସନ୍ତାନ ଜନ୍ମ କରିଥିବା ମହିଳାକୁ ପାନ କରିବାକୁ ଦିଅ । ମୁଁ ଯେତେବେଳେ ଏହିପରି କଲି ସେତେବେଳେ ପତ୍ନିକୁ କୌଣସି କଷ୍ଟ କିମ୍ବା ସମସ୍ୟା ହେଲା ନାହିଁ । ମୋ ପତ୍ନୀ ସନ୍ତାନ ଜନ୍ମ କରି ଯେଉଁ ଦୁର୍ବଳତା ଅନୁଭୂତ କରୁଥିଲା ତାହା (ସେହି ସବୁ ଦୁର୍ବଳତା) କ୍ରମଶଃ ଦୂରୀଭୂତ ହୋଇଗଲା । ରସୁଲୁଲୁଲ୍ଲାଃ ସ.ଅ ଆମେମାନଙ୍କୁ ଯେତେବେଳେ ମାଲେ ଫୈ (ଯୁଦ୍ଧ ନକରି ପ୍ରାପ୍ତ ହୋଇଥିବା ଧନ)ରୁ ଫଦକ୍‌ର ଧନ ଦେଲେ । ମୋର ପତ୍ନିକୁ ମଧ୍ୟ ଆଁହଜରତ୍ ସ.ଅ ଧନ ପ୍ରଦାନ କଲେ ଏବଂ ମୋର ସନ୍ତାନକୁ ମଧ୍ୟ ଆପଣ ସ.ଅ ଧନ ପ୍ରଦାନ କଲେ ଯେଉଁ ସନ୍ତାନ ମାର୍ଗରେ ଜନ୍ମଗ୍ରହଣ କରିଥିଲା ।'' **(ସବ୍‌ଲୁଲ୍ ହୁଦା, ୱର୍ ରଶ୍ଶାଦ୍, ଭାଗ-5, ପୃ-141-144, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍) (ଅତ୍‌ତବ୍‌କାତୁଲ୍ କୁବ୍ରା, ଭାଗ-1, ପୃ-265, ଭାଗ-227-228, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍, ବୈରୁତ୍) (ଲୁଗାତୁଲ୍ ହଦିସ୍, ଭାଗ-2, ପୃ-648, ଭାଗ-4, ପୃ-487, ପ୍ରକାଶନ ସ୍ଥାନ- ନୁମାନୀ କୁତୁବ୍ ଖାନା)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଏଠାରେ ଇହୁଦୀମାନଙ୍କୁ ତୌରାତ୍ ଧର୍ମଗ୍ରନ୍ଥ ଫେରସ୍ତ କରିବାର ଚର୍ଚ୍ଚା ମଧ୍ୟ ମିଳେ । ଖୈବର୍‌ର ଦୁର୍ଗରୁ ଯେତେବେଳେ ମାଲେ ଗନିମତ୍ ଏକତ୍ରିତ କରିନିଆଗଲା ସେତେବେଳେ ତହିଁରେ ତୌରାତର କେତେକ ପାଣ୍ଡୁଲିପି ତଥା ଗ୍ରନ୍ଥମାନ ମଧ୍ୟ ହସ୍ତଗତ ହେଲା । ଇହୁଦୀମାନେ ହୁଜୁର ସ.ଅଙ୍କ ସେବାରେ ଉପସ୍ଥିତ ହୋଇ ସେମାନଙ୍କର ଧର୍ମଗ୍ରନ୍ଥ ଏବଂ ପାଣ୍ଡୁଲିପି ଫେରସ୍ତ କରିବାର ଦାବି କଲେ । ଅତଏବ୍ ଆପଣ ସ.ଅ ସୁରକ୍ଷିତ ଏବଂ ସକୁଶଳେ ସେମାନଙ୍କର ଧର୍ମ ଗ୍ରନ୍ଥ ସେମାନଙ୍କୁ ଫେରସ୍ତ କରିବାର ଆଦେଶ ଦେଇଦେଲେ ।

**(ସିରତୁଲ୍ ହଲବିୟାହ୍, ଭାଗ-3, ପୃ-62, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଆଁହଜରତ ସ.ଅଙ୍କ ଧାର୍ମିକ ସହିଷ୍ଣୁତା ଭାବ ଏବଂ ଅନ୍ୟ ଧର୍ମଗ୍ରନ୍ଥ ପ୍ରତି ଥିବା ସମ୍ମାନ ଏବଂ ଭାବାବେଗକୁ ସମ୍ମାନ ଜଣାଇବା ଅତ୍ୟନ୍ତ ଅନନ୍ୟ ରହିଥିଲା । ତେଣୁ ଆପଣ ସ.ଅ ଇହୁଦୀମାନଙ୍କର ଧର୍ମଗ୍ରନ୍ଥକୁ ସକୁଶଳେ ସେମାନଙ୍କୁ ଫେରସ୍ତ କରିବାକୁ ଆଦେଶ ଦେଲେ । ଆଜିକାଲିକା ଲୋକଙ୍କ ପରି ନୁହଁ ବା ଅନ୍ୟ ଧର୍ମାବଲମ୍ବୀମାନଙ୍କ ପରି ନୁହଁ, ବିଶେଷ କରି ଖ୍ରୀଷ୍ଟିଆନ୍‌ମାନେ ଏବଂ ଇହୁଦୀମାନେ ମୁସଲମାନମାନଙ୍କର ପବିତ୍ର ଗ୍ରନ୍ଥ କୁରଆନ୍ ପ୍ରତି ଯେଉଁ ଅସମ୍ମାନ୍ ତଥା


**ହଦିସେ ନବୱୀ ସ.ଅ.ସ :-**

"ନମାଜ ପରିତ୍ୟାଗ କରିବା ଫଳରେ ମନୁଷ୍ୟ ଶିର୍କ ଏବଂ କୁଫର୍ (ଅନ୍ୟ କାହାକୁ ଅଲ୍ଲାଃଙ୍କ ସହିତ ସମକକ୍ଷ କରିବା ଓ ଅମାନ୍ୟକାରୀ)ର ନିକଟବର୍ତ୍ତୀ କରିଦିଏ " ।

(ମୁସ୍‌ଲିମ୍, କିତାବୁଲ୍ ଇମାନ୍)

ତାଲିବେ ଦୁଆ: Majlis Lajna Imaillah,
Jamat Ahmadiya Kerang (Odisha)

**କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)**

"ଯୁବ ଖୁଦ୍ଦାମ ଓ ଅତ୍‌ଫାଲମାନଙ୍କୁ ନିଜର ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବା ଉଚିତ । ସେହି ଲୋକମାନଙ୍କ ସହିତ ବନ୍ଧୁତ୍ୱତା ରଖନ୍ତୁ ଯେଉଁମାନେ ନିଷ୍ଠାପର ଓ ବିଶ୍ୱସ୍ତ ଅଟନ୍ତି ଏବଂ ଯେଉଁମାନେ ଅଶିଷ୍ଟତା ଓ ଅସଭ୍ୟତା ଆଦି କାର୍ଯ ।"

(ମଲ୍‌ଫୁଜାତ୍, ଖଣ୍ଡ-1, ପୃ-102, )

ତାଲିବେ ଦୁଆ: Sk Shamim Ahmad Sultan & Family,
Jamat Ahmadiya Kardapalli (Odisha)

ଅସଦାଚରଣ ପ୍ରଦର୍ଶନ କରୁଛନ୍ତି ଏବଂ ପବିତ୍ର କୁରଆନ୍ କରୀମକୁ ଜାଳି ଦେଉଛନ୍ତି। ଏହି ଇହୁଦୀ ଏବଂ ଖ୍ରୀଷ୍ଟିଆନ୍‌ମାନେ ମୁସଲମାନମାନଙ୍କ ପ୍ରତି ଶତ୍ରୁତା ଆଚରଣ ପ୍ରଦର୍ଶନ କରିବାକୁ ଯାଇ ପବିତ୍ର କୁରଆନ୍ କରୀମ୍‌କୁ ଜାଳି ଦେଉଛନ୍ତି । ଆପଣ ସ.ଅ ତ' ଏହି ଉଦାହରଣ ପ୍ରଦର୍ଶନ କରିଥିଲେ ଯେ, ସେହି ଧର୍ମାବଲମ୍ବୀମାନଙ୍କର ଯେଉଁ ଗ୍ରନ୍ଥ ରହିଥିଲା ତାହାକୁ ସକୁଶଳ ଏବଂ ସୁରକ୍ଷିତ ରଖିଲେ ଏବଂ ତା'କୁ ସକୁଶଳେ ସେମାନଙ୍କୁ ଫେରସ୍ତ କରିଦେଲେ । ଖୈବରରୁ ଫେରିବା ପରେ ଗଜ୍‌ୱା ୱାଦିଉଲ୍ କୁରାର ମଧ୍ୟ ଚର୍ଚ୍ଚା ମିଳେ। ରସୁଲୁଲ୍ଲାଃ ସ.ଅ ଖୈବର୍ ବିଜୟ କରିବା ପରେ କିଛି ଦିନ ସେଠାରେ ଅବସ୍ଥାନ କଲେ। ପୁନଶ୍ଚ ଇସ୍‌ଲାମୀୟ ସୈନ୍ୟବାହିନୀ ସହିତ ଫେରି ଆସିଲେ । ଅତଏବ୍ ୱାଦିଉଲ୍ କୁରା ଠାରେ ଇହୁଦୀମାନଙ୍କର ସହିତ ମୁସଲମାନମାନଙ୍କର ମୁକିବାଲି ହେଲା । ତୈମା ଏବଂ ଖୈବର୍ ମଧ୍ୟବର୍ତ୍ତୀ ଏକ ଉପତ୍ୟକା ରହିଛି ଯହିଁରେ ଅନେକ ଗ୍ରାମ ରହିଛି ଯେଉଁ ଗ୍ରାମର ଲୋକମାନେ ବାସ କରନ୍ତି । ତେଣୁ ତାହାକୁ ୱାଦିଉଲ୍ କୁରା ଉପତ୍ୟକା କୁହାଯାଏ । ପ୍ରାଚୀନ କାଳରେ ଆଦ୍ ଏବଂ ସମୁଦ୍ ଜାତି ଏଠାରେ ବାସ କରୁଥିଲେ। ଏହି ଦୁଇ ଜାତିଙ୍କ ସଂପର୍କରେ ପବିତ୍ର କୁରଆନ୍ କରୀମ୍‌ରେ ଚର୍ଚ୍ଚା ମଧ୍ୟ ମିଳେ । ଇସ୍‌ଲାମ୍ ଧର୍ମ ପୂର୍ବରୁ ଏଠାରେ ଇହୁଦୀମାନେ ଆସି ବାସ କରୁଥିଲେ ଓ ଚାଷବାସ କରି ଏବଂ ଜଳସେଚନ ବ୍ୟବସ୍ଥା ମାଧ୍ୟମରେ ଏମାନେ ଖୁବ୍ ଉନ୍ନତି କରିଥିଲେ ଓ ସମୃଦ୍ଧଶାଳୀ ହୋଇଥିଲେ । ଅତଏବ୍ ୱାଦିଉଲ୍ କୁରା ଇହୁଦୀମାନଙ୍କର କେନ୍ଦ୍ରସ୍ଥଳୀ ପାଲଟି ଯାଇଥିଲା । **(ସିରତୁନ୍ ନବୀ ସ.ଅ, ଲେଖକ- ଶିବ୍‌ଲୀ, ଭାଗ-1, ପୃ-288, ମକ୍‌ତବା ରହ୍‌ମାନିୟା)**

ଇତ୍ୟବସରରେ ହ. ଅବୁ ହୁରୈରାହ୍ ର.ଅଙ୍କର ଏକ ବର୍ଣ୍ଣନା ରହିଛି । ହ. ଅବୁ ହୁରୈରାହ୍ ର.ଅ ବର୍ଣ୍ଣନା କରନ୍ତି ଯେ, ଆମେମାନେ ଖୈବର୍ ଜୟ କଲୁ । ପୁନଶ୍ଚ ଆମେମାନେ ରସୁଲୁଲ୍ଲାଃ ସ.ଅଙ୍କ ସହିତ ୱାଦିଉଲ୍ କୁରା ଠାକୁ ଆସିଲୁ ଓ ଆପଣ ସ.ଅଙ୍କ ସହିତ ଏକ ଦାସ ଥିଲା ଯାହାକୁ ମିଦ୍‌ଅମ୍ କୁହାଯାଉଥିଲା ସେହି ଦାସକୁ ବନୁ ଜିବାବ୍ ସଂପ୍ରଦାୟର ଜନୈକ (ଜଣେ) ବ୍ୟକ୍ତି ଭେଟି ସ୍ୱରୂପ ଉପସ୍ଥାପିତ କରିଥିଲା। ଇତି ମଧ୍ୟରେ ସେ ରସୁଲୁଲ୍ଲାଃ ସ.ଅଙ୍କ ଓଟ ଉପରେ ଥିବା ପଲାଣକୁ ଓହ୍ଲାଉଥିଲା କି ତା' ଆଡ଼କୁ (ଶରୀରରେ) ଏକ ଅଜ୍ଞାତ ବ୍ୟକ୍ତିର ତୀର ଆସି ବାଜିଲା । ତୀର ବାଜିବା ଫଳରେ ସେହି ଦାସେ ଜଣକର ମୃତ୍ୟୁ ଘଟିଲା । ଲୋକମାନେ କହିବାକୁ ଲାଗିଲେ ଯେ, ସେହି ଦାସ ଶାହାଦତ୍ ପ୍ରାପ୍ତ କରିଥିବାରୁ ଲୋକେ ଅଭିନନ୍ଦନ ଜଣାଉଥିଲେ । ରସୁଲ୍ କରୀମ୍ ସ.ଅ କହିଲେ, ନାହିଁ ସେ ଶାହାଦତ୍ ପ୍ରାପ୍ତ କରି ନାହିଁ । ମୁଁ ସେହି ସତ୍ତାଙ୍କର ଶପଥ କରି କହୁଛି ଯାହାଙ୍କ ହସ୍ତରେ ମୋର ପ୍ରାଣବାୟୁ ରହିଛି ! ସେହି ଦାସ ଉପରେ ଚଦର ଅଗ୍ନି ହୋଇ ପ୍ରଜ୍ୱଳିତ ହେଉଅଛି । କାରଣ ସେହି ଦାସ ଜଣକ ଖୈବର୍ ଯୁଦ୍ଧ ଦିନ ମାଲେ ଗନିମତରୁ ଏକ ଚଦର ନେଇ ନେଇଥିଲା । ଅପରପକ୍ଷେ ତାହା ବର୍ତ୍ତମାନ ବଣ୍ଟା ହୋଇ ନଥିଲା । ଅର୍ଥାତ୍ ମାଲେ ଗନିମତ୍ ଯାହା ଏକତ୍ରିତ ହେଉଥିଲା ସେହି ମାଲେ ଗନିମତରୁ ସେ ଚଦର ଚୋରି କରି ନେଇଥିଲା । ତେଣୁ ଜଣେ ବ୍ୟକ୍ତି ନବୀ କରୀମ୍ ସ.ଅଙ୍କ ଠାରୁ ଏକଥା ଯେତେବେଳେ ଶୁଣିଲା ସେତେବେଳେ ସେ କହିଲା ଆରେ ଏ ତ' ଅତି ଭୟଙ୍କର କଥା ଅଟେ । ଉକ୍ତ ଦାସ ଜଣକ ଚଦର ଚୋରି କରିଥିବା ହେତୁ ନର୍କଗାମୀ ହେଉଅଛି । ତେଣୁ ସେହି ବ୍ୟକ୍ତି ଜଣକ ଜୋତାର ଯେଉଁ ଫିତା କିମ୍ବା ଦୁଇ ଫିତା ନେଇଥିଲା ଏବଂ କହିବାକୁ ଲାଗିଲା ଯେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ! ଏ ହେଉଛି ସେହି ଫିତା ଯାହାକୁ ମୁଁ ନେଇ ନେଇଥିଲି । ଅତଏବ୍ ରସୁଲୁଲ୍ଲାଃ ସ.ଅ କହିଲେ, ସେ ଗୋଟିଏ ଫିତା ହେଉ କି ଦି ଫିତା ହେଉ ତାହା ନର୍କଗାମୀ କରାଇବାର କାରଣ ସାଜିଥାଏ ।

**(ସହି ବୁଖାରୀ, କିତାବୁଲ୍ ମୁଗାଜି, ବାବ୍-ଗଜ୍‌ୱା ଖୈବର୍, ହଦିସ୍ ନଂ-4234)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଯଦି ଚୋରିର ଛୋଟ ଛୋଟ କଥା ମଧ୍ୟ ରହିଛି ତେବେ ତାହା ତୁମମାନଙ୍କ ନିମନ୍ତେ ଶାସ୍ତିର କାରଣ ସାଜିବ । ସେ ଯାହା ହେଉ ଉକ୍ତ ଯୁଦ୍ଧର ବବିରଣୀ ସଂପର୍କରେ ଅତିରିକ୍ତ ଚର୍ଚ୍ଚା ଉଲ୍ଲେଖ ରହିଛି ଯେ, ରସୁଲୁଲ୍ଲାଃ ସ.ଅ ଏଠାରେ ଇହୁଦୀମାନଙ୍କ ସହିତ ଯୁଦ୍ଧ କରିବା ନିମନ୍ତେ ସାହାବାମାନଙ୍କର ଧାଡ଼ି କଲେ ଏବଂ ଏକ ଧ୍ୱଜା ହ. ସାଆଦ୍ ବିନ୍ ଉବାଦା ର.ଅଙ୍କୁ, ଆଉ ଏକ ଧ୍ୱଜା ହ. ହୁବ୍‌ବାବ୍ ବିନ୍ ମୁନ୍‌ଜର୍ ର.ଅଙ୍କୁ ଓ ଆଉ ଏକ ଧ୍ୱଜା ହ. ସହଲ୍ ବିନ୍ ହୁନୈଫ୍ ର.ଅଙ୍କୁ ତଥା ଆଉ ଏକ ଧ୍ୱଜା ହ. ଉବ୍‌ବାଦ୍ ବିନ୍ ବିଶର୍ ର.ଅଙ୍କୁ ଦେଲେ । ପୁନଶ୍ଚ ରସୁଲ୍ କରୀମ୍ ସ.ଅ ଇହୁଦୀମାନଙ୍କୁ ଇସ୍‌ଲାମ୍ ଧର୍ମ ଆଡ଼କୁ ଆମନ୍ତ୍ରିତ କଲେ ଏବଂ ସେମାନନଙ୍କୁ କହିଲେ, ସେମାନେ ଯଦି ଇସଲାମ ଧର୍ମ ସ୍ୱୀକାର କରି ନିଅନ୍ତି ତେବେ ସେମାନେ ନିଜର ଧନ ଓ ପ୍ରାଣକୁ ସୁରକ୍ଷିତ କରିନେବେ ଓ ସେମାନଙ୍କର ହିସାବ ଅଲ୍ଲାଃତାଲାଙ୍କ ଉପରେ ନ୍ୟସ୍ତ ହେବ । କିନ୍ତୁ ଇହୁଦୀମାନେ ଅସ୍ୱୀକାର କରିଦେଲେ ଓ ଯୁଦ୍ଧ କରିବା ନିମନ୍ତେ ପ୍ରସ୍ତୁତ ହୋଇଗଲେ । ସର୍ବ ପ୍ରଥମେ ଜଣେ ଇହୁଦୀ ମୁକାବିଲା କରିବା ନିମନ୍ତେ ଯେତେବେଳେ ବାହାରିଲା ସେତେବେଳେ ହ. ଜୁବୈର୍ ର.ଅ ତା'କୁ ବଧ କରିଦେଲେ। ପୁନଶ୍ଚ ଆଉ ଜଣେ ଇହୁଦୀ ବ୍ୟକ୍ତି ମୁକାବିଲା କରକିବା ନିମନ୍ତେ ଯେତେବେଳେ ବାହାରିଲା ସେତେବେଳେ ତା'କୁ ମଧ୍ୟ ହ. ଅଲୀ ର.ଅ ବଧ କରିଦେଲେ । ଏତଦ୍‌ପରେ ଆଉ ଜଣେ ଇହୁଦୀ ବ୍ୟକ୍ତି ଯେତେବେଳେ ବାହାରିଲା ସେତେବେଳେ ବର୍ତ୍ତମାନ ସୂର୍ଯ୍ୟୋଦୟ ହୋଇ ନଥିଲା କି ସେହି ଇହୁଦୀ ବ୍ୟକ୍ତି ଜଣକ ଅସ୍ତ୍ର ପକାଇଦେଲା ଅର୍ଥାତ୍ ଆତ୍ମ ସମର୍ପଣ କରିଦେଲା । ଅତଏବ୍ ଏହିପରି ଭାବରେ ରସୁଲୁଲ୍ଲାଃ ସ.ଅ ୱାଦିଉଲ୍ କୁରାକୁ ଜୟ କରିନେଲେ । ଅଲ୍ଲାଃତାଲା ସେଠାରେ ଇହୁଦୀମାନଙ୍କର ଯେଉଁ ଧନ ସମ୍ପତ୍ତି ରହିଥିଲା ତାହାକୁ ଅଲ୍ଲାଃତାଲା ଆଁହଜରତ ସ.ଅଙ୍କୁ ମାଲେ ଗନିମତ୍ ଆକାରରେ ପ୍ରଦାନ କଲେ ଏବଂ ମୁସଲମାନମାନଙ୍କୁ ତହିଁରୁ ଅନେକ ଧନ ସମ୍ପଦ ପ୍ରାପ୍ତ ହେଲା । ଆଁହଜରତ ସ.ଅ ୱାଦିଉଲ୍ କୁରା ଠାରେ ମୁସଲମାନମାନଙ୍କ ମଧ୍ୟରେ ମାଲେ ଗନିମତ୍ ବାଣ୍ଟି ଦେଲେ ଏବଂ ଜମି ଓ ଖଜୁରୀ ଉଦ୍ୟାନ ଇହୁଦୀମାନଙ୍କ ହସ୍ତରେ ଦେଇ ସେମାନଙ୍କୁ ସେହି ଜମି ଓ ଉଦ୍ୟାନର ଶାସକ ରୂପେ ନିଯୁକ୍ତ କରିଦେଲେ । ଅର୍ଥାତ୍ ଯେପରି ଆପଣ ସ.ଅ ଖୈବରର ଇହୁଦୀମାନଙ୍କୁ ଉଦ୍ୟାନ ଏବଂ ଜମିର ମାଲିକ କରିଥିଲେ ଠିକ୍ ସେହିପରି ୱାଦିଉଲ୍ କୁରାର ଇହୁଦୀମାନଙ୍କୁ ମଧ୍ୟ ଆପଣ ସ.ଅ ଜମି ଏବଂ ଖଜୁରୀ ଉଦ୍ୟାନର ମାଲିକାନା ସତ୍ତ୍ୱାଧିକାରୀ ପ୍ରଦାନ କରି ଦେଇଥିଲେ । ଆପଣ ସ.ଅ ସେମାନଙ୍କୁ କହିଲେ, ଏହି ଜମି ଓ ଉଦ୍ୟାନକୁ ତୁମେମାନେ ରଖ ଏବଂ ତହିଁରୁ ତୁମେମାନେ ଅର୍ଥୋପାର୍ଜନ କରି ଆମକୁ କିଛି ଅର୍ଥ ଦେଉଥିବ ।

ଅଲ୍ଲାମା ବିଲାଜରି କୁହନ୍ତି : "ଆଁହଜରତ ସ.ଅ ହ. ଉମର୍ ବିନ୍ ସଇଦ୍ ବିନ୍ ଆସ୍ ର.ଅଙ୍କୁ ୱାଦିଉଲ୍ କୁରାର ଶାସକ ରୂପେ ନିଯୁକ୍ତ କଲେ । ଆପଣ ସ.ଅ 4 ଦିନ ପର୍ଯ୍ୟନ୍ତ ୱାଦିଉଲ୍ କୁରା ଠାରେ ଅବସ୍ଥାନ କରିଥିଲେ । ପୁନଶ୍ଚ ମଦିନା ଫେରି ଆସିଲେ । " **(ସବ୍‌ଲୁଲ୍ ହୁଦା, ୱର୍ ରଶ୍ଶାଦ୍, ଭାଗ-5, ପୃ-149, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍, ବୈରୁତ୍)(ସିରତୁଲ୍ ହଲବିୟାହ୍, ଭାଗ-3, ପୃ-86, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍, ବୈରୁତ୍) (ଲୁଲୁଉଲ୍ ମକ୍‌ନୁନ୍, ଭାଗ-3, ପୃ-465, ଦାରୁସ୍ ସଲାମ୍)**

ହୁଜୁର ଅ.ବ କହିଲେ, ଅତିରିକ୍ତ ଚର୍ଚ୍ଚା ଇନ୍‌ଶାଅଲ୍ଲାଃ ଆସନ୍ତା ଖୁତ୍‌ବାରେ କରିବି । ବର୍ତ୍ତମାନ ମୁଁ କେତେକ ମୃତକମାନଙ୍କର ଚର୍ଚ୍ଚା କରିବି ଏବଂ ପୁନଶ୍ଚ ସେହି ମୃତକମାନଙ୍କର ନମାଜ ଯନାଜାଃ ଗାଏବ୍ ମଧ୍ୟ ଇନ୍‌ଶାଅଲ୍ଲାଃ ନମାଜ ଜୁମା ପରେ ପାଠ କରାଇବି । ପ୍ରଥମ ମୃତକ ହେଲେ ସମ୍ମାନନୀୟ ସ୍ୱର୍ଗତ ମୌଲାନା କରୀମୁଦ୍ଦୀନ୍ ଶାହିଦ୍ ସାହେବ । ଆପଣ ସଦର୍ ଅଞ୍ଜୁମନ୍ ଅହେମଦିୟାର ସଦର୍ (ସଭାପତି) ଥିଲେ । ବିଗତ ଦିନ ରମ୍‌ଜାନ ମାସର 27 ତାରିଖ ଦିନ 87 ବର୍ଷ ବୟସରେ ତାଙ୍କର ପରଲୋକ ହୋଇଯାଇଥିଲା । إِنَّا لِلّٰهِ وَإِنَّا إِلَيْهِ رَاجِعُونَ । ଆପଣ ଓସିୟତ୍ ମଧ୍ୟ କରିଥିଲେ । ସ୍ୱର୍ଗତ କରୀମୁଦ୍ଦୀନ୍ ଶାହିଦ୍ ସାହେବଙ୍କର ପିତାଶ୍ରୀ ବୈଅତ୍ କରି ଜମାଅତ୍ ଅହେମଦିୟାରେ ପ୍ରବିଷ୍ଟ ହୋଇଥିଲେ । ସ୍ୱର୍ଗତ କରୀମୁଦ୍ଦୀନ୍ ସାହେବଙ୍କର ପିତାଶ୍ରୀ ବିଭିନ୍ନ ସ୍ଥାନରେ ବେସରକାରୀ ଅନୁଷ୍ଠାନରେ ଚାକିରୀ କୁରଥିଲେ । କରୀମୁଦ୍ଦୀନ୍ ସାହେବ ଓ ତାଙ୍କର ପରିବାର ଗ୍ରାମର ବାସ କରୁଥିଲେ । ସେଠାରେ ଶିକ୍ଷାର ଉଚିତ୍ ବ୍ୟବସ୍ଥା ନଥିଲା । ତେବେ କଲିକତାର ଅଧିବାସୀ ଏବଂ ହାଇଦ୍ରାବାଦ୍ ଅନ୍ତର୍ଗତ ଚିନ୍ତାକୁଣ୍ଟାର ସମ୍ମାନନୀୟ ସ୍ୱର୍ଗତ ସେଠ୍ ମୁଇନୁଦ୍ଦୀନ୍ ସାହେବ ଶିକ୍ଷା ପ୍ରାପ୍ତ କରିବା ନିମନ୍ତେ ସମ୍ମାନୀନୟ ସ୍ୱର୍ଗତ କରୀମୁଦ୍ଦୀନ୍ ଶାହିଦ୍ ସାହେବଙ୍କୁ କାଦିୟାନ୍ ପ୍ରେରଣ କରିଥିଲେ । 1954 ମସିହାରେ ମାଦ୍ରାସା ଅହେମଦିୟାରେ ଶିକ୍ଷା ଆହରଣ କରିବା ନିମନ୍ତେ ନାମ ଲେଖାଇଥିଲେ। 1957 ମସିହାରେ ଆପଣ ଯାମିୟା ଅହେମଦିୟାରୁ ଶିକ୍ଷା ସମାପ୍ତ କରିଥିଲେ । ପୁନଶ୍ଚ ମୌଲବୀ ଫାଜିଲ୍ ନିମନ୍ତେ ପ୍ରସ୍ତୁତ ହୋଇ 1960 ମସିହାରେ ପଞ୍ଜାବ ସ୍ଥିତ ଚଣ୍ଡୀଗଡ଼ ବିଶ୍ୱବିଦ୍ୟାଳୟରୁ ସ୍ନାତକ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିଲେ । ସେହିପରି ଭାରତରେ ଶାହିଦ୍ ଡିଗ୍ରୀ ପ୍ରାପ୍ତକାରୀଙ୍କ ମଧ୍ୟରେ ଆପଣ ସର୍ବ ପ୍ରଥମ ମୁବଲ୍ଲିଗ୍ ସିଲ୍‌ସିଲା ଥିଲେ । କାଦିୟାନ୍‌ରେ ବିଭିନ୍ନ ସେବା କରିବାର ଆପଣଙ୍କୁ ସୁଯୋଗ ପ୍ରାପ୍ତ ହୋଇଥିଲା । ଇତି ମଧ୍ୟରେ ଆପଣ ସଦର୍ ଅଞ୍ଜୁମନ୍ ଅହେମଦିୟ କାଦିୟାନ୍‌ର ଜଣେ ବରିଷ୍ଠ ବିଦ୍ୱାନ୍ ରୂପେ ନିଯୁକ୍ତ ହୋଇଥିଲେ । 2021 ମସିହା ପର୍ଯ୍ୟନ୍ତ ଆପଣ ଏହାର (ଅଞ୍ଜୁମନ୍‌ର) ସଦସ୍ୟ ରହିଥିଲେ । ପୁନଶ୍ଚ ଅତିରିକ୍ତ ନାଜିମ୍ ଇର୍ଶାଦ୍ ୱକ୍‌ଫେ ଜଦିଦ୍ ବୈରୁନ୍ ସେବା କରିବାକୁ ସାମର୍ଥ୍ୟ ଲାଭ ପାଇଥିଲେ । ସେହିପରି ଆପଣ ସଦର୍ ଉମୁମୀ ରୂପେ ମଧ୍ୟ କାର୍ଯ୍ୟ କରିବାକୁ ସାମର୍ଥ୍ୟ ପ୍ରାପ୍ତ କରିଥିଲେ । ସଦର୍ ମଜ୍‌ଲିସ୍ ୱକ୍‌ଫେ ଜଦିଦ୍ ରୂପେ ମଧ୍ୟ ଆପଣ ସେବା କରିବାକୁ ସାମର୍ଥ୍ୟ ପ୍ରାପ୍ତ କରିଥିଲେ ।

### ହ. ଅମୀରୁଲ୍ ମୁମିନିନଙ୍କ ନୀତିବାଣୀ:-

"ଆମେ ଅହେମଦିମାନେ ହିଁ ସଂସାରବାସୀଙ୍କୁ ଇସ୍‌ଲାମ୍ ଧର୍ମର ସୁନ୍ଦର ଶିକ୍ଷା ସମ୍ବନ୍ଧରେ ଅବଗତ କରାଇବାକୁ ହେବ ଏବଂ ଏଥିପାଇଁ ସବୁଠାରୁ ଜରୁରୀ କଥା ହେଉଛି ଏହା କି ଆମକୁ ଅଲ୍ଲାଃତାଲାଙ୍କ ସହିତ ସମ୍ପର୍କ ସ୍ଥାପନ କରିବାକୁ ହେବ" ।

ତାଲିବେ ଦୁଆ: Sajeed Khan, S/O- Sultan Ahmad, Jamat Ahmadiya Paradeep (Kerang) (Odisha)

### କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

"ଆମ ଜମାଅତ୍‌ର ସଦସ୍ୟବୃନ୍ଦଙ୍କ ପକ୍ଷେ ଏହି ଉଚିତ ହେବ ଯେ, ଜମାଅତ୍‌ର ସଦସ୍ୟବୃନ୍ଦ ଚାରିତ୍ରିକ ଅବସ୍ଥାରେ ଉନ୍ନତି କରନ୍ତୁ । କାରଣ 'ଅଲ୍ ଇସ୍ତିକାମତୁ ଫୌକଲ୍ କରାମତି' ।"

(ମଲ୍‌ଫୁଜାତ୍, ଖଣ୍ଡ-1, ପୃ-102, )

ତାଲିବେ ଦୁଆ: Halimuddin Khan & Family,
Jamat Ahmadiya Kerang,
Darul Barkat (Odisha)

ପୁନଶ୍ଚ ଯାମିୟା ଅହେମଦିୟାରେ ଆପଣ ପ୍ରିଂସିପାଲ୍ ମଧ୍ୟ ରହିଥିଲେ । ଆପଣ ଦୁଇ ଦୁଇ ଥର ଯାମିୟା ଅହେମଦିର ପ୍ରିଂସିପାଲ୍ ହୋଇଥିଲେ । ସେହିପରି ଆପଣ ଦାରୁଲ୍ କଜାରେ କଜା ବୋର୍ଡ଼ର ସଭାପତି ମଧ୍ୟ ରହିଥିଲେ । ସେହିପରି ଆପଣ ସଦର୍ ମଜ୍‌ଲିସ୍ କାର୍ପର୍ଦାଜ୍ ମଧ୍ୟ ରହିଥିଲେ । ପୁନଶ୍ଚ 2021 ମସିହାରେ ତାଙ୍କୁ ସଦର୍ ସଦର୍ ଅଞ୍ଜୁମନ୍ ଅହେମଦିୟା ଭାବରେ ନିଯୁକ୍ତ କରାଯାଇଥିଲା । ମୃତ୍ୟୁ ପର୍ଯ୍ୟନ୍ତ ଆପଣ ଉକ୍ତ ପଦବୀରେ ଆସୀନ ରହିଥିଲେ ।

କାଦିୟାନ୍‌ର ନାଜିରେ ଆଲା ଶ୍ରୀଯୁକ୍ତ ଇନ୍‌ଆମ୍ ଘୋରୀ ସାହେବ କୁହନ୍ତି ଯେ, ସ୍ୱର୍ଗତ କରୀମୁଦ୍ଦୀନ୍ ଶାହିଦ୍ ସାହେବ ଅତ୍ୟନ୍ତ ସରଳ ସ୍ୱଭାବ ଏବଂ ମିତବ୍ୟୟୀ ବ୍ୟକ୍ତିତ୍ୱର ସହିତ ଜୀବନ ଯାପନକାରୀ ବ୍ୟକ୍ତିଟିଏ ଥିଲେ । ପ୍ରକୃତରେ ଆପଣ ଏହିପରି ହିଁ ଥିଲେ। ମୁଁ ମଧ୍ୟ ଏହିପରି ଦେଖିଅଛି । ସ୍ୱର୍ଗତଙ୍କୁ ଜମାଅତ୍ ତରଫରୁ ଯେଉଁ ଓଜିଫା ମିଳୁଥିଲା କିମ୍ବା ଆୟ ହେଉଥିଲା ସେହିଥିରେ ହିଁ ଆପଣ ସ୍ୱଚ୍ଛତାର ସହିତ ଜୀବନ ନିର୍ବାହ କରୁଥିଲେ ଏବଂ ଋଣ ନେଇ ଖର୍ଚ୍ଚ କରିବାକୁ ଆପଣ ବହୁତ ନାରାଜ୍ ହେଉଥିଲେ ଏବଂ ଅପ୍ରିୟ ବୋଲି ମଣୁଥିଲେ । ଆପଣ ଜଣେ ଉତ୍ତମ ଲେଖକ ଏବଂ ଜଣେ ଉଚ୍ଚକୋଟିର ପ୍ରାବନ୍ଧିକ ମଧ୍ୟ ଥିଲେ । ଯେତେବେଳେ କମ୍ପ୍ୟୁଟରରେ କମ୍ପୋଜିଙ୍ଗର ପରମ୍ପରା ଆରମ୍ଭ ହୋଇ ନଥିଲା ଏବଂ ଅଖବାର୍ ବଦର୍ ଓ ଜମାଅତ୍‌ର ପୁସ୍ତକ ତଥା ପତ୍ରିକା ଆପଣ ସ୍ୱହସ୍ତରେ ଲେଖିବାକୁ ସାମର୍ଥ୍ୟ ଲାଭ ପାଇଥିଲେ। ଆପଣ ଜଣେ ଭଲ ବକ୍ତା (ସୁବକ୍ତା), ଜଣେ ପ୍ରାବନ୍ଧିକ ମଧ୍ୟ ଥିଲେ । ଜଲ୍‌ସା ସାଲାନା କାଦିୟାନ୍ ଏବଂ ଅନ୍ୟ ଜମାଅତ୍‌ର ଅନୁଷ୍ଠାନ ତଥା ଉତ୍ସବରେ, ତର୍ବିୟତି ଜଲ୍‌ସାମାନଙ୍କରେ ଭାଷଣ ଦେବା ନିମନ୍ତେ ଆପଣଙ୍କୁ ଅବସର ପ୍ରାପ୍ତ ହେଉଥିଲା । କାଦିୟାନ୍‌ରୁ ଏମ୍.ଟି.ଏରେ ଲାଇଭ୍ ପ୍ରସାରିତ ହେଉଥିବା ରାହେ ହୁଦା କାର୍ଯ୍ୟକ୍ରମରେ ଆପଣ ଦୀର୍ଘକାଳ ପର୍ଯ୍ୟନ୍ତ ଉତ୍ତର ଦେବା ନିମନ୍ତେ ସାମର୍ଥ୍ୟ ପ୍ରାପ୍ତ କିରଥିଲେ । ଆପଣ ଯକୃତ ରୋଗରେ ଆକ୍ରାନ୍ତ ଥିଲେ। ଆପଣ ବହୁତ ଦୁର୍ବଳ ମଧ୍ୟ ହୋଇ ଯାଇଥିଲେ । କିନ୍ତୁ ଏସବୁ ସତ୍ତ୍ୱେ ଆପଣ ଅତ୍ୟନ୍ତ ସାହସିକତାର ସହିତ ନିଜର କର୍ତ୍ତବ୍ୟ ସମ୍ପାଦନ କରୁଥିଲେ । ବାସ୍ତବରେ ସ୍ୱର୍ଗତଙ୍କ ଆଦର୍ଶ ଅନୁକରଣୀୟ ଅଟେ । କାଦିୟାନ୍‌ର ବିଗତ ଜଲ୍‌ସା ସାଲାନା ଅର୍ଥାତ୍ 2024ର ଜଲ୍‌ସା ସାଲାନାରେ ମଧ୍ୟ ଆପଣ ସଭାପତିତ୍ୱ କରିଥିଲେ । ଅସୁସ୍ଥତା ଏବଂ ଦୁର୍ବଳ ସ୍ୱାସ୍ଥ୍ୟ ସମସ୍ୟା ସତ୍ତ୍ୱେ ମଧ୍ୟ ଆପଣ ଅତ୍ୟନ୍ତ ସାହସିକତାର ସହିତ ତିନି ଦିନ ଧରି ଜଲ୍‌ସା ସଲାନା 2024ରେ ସଭାପତିତ୍ୱ କରିଥିଲେ । ଆପଣ ଜଲ୍‌ସା ସାଲାନାର ଉଦ୍‌ଘାଟନ ସମୟରେ ମଧ୍ୟ ସଭାପତିତ୍ୱ କରିଥିଲେ । ସେହିପରି ବିଗତ ଦିନ ମଜ୍‌ଲିସେ ଶୁରାରେ ମଧ୍ୟ ଆପଣ ସଭାପତିତ୍ୱ କରିଥିଲେ । ଅଲ୍ଲାଃତାଲା ସ୍ୱର୍ଗତଙ୍କୁ ଦୀର୍ଘ 62 ବର୍ଷ କାଳ ସେବା କରିବା ନିମନ୍ତେ ସାମର୍ଥ୍ୟ ପ୍ରଦାନ କରିଥିଲେ । ଜୀବନର ଶେଷ ଦିନମାନଙ୍କରେ ଆପଣ ନିଜ ପରିବାର ସମ୍ମୁଖରେ ଉକ୍ତ କଥାର ପରିପ୍ରକାଶ କରୁଥିଲେ ଯେ, "ମୁଁ ରମ୍‌ଜାନ ମାସରେ ଜନ୍ମ ଗ୍ରହଣ କରିଥିଲି ଏବଂ ତୁମେମାନେ ଦେଖିବ ଯେ, ମୋର ବିୟୋଗ ମଧ୍ୟ ରମ୍‌ଜାନ୍ ମାସରେ ହେବ । ସୁତରାଂ ଆପଣଙ୍କର ବିୟୋଗ 27 ରମ୍‌ଜାନରେ ହୋଇଥିଲା ।"

ହୁଜୁର ଅନ୍‌ଓ୍ୱର୍ ଅ.ବ କହିଲେ, ସ୍ୱର୍ଗତ କରୀମୁଦ୍ଦୀନ୍ ସାହେବ ଅତ୍ୟନ୍ତ ପରିଶ୍ରମୀ ଏବଂ ଜଣେ ବିନୀତ ସ୍ୱଭାବର ବ୍ୟକ୍ତି ଥିଲେ । ସର୍ବଦା ଆପଣଙ୍କର ଏହି ପ୍ରୟାସ ରହୁଥିଲା କି ଆପଣ ନିଜ କାମ ନିଜେ କରୁଥିଲେ ଏବଂ ନିଜ କାମ ନିଜେ କରିବା ପାଇଁ ଚେଷ୍ଟା କରୁଥିଲେ । ଆପଣ କାହା ଉପରେ ବୋଝ ହେବାକୁ ଚାହୁଁ ନଥିଲେ। ବରଂ ନିଜର ବ୍ୟକ୍ତିଗତ କାର୍ଯ୍ୟ ମଧ୍ୟ ନିଜେ କରୁଥିଲେ । ଆପଣ ଜଣେ ବିଦ୍ୱାନ୍ ଥିଲେ ଏବଂ ଜଣେ କାର୍ଯ୍ୟାନୁସରଣକାରୀ ବ୍ୟକ୍ତି ଥିଲେ । ଆପଣ ନିଜକୁ ଉତ୍ସର୍ଗ କରିବାର ଯେଉଁ ପ୍ରଣ ଏବଂ ସଂକଳ୍ପ ନେଇଥିଲେ ତାହାକୁ ଆପଣ ଚରିତାର୍ଥ ମଧ୍ୟ କରିଥିଲେ। ଅଲ୍ଲାଃତାଲା ସ୍ୱର୍ଗତଙ୍କ ପ୍ରତି ସଦୟ ହୁଅନ୍ତୁ ଏବଂ ବୈକୁଣ୍ଠରେ ସ୍ୱର୍ଗତଙ୍କର ସ୍ତରକୁ ଉନ୍ନୀତ କରନ୍ତୁ । ସ୍ୱର୍ଗତଙ୍କ ପ୍ରଥମ ବିବାହ ଇକ୍‌ବାଲ୍ ବେଗମ୍ ସାହେବଙ୍କ ସହିତ ହୋଇଥିଲା । ମହୋଦୟାଙ୍କ ଗର୍ଭରୁ ଦୁଇଟି ପୁତ୍ର ସନ୍ତାନ ଏବଂ ଦୁଇଟି କନ୍ୟା ସନ୍ତାନ ଜନ୍ମ ନେଇଥିଲେ । ସ୍ୱର୍ଗତଙ୍କର ପ୍ରଥମ ପତ୍ନିଙ୍କ ବିୟୋଗ ପରେ ଆପଣ ଦ୍ୱିତୀୟ ବିବାହ କରିଥିଲେ । ଅତଏବ୍ ସ୍ୱର୍ଗତଙ୍କର ସନ୍ତାନ ସନ୍ତତି ଏବଂ ଜ୍ୱାଇଁ ଆଦିଙ୍କୁ ଧର୍ମ ସେବା କରିବା ନିମନ୍ତେ ମଧ୍ୟ ସାମର୍ଥ୍ୟ ପ୍ରାପ୍ତ ହେଉଅଛି । ଅଲ୍ଲାଃତାଲା ସ୍ୱର୍ଗତଙ୍କ ବଂଶ ଏବଂ ସନ୍ତାନ ସନ୍ତତିଙ୍କ ମଧ୍ୟରେ ମଧ୍ୟ ସ୍ୱର୍ଗତଙ୍କ ସେବାର ଆତ୍ମାକୁ ବଜାୟ ରଖନ୍ତୁ । ଆମିନ୍। ହୁଜୁର ଅନ୍‌ଓ୍ୱର୍ ଅ.ବ କହିଲେ, ଦ୍ୱିତୀୟ ଯନାଜାଃ ହେଉଛି ସମ୍ମାନନୀୟ ସ୍ୱର୍ଗତ ଅବ୍‌ଦୁର୍ ରଶିଦ୍ ଯହୟା ସାହେବଙ୍କର ଅଟେ । ଆପଣ କାନାଡ଼ାର କଜା ବୋର୍ଡ଼ର ସଭାପତି ଥିଲେ । ବିଗତ ଦିନ ଆପଣ ନିଜର ଚାକିରୀ ଜୀବନରୁ ଅବସର ଗ୍ରହଣ କିରଥିଲେ ଏବଂ 75 ବର୍ଷ ବୟସରେ ଆପଣଙ୍କର ବିୟୋଗ ହୋଇଯାଇଛି । إِنَّا لِلّٰهِ وَإِنَّا إِلَيْهِ رَاجِعُونَ । ସ୍ୱର୍ଗତ ଅବ୍‌ଦୁର୍ ରଶିଦ୍ ସାହେବ ଓସିୟତ୍ କରିଥିଲେ । ତାଙ୍କର ପିତାଶ୍ରୀ 1945 ମସିହାରେ ମୌଲାନା ସନାଉଲ୍ଲାଃ ଅମୃତସରୀ ଏବଂ ମୌଲାନା ଅବୁଲ ଆଲା ମୌଦୁଦୀ ଓ ମୌଲାନା ମୁହମ୍ମଦ ଅଲୀ ସାହେବ ଏମ୍.ଏଙ୍କ ସହିତ ଦୀର୍ଘ ସମୟ ପର୍ଯ୍ୟନ୍ତ ବାର୍ତ୍ତାଳାପ, ଗବେଷଣ ଓ ବିତର୍କ ତଥା ପ୍ରମାଣ ସିଦ୍ଧ ହେବା ପରେ ହ. ଖଲିଫତୁଲ୍ ମସିହ୍ ସାନି ର.ଅଙ୍କ ପବିତ୍ର ହସ୍ତରେ ବୈଅତ୍ କରିଥିଲେ । ଆପଣ ସଂପୂର୍ଣ୍ଣ ଗ୍ରାମରେ ଏକମାତ୍ର ଅହେମଦି ଥିଲେ । ଗ୍ରାମବାସୀମାନେ ଧାର୍ମିକ ମତପାର୍ଥକ୍ୟ ସତ୍ତ୍ୱେ ଆପଣଙ୍କ ପ୍ରତି ସମ୍ମାନ ପ୍ରଦର୍ଶନ କରୁଥିଲେ । ତାଲିମୁଲ୍ ଇସ୍‌ଲାମ୍ କଲେଜ୍ ରବ୍‌ୱାରୁ ଆପଣ ବି.ଏ (ସ୍ନାତକ) ଡିଗ୍ରୀ ପ୍ରାପ୍ତ କରି ସାରିବା ପରେ ଯାମିୟାରେ ନାମ ଲେଖାଇଥିଲେ । ପୁନଶ୍ଚ ନିଜର ଜୀବନକୁ ଉତ୍ସର୍ଗ କରିଥିଲେ ଓ 1975 ମସିହାରେ କର୍ମଭୂମିରେ ଅବତୀର୍ଣ୍ଣ ହୋଇଥିଲେ । ସ୍ଥାନୀୟ ନାଗରିକ ହିସାବରେ ପ୍ରାରମ୍ଭିକ କାଳରେ ଆପଣଙ୍କୁ ପାକିସ୍ତାନରେ ନିଯୁକ୍ତ ହୋଇଥିଲା । ପୁନଶ୍ଚ ଆମେରିକା, କାନାଡ଼ା ଓ ଗୁଏଟେମାଲାରେ ଆପଣଙ୍କୁ ସେବା କରିବାର ସାମର୍ଥ୍ୟ ପ୍ରାପ୍ତ ହୋଇଥିଲା । ଦକ୍ଷିଣ ଆଫ୍ରିକାରେ ଆପଣଙ୍କୁ ଜାତୀୟ ସଭାପତି ଓ ମିଶ୍‌ନାରୀ ଇନ୍‌ଚାର୍ଜ ରୂପେ ଦାୟିତ୍ୱ ତୁଲାଇବାକୁ ସାମର୍ଥ୍ୟ ପ୍ରାପ୍ତ ହୋଇଥିଲା । ଯାମିୟା ଅହେମଦିୟା କାନାଡ଼ାରେ ଆପଣ ଭାଇସ୍ ପ୍ରିଂସିପାଲ୍ ହିସାବରେ କାର୍ଯ୍ୟ କରିବାକୁ ସାମର୍ଥ୍ୟ ପ୍ରାପ୍ତ କରିଥିଲେ । ତତ୍‌ସହିତ ଆପଣ ସେଠାରେ କ୍ଲାସ୍ ମଧ୍ୟ ନେଉଥିଲେ । ଛାତ୍ରମମାନଙ୍କୁ ତଫସିରୁଲ୍ କୁରଆନ୍, ଇଲ୍‌ମୁଲ୍ କଲାମ (ପ୍ରବନ୍ଧ ସାହିତ୍ୟ) ପଢାଉଥିଲେ । 2017 ମସିହାରେ ତାଙ୍କର ନିଯୁକ୍ତ ସଦର୍ କଜା ବୋର୍ଡ଼ କାନାଡ଼ା ରୂପେ ହୋଇଥିଲା । 2023 ମସିହା ପର୍ଯ୍ୟନ୍ତ ଆପଣ ଉକ୍ତ ପଦବୀରେ ଆସୀନ ରହିଥିଲେ । ଆପଣ ଯେତେବେଳେ ଗୁଏଟେମାଲା ଆସିଥିଲେ ସେତେବେଳେ ସେଠାରେ ବୌଦ୍ଧ ଧର୍ମର ଆଧାତ୍ମିକ ଗୁରୁ ଦଲାଇ ଲାମାଙ୍କ ସହିତ ଆପଣଙ୍କର ବାର୍ତ୍ତାଳାପ ଓ ତାଙ୍କୁ ଇସ୍‌ଲାମ୍ ଧର୍ମର ସନ୍ଦେଶ ପହଞ୍ଚାଇଥିଲେ । ଶୋକ ସନ୍ତପ୍ତ ପରିବାରବର୍ଗଙ୍କ ମଧ୍ୟରେ ତିନୋଟି ପୁତ୍ର ସନ୍ତାନ ଏବଂ ଗୋଟିଏ କନ୍ୟା ସନ୍ତାନ ସାମିଲ୍ ଅଛନ୍ତି ।

ହୁଜୁର ଅନ୍‌ଓ୍ୱର୍ ଅ.ବ କହିଲେ, ସ୍ୱର୍ଗତଙ୍କର ସୁପୁତ୍ର କାସିମ୍ ରଶିଦ୍ ସାହେବ କୁହନ୍ତି ଯେ, ଜମାଅତ୍ ପ୍ରତି ଆପଣ ଅସୀମ ସମ୍ମାନ ପ୍ରଦର୍ଶନ କରୁଥିଲେ । ଜମାଅତ୍ ବିରୁଦ୍ଧରେ ଆପଣ କୌଣସି କଥାକୁ ସହିପାରୁ ନଥିଲେ । ଜମାଅତ୍ ଉପରେ ଯଦି କୌଣସି ଆପତ୍ତି ହେଉଥିଲା ସେତେବେଳେ ଆପଣ ସଂପୂର୍ଣ୍ଣ ଉତ୍ତର ପ୍ରଦାନ କରୁଥିଲେ। ଆପଣ ଆପତ୍ତିକର୍ତ୍ତାର ସଂପୂର୍ଣ୍ଣ କଥା ଶୁଣି ତା'ର ତ୍ରୁଟି ମାର୍ଜନା କରିଥିଲେ। ମୁଁ ପିତାଶ୍ରୀଙ୍କୁ ଜୀବନ ସାରା ବାଜମାଅତ୍ ନମାଜ୍ ଓ ବିଶେଷ କରି ନମାଜ ତେହଜ୍ଜୁଦ ନିୟମିତ ରୂପେ ପାଠ କରୁଥିବାରେ ଦେଖିଥିଲି । ରୋଗ ଯେତେ ଅଧିକ ହୋଇଥାଉ ନା କାହିଁକି କିନ୍ତୁ ପିତାଶ୍ରୀ ସର୍ବଦା ବାଜମାଅତ୍ ନମାଜ ପାଠ କରିବା ନିମନ୍ତେ ଉଦ୍ୟମ କରୁଥିଲେ । ଶେଷ ରୋଗାବସ୍ଥା ସମୟରେ ମଧ୍ୟ ଆପଣଙ୍କର ଏହି ଅବସ୍ଥା ଥିଲା । ଆପଣ ରୋଗାବସ୍ଥାରେ ମଧ୍ୟ ଅଲ୍‌ହମ୍‌ଦୁଲିଲ୍ଲାଃ କହି ସମୟ ଅତିବାହିତ କରୁଥିଲେ। ଶେଷ ବର୍ଷରେ ଆପଣ ଅଧିକ ଅସୁସ୍ଥ ହୋଇଯାଇଥିଲେ । କିନ୍ତୁ ଅତ୍ୟନ୍ତ ଧୈର୍ଯ୍ୟ ଓ କୃତଜ୍ଞତାର ସହିତ ଆପଣ ସମସ୍ତ ବ୍ୟାଧି ଜନିତ କଷ୍ଟ ସହ୍ୟ କରିଥିଲେ । ଏହା ହିଁ ଆପଣଙ୍କର ପ୍ରୟାସ ରହିଥିଲା । ଏଥିପ୍ରତି ସେ ନିଜର ସନ୍ତାନ ସନ୍ତତିଙ୍କୁ ମଧ୍ୟ ବାରମ୍ବାର ଅନୁପ୍ରାଣିତ କରୁଥିଲେ ଯେ, ସେମାନେ ଖିଲାଫତ୍ ସହିତ ସଂଶ୍ଳିଷ୍ଟ ରୁହନ୍ତୁ। ପିତାଶ୍ରୀ ମୋତେ ସର୍ବଦା ଉତ୍ସାହିତ କରୁଥିଲେ ଯେ, ମୁଁ ସାମାଜିକ ଗଣ ମାଧ୍ୟମରେ ଖିଲାଫତ୍ ସଂପର୍କରେ ଗୌରବାତ୍ମକ ଓ ନିର୍ଭୀକ ଭାବରେ ଆଲେଖ୍ୟ ଲେଖିବା ଉଚିତ୍। କାରଣ ଖିଲାଫତ୍ ହିଁ ମୁସ୍‌ଲିମ୍ ଜଗତ ଓ ସମଗ୍ର ମାନବ ଏକତାର ପ୍ରକୃତ ସମାଧାନ ଅଟେ । ପିତାଶ୍ରୀ ନିଜର ୱକ୍‌ଫ୍‌କୁ ଅତ୍ୟନ୍ତ ବିଶ୍ୱସ୍ତତାର ସହିତ ସମ୍ପାଦନ କରିଥିଲେ। 1980 ମସିହାରୁ 1990 ମସିହା ପର୍ଯ୍ୟନ୍ତ ଯେତେବେଳେ ଏମ୍.ଟି.ଏ ଇତ୍ୟାଦି ନିୟମିତ ରୂପେ ଆରମ୍ଭ ହୋଇ ନଥିଲା ସେହି ଦଶରେ ହ. ଖଲିଫତୁଲ୍ ମସିହ୍ ରାବେ ର.ଅଙ୍କ ଖୁତ୍‌ବାତ୍ ଏବଂ ହ. ଖଲିଫତୁଲ୍ ମସିହ୍ ସାଲିସ୍ ର.ଅଙ୍କ ଖୁତ୍‌ବାତ୍ କପି କରି ଲୋକମାନଙ୍କ ପର୍ଯ୍ୟନ୍ତ ପହଞ୍ଚାଉଥିଲେ । ସ୍ୱୟଂ ଲେଖୁଥିଲେ ଏବଂ ଏହାର ଅବିକଳ ପ୍ରତିଲିପି ମଧ୍ୟ ପ୍ରସ୍ତୁତ କରୁଥିଲେ ଓ ପୁନଶ୍ଚ ଲୋକମାନଙ୍କ ପର୍ଯ୍ୟନ୍ତ 24ରୁ 48 ଘଣ୍ଟା ଭିତରେ ପହଞ୍ଚାଉଥିଲେ । କାରଣ ଉପସ୍ଥିତ ଖଲିଫାଙ୍କର ସନ୍ଦେଶ ଲୋକମାନଙ୍କ ପର୍ଯ୍ୟନ୍ତ ପହଞ୍ଚିଯାଉ ଏବଂ ଖଲିଫାଙ୍କ ସହିତ ଲୋକମାନଙ୍କ ସଂପର୍କ ଅକ୍ଷୁର୍ଣ୍ଣ ରହୁ । ତାଙ୍କର ଭଣଜା ଅନ୍‌ସୁର ନୁରୁଦ୍ଦୀନ ସାହେବ ଅଟନ୍ତି । ସେ ମଧ୍ୟ ରବ୍‌ୱାର ମୁବଲ୍ଲିଗ୍ ସିଲ୍‌ସିଲା ଅଟନ୍ତି । ସେ କୁହନ୍ତି ପ୍ରାୟ 53 ବର୍ଷ ପର୍ଯ୍ୟନ୍ତ ଆପଣ ୱକ୍‌ଫ୍‌ର ଦାୟିତ୍ୱକୁ ଅତ୍ୟନ୍ତ ନିଷ୍ଠାପୂର୍ବକ ଏବଂ ବିଶ୍ୱସ୍ତତାର ସହିତ ନିର୍ବାହ କରିଥିଲେ ।

ପିତାଶ୍ରୀଙ୍କୁ ମୁଁ ଦେଖିଛି ଯେ, ଆପଣ ୱକ୍‌ଫ୍ ସହିତ ନୈସର୍ଗିକ ସଂଶ୍ଳିଷ୍ଟତା ଓ

### ହ. ଅମୀରୁଲ୍ ମୁମିନିନଙ୍କ ନୀତିବାଣୀ:-

"ପବିତ୍ର କୁରଆନ୍‌କୁ ବୁଝିବା ଓ ତା' ମୁତବାକ ନହିଦାୟତ୍ ପାଇଁ ଅସଲ ଆବଶ୍ୟକତା ହେଉଛି ତକ୍‌ୱା (ଅର୍ଥାତ ଧର୍ମପରାୟଣତା)" ।

(ମଲ୍‌ଫୁଜାତ୍, ଖଣ୍ଡ-5, ପୃ-121)

ତାଲିବେ ଦୁଆ: Idris Khan, Jamat Ahmadiya Kerang, Mahmoodabad (Odisha)

### କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

"ତୁମେ ଆପୋଷରେ ଖୁବ୍ ଶୀଘ୍ର ସୁଲାହ୍ କରିନିଅ ଓ ନିଜ ଭାଇ ଭଉଣୀମାନଙ୍କ ଦୋଷକୁ କ୍ଷମା କର । କାରଣ ଦୁଷ୍ଟ ହେଉଛି ସେହି ବ୍ୟକ୍ତି ଯିଏ ନିଜ ଭାଇ ସହିତ ସୁଲାହ୍ କରିବାକୁ ରାଜି ହୁଏ ନାହିଁ" ।

(ମଲ୍‌ଫୁଜାତ୍, ଖଣ୍ଡ-5, ପୃ-121)

ତାଲିବେ ଦୁଆ: Abdul Chand & Family, Jamat Ahmadiya Kerang, Darul Anwar (Odisha)

ଜମାଅତୀୟ ବ୍ୟବସ୍ଥାର ପ୍ରତିନିଧି ହେବା ହିସାବରେ ଆପଣ ନିଜର ଅଧିକାରକୁ ସମ୍ପାଦନ କରିଥିଲେ । ମୁଁ ପିତାଶ୍ରୀଙ୍କୁ ଉପସ୍ଥିତ ଖଲିଫାଙ୍କର ଆଜ୍ଞାବହତ୍ୱ ବା ଆଜ୍ଞାନୁବର୍ତ୍ତୀ ଏବଂ ପ୍ରେମକାରୀ ବ୍ୟକ୍ତି ହିସାବରେ ଦେଖିଛି । ପିତାଶ୍ରୀଙ୍କର ଯାମିୟା ଅହେମଦିୟାରେ ନିଯୁକ୍ତି ହେଲା ସେତେବେଳେ ସେଠାରେ ଆପଣ ନିଜର ବିଷୟବସ୍ତୁର, ଭାଷଣର ଏଇଥି ପାଇଁ ପ୍ରସ୍ତୁତି କରୁଥିଲେ ଯେ, ଯାମିୟାର ଛାତ୍ରମାନେ ସର୍ବଶ୍ରେଷ୍ଠ ଛାତ୍ର, ସର୍ବଶ୍ରେଷ୍ଠ ମୁବଲ୍ଲିଗ୍ ହୋଇ ବାହାରନ୍ତୁ । ପିତାଶ୍ରୀ ଏହା ମଧ୍ୟ କହୁଥିଲେ ଯେ, ଉପସ୍ଥିତ ଖଲିଫା ମୋ ଉପରେ ଯାମିୟାର ଛାତ୍ରମାନଙ୍କୁ ଶିକ୍ଷାଦାନ କରିବା ନିମନ୍ତେ ଭରସା କରିଛନ୍ତି। ମୁଁ ଉପସ୍ଥିତ ଖଲିଫାଙ୍କର ବିଶ୍ୱାସ ଏବଂ ଭରସା ଉପର ଶତପ୍ରତିଶତ ଓହ୍ଲାଇବାକୁ ଚେଷ୍ଟା କରିବି । ହୁଜୁର ଅନ୍ୱର୍ ଅ.ବ କହିଲେ, ମିର୍ଜା ଫଜଲ୍ ସାହେବ ମୁବଲ୍ଲିଗ୍ ସିଲ୍ସିଲା ଅଟନ୍ତି ସେ କୁହନ୍ତି ଯେ, ପିତାଶ୍ରୀ ନିର୍ମଳ ସ୍ୱଭାବ ଓ ସଦଚାରୀ ବ୍ୟକ୍ତି ଥିଲେ । ପିତାଶ୍ରୀ ଜଣେ ଉଦ୍ୟମୀ, ପରିଶ୍ରମୀ, ଗମ୍ଭୀର ୱାକ୍‌ଫେ ଜିନ୍ଦିଗୀ (ଉତ୍ସର୍ଗୀକୃତ ଜୀବନ) ଥିଲେ। ଜମାଅତ୍‌ର ସେବାକୁ ପ୍ରତ୍ୟେକ କାର୍ଯ୍ୟ ଉପରେ ଅଗ୍ରାଧିକାର ଦେଉଥିଲେ । ଜମାଅତ୍‌କୁ ସହଯୋଗ କରିବାରେ ଆପଣ କେବେ ବି ପଶ୍ଚାତ୍‌ପଦ ହେଉ ନଥିଲେ। ଅବଦ୍ଦୁନ୍ ନୁର୍ ସାହେବ କହିଲେ, ସ୍ୱର୍ଗତ ଅବ୍ଦୁର୍ ରଶିଦ୍ ସାହେବ ଆମମାନଙ୍କୁ ତଫ୍‌ସିରୁଲ୍ କୁର୍‌ଆନ୍ ପାଠ କରାଉଥିଲେ । ଅତ୍ୟନ୍ତ ପ୍ରେମ ଓ ଆନ୍ତରୀକତାର ସହିତ ଆମକୁ ତଫସିର୍ ପଢାଉଥିଲେ ଓ ନୋଟ୍‌ସ୍ ମଧ୍ୟ ଲେଖାଉଥିଲେ । ପୁନଶ୍ଚ ଆପଣ ସେହି ନୋଟ୍‌ସଗୁଡ଼ିକୁ ଚେକ୍ ମଧ୍ୟ କରୁଥିଲେ । ଅବ୍ଦୁନ୍ ନୁର୍ ସାହେବ କୁହନ୍ତି: "ତାଙ୍କ ଦ୍ୱାରା ଡକା ହୋଇଥିବା ନୋଟ୍‌ସ୍ ଆଜି ମଧ୍ୟ ଆମମାନଙ୍କର କାମରେ ଆସୁଛି । ହୁଜୁର ଅନ୍ୱର୍ ଅନ୍ୱର୍ ଅ.ବ କହିଲେ, ଅଲ୍ଲାଃତାଲା ସ୍ୱର୍ଗତଙ୍କ ପ୍ରତି ସଦୟ ହୁଅନ୍ତୁ ଓ ବୈକୁଣ୍ଠରେ ସ୍ୱର୍ଗତଙ୍କର ସ୍ତରକୁ ଉନ୍ନୀତ କରନ୍ତୁ । **ଆମିନ୍** ।"

ହୁଜୁର ଅନୱର୍ ଅ.ବ କହିଲେ, ତୃତୀୟ ଯନାଜାଃ ହେଉଛି ଇମତିୟାଜ୍ ଅହେମଦ ସାହେବଙ୍କର । ଆପଣ ପାକିସ୍ତାନର ହାଇଦ୍ରାବାଦ୍ ଜିଲ୍ଲାର ସିନ୍ଧ୍ ଅଞ୍ଚଳ ଅନ୍ତର୍ଗତ ଅମୀର୍ ମିର୍ଜା ନଜୀର ଅହମଦ୍ ସାହେବଙ୍କର ସୁପୁତ୍ର ଥିଲେ । ବିଗତ ଦିନରେ ତାଙ୍କର ବିୟୋଗ ହୋଇଯାଇଛି । إِنَّا لِلّٰهِ وَإِنَّا إِلَيْهِ رَاجِعُونَ । ତାଙ୍କ ବଂଶରେ ଅହେମଦିୟତ୍ ତାଙ୍କର ଦଦା ସମ୍ମାନନୀୟ ସ୍ୱର୍ଗତ ଅଲମ୍ ଦୀନ ସାହେବଙ୍କ ମାଧ୍ୟମରେ ଆସିଥିଲା। ସେ ଖିଲାଫତେ ଉଲା କାଳରେ ପ୍ରଥମେ ଉଲ୍ଲିଖିତ ବୈଅତ୍ ଓ ପୁନଶ୍ଚ ଜଲ୍‌ସା ସାଲାନା କାଦିୟାନ୍ ଅବସରରେ କାଦିୟାନ୍ ଯାଇ ଖଲିଫା ଅୱଲ୍‌ଙ୍କ ହସ୍ତରେ ବୈଅତ୍ କରିବା ସୌଭାଗ୍ୟ ଅର୍ଜନ କରିଥିଲେ । ସ୍ୱର୍ଗତ ମିର୍ଜା ଇମ୍‌ତିୟାଜ୍ ସାହେବ ବି.ଏ (ସ୍ନାତକ) ଶିକ୍ଷା ପ୍ରାପ୍ତ କରିବା ପରେ ନିଜର ବ୍ୟକ୍ତିଗତ ବ୍ୟବସାୟ ଆରମ୍ଭ କରିଥିଲେ । ଆପଣ ମେଡ଼ିକାଲ୍ ଷ୍ଟୋରଟିଏ ଖୋଲିଥିଲେ । ଅଲ୍ଲାଃତାଲାଙ୍କ କୃପାରୁ ସ୍ୱର୍ଗତଙ୍କୁ ଯୁବାବସ୍ଥାରୁ ଆରମ୍ଭ କରି ଶେଷ ସମୟ ପର୍ଯ୍ୟନ୍ତ ଧର୍ମ ସେବା କରିବା ନିମନ୍ତେ ସାମର୍ଥ୍ୟ ପ୍ରାପ୍ତ ହୋଇଥିଲା। ଆପଣ ନିୟମିତ ତେହଜ୍ଜୁଦ୍ ପାଠକାରୀ, ଅଭାବି, ଦରିଦ୍ରମାନଙ୍କୁ କିଛି ନକହି ଗୋପନରେ ସେମାନଙ୍କୁ ଖୁବ୍ ସାହାଯ୍ୟ କରୁଥିଲେ । ଆପଣ ଜଣେ ସାହାଯ୍ୟକାରୀ ବ୍ୟକ୍ତି ଥିଲେ। ତାଙ୍କର ସୁପୁତ୍ର ଉଲ୍ଲେଖ କରନ୍ତି ଯେ, ପିତାଶ୍ରୀଙ୍କ ଯନାଜାଃରେ ସଞ୍ଜର୍ ଚାଙ୍ଗର ଜନୈକ ବନ୍ଧୁ କହିଲେ, ମୋତେ ନମାଜ୍ ପାଠ କରିବାର ଶୈଳୀ ତଥା ବିଧି ସଂପର୍କରେ ଜଣା ନଥିଲା ଓ ନା ହିଁ ମୁଁ ରୋଜା ରଖିବା ଜାଣିଥିଲି । ମୁଁ ଇସ୍‌ଲାମୀୟ ଶିକ୍ଷା ଏବଂ ଶିଷ୍ଟାଚାର ସଂପର୍କରେ ମୁଁ କିଛି ବି ଜାଣି ନଥିଲି । ତେଣୁ ମୋତେ ନମାଜ ପାଠ କରିବା ଓ ରୋଜା ରଖିବା ପଦ୍ଧତି ଇମତିୟାଜ୍ ସାହେବ ଶିଖାଇଲେ କିନ୍ତୁ ଆଜି ଆମେମାନେ ହିଁ ସେଠାରେ ମୁସଲମାନ ବାଲାଉଛେ । ସେ କୁହନ୍ତି ଯେ, ଏହାପର ଠାରୁ ମୁଁ ଆଉ କେବେ ବି ନମାଜ ଛାଡ଼ି ନାହିଁ । ମୁଁ ନିୟମିତ ରୂପେ ଉପାସନା କରିଥାଏ।

ହୁଜୁର ଅନ୍ୱର୍ ଅ.ବ କହିଲେ, ମିର୍ଜା ମଶ୍‌ହୁଦ ସାହେବ ମୁବଲ୍ଲିଗ୍ ସିଲ୍‌ସିଲା କୁହନ୍ତି; "ସ୍ୱର୍ଗତ ଇମ୍‌ତିୟାଜ୍ ସାହେବ ପୁଣ୍ୟ ସ୍ୱଭାବର ଅଧିକାରୀ, ବିଶ୍ୱାସ ଏବଂ ସର୍ବୋଚ୍ଚ ଉତ୍ତମ ଚରିତ୍ରବତ୍ତା ଯୋଗୁଁ ନିଜ ଅଞ୍ଚଳର ସିନ୍ଧି ଭାଇମାନଙ୍କ ସହିତ ଭଲ ସଂପର୍କ ରହିଥିଲା । ଅଣଅହେମଦିମାନେ ଆପଣଙ୍କ ନିକଟରେ ନିଜର ଅମାନତ୍ ଆଣି ରଖୁଥିଲେ । ହାଇଦ୍ରାବାଦ୍ ଜିଲ୍ଲାର ପୂର୍ବତନ କାଏଦ୍ ସମ୍ମାନନୀୟ ଶେହ୍‌ବାଜ ସାହେବ କୁହନ୍ତି: "ସ୍ୱର୍ଗତ ମହୋଦୟ, ବିଶ୍ୱସ୍ତ, ବିନୀତ ଅନ୍ୟମାନଙ୍କ ପ୍ରତି ସମବେଦନକାରୀ ଖିଲାଫତ୍ ପ୍ରତି ଅଗାଧ ପ୍ରେମ ଓ ଆନ୍ତରୀକତା ଏବଂ ଜମାଅତ୍‌ର ବ୍ୟବସ୍ଥା ନିମନ୍ତେ ସ୍ୱାଭିମାନୀ ଅସ୍ତିତ୍ୱଟିଏ ଥିଲେ । ଯଦି କୌଣସି ରୋଗୀ ପାଖରେ ପଇସା ହେଉ ନଥିଲା ତେବେ ସେପରିପ୍ରେକ୍ଷୀରେ ଆପଣ ନିଜ ପକ୍ଷରୁ ରୋଗୀକୁ ମାଗଣା ଔଷଧ ମଧ୍ୟ ପ୍ରଦାନ କରୁଥିଲେ । ସ୍ୱର୍ଗତଙ୍କ ବିୟୋଗ ଅବସରରେ ବିପୁଳ ସଂଖ୍ୟାରେ ଲୋକମାନେ ଶୋକ ପ୍ରକାଶ କରିବା ନିମନ୍ତେ ଆସିଥିଲେ । ସମସ୍ତେ ଏହା କହୁଥିଲେ ଯେ, ସ୍ୱର୍ଗତ ଇମ୍‌ତିୟାଜ୍ ସାହେବଙ୍କ ମୃତ୍ୟୁ ପରେ ଅଞ୍ଚଳ ଶୂନ୍ୟ ହୋଇ ପଡ଼ିଛି । ଅଲ୍ଲାଃତାଲା ସ୍ୱର୍ଗତଙ୍କ ପ୍ରତି ସଦୟ ହୁଅନ୍ତୁ ଓ ବୈକୁଣ୍ଠରେ ସ୍ୱର୍ଗତଙ୍କର ସ୍ତରକୁ ଉନ୍ନୀତ କରନ୍ତୁ, **ଆମିନ୍** ।"

ହୁଜୁର ଅନ୍ୱର୍ ଅ.ବ କହିଲେ, ଚତୁର୍ଥ ଯନାଜାଃ ହେଉଛି ଶ୍ରୀଯୁକ୍ତ ଅଲ୍‌ହାଜ୍ ମୁହମ୍ମଦ୍ ବିଲ୍ ଅରବୀ ସାହେବଙ୍କର । ଆପଣ ଅଲ୍‌ଯଜାଏର୍ (ଉପଦ୍ୱୀପ)ର ଅଧିବାସୀ ଥିଲେ । ବିଗତ ଦିନ 82 ବର୍ଷ ବୟସରେ ଆପଣଙ୍କର ପରଲୋକ ହୋଇଯାଇଛି । إِنَّا لِلّٰهِ وَإِنَّا إِلَيْهِ رَاجِعُونَ । ଆଜିକାଲି ଆପଣ ଫ୍ରାନ୍‌ସ ଠାରେ ରହୁଥିଲେ । 2015 ମସିହାର ଜଲ୍‌ସା ସାଲାନା ୟୁ.କେ ଠାରେ ନିଜର ପତ୍ନିଙ୍କ ସହିତ ଆପଣ ଜଣେ ଅତିଥି ରୂପେ ଏଠାକୁ ଆସିଥିଲେ ଏବଂ ଅଲ୍ଲାଃତାଲାଙ୍କ କୃପାରୁ ବୈଅତ୍ କରି ସ୍ୱଦେଶ ଫେରି ଯାଇଥିଲେ। ଜଲ୍‌ସା ସାଲାନାର ପ୍ରଥମ ଦିନରେ ହିଁ ଏଠାରେ ଓ ଏହି ପରିବେଶ ସ୍ୱପ୍ନରେ ମଧ୍ୟ ଦେଖିଥିଲେ । ବୈଅତ୍ କରିବାର ଗୋଟିଏ ଦିନ ପୂର୍ବରୁ ମଧ୍ୟ ସେ ଏହିପରି ଏକ ସ୍ୱପ୍ନ ଦେଖିଥିଲେ ଯେଉଁ ସ୍ୱପ୍ନକୁ ଆଧାର କରି ସେ ନିଜର ପତ୍ନୀଙ୍କ ସହିତ ହ. ମସିହ୍ ମଉଦ୍ ଅ.ସଙ୍କ ଜମାଅତ୍‌ରେ ସାମିଲ୍ ହେବା ନିମନ୍ତେ ନିଷ୍ପତ୍ତି ନେଇଥିଲେ । ଏହି ଜଲ୍‌ସାରେ ଫ୍ରାନ୍‌ସରୁ ତାଙ୍କ ବଂଶର ଅହେମଦି ଓ ଅଣଅହେମଦି ସଦସ୍ୟଙ୍କ ମଧ୍ୟରୁ ମୋଟ୍ 35 ଜଣ ସଦସ୍ୟ ଉପସ୍ଥିତ ଥିଲେ । ସେହି ସଦସ୍ୟଙ୍କ ମଧ୍ୟରେ 8 ଜଣ ସଦସ୍ୟ ସ୍ୱର୍ଗତଙ୍କର ଅନୁଗାମୀ ମଧ୍ୟ ଅଟନ୍ତି । ସେହି 8 ଜଣ ଅନୁଗାମୀମାନେ ଜଲ୍‌ସା ସାଲାନା ଦିନରେ ହିଁ ବୈଅତ୍ କରି ନେଇଥିଲେ । ନିଜର ସନ୍ତାନମାନଙ୍କୁ ଧାର୍ମିକ ଶିଷ୍ଟାଚାର ଶିଖାଇବା ନିମନ୍ତେ ଆପଣ ବହୁତ ପରିଶ୍ରମ କରୁଥିଲେ । ଆପଣ ସନ୍ତାନମାନଙ୍କୁ ଧର୍ମଶିକ୍ଷା ଓ ପବିତ୍ର କୁରଆନ୍ କରୀମ୍‌ର ଶିକ୍ଷା ଦେବା ନିମନ୍ତେ ସନ୍ତାନମାନଙ୍କୁ ଧାର୍ମିକ ବିଦ୍ୟାଳୟରେ ନାମ ଲେଖାଇଥିଲେ । ସ୍ୱର୍ଗତଙ୍କ ନିଜ ସନ୍ତାନମାନଙ୍କ ପୂର୍ବରୁ ଅହେମଦିୟତ୍ ସ୍ୱୀକାର କରିବା ନିମନ୍ତେ ସାମର୍ଥ୍ୟ ପ୍ରାପ୍ତ ହୋଇଥିଲା । ତାଙ୍କର ସନ୍ତାନମାନେ କୁହନ୍ତି ଯେ, ପିତାଶ୍ରୀ ଆମମାନଙ୍କୁ ଧାର୍ମିକ ଶିକ୍ଷା ପ୍ରଦାନ କରିଥିଲେ । ଏହି ଧାର୍ମିକ ଶିକ୍ଷା ଆମମାନଙ୍କ ମଧ୍ୟରେ ଗଭୀର ପ୍ରେମ ଏବଂ ଆଜ୍ଞାବହତାର ଅପୂର୍ବ ଉତ୍ସାହ ସୃଷ୍ଟି କରିଥିଲା । ଏଇଥି ପାଇଁ ଆମମାନଙ୍କ ନିମନ୍ତେ ଅହେମଦିୟତ୍ ସ୍ୱୀକାର କରିବା ସହଜ ସାଧ୍ୟ ହୋଇ ଯାଇଥିଲା । ଆପଣଙ୍କ ବଂଶରେ ଅହେମଦିୟତ୍ ଆପଣଙ୍କର ଜ୍ୟେଷ୍ଠ ପୁତ୍ର ମୁହମ୍ମଦ ବିଲ୍ ଅରବୀ ସାହେବଙ୍କ ମାଧ୍ୟମରେ ଆସିଥିଲା। ଦିନେ ତାଙ୍କର ଜ୍ୟେଷ୍ଠ ପୁତ୍ର ସାଟେଲାଇଟ୍ ଚ୍ୟାନେଲ୍‌କୁ ଆଡ୍‌ଜଷ୍ଟ କରୁଥିଲେ ଏବଂ ଏମ୍.ଟି.ଏ ହଠାତ୍ ତାଙ୍କ ଆଖି ଆଗରେ ଚାଲି ଆସିଲା । ଟିଭି ପରଦାରେ ସେତେବେଳେ ସେ ହ. ଖଲିଫତୁଲ୍ ମସିହ୍ ରାବେ ର.ଙ୍କୁ ଦେଖିଲେ । ପରବର୍ତ୍ତୀ ସମୟରେ ସେ ଅହେମଦିୟତ୍ ଏବଂ ବିଶେଷ ରୂପେ ହ. ଇସା ଅ.ସଙ୍କ ମୃତ୍ୟୁ ଉପରେ ଗଭୀର ଗବେଷଣା କଲେ ଏବଂ ପରିଶେଷରେ 1995 ମସିହାର ଜଲ୍‌ସା ସାଲାନା ୟୁ.କେ ଅବସରରେ ସେ ବୈଅତ୍ କରିନେଲେ । ସ୍ୱର୍ଗତଙ୍କର ପିତାଶ୍ରୀ ମହୋଦୟ ଦୀର୍ଘ 20 ବର୍ଷ ପରେ ବୈଅତ୍ କରିଥିଲେ । କିନ୍ତୁ ତାଙ୍କର ପୁତ୍ର ପିତାଶ୍ରୀଙ୍କ ପୂର୍ବରୁ ହିଁ ବୈଅତ୍ କରି ନେଇଥିଲା ।

ସ୍ୱର୍ଗତ ବିଲ୍ ଅରବୀ ସାହେବ ଅନେକ ସମୟରେ ଫ୍ରାନ୍‌ସରୁ ଅଲ୍‌ଯଜାଏର୍ ଯିବା ଆସିବା କରୁଥିଲେ । 2017 ମସିହାରେ ସ୍ୱର୍ଗତଙ୍କ ଘରେ ପୋଲିସ୍ ଚଢଉ କଲା ଏବଂ ତାଙ୍କର ସନ୍ତାନମାନଙ୍କୁ ଅହେମଦି ହେବା ଦୋଷରେ ଗିରଫ କରିନେଲା। ପ୍ରତ୍ୟୁତ୍ତରରେ ସ୍ୱର୍ଗତ ବିଲ ଅରବୀ ସାହେବ ଅତ୍ୟନ୍ତ ସାହସିକତା ପ୍ରଦର୍ଶନ କରିଥିଲେ। ଆପଣ ଯେତେବେଳେ ଥାନାକୁ ଗଲେ ସେତେବେଳେ ଥାନାବାଲା ଆପଣଙ୍କୁ ପଚାରିଲା ଯେ, ମହୋଦୟ ! କ'ଣ ଆପଣ ଅହେମଦି ଅଟନ୍ତି କି ? ତେବେ ମହୋଦୟ ନିଶଙ୍କୋଚ ତୁରନ୍ତ ଉତ୍ତର ଦେଲେ ଯେ, ହଁ ଅଲ୍‌ହମ୍‌ଦୁଲିଲ୍ଲାଃ ମୁଁ ଅହେମଦି ଅଟେ । ସେ କହିଲେ, ସେ ଆଇନ୍‌କୁ ସମ୍ମାନ ଜଣାନ୍ତି । ଅତଏବ୍ ଯେଉଁ ଦିନ ସରକାର ଅନୁମତି ପ୍ରଦାନ କରିବେ ସେଦିନ ତାଙ୍କ ଘର ଜମାଅତ୍ ଅହେମଦିୟାର ପ୍ରଥମ କେନ୍ଦ୍ର ହେବ । ଆପଣ ମୁକ୍ତ କଣ୍ଠରେ ଏକଥା କହିଥିଲେ । ସ୍ୱର୍ଗତଙ୍କୁ ଖିଲାଫତ୍ ଏବଂ ଉପସ୍ଥିତ ଖଲିଫାଙ୍କ ସହିତ ଅସୀମ ପ୍ରେମ ଓ ଅନ୍ତରୀକତାମୂଳକ ସଂପର୍କ ରହିଥିଲା। ଜମାଅତୀୟ ସେବା କରିବା ପ୍ରତି ତାଙ୍କର ମନରେ ପ୍ରବଳ ଉତ୍ସାହ ରହିଥିଲେ । ଅନେକ ବର୍ଷ ପର୍ଯ୍ୟନ୍ତ ଫ୍ରାନ୍‌ସ ଠାରେ ତାଙ୍କ ଘରେ ବିଭିନ୍ନ ମିଟିଂ ଏବଂ ନମାଜ୍ ଜୁମାର କେନ୍ଦ୍ର ହୋଇ ରହିଥିଲା ।

ଅଲ୍‌ହାଜ୍ ମୁହମ୍ମଦ୍ ବିଲ୍ ଅରବୀ ସାହେବ ନିଜ ପଛରେ ନିଜର 81 ବର୍ଷିୟା ବୃଦ୍ଧା ପତ୍ନି ଏବଂ 8 ଜଣ ସନ୍ତାନ ଛାଡ଼ି ଯାଇଛନ୍ତି । ସେହି ସନ୍ତନମାନଙ୍କ ମଧ୍ୟରୁ 7 ଜଣ ଅଲ୍ଲାଃତାଲାଙ୍କ କୃପାରୁ ଅହେମଦି ଅଟନ୍ତି । ସ୍ୱର୍ଗତଙ୍କ ଜଣେ ସୁପୁତ୍ର ସେକ୍ରେଟାରୀ ତବ୍‌ଲିଗ୍ ଏବଂ ଫ୍ରାନ୍‌ସ୍‌ର ଆରବୀ ଡେସ୍କର ଇନ୍‌ଚାର୍ଜ ଅଟନ୍ତି । ସ୍ୱର୍ଗତଙ୍କର କନ୍ୟା ସନ୍ତାନ ମଧ୍ୟ ରହିଛନ୍ତି ଯେଉଁମାନେ ଧର୍ମ ସେବା କରିବାକୁ ସାମର୍ଥ୍ୟ ପ୍ରାପ୍ତ କରୁଛନ୍ତି । ଅଲ୍ ଯଜାଏର୍‌ର ଜଣେ ଅହେମଦିୟ ଉଲ୍ଲେଖ କରନ୍ତି ଯେ, ଅଲ୍‌ହାଜ୍ ମୁହମ୍ମଦ ବିଲ୍ ଅରବୀ ସାହେବ ଅତ୍ୟନ୍ତ ପୁଣ୍ୟ ତଥା ସତ୍‌ହୃଦୟ ଏବଂ ଜଣେ ବଦାନ୍ୟ ବ୍ୟକ୍ତି ଥିଲେ। ସର୍ବଦା ଅଲ୍ଲାଃତାଲାଙ୍କର କୃତଜ୍ଞତା ଜ୍ଞାପନ କରୁଥିଲେ ଯେ, ତାଙ୍କୁ ଇମାମୁଜ୍ ଜମାନ୍ ଅ.ସଙ୍କୁ ଚିହ୍ନିବା ଓ ତାଙ୍କ ଉପରେ ବିଶ୍ୱାସ ଆଣିବା ନିମନ୍ତେ ସାମର୍ଥ୍ୟ ପ୍ରାପ୍ତ ହୋଇଥିଲା। ସେ କହୁଥିଲେ ଯେ, ଇମାମ୍ ଜମାଅତ୍‌ଙ୍କର ବୈଅତ୍ କରିବା ପରେ ମୋର ବିଶ୍ୱାସ ଆହୁରି ଦୃଢୀଭୂତ ହୋଇଯାଇଛି । ଅଲ୍‌ଯଜାଏର୍‌ର ସଦର୍ ଅନ୍‌ସାରୁଲ୍ଲାଃ ସାହେବ କୁହନ୍ତି ଯେ, ସ୍ୱର୍ଗତ ବିଲ ଅରବୀ ସାହେବ ଜମାଅତ୍‌ର ପ୍ରତ୍ୟେକ କାର୍ଯ୍ୟକ୍ରମ କିମ୍ବା ମିଟିଂ ନିମନ୍ତେ ନିଜର ଘରକୁ କେବଳ ଉପସ୍ଥାପିତ କରି ନଥିଲେ ବରଂ ନିଜ ଘରର ଏକ ଭାଗକୁ ନମାଜ୍ ସେଣ୍ଟର୍ ରୂପ୍ ୱକ୍‌ଫ୍ କରି ଦେଇଥିଲେ । ଅଲ୍‌ଯଜାଏରରୁ ଜଣେ ଅହେମଦି କୁହନ୍ତି ଯେ, ସ୍ୱର୍ଗତ ମୁହମ୍ମଦ ବିଲ୍ ଅରବୀ ସାହେବଙ୍କର ଅଲ୍ଲାଃତାଲାଙ୍କ ସହିତ ବିଶେଷ ସଂପର୍କ ଥିଲା । ଆପଣ ଧର୍ମପରାୟଣତାର ଏକ ଉତ୍କୃଷ୍ଟ ଉଦାହରଣ ଥିଲେ । ସେ ଯେକୌଣସି ପରିସ୍ଥିତିରେ ନମାଜ ପାଠ କରିବା ନିମନ୍ତେ ଉଦ୍‌ଗ୍ରୀବ ଏବଂ ବ୍ୟାକୁଳ ଓ ଆତୁର ରହୁଥିଲେ । ଏପର୍ଯ୍ୟନ୍ତକି ଅସୁସ୍ଥାର ଘଡ଼ି ସନ୍ଧି ମୁହୂର୍ତ୍ତରେ ମଧ୍ୟ ସେ ନମାଜ୍ ତେହଜ୍ଜୁଦ୍ ନିୟମିତ ପାଠ କରୁଥିଲେ ଏବଂ ଅତ୍ୟନ୍ତ ବିନୀତତାର ସହିତ ଓ ପୂର୍ଣ୍ଣ ବିଶ୍ୱାସର ସହିତ ଅଲ୍ଲାଃତାଲାଙ୍କ ନିକଟରେ ଗୁହାରି କରୁଥିଲେ । ଅଲ୍ଲାଃତାଲା ସ୍ୱର୍ଗତଙ୍କ ପ୍ରତି ସଦୟ ହୁଅନ୍ତୁ ଏବଂ ସ୍ୱର୍ଗତଙ୍କ ପ୍ରତି ଦୟାପୂର୍ଣ୍ଣ ବ୍ୟବହାର ପ୍ରଦର୍ଶନ କରନ୍ତୁ । ଓ ବୈକୁଣ୍ଠରେ ସ୍ୱର୍ଗତଙ୍କର ସ୍ତରକୁ ଉନ୍ନୀତ କରନ୍ତୁ । **ଆମିନ୍** ।

ହୁଜୁର ଅନ୍ୱର୍ ଅ.ବ କହିଲେ, ପଞ୍ଚମ ଯନାଜାଃ ହେଉଛି ସମ୍ମାନନୀୟ ଶ୍ରୀଯୁକ୍ତ ମୁହମ୍ମଦ୍ ଅଶ୍ରଫ ସାହେବ କୋଟ୍‌ରୀଙ୍କର । ଆପଣ ହାଇଦ୍ରାବାଦ ଜିଲ୍ଲାର କୋଟ୍‌ରୀ

ଗ୍ରାମର ଅଧିବାସୀ ଥିଲେ । ବିଗତ ଦିନ 70 ବର୍ଷ ବୟସରେ ତାଙ୍କର ବିୟୋଗ ହୋଇଯାଇଛି । إِنَّا لِلّٰهِ وَإِنَّا إِلَيْهِ رَاجِعُونَ । କଙ୍ଗୋର ମୁବଲ୍ଲିଗ୍ ସିଲ୍‌ସିଲା ଶ୍ରୀଯୁକ୍ତ ନୱିଦ୍ ଅଶ୍ରଫ୍ ସାହେବଙ୍କର ଆପଣ ପିତାଶ୍ରୀ ଥିଲେ । ମୁବଲ୍ଲିଗ୍ ସାହେବ କର୍ମଭୂମିରେ ଥିବା ହେତୁ ନିଜ ପିତାଶ୍ରୀଙ୍କ ଯନାଜାଃରେ ସାମିଲ୍ ହୋଇପାରେ ନଥିଲେ । ତାଙ୍କ ବଂଶରେ ଅହେମଦିୟତ୍ ନୁସ୍ରତ୍ ଇଲାହୀ ସାହେବଙ୍କ ମାଧ୍ୟମରେ ଆସିଥିଲା । ନୁସ୍ରତ୍ ଇଲାହୀ ସାହେବ ହ. ମସିହ୍ ମଉଦ୍ ଅ.ସଙ୍କ ସାହାବି ଥିଲେ । ସେହି ସାହାବିଙ୍କ ମାଧ୍ୟମରେ ତାଙ୍କ ବଂଶରେ ଅହେମଦିୟତ୍ ପ୍ରବିଷ୍ଟ ହୋଇଥିଲା । ତେଣୁ ଏହି ହିସାବରେ ସ୍ୱର୍ଗତ ନୁସ୍ରତ୍ ଇଲାହୀ ସାହେବ ର.ଅ ତାଙ୍କର ଦଦା ଥିଲେ ।

କଙ୍ଗୋର ମୁବଲ୍ଲିଗ୍ ସିଲ୍‌ସିଲା ନୱିଦ୍ ଅଶ୍ରଫ୍ ସାହେବ ଉଲ୍ଲେଖ କରନ୍ତି: "ପିତାଶ୍ରୀଙ୍କ ମନରେ ଏବଂ ପ୍ରତିଟି ରକ୍ତ ବିନ୍ଦୁରେ ଧର୍ମ ପ୍ରତି ଥିବା ପ୍ରେମ ତାଙ୍କର ପୂର୍ବ ପୁରୁଷଙ୍କ ମାଧ୍ୟମରେ ହିଁ ପ୍ରବିଷ୍ଟ ହୋଇଥିଲା । ଆପଣ ଅତ୍ୟନ୍ତ ସାଧୁ ସ୍ୱଭାବର ବ୍ୟକ୍ତି, ଜଣେ ଦୁଆକାରୀ ବ୍ୟକ୍ତି ଓ ଖିଲାଫତ୍ ସହିତ ଆପଣଙ୍କର ନିଷ୍ଠାପୂର୍ଣ୍ଣ ଓ ଆନ୍ତରୀକତାପୂର୍ଣ୍ଣ ସଂପର୍କ ଥିଲା । ଜମାଅତ୍‌ର ସେବା କରିବା ନିମନ୍ତେ ପିତାଶ୍ରୀଙ୍କୁ ନାନା ଅବସର ପ୍ରାପ୍ତ ହୋଇଥିଲା । ପିତାଶ୍ରୀ ଜଣେ ଉଦ୍ୟମୀ ଏବଂ ଜଣେ ଅତିଥି ସତ୍କାରକ ବ୍ୟକ୍ତି ଥିଲେ। 1992 ମସିହାରେ କିଛି ଦିନ ପାଇଁ ସେ ଅସୀରେ ରାହେ ମୌଲା (ଅଲ୍ଲାଃତାଲାଙ୍କ ନିମନ୍ତେ କାରାଦଣ୍ଡ ଭୋଗ କରିବା ବ୍ୟକ୍ତିଙ୍କୁ ଅସୀରେ ରାହେ ମୌଲା କୁହାଯାଏ) ହେବାର ସୌଭାଗ୍ୟ ଅର୍ଜନ ହୋଇଥିଲା । ପବିତ୍ର କୁରଆନ୍ କରୀମ୍‌ର ତିଲାୱତ୍ ଏବଂ ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସ ତଥା ଜମାଅତ୍‌ର ଖଲିଫାମାନଙ୍କ ବାଣୀକୁ ଆପଣ ଅତ୍ୟନ୍ତ ଆନ୍ତରୀକତା ତଥା ପ୍ରେମର ସହକାରେ ପାଠ କରୁଥିଲେ । ପ୍ରତ୍ୟେକ ଶ୍ରୋତାଙ୍କ ମନରେ ସେହି ବାଣୀ ଆସନ୍ନିତ ହୋଇଯାଉଥିଲା । ତାଙ୍କର ଖୁବ୍ ସୁନ୍ଦର ସ୍ୱର ଥିଲା ।

ତାଙ୍କର ବିୟୋଗ ଯୋଗୁଁ ତାଙ୍କର ଜଣେ ଘୋର ତଥା ଚିର ଶତ୍ରୁ ମଧ୍ୟ ଶୋକ ପ୍ରକାଶ କିରବା ନିମନ୍ତେ ଆସିଥିଲା ଏବଂ ସେ ଏହା କହିଲା କି ସ୍ୱର୍ଗତ ମହୋଦୟ ଅତି ପୁଣ୍ୟବାନ୍ ଏବଂ ଜଣେ ଭଲ ଲୋକଥିଲେ । ଏପରି ବ୍ୟକ୍ତି ମୁଁ କେବେ ବି ଦେଖି ନାହିଁ। 1992 ମସିହାରେ ମୁଁ କୋଟ୍‌ରୀ ଠାରେ ହୋଇଥିବା ଘୋର ବିରୋଧ ପ୍ରଦର୍ଶନ ସମୟରେ ବିରୋଧୀମାନଙ୍କ ସମ୍ମୁଖରେ ସ୍ୱର୍ଗତ ମୁହମ୍ମଦ୍ ଅଶ୍ରଫ୍ ସାହେବ ଅତ୍ୟନ୍ତ ସାହସିକତା ଏବଂ ବିଶ୍ୱାସିକତା ପ୍ରଦର୍ଶନ କରିଥିଲେ । ବିୟୋଗର ଦିନେ ପୂର୍ବରୁ ମଧ୍ୟ ଆମିଲା ମିଟିଂରେ ମଧ୍ୟ ଆପଣ ସାମିଲ୍ ହୋଇଥିଲେ । ଆପଣ ନିଜର ଚାନ୍ଦା ପୈଠ କଲେ ଓ ବିୟୋଗ ଦିନ ନମାଜ୍ ତେହଜ୍ଜୁଦ୍ ପାଠ କଲେ ଏବଂ ପବିତ୍ର କୁରଆନ୍ କରୀମ୍‌ର ତିଲାୱତ୍ କଲେ, ସେହିପରି ଆପଣ ନମାଜ ଫଜର୍ ପାଠ କଲେ ଏବଂ ପୁନଶ୍ଚ ଏତଦ୍‌ପରେ ସକାଳ 8.45 ସମୟ ପାଖାପାଖି ଆପଣ ଅଲ୍ଲାଃତାଲାଙ୍କ ସମ୍ମୁଖରେ ଉପସ୍ଥିତ ହୋଇଗଲେ । ହୁଜୁର ଅନ୍‌ୱର୍ ଅ.ବ କହିଲେ, ହାଇଦ୍ରାବାଦ୍‌ର ପୂର୍ବତନ କାଏଦ୍ ଶେହ୍‌ବାଜ୍ ଅହେମଦ ସାହେବ କୁହନ୍ତି: "ଆପଣ ଜଣେ ଖୁବ୍ ସେବାକାରୀ ବ୍ୟକ୍ତି ଥିଲେ, ଜମାଅତ୍ ପାଇଁ ଆପଣଙ୍କ ମନରେ ସ୍ୱାଭିମାନ ରହିଥିଲା, ଅତ୍ୟନ୍ତ ସାହସୀ ବ୍ୟକ୍ତି ଓ ତବ୍‌ଲିଗ୍ କରିବା ପାଇଁ ଆପଣଙ୍କ ମନରେ ପ୍ରବଳ ଉତ୍ସାହ ରହିଥିଲା । ସବୁଠୁ ବଡ଼ କଥା ମୁଁ ତାଙ୍କ ମଧ୍ୟରେ ଏହା ଦେଖିଥିଲି ଯେ, ସେ ଏପରି ସେବା କରୁଥିଲେ ଯେପରିକି ପ୍ରତିଦିନ ହିସାବରେ ଜଣେ ବ୍ୟକ୍ତି ନିଜର ବ୍ୟକ୍ତିଗତ କାର୍ଯ୍ୟ କରିଥାଏ । ସେହିପରି ଆପଣ ଧର୍ମ ସେବା ମଧ୍ୟ କରୁଥିଲେ । ସେ କୁହନ୍ତି ଯେ, ଏକ କମ୍ପାନୀରେ ଆମେମାନେ ଚାକିରୀ କରିଥିଲୁ । ଏକ ଅବସରର ଜମାଅତର ବିରୋଧ ବୃଦ୍ଧି ପାଇଲା । ମୌଲବୀମାନେ ଅଧିକାରୀଙ୍କ ଉପରେ ଚାପ ପକାଇଲେ ଯେ, ଏହି ଦୁଇ ଅହେମଦିମାନଙ୍କୁ ଚାକିରୀରୁ ବହିଷ୍କାର କରିଦିଆଯାଉ। ତେଣୁ ଯେଉଁ ଜେନେରାଲ୍ ମ୍ୟାନେଜର୍ ରହିଥିଲା ସେ ମୌଲବୀମାନଙ୍କୁ କହିଲା, ମୌଲବୀ ସାହେବ ଆପଣ ଏକଥାକୁ ଛାଡ଼ି ଦିଅନ୍ତୁ । କାରଣ ଏମାନେ ଅହେମଦି ଅଟନ୍ତି, କାଦିୟାନୀ ଅଟନ୍ତି, ମିର୍ଜାଇ ଅଟନ୍ତି । ଆପଣ ମୋତେ ଗୋଟେ କଥା କୁହନ୍ତୁ ଏବଂ କୌଣସି ଏକ ବିଶେଷ କାରଣ କୁହନ୍ତୁ ଯେଉଁ କାରଣ ହେତୁ ମୁଁ ଏମାନଙ୍କୁ କମ୍ପନୀରୁ ବାହାର କରିଦେବି । ଏହି ପ୍ରଶ୍ନର ସେହି ମୌଲବୀମାନେ କୌଣସି ଉତ୍ତର ଦେଇ ପାରିଲେ ନାହିଁ ଏବଂ ଏହିପରି ଭାବରେ ସ୍ୱର୍ଗତଙ୍କର ଚାକିରୀ ଜାରି ରହିଲା ।" ହୁଜୁର ଅନ୍‌ୱର୍ ଅ.ବ କହିଲେ, ଶୋକ ସନ୍ତପ୍ତ ପରିବାର ବର୍ଗଙ୍କ ମଧ୍ୟରେ ତିନୋଟି କନ୍ୟା ସନ୍ତାନ ଓ ଚାରି ଜଣ ପୁତ୍ର ସନ୍ତାନ ଅଛନ୍ତି । ଏମାନଙ୍କର ଆଗାମୀ ବଂଶଧରମାନେ ମଧ୍ୟ ରହିଛି। ଅଲ୍ଲାଃତାଲା ସ୍ୱର୍ଗତଙ୍କ ପ୍ରତି ସଦୟ ହୁଅନ୍ତୁ ଏବଂ ବୈକୁଣ୍ଠରେ ସ୍ୱର୍ଗତଙ୍କର ସ୍ତରକୁ ଉନ୍ନୀତ କରନ୍ତୁ । ଆମିନ୍ । **(ଅଲ୍‌ଫଜଲ୍ ଇଣ୍ଟରନ୍ୟାସ୍‌ନଲ୍, 25 ଅପ୍ରେଲ, 2025 ମସିହା, ପୃ-2-7)** ☆--☆--☆

## କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

**ଅଲ୍ଲାଃତାଲା କୁହନ୍ତି: أَلَيْسَ اللّٰهُ بِكَافٍ عَبْدَهُ**

(ଅଜ୍ ଜୁମର: 36)

ଅନୁବାଦ୍: କ'ଣ ଅଲ୍ଲାଃତାଲା ନିଜ ଭକ୍ତ ପାଇଁ ଯଥେଷ୍ଟ ନୁହନ୍ତି କି ?

**ତାଲିବେ ଦୁଆ:** Qamrun Nisa, W/o- Zainul Khan,
Jamat Ahmadiya Pankal,
Halqa Qudrat Nagar (Odisha)

## ପୃ-1ରେ ବର୍ଣ୍ଣିତ ତଫସିରର ଅବଶିଷ୍ଟାଂଶ....

(ଖିଲାଫତ୍) ଚିରକାଳୀନ ଅଟେ । ଖିଲାଫତ୍‌ର ପରମ୍ପରା ଏବଂ କ୍ରମବଦ୍ଧତା ପ୍ରଳୟ ଦିବସ୍ ପର୍ଯ୍ୟନ୍ତ ଛିନ୍ନ ହେବ ନାହିଁ। ଯେପର୍ଯ୍ୟନ୍ତ ମୁଁ ଯାଇ ନାହିଁ ସେପର୍ଯ୍ୟନ୍ତ ସେହି ଦ୍ୱିତୀୟ ଐଶୀ ଶକ୍ତି (ଐଶୀ ଲୀଳା ଅର୍ଥାତ୍ ଖିଲାଫତ୍) ଆସିବ ନାହିଁ । ଆପଣ ଅ.ଙ୍କ କହିବାର ତାତ୍ପର୍ଯ୍ୟ ଏହିକି ଯେ, ଯେପର୍ଯ୍ୟନ୍ତ ମୋର ମୃତ୍ୟୁ ଘଟି ନାହିଁ ସେପର୍ଯ୍ୟନ୍ତ ତୁମେମାନେ ସେହି ଦ୍ୱିତୀୟ ଲୀଳା ଅର୍ଥାତ୍ ଖିଲାଫତ୍ ଆସି ପାରିବ ନାହିଁ । କିନ୍ତୁ ମୁଁ ଯେତେବେଳେ ଚାଲିଯିବି (ଅର୍ଥାତ୍ ଏହି ମର୍ତ୍ତ୍ୟ ମଣ୍ଡଳରୁ ବିଦାୟ ନେବି) ସେତେବେଳେ ଅଲ୍ଲାଃତାଲା ତୁମମାନଙ୍କ ନିମନ୍ତେ ଦ୍ୱିତୀୟ ଐଶୀ ଲୀଳାକୁ ପ୍ରେରଣ କରିଦେବେ । ଏହି ଦ୍ୱିତୀୟ ଐଶୀ ଲୀଳୀ (ଖିଲାଫତ୍) ସର୍ବଦା ତୁମ ସହିତ ରହିବ । ଯେପରିକି ଅଲ୍ଲାଃତାଲାଙ୍କ ବରାହିନେ ଅହେମଦୀରେ ପ୍ରତିଶୃତି ରହିଛି । ସେହି ପ୍ରତିଶୃତି ମୋ ଅସ୍ତିତ୍ୱ ସଂକ୍ରାନ୍ତରେ ନାହିଁ ବରଂ ତୁମମାନଙ୍କ ସଂପର୍କରେ ପ୍ରତିଶୃତି ରହିଛି । ଯେପରିକି ଈଶ୍ୱର କୁହନ୍ତି: "ମୁଁ (ଅଲ୍ଲାଃତାଲା) ଉକ୍ତ ସଂପ୍ରଦାୟକୁ ଯେକି ତୁମର ଅନୁଗାମୀ ଅଟନ୍ତି ଏହି ଅନୁଗାମୀମାନଙ୍କୁ ପ୍ରଳୟ ଦିବସ ପର୍ଯ୍ୟନ୍ତ ଅନ୍ୟମାନଙ୍କ ଉପରେ ବିଜୟ ପ୍ରଦାନ କରିବି । ତେଣୁ ଏହା ସୁନଶ୍ଚିତ ଯେ, ତୁମମାନଙ୍କ ପାଇଁ ମୋର ବିଦାୟର ଦିନ ମଧ୍ୟ ଆସିବ । ସେହି ବିଦାୟର ଦିନ ଯାହାକି ଚିରକାଳୀନ ପ୍ରତିଶୃତି ଅଟେ । ମୋର (ହ. ମସିହ୍ ମଉଦ୍ ଅ.ସ) ଈଶ୍ୱର ଯେକି ସତ୍ୟବାଦୀ, ବିଶ୍ୱସ୍ତ ଏଭଂ ସତ୍ୟବାଦୀ ଈଶ୍ୱର ଅଟନ୍ତି । ସେ ତୁମମାନଙ୍କ ସହିତ ଯେଉଁ ପ୍ରତଶୃତି କରିଛନ୍ତି ସେହି ସବୁ ପ୍ରତିଶୃତିକୁ ସେ ତୁମମାନଙ୍କୁ ସତ୍ୟ ପ୍ରମାଣିତ କିର ଦେଖାଇ ଦେବେ । **ଇନ୍‌ଶାଅଲ୍ଲାଃ** । ଯଦିଓ ସଂସାରର ଶେଷ ଦିନ ଥିବ ଏବଂ ଅନେକ ବିପତ୍ତିମାନ ଅବତୀର୍ଣ୍ଣ ହେବାର ସମୟ ଥିବ ସେହି ଦିନ ଯେପର୍ଯ୍ୟନ୍ତ ସେହି ସମସ୍ତ କଥା ଓ ପ୍ରଭୁଙ୍କ ପ୍ରତିଶୃତ ବାଣୀ ଯେଉଁ ପ୍ରତିଶୃତ ବାଣୀ ପୂର୍ଣ୍ଣ ହୋଇଯାଇ ନାହିଁ ସେପର୍ଯ୍ୟନ୍ତ ଏହି ଜଗତ ଅକ୍ଷୁର୍ଣ୍ଣ ରହିବ । ମୁଁ ଈଶ୍ୱରଙ୍କ ତରଫରୁ ଏକ ଐଶୀ ଶକ୍ତି (ଲୀଳା) ସ୍ୱରୂପ ପ୍ରାଦୁର୍ଭୂତ ହୋଇଅଛି ଏବଂ ମୁଁ ଈଶ୍ୱରଙ୍କ ଏକ ସାକ୍ଷାତ୍ ଐଶୀ ଶକ୍ତି (ଲୀଳା) ଅଟେ । ମୋ ପରେ ଅନ୍ୟ କେତେକ ଅସ୍ତିତ୍ୱ ହେବେ ଯେଉଁମାନେ ଅନ୍ୟ ଐଶୀ ଶକ୍ତିର ଅଧିକାରୀ ଏବଂ ଐଶୀ ଶକ୍ତିର ପରିପ୍ରକାଶକ ହେବେ। ସୁତରାଂ ତୁମେମାନେ ଈଶ୍ୱରଙ୍କ ଦ୍ୱିତୀୟ ଐଶୀ ଶକ୍ତିଙ୍କ ଅପେକ୍ଷାରେ ଏକତ୍ରିତ ହୋଇ ପ୍ରାର୍ଥନା କର । ଏହା ଉଚିତ୍ କି ପ୍ରତ୍ୟେକ ପୁଣ୍ୟବାନ୍ ସଂପ୍ରଦାୟ ପ୍ରତ୍ୟେକ ଦେଶରେ ଏକତ୍ରିତ ହୋଇ ଦୁଆ କରନ୍ତୁ । କାରଣ ସେହି ଦ୍ୱିତୀୟ ଐଶୀ ଶକ୍ତି ଆକାଶାରୁ ଅବତୀର୍ଣ୍ଣ ହେଉ । ଈଶ୍ୱର ତୁମମାନଙ୍କୁ ଦେଖାଇ ଦେବେ ଯେ, ଈଶ୍ୱର ଏପରି ସର୍ବଶକ୍ତିମାନେ ଅଟନ୍ତି । ସେ ଯାହା ଚାହିଁବେ ତାହା ସେ କରିଦେବେ । ତୁମେମାନେ ନିଜର ମୃତ୍ୟୁକୁ ନିକଟବର୍ତ୍ତୀ ବୋଲି ମନେକର । ତୁମେମାନେ ସେହି ମୁହୂର୍ତ୍ତ ସଂପର୍କରେ ଜାଣି ନାହଁ ଯ, ସେହି ମୁହୂର୍ତ୍ତଟି କେତେବେଳେ ଚାଲି ଆସିବ ?

ତୁମମାନଙ୍କ ପକ୍ଷେ ଏହା ଉଚିତ୍ ଯେ, ଜମାଅତ୍‌ର ବରିଷ୍ଠ ଏବଂ ମୁରବୀ ଲୋକମାନେ ଯେଉଁମାନେ ପବିତ୍ରାତ୍ମା ଅଟନ୍ତି ସେମାନେ ମୋ ନାମରେ ମୋ ପରବର୍ତ୍ତୀ ଲୋକମାନଙ୍କ ଠାରୁ ବୈଅତ୍ ନିଅନ୍ତୁ । ଈଶ୍ୱର ଏହା ଚାହାନ୍ତି କି ସେହି ସମସ୍ତ ଆତ୍ମାମାନଙ୍କୁ ଯେଉଁମାନେ ଭୂପୃଷ୍ଠର ବିଭିନ୍ନ ଜନସଂଖ୍ୟାରେ ବାସ କରୁଛନ୍ତି । ସେହି ଆତ୍ମାମାନେ (ଲୋକମାନେ) ଯେଉଁଠି ବି ବାସ କରନ୍ତୁ ଅର୍ଥାତ୍ ସେମାନେ ପଛେ ଏସିଆରେ ବାସ କରନ୍ତୁ ଅବା ଇଉରୋପରେ ବାସ କରନ୍ତୁ । ସେହି ସମସ୍ତ ପବିତ୍ରାତ୍ମାମାନଙ୍କୁ ଅଲ୍ଲାଃତାଲା ଏକେଶ୍ୱରବାଦ ଆଡ଼କୁ ଆକର୍ଷିତ କରନ୍ତୁ ଏବଂ ନିଜର ଭକ୍ତମାନଙ୍କୁ ଗୋଟିଏ ଧର୍ମ (ଇସଲାମ୍ ଧର୍ମ) ଉପରେ ଏକତ୍ରିତ କରି ଦିଅନ୍ତୁ । ଏହା ହିଁ ଅଲ୍ଲାଃତାଲାଙ୍କର ଅଭିପ୍ରାୟ ଅଟେ ଯେଉଁ ଅଭିପ୍ରାୟ ନିମନ୍ତେ ମୁଁ ଏହି ଧରା ପୃଷ୍ଠକୁ ପ୍ରେରିତ ହୋଇଅଛି । ଅତଏବ୍ ତୁମେମାନେ ଉକ୍ତ ଅଭିପ୍ରାୟକୁ ଅନୁକରଣ କର । କିନ୍ତୁ ବିନୀତତା, ଆଚରଣ ଓ ଦୁଆ ଉପରେ ଅଧିକ ଗୁରୁତ୍ୱ ଦେବା ଦ୍ୱାରା ଉକ୍ତ ଅଭିପ୍ରାୟକୁ ତୁମେମାନେ ପ୍ରାପ୍ତ କରି ପାରିବ। ଯେପର୍ଯ୍ୟନ୍ତ କୌଣସି ବ୍ୟକ୍ତି ଈଶ୍ୱରଙ୍କ ଠାରୁ ପବିତ୍ରାତ୍ମା ପ୍ରାପ୍ତ କରି ଛିଡ଼ା ହୋଇ ନାହିଁ ସେପର୍ଯ୍ୟନ୍ତ ତୁମେମାନେ ସମସ୍ତେ ଏକାଠି ମିଶି ମୋ (ମୃତ୍ୟୁ) ପରେ କାମ କର ।"

**(ରିସାଲା ଅଲ୍ ୱସିୟତ୍)** ☆--☆--☆

## ପୃ-2ରେ ବର୍ଣ୍ଣିତ ଭାଷଣର ଅବଶିଷ୍ଟାଂଶ....

ମସିହ୍ ରାବେ ର.ଅ କୁହନ୍ତି: "ପ୍ରତ୍ୟେକ ଉପସ୍ଥିତ ଖଲିଫାଙ୍କ କାଳରେ ଯେଉଁ ପରିସ୍ଥିତି ରହିଥିଲା ଏବଂ ଖଲିଫାଙ୍କର ଯେଉଁ ଉପଦେଶାବଳୀ ରହିଥିଲା ତାହା ନିଃସନ୍ଦେହ ରୂପେ ଅନ୍ୟ ଉପେଦେଶାବଳୀ ଅପେକ୍ଷା ସର୍ବାଧିକ ପ୍ରଭାବଶାଳୀ ସାବ୍ୟସ୍ତ ହେବ । ଏହି ସଂପର୍କକୁ ଆଧାର କରି କି ଅଲ୍ଲାଃତାଲା ଖଲିଫା ଉପରେ ଯେଉଁ ଦାୟିତ୍ୱ ନ୍ୟସ୍ତ

## କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

"ଯେଉଁ ବ୍ୟକ୍ତି ଅଲ୍ଲାଃତାଲାଙ୍କ ମାର୍ଗରେ କିଛି ଖର୍ଚ୍ଚ କରିଥାଏ ତେବେ ଏହା ବଦଳରେ ଉକ୍ତ ବ୍ୟକ୍ତିଙ୍କୁ ସାତ ଶହ ଗୁଣା ପୁଣ୍ୟ ପ୍ରାପ୍ତ ହୋଇଥାଏ ।" (ତିର୍ମିଜି, କିତାବୁ ଫଜାଇଲିଲ୍ ଜିହାଦ୍, ବାବ୍ ଫଜ୍‌ଲୁଲ୍ ଇଫ୍‌କତା ଫି ସବିଲିଲ୍ଲାଃହି )

**ତାଲିବେ ଦୁଆ:** Rahmat Bibi, W/o- Late Shujat Ali & Family,
Jamat Ahmadiya Kerang,
Darul Fazal (Odisha)

## ପୃ-10ରେ ବର୍ଣ୍ଣିତ ଭାଷଣର ଅବଶିଷ୍ଟାଂଶ....

ହୋଇଥାଏ ସ୍ୱୟଂ ଈଶ୍ୱର ସେହି ଖଲିଫାଙ୍କୁ ଆଲୋକ ପ୍ରଦାନ କରିଥାଆନ୍ତି ।"

**(ଖୁତ୍‌ବାତେ ତାହିର, ଭାଗ-10, ପୃ-894)**

ହ. ଖଲିଫତୁଲ୍ ମସିହ୍ ଖାମିସ୍ ଅ.ବ କୁହନ୍ତି : "ଆମର ଏହି ବିଶ୍ୱାସ ରହଛି ଯେ, ଅଲ୍ଲାଃତାଲା ହିଁ ଖଲିଫା ସୃଷ୍ଟି କରନ୍ତି ଏବଂ ଖଲିଫା ଚୟନ କରିବାରେ କୌଣସି ପ୍ରକାରର ଖୁଣ ଏବଂ ଦୁର୍ବଳତା ନଥାଏ । ଯେଉଁ ବ୍ୟକ୍ତିକୁ ଅଲ୍ଲାଃତାଲା ଖଲିଫା ରୂପକ ବସ୍ତ୍ର ପିନ୍ଧାଇବେ ଅନ୍ୟ କୌଣସି ବ୍ୟକ୍ତି ସେହି ଖଲିଫା ଠାରୁ ଖିଲାଫତ୍‌ର ବସ୍ତ୍ରକୁ ଓହ୍ଲାଇ ପାରିବ ନାହିଁ । ଈଶ୍ୱର ନିଜର ଏକ ଦୁର୍ବଳ ଭକ୍ତକୁ ଚୟନ କରନ୍ତି ଏବଂ ତା'କୁ ଉଠାଇ ନିଜର କୋଳରେ ଆଣି ବସାଇ ନେଇଥାଆନ୍ତି ଓ ନିଜର ସାହାଯ୍ୟ ଏବଂ ସମର୍ଥନ ପ୍ରତ୍ୟେକ ସ୍ଥିତିରେ ତା' ସପକ୍ଷରେ କରିଥାଆନ୍ତି । ଈଶ୍ୱର ସେହି ଖଲିଫା ମନରେ ନିଜ ଜମାଅତ୍‌ର ବେଦନା ଏପରି ସୃଷ୍ଟି କରିଦେଇ ଥାଆନ୍ତି ଯେପରିକି ସେ ଏହି ବ୍ୟଥାକୁ ନିଜର ବ୍ୟଥା ଅପେକ୍ଷା ଅଧିକ ଭାବରେ ଅନୁଭବ କରିବାକୁ ଲାଗିଥାଏ ଏବଂ ଏହିପରି ଭାବରେ ଜମାଅତ୍‌ର ପ୍ରତ୍ୟେକ ସଦସ୍ୟ ଏହା ଅନୁଭବ କରିବାକୁ ଲାଗିଥାଏ ଯେ, ତା'ର (ବ୍ୟକ୍ତିର) ବ୍ୟଥା ତଥା ବେଦନା ପୋଷଣ କରୁଥିବା ଜଣେ ଖଲିଫା ଅଛନ୍ତି ଯିଏ ଈଶ୍ୱରଙ୍କ ନିକଟରେ ବ୍ୟକ୍ତି ପାଇଁ ପ୍ରାର୍ଥନା କରିଥାଆନ୍ତି ଓ ବ୍ୟକ୍ତିର ସମବେଦନା ରଖୁଥିବା ଜଣେ ଅସ୍ତିତ୍ୱ ବିଦ୍ୟମାନ ରହିଛନ୍ତି।"

**(ଦୈନିକ ଅଲ୍ ଫଜଲ୍, 30 ମେ, 2003 ମସିହା)**

**ଖଲିଫାଙ୍କର ଆଜ୍ଞା ପାଳନ :**

ସମ୍ମାନିତ ଶ୍ରୋତମଣ୍ଡଳୀ ! ଯେକୌଣସି ଜାତି, ଧର୍ମର ଉନ୍ନତି ତା'ର ଆଜ୍ଞା ପାଳନ କରିବା ସ୍ତର ଉପରେ ହିଁ ନିର୍ଭର କରିଥାଏ । ଇସ୍‌ଲାମ୍ ଧର୍ମର ମୂଳଦୁଆ ତ' କେବଳ ଓ କେବଳ ଆଜ୍ଞାବହତ୍ୱ ବା ଆଜ୍ଞାନୁବର୍ତ୍ତୀତା ଉପରେ ହିଁ ଆଧାରିତ ଅଟେ । କାରଣ ଇସ୍‌ଲାମ୍ ଧର୍ମର ଅର୍ଥ ନିଜକୁ ସମର୍ପି ଦେବାକୁ ବୁଝାଏ । ଏଥି ସଂକ୍ରାନ୍ତରେ ଆଁହଜରତ୍ ସ.ଅ ନିଜର ଧର୍ମାବଲମ୍ବୀମାନଙ୍କୁ ଉପଦେଶ ଦେଇ କୁହନ୍ତି ଯେ, ଯେଉଁ ବ୍ୟକ୍ତି ମୋ ଦ୍ୱାରା ସ୍ଥାପିତ ଅମୀରଙ୍କର ଆଜ୍ଞା ପାଳନ କଲା ସେ ମୋର ଆଜ୍ଞା ପାଳନ କଲା । ସେହିପରି ଯେଉଁ ବ୍ୟକ୍ତି ମୋର ଆଜ୍ଞା ପାଳନ କଲା ସିଏ ଅଲ୍ଲାଃତାଲାଙ୍କର ମଧ୍ୟ ଆଜ୍ଞା ପାଳନ କଲା । ସେହିପରି ଯେଉଁ ବ୍ୟକ୍ତି ଅମୀରଙ୍କ ଆଜ୍ଞାକୁ ଅବମାନନା ବା ଅମାନ୍ୟ କଲା ସିଏ ମୋର ମଧ୍ୟ ଅବଜ୍ଞା ଏବଂ ଅବମାନନା କଲା । **(ସହିହୁଲ୍ ବୁଖାରୀ, କିତାବୁଲ୍ ଇହ୍‌କାମ୍, ବାବ୍-କୌଲଲ୍ଲାଃହୁ ତାଆଲା ଅତିଉଲ୍ଲାଃହା ଓ ଅତିଉର୍ ରସୁଲା ୱ ଉଲିଲ୍ ଅମ୍ରି ମିନ୍‌କୁମ୍, ହଦିସ୍ ନଂ-7137)**

ହ. ଇବ୍‌ନେ ଅବ୍‌ବାସ୍ ର.ଅ ବର୍ଣ୍ଣନା କରନ୍ତି ଯେ, ରସୁଲୁଲ୍ଲାଃ ସ.ଅ କହିଲେ, ଯେଁଉ ବ୍ୟକ୍ତି ନିଜର ଶାସକ ବା ଅଧିକାରୀଙ୍କ ଅପ୍ରିୟ କଥାକୁ ଦେଖେ ତେବେ ସେପରିପ୍ରେକ୍ଷୀରେ ସହି ବ୍ୟକ୍ତି ଧୈର୍ଯ୍ୟ ପ୍ରଦର୍ଶନ କରୁ । କାରଣ ଯେଉଁ ବ୍ୟକ୍ତି ସଂପ୍ରଦାୟର ବ୍ୟବସ୍ଥା ଠାରୁ ଚାଖଣ୍ଡେ ପୃଥକ ହେଲା ସେହି ବ୍ୟକ୍ତିର ମୃତ୍ୟୁ ମୂର୍ଖତା ଏବଂ ଅଶିକ୍ଷତତା ମୃତ୍ୟ ବୋଲି ସାବ୍ୟସ୍ତ ହେଲା । **(ସହିହୁଲ୍ ମୁସ୍‌ଲିମ୍, ଇମାରାହ୍, ବାବ୍- ୱୁଜୁବି ମୁଲାଜିମତୁ, ଜମାଅତୁଲ୍ ମୁସ୍‌ଲିମିନା ଇନ୍ଦା ଜୁହୁରିଲ୍ ଫିତନି ଓ ତହ୍‌ଜିରୁଦ୍ ଦୁଆ ଇଲଲ୍ କୁଫ୍ରି, ହଦିସ୍ ନଂ-7137)**

ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସ କୁହନ୍ତି : "କ'ଣ ଆଜ୍ଞାବହତ୍ୱ ବା ଆଜ୍ଞା ପାଳନ ଏକ ସହଜ ପ୍ରସଙ୍ଗ ଅଟେ କି ? ଯେଁଉ ବ୍ୟକ୍ତି ପୂର୍ଣ୍ଣ ରୂପେ ଆଜ୍ଞା ପାଳନ କରେ ନାହିଁ ସେ ଏହି ସଂପ୍ରଦାୟକୁ ବଦ୍‌ନାମ୍ କରିଥାଏ । ଆଦେଶ କେବଳ ଗୋଟିଏ ନଥାଏ ବରଂ ଆଦେଶ ଅନେକ ରିହଛି । ଯେଭଳି ବୈକୁଣ୍ଠର ଅନେକ ଦ୍ୱାର ରହିଛି ଯେ, ବୈକୁଣ୍ଠଗାମୀ ବ୍ୟକ୍ତି ଯେକୌଣସି ମାର୍ଗ ଦେଇ ବୈକୁଣ୍ଠରେ ପ୍ରବେଶ କରିପାରିବ । ଠିକ୍ ସେପରି ନର୍କର ଅନେକ ମାର୍ଗ ରହିଛି । ଏପରି ନହେଉ କି ତୁମେମାନେ ନର୍କର ଗୋଟିଏ ଦ୍ୱାରକୁ ବନ୍ଦ କରିବ ଏବଂ ଅନ୍ୟ ଦ୍ୱାରକୁ ଖୋଲା ରଖିବ ।" **(ମଲ୍‌ଫୁଜାତ୍, ଭାଗ-2, ପୃ-411) (ଖୁତ୍‌ବା ଜୁମା, 2004 ମସିହା ଅଗଷ୍ଟ ମାସ 27 ତାରିଖ, ଅଲ୍ ଫଜଲ୍ ଇଣ୍ଟର୍‌ନ୍ୟାସନଲ୍, 2004 ମସିହା ସେପ୍ଟେମ୍ବର ମାସ 6 ତାରିଖ)**

ଆମମାନଙ୍କୁ ଆଜ୍ଞାପାଳନର ଉଦାହରଣ ପ୍ରାଚୀନ କାଳରୁ ମୁସଲମାନମାନଙ୍କ ମଧ୍ୟରେ ଏହିପରି ମିଳିଥାଏ ଯେ, ଏକ ଅବସରରେ ରସୁଲୁଲ୍ଲାଃ ସ.ଅ ମସ୍‌ଜିଦ୍‌ରେ ଛିଡ଼ା ହୋଇ ସାହାବାମାନଙ୍କୁ କହିଲେ, ହେ ସାହାବାମାନେ ! ବସିପଡ଼ । ଗଳି ଦେଇ ଆସୁଥିବା ଅବ୍‌ଦୁଲ୍ଲାଃ ବିନ୍ ରୱାହା ନାମକ ଜନୈକ (ଜଣେ) ସାହାବି ଆଁହଜରତ ସ.ଅଙ୍କ ସ୍ୱରକୁ ଶୁଣି ସେହି ଗଳିରେ ହିଁ ବସି ପଡ଼ିଲେ । ଆପଣ ର.ଅ ଏହା ଭାବିଲେ ନାହିଁ ଯେ, ଆପଣ ସ.ଅ ଙ୍କ ଆଦେଶାବଳୀକୁ ପାଳନ କରିବାରେ ମୁହୂର୍ତ୍ତକ ବିଳମ୍ବ ହେଉ ।

ସେହିପରି ଏକ ଯୁଦ୍ଧ ସମୟରେ ଯେତେବେଳେ ହ. ଉମର୍ ର.ଅ ଯୁଦ୍ଧର ନେତୃତ୍ୱ ହ. ଖାଲିଦ୍ ବିନ୍ ୱଲିଦ୍ ର.ଅଙ୍କ ଠାରୁ ନେଇ ହ. ଅବୁ ଉବୈଦାହ୍ ର.ଅଙ୍କୁ ହସ୍ତାନ୍ତର କରିଦେଲେ ସେତେବେଳେ ହ. ଅବୁ ଉବୈଦାହ୍ ଏହା ଭାବିଲେ ଯେ, ଖାଲିଦ୍ ବିନ୍ ୱଲିଦ୍ ଅତ୍ୟନ୍ତ ସୁନ୍ଦର ଢଙ୍ଗରେ କାମ କରୁଛନ୍ତି ଏବଂ ତେଣୁ ଅବୁ ଉବୈଦାହ୍ ର.ଅ ଖାଲିଦ୍ ବିନ୍ ୱଲିଦ ର.ଅଙ୍କ ଠାରୁ ଦାୟିତ୍ୱଭାର ଗ୍ରହଣ କଲେ ନାହିଁ । ଅତଏବ୍ ହ. ଖାଲିଦ୍ ବିନ୍ ୱଲିଦ୍ ର.ଅଙ୍କୁ ଯେତେବେଳେ ଏହା ଜ୍ଞାତ ହେଲା ଯେ, ହ. ଉମର୍ ର.ଅଙ୍କ ତରଫରୁ ଏହି ଆଦେଶ ଆସିଛି ସେତେବେଳେ ଆପଣ ହ. ଅବୁ ଉବୈଦାହ୍ ର.ଅଙ୍କ ନିକଟକୁ ଗଲେ ଏବଂ କହିଲେ, ଶ୍ରୀମାନ୍ ! ଯେହେତୁ ଉପସ୍ଥିତ ଖଲିଫାଙ୍କର ଆଦେଶ ରହିଛି ତେଣୁ ତୁରନ୍ତ ଆପଣ ଆଦେଶ ପାଳନ କରନ୍ତୁ । ମୁଁ ତିଳେମାତ୍ର ଭୃକ୍ଷେପ କରିବି ନାହିଁ ଯେ, ମୁଁ ଆପଣଙ୍କ ଅଧୀନରେ ରହି କାମ କରିବି ।

ସମ୍ମାନିତ ଶ୍ରୋତାମଣ୍ଡଳୀ ! ଶେଷ ଯୁଗରେ ମଧ୍ୟ ରସୁଲ୍ କରୀମ୍ ସ.ଅଙ୍କ ସତ୍ୟବାଦୀ ଦାସ ହ. ମିର୍ଜା ଗୁଲାମ୍ ଅହେମଦ କାଦିୟାନୀ ପ୍ରତିଶୃତ ମସିହ୍ ଓ ଅଙ୍ଗୀକୃତ ମେହ୍‌ଦୀ ଏବଂ ଆପଣ ଅ.ସଙ୍କ ଖଲିଫାମାନଙ୍କର ଏପରି ମହାନ ଉଦାହରଣ ମିଳେ ଯେ, ତାହା ପ୍ରାରମ୍ଭିକ ଇସ୍‌ଲାମ ଧର୍ମର ସମୟକୁ ମନେ ପକାଇ ଦେଇଥାଏ ଏବଂ ସ୍ମୃତି ଉଜ୍ଜୀବୀତ ହୋଇ ଯାଇଥାଏ ।

ସ୍ୱର ଶୁଣି ବସିବାର ଆଉ ଏକ ଘଟଣା ମଧ୍ୟ ଏହି ଯୁଗରେ ଘଟିଥିଲା । ଅର୍ଥାତ୍ ଏକ ଅବସରରେ ହ. ମସିହ୍ ମଉଦ୍ ଅ.ସ ମସ୍‌ଜିଦ୍‌ରେ ଛିଡ଼ା ହୋଇ ଲୋକମାନଙ୍କୁ କହିଲେ, ସମସ୍ତେ ବସି ଯାଆନ୍ତୁ ! ହ. କରୀମ୍ ବଖ୍‌ଶ୍ ସାହେବ ଯେକି ସେତେବେଳେ ମସ୍‌ଜିଦ୍ ସହିତ ସଂଲଗ୍ନିତ ଗଳିରେ ଥିଲେ । ସେ ହ. ମସିହ୍ ମଉଦ୍ ଅ.ସଙ୍କ ସ୍ୱର ଶୁଣି ସେହିଠାରେ ହିଁ ବସିଗଲେ । କେହି ଯେତେବେଳେ ତାଙ୍କୁ ପଚାରିଲା ଯେ, ମହୋଦୟ! ଆପଣ ଏ ଗଳିରେ କାହିଁକି ବସିଛନ୍ତି ? ସେତେବେଳେ ସେ ଏହି ଉତ୍ତର ଦେଲେ ଯେ, ହ. ମସିହ୍ ମଉଦ୍ ଅ.ସଙ୍କ ଆଦେଶ ଯେତେବେଳେ ମୋ କାନରେ ପଡ଼ିଲା ସେତେବେଳେ ମୋର ଏହି କର୍ତ୍ତବ୍ୟ ଥିଲା କି ମୁଁ ସେହି ମୁହୂର୍ତ୍ତରେ ହିଁ ଆଜ୍ଞା ପଳନ କରିବି । ତେଣୁ ମୁଁ ଆପଣ ଅ.ସଙ୍କ ଆଜ୍ଞା ପଳନ କଲି ।

ପୁନଶ୍ଚ ଆଜି ଦ୍ୱିତୀୟ ଶକ୍ତିର ପରିପ୍ରକାଶକ ତଥା ପଞ୍ଚମ ଖଲିଫା ସୟେଦିନା ହ. ମିର୍ଜା ମସ୍ରୁର୍ ଅହମଦ୍ ତଥା ହ. ଅମୀରୁଲ୍ ମୁମିନିନ୍ ଅୟେଦହୁଲ୍ଲାଃହୁ ତାଆଲ୍ ବିନସ୍ରେହିଲ୍ ଅଜିଜ୍ ଯେତେବେଳେ ଖିଲାଫତ୍ ଆସନରେ ଅଭିଷିକ୍ତ (ଆସୀନା ବା ବସିଲେ) ହେଲେ ସେତେବେଳେ ସଂସାର ପୁନର୍ବାର ଗୋଟିଏ ଡାକ ବା ଗୋଟିଏ ସ୍ୱରରେ ବସି ଯିବାର ଦୃଶ୍ୟ ମଧ୍ୟ ଅବଲୋକନ କଲା । ସହସ୍ର ସହସ୍ର ଖିଲାଫତ୍ ଉତ୍ସର୍ଗକାରୀ ବ୍ୟକ୍ତିମାନେ ମସଜିଦ୍ ଫଜଲ୍ ଲଣ୍ଡନ୍ ବାହାର ରାସ୍ତା ଉପରେ ହ. ଖଲିଫତୁଲ୍ ମସିହ୍ ଖାମିସ୍ ଅ.ବଙ୍କ ପବିତ୍ର ମୁଖର ଗୋଟିଏ ଝଲକ ପାଇବା ନିମନ୍ତେ ଏବଂ ଆପଣ ଅ.ବଙ୍କ ହସ୍ତରେ ବୈଅତ୍ କରିବା ନିମନ୍ତେ ଛିଡ଼ା ହୋଇଥିଲେ । ଆପଣ ଅ.ବ (ହ. ଖଲିଫତୁଲ୍ ମସିହ୍ ଖାମିସ୍ ଅ.ବ) ଯେତେବେଳେ କହିଲେ କି ବସିଯାଆନ୍ତୁ ସମସ୍ତେ । ସେତେବେଳେ ଜମାଅତର ସମସ୍ତ ସଦସ୍ୟବୃନ୍ଦ ମୁହୂର୍ତ୍ତକ ପାଇଁ କାଳ ବିଳମ୍ବ ନକରି ବସିଗଲେ । ସମସ୍ତ ସଂସାର ଏମ୍.ଟି.ଏ ମାଧ୍ୟମରେ ଏହି ଆଧାତ୍ମିକ ଦୃଶ୍ୟର ପ୍ରତ୍ୟେକ୍ଷ ଦର୍ଶୀ ଥିଲା ।

ହ. ଅବ୍‌ଦୁଲ୍ଲାଃ ଯୋକେୱାହ୍ ଯେକି ନମାକ ହ. ମସିହ୍ ମଉ୍ଦ ଅ.ସଙ୍କର ଜଣେ ସାହାବି ଥିଲେ, ହ. ଖଲିଫତୁଲ୍ ମସିହ୍ ଅୱଲ୍ ର.ଅଙ୍କ ସାହଚର୍ଯ୍ୟତ୍ୱରେ ବସିଥିଲେ ସେ ଦିନେ କହିଲେ, ହୁଜୁର ! ମୋତେ ଆପଣ କଛି ଉପଦେଶ ଦିଅନ୍ତୁ । ହ. ଖଲିଫତୁଲ୍ ମସିହ୍ ଅୱଲ୍ ର.ଅ କହିଲେ, "ବସ୍ସ (ଅବ୍‌ଦୁଲ୍ଲାଃ ଯୋକେୱାହ୍) ! ମୁଁ ବୁଝି ପାରୁ ନାହିଁ ଯେ, ଏପରି କୌଣସି ପ୍ରସଙ୍ଗ ଏବଂ ବସ୍ତୁ ନାହିଁ ଯାହା ଆପଣ କରି ନାହାନ୍ତି। ବର୍ତ୍ତମାନ ତ' ପବିତ୍ର କୁରଆନ୍ କରୀମ୍ କେବଳ ମୁଖସ୍ତ କରିବା ବାକି ରହିଯାଇଛି । ଅତଏବ୍ ହ. ଖଲିଫତୁଲ୍ ମସିହ୍ ଅୱଲ୍ ର.ଅଙ୍କ କଥା ଶୁଣି ପ୍ରାୟ 65 ବର୍ଷ ବୟସରେ ସେ ପବିତ୍ର କୁରଆନ୍ କରୀମ୍ ମୁଖସ୍ତ କରିବା ଆରମ୍ଭ କରିଦେଲେ ଏବଂ ଏତେ ପ୍ରାପ୍ତ ବୟସ୍କ ହେବା ସତ୍ତ୍ୱେ ଆପଣ ପବିତ୍ର କୁରଆନ୍ କରୀମ୍‌ର ମୁଖସ୍ତକାରୀ ବ୍ୟକ୍ତି ହୋଇଗଲେ।" **(ଦୈନିକ ଅଲ୍ ଫଜଲ୍, 2010 ମସିହା ଡିସେମ୍ବର ମାସ 8 ତାରିଖ, ପୃ-4, ପ୍ରାମାଣ୍ୟ ଅଲ୍ ଫଜଲ୍ କାଦିୟାନ୍, 1947 ମସିହା ଅପ୍ରେଲ୍ ମାସ 19 ତାରିଖ)**

ସମ୍ମାନିତ ଶ୍ରୋତାମଣ୍ଡଳୀ ! ଆଜ୍ଞାବହତ୍ୱତା ଏବଂ ଜମାଅତ୍‌ର ଆଜ୍ଞାବହତ୍ୱର ବିଧେୟ ଓ ଅନିର୍ବାର୍ଯ୍ୟ ଅଟେ । ଉଭୟେ ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ ଅଟନ୍ତି।

## 130 ତମ ଜଲ୍‌ସା ସାଲାନା କାଦିୟାନ୍, ତା-26, 27, 28, ଡିସେମ୍ବର, 2025 ମସିହାରେ ଆୟୋଜିତ ହେବ

ସୟେଦିନା ହ. ଅମୀରୁଲ୍ ମୁମିନିନ୍ ଖଲିଫତୁଲ୍ ମସିହ୍ ଖାମିସ୍ ଅୟେଦହୁଲ୍ଲାଃହୁ ତାଆଲା ବିନସ୍ରେହିଲ୍ ଅଜିଜ୍ 130 ତମ ଜଲ୍‌ସା ସାଲାନା କାଦିୟାନ୍ 2025 ମସିହା ନିମନ୍ତେ ତା-26, 27, 28 ଡିସେମ୍ବର 2025 ମସିହା (ବାର-ଶୁକ୍ରବାର, ଶନିବାର ଓ ରବିବାର) ପାଇଁ ତାରିଖ ଓ ବାର ମଞ୍ଜୁର (ଅନୁମୋଦନ) କରିଛନ୍ତି ।

ଜମାଅତ୍‌ର ସଦସ୍ୟବୃନ୍ଦଙ୍କୁ ଅନୁରୋଧ କି ସେମାନେ ଏବେଠାରୁ ହିଁ ଦୁଆର ସହିତ ଉକ୍ତ କଲ୍ୟାଣମୂଳକ ଜଲ୍‌ସାରେ ସାମିଲ୍ ହେବାର ଉଦ୍ଦେଶ୍ୟ ନେଇ ପ୍ରସ୍ତୁତି ଆରମ୍ଭ କରି ଦିଅନ୍ତୁ । ଅଲ୍ଲାଃତାଲା ଉକ୍ତ ଐଶୀଭିତ୍ତିକ ଆଧ୍ୟାତ୍ମିକ ଜଲ୍‌ସାରେ ଅଧିକରୁ ଅଧିକ ଲୋକମାନଙ୍କୁ ଅଂଶ ଗ୍ରହଣ କରିବା ନିମନ୍ତେ ସାମର୍ଥ୍ୟ ପ୍ରଦାନ କରନ୍ତୁ । ଯଦ୍ଦ୍ୱାରାକି ଲୋକମାନେ ଉକ୍ତ ଜଲ୍‌ସାରୁ ଉପକୃତ ହୋଇପାରିବେ । ସେହିପରି ହ. ମସିହ୍ ମଉଦ୍ ଅ.ସ ଜଲ୍‌ସାରେ ସାମିଲ୍ ହୋଇଥିବା ଅଂଶଗ୍ରହଣକାରୀଙ୍କ ସପକ୍ଷରେ ଯେଉଁ ଦୁଆ କରିଛନ୍ତି ଅଲ୍ଲାଃତାଲା ସେହି ସମସ୍ତ ଦୁଆକୁ ସ୍ୱୀକାର କରି ଲୋକମାନଙ୍କୁ ଆପଣ ଅ.ସଙ୍କ ଦୁଆର ପ୍ରକୃତ ଅଧିକାରୀ କରନ୍ତୁ । **ଆମିନ୍** । ସେହିପରି ଉକ୍ତ ଜଲ୍‌ସା ସାଲାନା ପ୍ରତ୍ୟେକ ଦୃଷ୍ଟିରୁ ସାଫଲ୍ୟମଣ୍ଡିତ ଏବଂ କଲ୍ୟାଣମୟ ହେବା ନିମନ୍ତେ ଓ ପୁଣ୍ୟାତ୍ମାମାନଙ୍କ ମାର୍ଗଦର୍ଶନର କାରଣ ହେବା ନିମନ୍ତେ ଦୁଆ ଜାରି ରଖନ୍ତୁ । ଯଜାକୁମୁଲ୍ଲାଃହୁ ତାଆଲା ୱ ଅହ୍‌ସନଲ୍ ଯଜା । ଅଲ୍ଲାଃତାଲା ଏହାର ଉତ୍ତମ ପ୍ରତିଫଳ ପ୍ରଦାନ କରନ୍ତୁ । ଆମିନ୍ । **(ନାଜିର୍ ଇସ୍‌ଲାହ୍ ଓ ଇର୍ଶାଦ୍ ମର୍କଜିୟାହ୍ କାଦିୟାନ୍)**

ଦୁହେଁ ପରସ୍ପର ଠାରୁ ଭିନ୍ନ ନୁହନ୍ତି । ଏହି ସଂପର୍କ ସଂପର୍କରେ ହ. ଖଲିଫତୁଲ୍ ମସିହ୍ ଖାମିସ୍ ଅ.ବ ଜମାଅତ୍ର ବ୍ୟବସ୍ଥା ଆଜ୍ଞାପାଳନ କରିବା ସଂପର୍କରେ କୁହନ୍ତି : "ଏକଥା ସର୍ବଦା ମନେରଖ ! ତୁମର ଲକ୍ଷ୍ୟ, ତୁମ ଜୀବନର ଅଭିପ୍ରାୟ କେବଳ ଓ କେବଳ ଅଲ୍ଲାଃତାଲାଙ୍କ ପ୍ରସନ୍ନତା ହେବା ଉଚିତ୍ । ଏହି ପ୍ରସନ୍ନତା ହିଁ ଅଲ୍ଲାଃତାଲା ଏବଂ ତାହାଙ୍କ ବାର୍ତ୍ତାବହଙ୍କ ଓ ବାର୍ତ୍ତାବହଙ୍କ ସଂପ୍ରଦାୟର ଯେଉଁ ଆଦେଶାବଳୀ ଏବଂ ନୀତି ନିୟମାବଳୀମୂଳକ ଯେଉଁ ନିଷ୍ପତ୍ତି ରହିଛି ତାହାର ଅନୁକରଣ କରିବା ଉଚିତ୍ ଏବଂ ଏଥି ସଂକ୍ରାନ୍ତରେ ନିଜର ଆଜ୍ଞା ପାଳନରେ ତିଳେ ମାତ୍ର ତାରତମ୍ୟ (ଫରକ୍) ପରିଲକ୍ଷିତ ହେବାକୁ ଦେବ ନାହିଁ । "**(ଖୁତ୍‌ବା ଜୁମା 2004 ମସିହା ଅଗଷ୍ଟ ମାସ 27 ତାରିଖ ଅଲ୍ ଫଜଲ୍ ଇଣ୍ଟର ନ୍ୟାସ୍‌ନଲ୍, 2004 ମସିହା ସେପ୍ଟେମ୍ବର ମାସ 10 ତାରିଖ, ପୃ-6-7)**

ସେହିପରି ହ. ଖଲିଫତୁଲ୍ ମସିହ୍ ଖାମିସ୍ ଅ.ବ କୁହନ୍ତି: "ଲୋକମାନେ ତ' ଏହା କୁହନ୍ତି ଯେ, ଆମେମାନେ ତ' ଉପସ୍ଥିତ ଖଲିଫାଙ୍କର ଆଜ୍ଞାବହତ୍ୱରୁ ବହିର୍ଭୂତ ନାହୁଁ । ସଂପୂର୍ଣ୍ଣ ରୂପେ ଆଜ୍ଞାବହତ୍ୱ ପରିଧି ମଧ୍ୟରେ ରହିଛୁ । ପ୍ରତ୍ୟେକ ଆଦେଶକୁ ପାଳନ କରିବା ନିମନ୍ତେ ଆମେମାନେ ପ୍ରସ୍ତୁତ ଅଛୁ । କିନ୍ତୁ ଅମକ ପଦାଧିକାରୀ କିମ୍ବା ଅମକ ଅମୀର୍ ମଧ୍ୟରେ ଅମକ ଦୋଷ ଦୁର୍ବଳତା ଏବଂ ଖୁଣ ରହିଛି । ତେଣୁ ଆମେମାନେ ସେହି ଅମୀରଙ୍କର ଆଜ୍ଞା ପାଳନ କରିବୁ ନାହିଁ । ଅତଏବ୍ ଉପସ୍ଥିତ ଖଲିଫାଙ୍କର ଆଜ୍ଞବହତ୍ୱ ସେହି ସ୍ଥଳେ ହୋଇ ପାରିବ ଯେତେବେଳେ ଆପଣମାନେ ଜମାଅତର ପ୍ରତ୍ୟେକ ଅଧିକାରୀଙ୍କ ଆଜ୍ଞା ପାଳନ କରାଯାଉଥିବ । ତେବେ ଯାଇ ଅଲ୍ଲାଃତାଲା ଓ ତାହାଙ୍କ ବାର୍ତ୍ତାବହଙ୍କ ଆଜ୍ଞା ପାଳନ କରିବାକୁ ଆପଣମାନେ ସକ୍ଷମ ହୋଇ ପାରିବେ।"**(ଖୁତ୍‌ବା ଜୁମା 2004 ମସିହା ଡିସେମ୍ବର ମାସ 31 ତାରିଖ, ଅଲ୍ ଫଜଲ୍ ଇଣ୍ଟର ନ୍ୟାସ୍‌ନଲ୍, 2005 ମସିହା ଜାନୁୟାରୀ ମାସ 14 ତାରିଖ, ପୃ-8)**

ସମ୍ମାନିତ ଶ୍ରୋତାମଣ୍ଡଳୀ ! ଖିଲାଫତ୍ର ଆଜ୍ଞାବହତ୍ୱ ବାସ୍ତବରେ ଜମାଅତ୍ର ଆଜ୍ଞାବହତ୍ୱ ଅଟେ । ଏଥି ସଂକ୍ରାନ୍ତରେ ସ୍ପଷ୍ଟୀକରଣ ପ୍ରଦାନ କରି ହ. ଖଲିଫତୁଲ୍ ମସିହ ରାବେ ର.ଅ କୁହନ୍ତ: "ଯେପରି ପ୍ରକୃତିର ନିୟମ ଆପଣମାନଙ୍କ ନିମନ୍ତେ ଅନିର୍ବାର୍ଯ୍ୟ ଅଟେ ଏବଂ ଏହାର ଅନେକ ପାର୍ଶ୍ୱ ରହିଛି । ଠିକ୍ ସେହିପରି ଜମାଅତ୍ ମଧ୍ୟ ଆପଣମାନଙ୍କ ବ୍ୟକ୍ତିଗତ ସ୍ଥିରତା ଏବଂ ସ୍ଥାୟୀତ୍ୱତା ନିମନ୍ତେ ମଧ୍ୟ ଅନିର୍ବାର୍ଯ୍ୟ ଅଟେ । ଯଦି ଜମାଅତ୍ ନହୁଏ ତେବେ କୌଣସି ଆଧାତ୍ମିକ ଜୀବନର କୌଣସି ପ୍ରତିଭୂ (ଗ୍ୟାରେଣ୍ଟି) ଦିଆଯାଇ ପାରିବ ନାହିଁ । ଅନ୍ୟ ଲୋକମାନଙ୍କର ଅବସ୍ଥାକୁ ଦେଖ କ'ଣ ହେଲା ? ସେମାନେ କିପରି କ୍ଷିପ୍ତ ବିକ୍ଷିପ୍ତ ହୋଇଗଲେ । ଏକତା ବିଭାଜିତ ହୋଇ ବ୍ୟକ୍ତିଗତରେ ରୂପାନ୍ତରିତ ହୋଇଗଲା ଏବଂ ପ୍ରତ୍ୟେକ ବ୍ୟକ୍ତି ସ୍ୱାଧୀନ ଅଟେ ଏବଂ ସେ ଏହି ସ୍ୱାଧୀନତାର ଆନନ୍ଦ ନେଉଅଛି । ଅର୍ଥାତ୍ ପ୍ରକାଶ୍ୟ ରୂପେ ସେ ଏହା ମନେକରିଥାଏ ଯେ, ମୁଁ ସ୍ୱାଧୀନ ଅଟେ ଏବଂ ଅହେମଦିମାନେ ଦାସ ଅଟନ୍ତି । ସଦା ବେଳର ସମସ୍ୟା । ଏସବୁ କଥା ଯଦି ଥାଏ ତେବେ ଜମାଅତ୍ର ବ୍ୟବସ୍ଥାକୁ ପଚାର । ବସିବାର ଅଛି ତେବେ ଜମାଅତର ବ୍ୟବସ୍ଥାକୁ ପଚାର ଯେ, କ'ଣ ସମସ୍ୟା ରହିଛି ?

ହୁଜୁର ଅ.ବ କୁହନ୍ତି : "ଜମାଅତ୍ ଅହେମଦିୟାର ଯେଉଁ ବ୍ୟବସ୍ଥା ରହିଛି.......... ଏହା ଏପରି ଏକ ବ୍ୟବସ୍ଥା ଅଟେ ଯାହାକି ପ୍ରକୃତିର ନିୟମ ପରି । ଜମାଅତର ବ୍ୟବସ୍ଥା ଆପଣଙ୍କୁ ପ୍ରତ୍ୟେକ ପାର୍ଶ୍ୱରୁ ଆବେଷ୍ଟିତ (ଘେରି) କରି ରଖିଛି । ବର୍ତ୍ତମାନ କୌଣସି ବ୍ୟକ୍ତି କହି ପାରିବ ଯେ, ସଂସାରରେ ବଡ଼ ବିଚିତ୍ର ଶକ୍ତି ରହିଛି, ବିପତ୍ତି ବ୍ୟାପୀ ଯାଇଛି। ନିଆଁରେ ନିଜ ହାତ ପୂରାଅ ନାହିଁ ଏବଂ ଅଧିକ ଥଣ୍ଡା ପବନ ଖାଅ ନାହିଁ । ଶୀତ ଦିନେ ଉଷ୍ମ ବସ୍ତ୍ର ପରିଧାନ କର, ଗ୍ରୀଷ୍ମ ଋତୁରେ ଥଣ୍ଡା ବସ୍ତ୍ର ପରିଧାନ (ପିନ୍ଧ), ଯଦି ଭୋକ ଲାଗେ ତେବେ ଏପରି କର, ଭୋକ ନଲାଗେ ତେବେ ଅମକ କାମ କର, ଉଠ, ବସ, ଶୁଅ, ଜାଗ୍ରତ ହୁଅ କିନ୍ତୁ ସାମ୍ୟତା ରକ୍ଷା କର । ଆହାର ଖାଅ କିନ୍ତୁ ଭୋକ ସମାପ୍ତ ହେବା ପୂର୍ବରୁ ହାତ ଅଟକାଇ ନିଅ । ଅର୍ଥାତ୍ ପ୍ରକୃତିର ନିୟମ ଏହା ଆଶା କରିଥାଏ.............. ସଂସାରର ପ୍ରତ୍ୟେକ ବ୍ୟବସ୍ଥା ମନୁଷ୍ୟ ଉପରେ କଟକଣା ଲଗାଇଛି ଏବଂ ଯେଉଁଠି ବି ଏହି କଟକଣା ଠାରୁ ବର୍ତ୍ତି କୌଣସି ମନୁଷ୍ୟ ପରିଚାଳିତ ହୁଏ ନାହିଁ ସେଠାରେ ଅବଶ୍ୟ ସେହି ବ୍ୟକ୍ତିକୁ ଶାସ୍ତି ମିଳିଥାଏ ।...........ସୁତରାଂ ସଂସାରର ଉଦାହରଣ ଦେଇ ଆଁହଜରତ ସ.ଅ କୁହନ୍ତି: "ସଂସାର ହେଉଛି ବିଶ୍ୱାସକାରୀ ବ୍ୟକ୍ତି ନିମନ୍ତେ ଏକ କାରାବାସ ଏବଂ ଅବଜ୍ଞାକାରୀ ବ୍ୟକ୍ତି ନିମନ୍ତେ ଭୂସ୍ୱର୍ଗ ।" ବର୍ତ୍ତମାନ ଦେଖ ଯେ, ଅଲ୍ଲାଃତାଲାଙ୍କ ବାର୍ତ୍ତାବହ ଏହି ସଂସାରରକୁ କାରାବାସ ବୋଲି ଅଭିହିତ କରିଛନ୍ତି ଏବଂ ବିଶ୍ୱାସକାରୀର ସମଗ୍ର ଜୀବନ କାରାବାସରେ ଅତିବାହିତ ହେବ ଓ ଅବିଶ୍ୱାସକାରୀ ବ୍ୟକ୍ତି ନିମନ୍ତେ ଏହି ସଂସାରକୁ ଆଁହଜରତ୍ ସ.ଅ ସ୍ୱର୍ଗ ବୋଲି ବିବେଚିତ କରିଛନ୍ତି । କିନ୍ତ ଯେଉଁମାନେ ବିଶ୍ୱାସକାରୀ ଅଟନ୍ତି ଏବଂ ସ୍ୱାଧୀନ ମଧ୍ୟ ଅଟନ୍ତି ସେମାନେ ପୁଣି କେଉଁ ଶ୍ରେଣୀରେ ଅନ୍ତର୍ଭୁକ୍ତ ବା ଗଣ୍ୟ ହେବେ ? ଅତଏବ୍ ବିଶ୍ୱାସକାରୀ ବ୍ୟକ୍ତି ସହିତ ଜମାଅତର ବ୍ୟବସ୍ଥାର କଟକଣା ଏକ ଅନିର୍ବାର୍ଯ୍ୟ ଏବଂ ବିଧେୟାତ୍ମକ ପ୍ରସଙ୍ଗ ଅଟେ ।

ସୁତରାଂ ଆପଣମାନେ ଯଦି ଜମାଅତ୍ର ବ୍ୟବସ୍ଥା ସହିତ ନ୍ୟାୟ ପ୍ରଦର୍ଶନ କରିବେ ଏବଂ ସେହି ନ୍ୟାୟପ ସମସ୍ତ ସୂକ୍ଷ୍ମ ସର୍ତ୍ତକୁ ପୂର୍ଣ୍ଣ କରିବେ ତେବେ ସେପରିପ୍ରେକ୍ଷୀରେ ଆପଣମାନଙ୍କୁ ସ୍ୱାଧୀନ ଭାବରେ ନିଃଶ୍ୱାସ ନେବାକୁ ସାମର୍ଥ୍ୟ ପ୍ରାପ୍ତ ହେବ । ଆପଣ ଶାନ୍ତିର ସହିତ ନିଃଶ୍ୱାସ ନେଇ ପାରିବେ । ଅତଏବ୍ ଏହି ଦୃଷ୍ଟିକୋଣରୁ ଆପଣମାନେ ଜମାଅତ୍ର ବ୍ୟବସ୍ଥା ତଥା ସୁରକ୍ଷା ପ୍ରତି ସର୍ବଦା ତତ୍ପର ଓ ସଚେତନ ରୁହନ୍ତୁ ଏବଂ ଜମାଅତର ବ୍ୟବସ୍ଥା ସମ୍ମୁଖରେ ଆପଣ ନତମସ୍ତକ ହୋଇ ରୁହନ୍ତୁ । କାରଣ ଆପଣମାନେ ଯଦି ଜମାଅତ୍ର ବ୍ୟବସ୍ଥା ସମ୍ମୁଖରେ ନିଜକୁ ନତମସ୍ତକ କରିବେ ତେବେ ଏହା ଈଶ୍ୱରଙ୍କ ସମ୍ମୁଖରେ ନତମସ୍ତକ ହେବାକୁ ବୁଝାଇଥାଏ । କେତେକ ଲୋକମାନେ କୁହନ୍ତି ଯେ, ଜମାଅତ୍ର ବ୍ୟବସ୍ଥା କହିଲେ କ'ଣ ବୁଝାଏ ? ଅଯଥାରେ ଗୋଟି ବ୍ୟବସ୍ଥା କରିଦିଆଯାଇଛି ଯେ, ନିଜାମ୍ ନିଜାମ୍ (ବ୍ୟବସ୍ଥା ବ୍ୟବସ୍ଥା) ।

ବ୍ୟବସ୍ଥା ଅଲ୍ଲାଃତାଲାଙ୍କ ତରଫରୁ ସ୍ଥାପିତ ହୋଇଥାଏ । ହ. ମୁହମ୍ମଦ୍ ସ.ଅଙ୍କ ଦ୍ୱାରା ସ୍ଥାପିତ ବ୍ୟବସ୍ଥାର ଅର୍ଥାତ ଲୋକମାନେ ଯେଉଁ ବୈଅତ୍ କରିଥାଆନ୍ତି ତାହା ଆଁହଜରତ ସ.ଅଙ୍କ ଦ୍ୱାରା ସ୍ଥାପିତ ବ୍ୟବସ୍ଥା ଅଟେ । ତେଣୁ ବୈଅତ୍ ବ୍ୟବସ୍ଥା ସକାଶେ ବୈଅତ୍ କରାଯାଇଥାଏ । ଅନ୍ୟଥା ଆଁହଜରତ ସ.ଅଙ୍କୁ ମାନିଥିବା ଯେଉଁ ଲୋକମାନେ ଆପଣ ସ.ଅଙ୍କ ହସ୍ତରେ ବୈଅତ୍ କରି ବସିଥିଲେ ସେହି ଲୋକମାନଙ୍କୁ ଗୋଟିଏ ପରେ ଗୋଟିଏ ଖଲିଫାଙ୍କ ହସ୍ତରେ ବୈଅତ୍ କରିବାର କ'ଣ ବା ଆବଶ୍ୟକତା ରହିଥିଲା ? ଅତଏବ୍ ବୈଅତରେ ଯେଉଁ ଆଜ୍ଞାବହତ୍ୱର ସ୍ୱୀକାରୋକ୍ତି ରହିଛି ପୁନଶ୍ଚ ବାରମ୍ବାର ତାଗିଦ୍‌ମୂଳକ ସ୍ୱୀକାରୋକ୍ତି ରହିଛି ଯେ, ଆମେମାନେ ଅବଶ୍ୟ ଖଲିଫା ଏବଂ ଜମାଅତ୍ର ବ୍ୟବସ୍ଥା ପ୍ରତି ଆଜ୍ଞାବହତ୍ୱ ପ୍ରକାଶ କରିବୁ । ଏହା ସ୍ପଷ୍ଟ ରୂପେ ସୂଚାଉଛି ଯେ, ଧର୍ମ କହିଲେ କେବଳ ଆତ୍ମାକୁ ବୁଝାଏ ନାହିଁ କିମ୍ବା ଧର୍ମ କହିଲେ ଧର୍ମବିଧାନର ସାଧାରଣ କର୍ତ୍ତବ୍ୟକୁ ସମ୍ପାଦନ କରିବାକୁ ବୁଝାଏ ନାହିଁ । ବରଂ ଯେଉଁ ବ୍ୟକ୍ତି ନିୟମିତ ରୂପେ ବ୍ୟବସ୍ଥା ଏବଂ ବ୍ୟବସ୍ଥାପିକାର ଅଙ୍ଗ ହୋଇ ଜମାଅତ୍ର ବ୍ୟବସ୍ଥା ଏବଂ ଖଲିଫାଙ୍କ ସମ୍ମୁଖରେ ନତସ୍ତକ ହୁଏ ନାହିଁ ତେବେ ସେହି ବ୍ୟକ୍ତି ବ୍ୟବହାରିକ ଦୃଷ୍ଟିରୁ ଧର୍ମ ବହିର୍ଭୂତ ଅଟେ ।"

**(ଖୁତ୍‌ବା ଜୁମା 1996 ମସିହା ମେ ମାସ 31 ତାରିଖ)**

**ଖିଲାଫତ୍ ସହିତ ସଂଶ୍ଳୀଷ୍ଟ ରହିବାର ମହତ୍ତ୍ୱ ଓ କଲ୍ୟାଣ:**

ପବିତ୍ର କୁରଆନ୍ କରୀମ୍ର ଆଦେଶ ରହିଛି ଯେ, وَاعْتَصِمُوا بِحَبْلِ اللّٰهِ جَمِيعًا وَّلَا تَفَرَّقُوا وَاذْكُرُوا نِعْمَتَ اللّٰهِ عَلَيْكُمْ ଅର୍ଥାତ୍ ଅଲ୍ଲାଃତାଲାଙ୍କର ରଜ୍ଜୁ (ଦଉଡ଼ି)କୁ ଦୃଢ ରୂପେ ଜାବୁଡ଼ି ରଖ । ଅର୍ଥାତ୍ ଯେଉଁ ରଜ୍ଜୁ ଆମମାନଙ୍କୁ ଖିଲାଫତ୍ ଆକାରରେ ପ୍ରାପ୍ତ ହୋଇଛି ତାହାକୁ ଦୃଢ ରୂପେ ଜାବୁଡ଼ି ରଖ । ଆମେମାନେ ଖିଲାଫତର ପୂର୍ଣ୍ଣ ଆଜ୍ଞାନୁବର୍ତ୍ତୀ ସେହି ସ୍ଥଳରେ ହୋଇପାରିବୁ ଯେଉଁ ସ୍ଥଳେ ଆମେମାନେ ଖିଲାଫତର ଆଜ୍ଞାବହତ୍ୱତାର ସହିତ ତାହାଙ୍କ ଅଧୀନ ଜମାଅତର ବ୍ୟବସ୍ଥା ପ୍ରତି ପୂର୍ଣ୍ଣ ରୂପେ ଆଜ୍ଞାକାରୀ ବ୍ୟକ୍ତି ହୋଇଯିବୁ । ସେହିପରି ଆମେମାନେ ପ୍ରତ୍ୟେକ ପ୍ରକାରର ପୃଥକତା ଠାରୁ ମଧ୍ୟ ବର୍ତ୍ତି ବାକୁ ସକ୍ଷମ ହୋଇ ପାରିବୁ ଓ ଖିଲାଫତ୍ର ଆଜ୍ଞାବହତ୍ୱର କଲ୍ୟାଣରୁ ସଠିକ୍ ରୂପେ ଉପକୃତ ହୋଇ ପାରିବୁ ।

ଖିଲାଫତ୍ ହେଉଛି ଅଲ୍ଲାଃତାଲାଙ୍କ ତରଫରୁ ଏକ ବୃହତ୍ ପୁରସ୍କାର । ଏହା ଜାତିକୁ ଏକତ୍ରିତ କରିଥାଏ ଏବଂ ପୃଥକତା ଠାରୁ ସୁରକ୍ଷିତ ରଖିଥାଏ । ଖିଲାଫତରେ ଜମାଅତ୍ ମୁକ୍ତା ପରି ଗ୍ରଥିତ (ଗୁନ୍ଥା) ହୋଇଥାଏ ।

ଏକ ଅବସରରେ ହ. ଖଲିଫତୁଲ୍ ମସିହି ଖାମିସ୍ ଅ.ବ କହିଲେ: "ଅଲ୍ଲାଃତାଲାଙ୍କର ଆମମାନଙ୍କ ଉପରେ ଏହି ମହୋପାକାର ରହିଛି ଯେ, ସେ ଆମମାନଙ୍କୁ ହ. ମସିହ୍ ମଉଦ୍ ଅ.ସଙ୍କୁ ସ୍ୱୀକାର କରିବା ନିମନ୍ତେ ସାମର୍ଥ୍ୟ ପ୍ରଦାନ କରିଛନ୍ତି ଏବଂ ଆମେମାନେ ଏହି ବ୍ୟବସ୍ଥାରେ ଗୁନ୍ଥି ହୋଇଛେ । ତେଣୁ ଖିଲାଫତ୍ ହିଁ ଆମମାନଙ୍କୁ ଅଲ୍ଲାଃଲାଙ୍କ ଆଦେଶାବଳୀ ସଂପର୍କରେ ସ୍ମରଣ କରାଇଥାଏ ଏବଂ ଅଲ୍ଲାଃତାଲା ଓ ତାହାଙ୍କ ବାର୍ତ୍ତାବହଙ୍କ ଆଡ଼କୁ ମଧ୍ୟ ଧ୍ୟାନ ଆକର୍ଷ କରାଇଥାଏ । ଆମେମାନେ ଅନ୍ୟ ମୁସଲମାନ ସଂପ୍ରଦାୟମାନଙ୍କ ପିର ବିକ୍ଷିପ୍ତ ନାହୁଁ । ବରଂ ଆମେମାନେ ଖିଲାଫତ୍ର କଲ୍ୟାଣ ଯୋଗୁଁ ଏକ ସୂତାରେ ଗୁନ୍ଥା ହୋଇଛୁ ।"

**(ଖୁତ୍‌ବା ଜୁମା 2006 ମସିହା ଜୁନ୍ ମାସ 09 ତାରିଖ)**

ଖିଲାଫତ୍ ସହିତ ସଂଶ୍ଳୀଷ୍ଟ ରହିବା ନିମନ୍ତେ ଖିଲାଫତ୍ ସହିତ ନିଷ୍ଠା, ବିଶ୍ୱସ୍ତତାର ସଂପର୍କ ରଖିବା ମଧ୍ୟ ଏକାନ୍ତ ଅପିରହାର୍ଯ୍ୟ ଅଟେ, ତେବେ ଯାଇ ଆମେମାନେ ଖିଲାଫତ୍ର କଲ୍ୟାଣରୁ ସଠିକ୍ ରୂପେ ଉପକୃତ ହୋଇ ପାରିବୁ । ସୁତରାଂ ଆମମାନଙ୍କ ପକ୍ଷେ ଏହା ଉଚିତ୍ କି ଆମେମାନେ ଉପସ୍ଥିତ ଖଲିଫାଙ୍କ ପ୍ରତ୍ୟେକ ସ୍ୱର ଉପରେ ଲବବୈକ୍ (ଉପସ୍ଥିତ) କହି ଖିଲାଫତ୍ର ଆଜ୍ଞାବହତ୍ୱ ପ୍ରକାଶରେ ନିମଜ୍ଜିତ ହୋଇ ସେହି ଅପୂର୍ବ ଉଦାହରଣ ଉତ୍ଥାପନକାରୀ ବ୍ୟକ୍ତି ରୂପେ ପରିଗଣତି ହେବୁ ଯାହାର ଉଦାହରଣ ହ. ମୁହମ୍ମଦ ସ.ଅଙ୍କ ଏବଂ ହ. ମସିହ୍ ମଉଦ୍ ଅ.ସଙ୍କ ସାହାବାମାନଙ୍କ ମଧ୍ୟରେ ଆମେମାନେ ଦେଖିବାକୁ ପାଇଥାଉ ।

ସମ୍ମାନିତ ଶ୍ରୋତମଣ୍ଡଳୀ ! ଆଜି ସଂସାରର ଅବସ୍ଥା ଏବଂ ପରିସ୍ଥିତି କିପରି ଦ୍ରୁତ ଗତିରେ ପରିବର୍ତ୍ତନ ହେଉଛି । ପ୍ରତ୍ୟେକ ପାର୍ଶ୍ୱରେ, ଅଶାନ୍ତି, ଅରାଜକତାର ବହ୍ନି (ଅଗ୍ନି ବା ନିଆଁ) ସମ୍ମୁଖରେ ସଂସାର ଛିଡ଼ା ହୋଇଛି । ତୃତୀୟ ବିଶ୍ୱଯୁଦ୍ଧ ମୁହଁ ସମ୍ମୁଖରେ ଛିଡ଼ା ହୋଇଛି ଏବଂ ମୁହଁ ଖୋଲି ଛିଡ଼ା ହୋଇଛି । ଯାହି କିଛି ହେଉଅଛି, ଏବେ ହେବାକୁ ଯାଉଛି ତାହାର କାରଣ ଏହିକି ଯେ, ଲୋକମାନେ ଯୁଗାବତାର ହ. ମସିହ୍ ମଉଦ୍ ଅସଙ୍କୁ ପ୍ରତ୍ୟାଖ୍ୟାନ ତଥା ଅସ୍ୱୀକାର କରି ଖିଲାଫତ୍ ଭଳି ବୃହତ୍ ଅବଦାନ ବା ପୁରସ୍କାର ଠାରୁ ବଞ୍ଚିତ ଅଛନ୍ତି । ଏହି ଐଶୀ ରଜ୍ଜୁ (ଦଉଡ଼ି)କୁ ଧରି ଜମାଅତ୍ ଅହେମଦିୟା ଅଲ୍ଲାଃତାଲାଙ୍କର ଅସଂଖ୍ୟା କୃପା ଆମେମାନଙ୍କ ଉପରେ ହେଉଅଛି । ଖିଲାଫତ୍ର କଲ୍ୟାଣ ଯୋଗୁଁ ହିଁ ଆଜିର ପୃଷ୍ଠଭୂମିରେ ଯେତେବେଳେ ଆମେମାନେ ଅବଲୋକନ କରିଥାଉ । ଆମମମାନଙ୍କର ପ୍ରିୟ ଇମାମ୍ ହ. ଖଲିଫତୁଲ୍ ମସିହ୍ ଖାମିସ ଅ.ବ ସଂସାରକୁ ବିଶ୍ୱ ଯୁଦ୍ଧର କ୍ଷୟ କ୍ଷତିରୁ ରକ୍ଷା କରିବା ନିମନ୍ତେ ଏବଂ ସଂସାରରେ ଶାନ୍ତି ସ୍ଥାପନ କରିବା ନିମନ୍ତେ ଦିବାରାତ୍ର ନିମଜ୍ଜିତ ଓ ପ୍ରୟାସରତ ଅଟନ୍ତି ।

ଆଜି ଯଦି ସଂସାରକୁ ବିନାଶରୁ ଉଦ୍ଧାର କରିବା ନିମନ୍ତେ କେହି ଯଦି ଉଦଗ୍ରୀବ

ଏବଂ ବ୍ୟାକୁଳ ଅସ୍ତିତ୍ୱ ରହିଛି ତେବେ ସେହି ଅସ୍ତିତ୍ୱ ହେଉଛି ଉପସ୍ଥିତ ଖଲିଫାଙ୍କ ଅସ୍ତିତ୍ୱ ତଥା ଆମମାନଙ୍କର ପ୍ରିୟ ଇମାମ ହ. ମିର୍ଜା ମସ୍ରୁର୍ ଅହମଦ୍ ଖଲିଫତୁଲ୍ ମସିହ୍ ଖାମିସ୍ ଅ.ବ ଏକାମାତ୍ର ଅସ୍ତିତ୍ୱ ହିଁ ଅଟନ୍ତି । ଉପସ୍ଥିତ ଖଲିଫା ହିଁ ଜମାଅତ୍ ନିମନ୍ତେ ଏବଂ ସମଗ୍ର ମାନବଜାତି ନିମନ୍ତେ ଆମମାନଙ୍କର ଏବଂ ଈଶ୍ୱରଙ୍କ ମଧ୍ୟରେ ସାମୀପ୍ୟତାର ଏକ ମାଧ୍ୟମ ଅଟନ୍ତି । ଉପସ୍ଥିତ ଖଲିଫାଙ୍କ ମନରେ ନିଜର ଜମାଅତ୍ ଏବଂ ମାନବଜାତି ପ୍ରତି ଯେଉଁ ସମବେଦନା ଓ ସହାନୁଭୂତି ତଥା ପ୍ରେମ ଦେଖିବାକୁ ମିଳେ ତାହାର ଆକଳନ ଆମେ ଏହି ସଂସାର କରି ପାରିବୁ ନାହିଁ ।

ଉପସ୍ଥିତ ଖଲିଫାଙ୍କ ହୃଦୟର ଅବସ୍ଥା କିପରି ହୋଇଥାଏ ତାହାର ପିରପ୍ରକାଶ ଅତ୍ୟନ୍ତ ସୁନ୍ଦର ଢଙ୍ଗରେ ହ. ଖଲିଫତୁଲ୍ ମସିହ୍ ସାଲିସ୍ ରହେମହୁଲ୍ଲାଃହୁ ତାଆଲାଙ୍କ କଥନରୁ ହିଁ ସ୍ପଷ୍ଟ ହୋଇଯାଏ । ଅତଏବ୍ ହ. ଖଲିଫତୁଲ୍ ମସିହ୍ ସାଲିସ୍ ରହେମହୁଲ୍ଲାଃହୁ ତାଆଲା ଏକ ଅବସରରେ କୁହନ୍ତି: "ମୁଁ ତୁମମାନଙ୍କ ପରି ଏବଂ ତୁମମାନଙ୍କ ପରି ଜଣେ ବ୍ୟକ୍ତି ଅଟେ । ଅଲ୍ଲାଃତାଲା ମୋ ମନରେ ଆପଣ ସମସ୍ତଙ୍କ ପାଇଁ ଏତେ ପ୍ରେମ ସୃଷ୍ଟି କରି ଦେଇଛନ୍ତି ଯେ, ଆପଣମାନେ ତାହାର ଆକଳନ କରିପାରିବେ ନାହିଁ । ବେଳେବେଳ ମୁଁ ସିଜ୍‌ଦାରେ ଜମାଅତ୍ ନିମନ୍ତେ ଏବଂ ଜମାଅତ୍‌ର ସଦସ୍ୟଙ୍କ ନିମନ୍ତେ ଏପରି ଦୁଆ କରିଥାଏ ଯେ, ହେ ଈଶ୍ୱର ! ଯେଉଁମାନେ ମୋତେ ପତ୍ର ଲେଖିବାକୁ ଚାହୁଁଥିଲେ କିନ୍ତୁ କୌଣସି ଆଳସ୍ୟତା ଯୋଗୁଁ ସେମାନେ ପତ୍ର ଲେଖି ପାରିଲେ ନାହିଁ ତୁମ୍ଭେ ହିଁ ସେମାନଙ୍କର ମନସ୍କାମନକୁ ପୂର୍ଣ୍ଣ କର । ହେ ଈଶ୍ୱର ! ଯେଉଁମାନେ ମୋତେ ପତ୍ର ଲେଖିଲେ ନାହିଁ ଏବଂ ନା ହିଁ ସେମାନଙ୍କ ମନରେ ଏହି ଧାରଣା ଜାତ ହେଲା କି ଆମେ ହୁଜୁର ଅନୱର୍ ଅ.ବଙ୍କୁ ଦୁଆ ପାଇଁ ପତ୍ର ଲେଖିବୁ । ଯଦି ସେମାନଙ୍କର କୌଣସି ସମସ୍ୟା ନାହିଁ କିମ୍ବା ସେମାନଙ୍କର କୌଣସି ଆବଶ୍ୟକତା ନାହିଁ ତେବେ ହେ ପ୍ରଭୁ ! ତୁମ୍ଭେ ସେମାନଙ୍କର ଦୁଃଖ ଓ ସମସ୍ୟାକୁ ଦୂର କରିଦିଅ ଓ ସେମାନଙ୍କର ମନସ୍କାମନାକୁ ପୂର୍ଣ୍ଣ କର ।"

**(ଦୈନିକ ଅଲ୍ ଫଜଲ୍, ରବ୍‌ୱା, 1966 ମସିହା ଡିସେମ୍ବର ମାସ 5 ତାରିଖ)**

ଆଜି ମଧ୍ୟ ଅଲ୍ଲାଃତାଲାଙ୍କ କୃପାରୁ ଜଣେ କଲ୍ୟାଣମୟ ଅସ୍ତିତ୍ୱ ହ. ଖଲିଫତୁଲ୍ ମସିହ୍ ଖାମିସ୍ ଅ.ବଙ୍କ ଆକାରରେ ବିଦ୍ୟମାନ ଅଛନ୍ତି । ଉପସ୍ଥିତ ଖଲିଫାଙ୍କ ପ୍ରେମ ଓ ଆନ୍ତରୀକତା ତଥା ଦୁଆ ଆମମାନଙ୍କ ନିମନ୍ତେ ଏପରି ଏକ ନିଧି ରହିଛି ଯାହାର ଆକଳନ କରିବା ଅସମ୍ଭବ ଅଟେ । ଯଦି ଆମମାନଙ୍କର ସମଗ୍ର ଜୀବନ ଈଶ୍ୱରଙ୍କ ସମ୍ମୁଖରେ ଏହି ପୁରସ୍କାର ପ୍ରତି କୃତଜ୍ଞତା ଜ୍ଞାପନକାରୀ ହୋଇ ମଥାନତ ହୋଇ ରହେ ତେବେ ମଧ୍ୟ ଆମେମାନେ ବୋଧେ ପ୍ରଭୁଙ୍କର କୃତଜ୍ଞତା ଜ୍ଞାପନ କରିପାରିବୁ ନାହିଁ । କିନ୍ତୁ ଏହି ପୁରସ୍କାରର କୃତଜ୍ଞତା ଅବଶ୍ୟ କରିବା ଉଚିତ୍ ଏବଂ ଏଥି ନିମନ୍ତେ ଉଦ୍ୟମ ମଧ୍ୟ କରିବା ଉଚିତ୍ । ଏହାର ଏକ ମାଧ୍ୟମ ଏହା ମଧ୍ୟ ରହିଛି ଯେ, ଆମେମାନେ ଉପସ୍ଥିତ ଖଲିଫାଙ୍କ ନିମନ୍ତେ ଅନିର୍ବାର୍ଯ୍ୟ ରୂପେ ଦୁଆ କରୁଥିବୁ । ଅଲ୍ଲାଃତାଲାଙ୍କ ସମକ୍ଷରେ କାନ୍ଦି କାନ୍ଦି ଦୁଆ କରିବୁ କି ହେ ଅଲ୍ଲାଃ ! ତୁମ୍ଭେ ଆମ୍ଭର ଉପସ୍ଥିତ ଖଲିଫାଙ୍କୁ ନିଜର ସୁରକ୍ଷା ବଳୟ ମଧ୍ୟରେ ରଖ । ସେ ଯେପରି ଆମମାନଙ୍କ ନିମନ୍ତେ ସମବେଦନା ରଖନ୍ତି, ଆମମାନଙ୍କ ନିମନ୍ତେ ଦୁଆ କରନ୍ତି ଠିକ୍ ସେହିପରି ଆମେମାନଙ୍କୁ ମଧ୍ୟ ଦୁଆ ମାଧ୍ୟମରେ ହୁଜୁର ଅ.ବଙ୍କର ସହାୟକ କରିଦିଅ । ଆମମାନଙ୍କୁ ଉପସ୍ଥିତ ଖଲିଫାଙ୍କର ସହୟାକ କରିଦିଅ ଏବଂ ଖିଲାଫତ୍ ସହିତ ସର୍ବଦା ସଂଶ୍ଳୀଷ୍ଟ ରଖ ହେ ପ୍ରଭୁ ! **ଆମିନ୍ ।**

ସମ୍ମାନିତ ଶ୍ରୋତାମଣ୍ଡଳୀ ! ଖିଲାଫତ୍ ସହିତ କିପରି ସଂଶ୍ଳୀଷ୍ଟ ରହିହେବ ଏଥି ସଂକ୍ରାନ୍ତରେ ହ. ଖିଲଫତୁଲ୍ ମସିହ୍ ଅୱଲ୍ ର.ଅ କହିଲେ: "ତୁମେମାନେ ନିଜକୁ ଇମାମ୍‌ଙ୍କ ସହିତ ଏପରି ସଂଶ୍ଳୀଷ୍ଟ କରିନିଅ ଯେପରି ରେଳଗାଡ଼ି ଇଞ୍ଜିନ ସହିତ ନିଜକୁ ସଂଶ୍ଳୀଷ୍ଟ ରଖିଥାଏ । ପୁନଶ୍ଚ ପ୍ରତ୍ୟେକ ଦିନ ଦେଖିବ ଯେ, ତୁମେମାନେ ଅନ୍ଧକାରରୁ ବାହାରୁଛ ଅବା ନୁହେଁ ? ତୁମେମାନେ ବହୁଳ ରୂପେ ଇସ୍ତିଗ୍‌ଫାର କର ଏବଂ ଦୁଆରେ ନିମଜ୍ଜିତ ରୁହ । 13 ବର୍ଷ ପରେ ଏହି ଯୁଗ ପ୍ରାପ୍ତ ହୋଇଛି ଏବଂ ଭବିଷ୍ୟତ କାଳରେ ପ୍ରଳୟ ଦିବସ ପର୍ଯ୍ୟନ୍ତ ଏହି ଯୁଗ ଆଉ ପ୍ରାପ୍ତ ହୋଇପାରିବ ନାହିଁ । ଅତଏବ୍ ତୁମେମାନେ ଅବଦାନ ଏବଂ ପୁରସ୍କାର ପ୍ରାପ୍ତ କରିଥିବା ହେତୁ ପ୍ରଭୁଙ୍କର କୃତଜ୍ଞତା ଜ୍ଞାପନ କର । କାରଣ ତୁମେମାନେ ଯଦି କୃତଜ୍ଞ ହୁଅ ତେବେ ପ୍ରଭୁ ତୁମକୁ ଆହୁରି ପୁରସ୍କୃତ କରି ଚାଲିବେ ।" **(ଖୁତ୍‌ବାତେ ନୁର୍, ପୃ-131)**

ସମ୍ମାନିତ ଶ୍ରୋତାମଣ୍ଡଳୀ ! ଅଲ୍ଲାଃତାଲା ଜମାଅତ୍‌କୁ ଉନ୍ନତି ପ୍ରଦାନ କରିବେ ଏବଂ ଉନ୍ନତି ପ୍ରଦାନ କରୁଛନ୍ତି ମଧ୍ୟ । ଯେଉଁ ଲକୋମାନେ ନିଜକୁ ଖିଲାଫତ୍ ସହିତ ସଂଶ୍ଳୀଷ୍ଟ ରଖନ୍ତି ଏବଂ ସଂଶ୍ଳୀଷ୍ଟ ରୁଖିବାକୁ ପ୍ରୟାସ କରିଥାଆନ୍ତି ଅଲ୍ଲାଃତାଲା ସେହି ଲୋକମାନଙ୍କର ମାର୍ଗଦର୍ଶନ କରିଥାଆନ୍ତି । ଏହାର କେତେକ ଉଦାହରଣ ମୁଁ ଉପସ୍ଥାପିତ କିରଦେଉଛି ।

ହୁଜୁର ଅନ୍‌ୱର୍ ଅ.ବ କୁହନ୍ତି: "କ୍ୟାମରୁନ୍ ସହରର ଗ୍ରାଣ୍ଡେରେ ନାମକ ଏକ ଗ୍ରାମରେ 8 ଜଣ ପରିବାର ବୈଅତ୍ କରି ଜମାଅତ୍ ଅହେମଦିୟାରେ ସାମିଲ୍ ହୋଇଯାଇଛନ୍ତି । ନବଦୀକ୍ଷିତଙ୍କ କହିବା କଥା କି ଏମ୍.ଟି.ଏ ଆମମାନଙ୍କ ସନ୍ତାନମାନଙ୍କର ଜୀବନକୁ ପରିବର୍ତ୍ତନ କରି ଦେଇଛି ଏବଂ ଧର୍ମ ସଂକ୍ରାନ୍ତରେ ସନ୍ତାନମାନଙ୍କର ଜ୍ଞାନରେ ଅଭିବୃଦ୍ଧି ଘଟିଛି । ସେମାନଙ୍କ ମଧ୍ୟରୁ ଅବ୍‌ଦୁର ରହ୍‌ମାନ୍ ନାମକ ଜନୈକ ଯୁବକ ଯେକି ଓ ଲେବୁଲ୍ ଶିକ୍ଷା ପ୍ରାପ୍ତ କରୁଛି ସେ ମୋର ଖୁତ୍‌ବାଗୁଡ଼ିକୁ ଅତ୍ୟନ୍ତ ଆଗ୍ରହର ସହିତ ଶୁଣିଥାଏ । ସେ ଆପଣଙ୍କର ଦିୱାନା ଅଟେ । ଜୁମା ଦିନ ସେ ସ୍କୁଲ୍ ଶିକ୍ଷକଙ୍କୁ କୁହେ କି ଶିକ୍ଷକ ମହୋଦୟ ! ମୁଁ ଘରକୁ ଖୁତ୍‌ବା ଶୁଣିବା ନିମନ୍ତେ ଯିବାକୁ ଚାହୁଁଛି ତେଣୁ ଆପଣ ମୋତେ ଘରକୁ ଯିବା ନିମନ୍ତେ ଅନୁମତି ପ୍ରଦାନ କରନ୍ତୁ । **ଆମିନ୍ ।** ହୁଜୁର ଖୁତ୍‌ବା ପାଇଁ ମୁଁ ସ୍କୁଲ୍ ଛାଡ଼ି ପାରିବି କିନ୍ତୁ ଖୁତ୍‌ବା ଛାଡ଼ି ପାରିବି ନାହିଁ । ଏହା ସେମାନଙ୍କର ବିଶ୍ୱାସ ଅଟେ । ସେହି ଛାତ୍ରର ପିତା କହିଲେ, ମୋ ପୁଅ ପ୍ରତ୍ୟେକ ଶୁକ୍ରବାର ସ୍କୁଲ ଛାଡ଼ି ଏମ୍.ଟି.ଏରେ ଖୁତ୍‌ବା ଶୁଣିବା ନିମନ୍ତେ ଚାଲି ଆସେ । ମୋ ପୁଅ କହେ, ଖୁତ୍‌ବା ଶୁଣିବା ଦ୍ୱାରା ମୋ ବିଶ୍ୱାସ ଏବଂ ଜ୍ଞାନରେ ଅଭିବୃଦ୍ଧି ଘଟିଥାଏ । ପୂର୍ବେ ମୁଁ ଯେଉଁ ଭୁଲ୍ କାମ କରୁଥିଲି ବର୍ତ୍ତମାନ ଛାଡ଼ି ଦେଇଛି ।"

ଅତଏବ୍ ଏ ହେଉଛି ସେହି ଲୋକମାନେ ଯେଉଁମାନେ ଖିଲାଫତ୍ ସହିତ ଶଂଶ୍ଳୀଷ୍ଟ ରହିବା ନିମନ୍ତେ ନିଜର ଅଙ୍ଗୀକାରକୁ ପୂର୍ଣ୍ଣ ନିର୍ବାହ କରୁଛନ୍ତି । ନିଃସନ୍ଦେହ ରୂପେ ଦିନ ଆସିବ ଯେତେବେଳେ ଏହିମାନେ ହିଁ ଉନ୍ନତି କରି ଶୀର୍ଷରେ ରହିବେ । କାରଣ ଏମାନେ ପ୍ରତିଶ୍ରୁତିର ପୃଷ୍ଟିକର୍ତ୍ତା ଏବଂ ଚରିତାର୍ଥକାରୀ ହେବା ନିମନ୍ତେ ଇଚ୍ଛୁକ ଅଟନ୍ତି ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ପୁନଶ୍ଚ ବେଲ୍‌ଜିୟମ୍‌ର ଅମୀର୍ ସାହେବ ଉଲ୍ଲେଖ କରନ୍ତି: "ମରକ୍କୋର ମୁସ୍ତଫା ସାହେବ ନାମକ ଜଣେ ଅହେମଦି ଦୀର୍ଘ କାଳ ଧରି ଅହେମଦିୟତ୍ ସଂପର୍କରେ ଗବେଷଣା କରି ବୈଅତ୍ କରିଥିଲେ । ସେ କୁହନ୍ତି, ମୁଁ ଆବାଲ୍ୟ କାଳରୁ ହିଁ ଅନେକ ବିଦ୍ୱାନ୍‌ମାନଙ୍କ ଗହଣରେ ନିଜର ସମୟ ଅତିବାହିତ କରିଛି । କିନ୍ତୁ ଉପସ୍ଥିତ ଖଲିଫାଙ୍କ ଖୁତ୍‌ବାତ୍ କେବଳ ପବିତ୍ର କୁରଆନ୍ କରିମ୍‌ର ତଫସିର୍ ନୁହେଁ ବରଂ ମନୁଷ୍ୟକୁ ଅଲ୍ଲାଃତାଲାଙ୍କ ନିକଟବର୍ତ୍ତୀ କରାଇଥାଏ ।"

ସେହି ଅହେମଦି କୁହନ୍ତି: "ଏହି ଖୁତ୍‌ବାତ୍ ଶୁଣିବା ପରେ ମୋତେ ନମାଜ ପଢିବାରେ ବହୁତ ଆନନ୍ଦ ପ୍ରାପ୍ତ ହୋଇଛି । ଅଲ୍ଲାଃତାଲା ମୋତେ ସତ୍ୟ ସ୍ୱପ୍ନ ମଧ୍ୟ ଦର୍ଶନ (ଦେଖାଇଛନ୍ତି) କରାଇଛନ୍ତି । ଅହେମଦିୟତ୍ ମୋ ଜୀବନକୁ ସଂପୂର୍ଣ୍ଣ ରୂପେ ବଦଳି ଦେଇଛି ।" ହୁଜୁର ଅନ୍‌ୱର୍ ଅ.ବ କହିଲେ, ମହୋଦୟ ଅଲ୍ଲାଃତାଲାଙ୍କ କୃପାର ଚର୍ଚ୍ଚା କରି ଲୋତାକାପ୍ଲୁତ (ମହୋଦୟଙ୍କ ଆଖିରୁ ଲୁହ ଧାର ଧାର ହୋଇ ବହିଯାଏ) ହୋଇଯାଆନ୍ତି ।

ଅଲ୍ଲାଃତାଲା ନିଜର ପ୍ରତିଶ୍ରୁତି ଅନୁଯାୟୀ କିପରି ହ. ମସିହ୍ ମଉଦ୍ ଅ.ସଙ୍କ ଦ୍ୱାରା ଜାରି ହୋଇଥିବା ଖିଲାଫତ୍‌ର ସମର୍ଥନ କରିଛନ୍ତି ଓ କିପରି ଲୋକମାନଙ୍କର ହୃଦୟକୁ ପ୍ରଶସ୍ତ (ଖୋଲି) କରିଦେଇ ଥାଆନ୍ତି । ଏହାର ଏକ ବିଶ୍ୱାସବର୍ଦ୍ଧକ ଘଟଣା ରହିଛି । ଗିନି ବସାଓର ମୁବଲ୍ଲିଗ୍ ସାହେବ କୁହନ୍ତି: "ଜଣେ ଗ୍ରାମରେ ଗତ ବର୍ଷ ତବ୍‌ଲିଗ୍ ମାଧ୍ୟମରେ କେତେକ ସଦସ୍ୟ ଅହେମଦିୟତ୍ ସ୍ୱୀକାର କରି ନେଇଥିଲେ । କିନ୍ତୁ ସେହି ଗ୍ରାମର 4ଟି ପରିବାର ଅହେମଦିୟତ୍ ସ୍ୱୀକାର କରିବାକୁ ଅସ୍ୱୀକାର କରି ଦେଇଥିଲେ । ଆମର ଟିମ୍ ଯେତେବେଳେ ଗ୍ରାମରେ ଏମ.ଟି.ଏ ଇନଷ୍ଟଲ୍ କରିବାକୁ ଗଲା ସେତେବେଳେ ଆମର ମୁଅଲ୍ଲିମ୍ ସାହେବ ମୁହମ୍ମଦ ମୁସାଲିଓ ଜାଲୁ ସାହେବ ସେହି ସମସ୍ତ ପରିବାରଙ୍କୁ ମଧ୍ୟ ମସ୍‌ଜିଦ୍ ଡକାଇଲେ ଯେ, ସେମାନେ ଆସି ଆମର ମୁସ୍‌ଲିମ୍ ଟି.ଭି ଚ୍ୟାନେଲେ ଓ ଆମର ଖଲିଫା ତଥା ଇମାମ୍ ମେହଦୀ ଅ.ସଙ୍କ ଛବି ଦେଖନ୍ତୁ........ନମାଜ ପରେ ଯେତେବେଳେ ଏମ୍.ଟି.ଏ ଆରମ୍ଭ ହେଲା ସେତେବେଳେ ଏମ୍.ଟି.ଏରେ ଖୁତ୍‌ବା ଆସୁଥିଲା । ଅଣଅହେମଦି ବନ୍ଧୁମାନେ ଅତ୍ୟନ୍ତ ଧ୍ୟାନପୂର୍ବକ ଏହି ସମସ୍ତ କାର୍ଯ୍ୟକ୍ରମକୁ ଦେଖୁଥିଲେ । ମୁଅଲ୍ଲିମ୍ ସାହେବ ସେମାନଙ୍କୁ କହିଲେ, ମହୋଦୟ ଖୁତ୍‌ବା ଇଂରାଜୀରେ ଚାଲିଛି ମୁଁ ଆପଣଙ୍କ ନିମନ୍ତେ ଅନୁବାଦ କରି ଦେଉଛି । ଆପଣଙ୍କର ଏହି ଅଧିକାର ରହିଛି ଆପଣ ଜାଣନ୍ତୁ କି ଉପସ୍ଥିତ ଖଲିଫା କ'ଣ କହୁଛନ୍ତି ? ପ୍ରତ୍ୟୁତ୍ତରରେ ସେ କହିଲେ, ମୁଁ କିଛି ବୁଝିପାରୁ ନାହିଁ । କିନ୍ତୁ ମୁଁ ଈଶ୍ୱରଙ୍କ ଶପଥ କରି କହୁଛି ଯେ, ଏ (ହୁଜୁର ଅନୱର୍) ମିଛ କହି ପାରିବେ ନାହିଁ। ଯଦି ଏହି ସାଧୁ ବ୍ୟକ୍ତି ଜମାଅତ୍ ଅହେମଦିୟାର ଉପସ୍ଥିତ ଖଲିଫା ଅଟନ୍ତି ତେବେ ଅହେମଦିୟା ଜମାଅତ୍ କେବେ ବି ମିଥ୍ୟାବାଦୀ ଜମାଅତ୍ ହୋଇ ପାରିବ ନାହିଁ । ମୁଁ ବର୍ତ୍ତମାନ ଓ ଏହି ମୁହୂର୍ତ୍ତରେ ହିଁ ଅହେମଦିୟତ୍ ସ୍ୱୀକାର କରିବାର ଘୋଷଣା କରୁଛି ।"

ହୁଜୁର ଅନ୍‌ୱର୍ ଅ.ବ କହିଲେ, ପୁନଶ୍ଚ ନାଇଜିରିୟାର ମୁବଲ୍ଲିଗ୍ ସିଲସିଲା କୁହନ୍ତି: "ଏମ୍.ଟି.ଏ ଦେଖିବା ନିମନ୍ତେ ଅନେକ ସ୍ଥାନରେ ଯେଉଁ ଡିଶ୍ ରୋପଣ କରାଯାଇଛି ସେଠାରେ ଲୋକମାନେ ଖୁତ୍‌ବାତ୍ ଦେଖି ଥାଆନ୍ତି ଏବଂ ଅନ୍ୟାନ୍ୟା କାର୍ଯ୍ୟକ୍ରମ ମଧ୍ୟ ଦେଖିଥାଆନ୍ତି । ଅତଏବ୍ ଜଣେ ବ୍ୟକ୍ତି କହିଲା, ମୋ ମନରେ ଜମାଅତ୍ ସଂପର୍କରେ ଅନେକ ଆପତ୍ତି ଏବଂ ପ୍ରଶ୍ନ ରହିଥିଲା । ମୋ ମନ ଆଦୌ ସନ୍ତୁଷ୍ଟ ଓ ତୃପ୍ତ ହେଉ ନଥିଲା । କିନ୍ତୁ ଇମାମ୍ ଜମାଅତ୍ ଅହେମଦିୟାଙ୍କ ଖୁତ୍‌ବା ଯେତେବେଳେ ଶୁଣିଲି ସେତେବେଳେ ସ୍ୱତଃପ୍ରବୃତ୍ତଃ ରୂପେ ମୋର ହୃଦୟ ସନ୍ତୁଷ୍ଟ ହୋଇଗଲା । ମୋତେ ପ୍ରକୃତ ଇସ୍‌ଲାମ୍ ଧର୍ମ ମିଳି ଯାଇଛି । ମୋ ମନରେ ଥିବା ସମସ୍ତ ସନ୍ଦେହ ଓ ଆପତ୍ତି କ୍ରମଶଃ ସମାପ୍ତ ହୋଇଯାଇଛି ଏବଂ ମୁଁ ଜମାଅତ୍‌ରେ ସାମିଲ୍ ହୋଇଯାଇଛି ।"

**(ଖୁତ୍‌ବା ଜୁମା 2004 ମସିହା ମେ ମାସ 24 ତାରିଖ)**

ସେହିପରି ଜଣେ ସନ୍ତାନର ଉଦାହରଣ ରହିଛି । ମେସିଡୋନିୟାର ମୁବଲ୍ଲିଗ୍ ଇନ୍‌ଚାର୍ଜ ସାହେବ ଉଲ୍ଲେଖ କରନ୍ତି ଯେ, ବିଗତ ଦିନରେ ବୋସ୍‌ନିୟା ଗସ୍ତ ସମୟରେ ଜଣେ ବନ୍ଧୁ ସହିତ ମୋର ପରିଚୟ ହେଲା । ସେ ପାକିସ୍ତାନର ଅଧିବାସୀ ଥିଲେ। ଅତଏବ୍ ତାଙ୍କ ସହିତ ପ୍ରଚାରିକ ବାର୍ତ୍ତାଳାପ ହେଲା । ସାକ୍ଷାତ୍‌ର ପରମ୍ପରା ଜାରି ରହିଲା । ସେହି ବନ୍ଧୁ ଜଣକ କହିଲେ, କିଛି କାଳ ପୂର୍ବେ ଦୁବାଇ ବିମାନ ବନ୍ଦରରେ ତାଙ୍କର ସାକ୍ଷାତ୍ ଜଣେ ପରିବାର ସହିତ ହେଲା । ତାଙ୍କର ତିନି ଚାରି ବର୍ଷର ଜଣେ କନ୍ୟା ସନ୍ତାନ କହୁଥିଲା ଯେ, ଆମ ସମସ୍ତଙ୍କୁ ନମାଜ ପାଠ କରିବା ଉଚିତ୍ ଏବଂ ସତ କହିବା ଉଚିତ୍ । ଯେତେବେଳେ ମୁଁ ଜାଣିବାକୁ ପାଇଲି ଯେ, ସେହି ପରିବାରର ସଂପର୍କ ଜମାଅତ୍ ଅହେମଦିୟା ସହିତ ରହିଛି ସେତେବେଳେ ମୁଁ ସେହି ବାଳିକାକୁ ପାଚିରିଲି ଯେ, ପୁତ୍ରୀ ! ତୁମ ଜୀବନର ସବୁଠୁ ବଡ଼ ଆକାଂକ୍ଷା ଓ ଅଭିଳାଷା କ'ଣ?

ସେ କହିବାକୁ ଲାଗିଲା ଯେ, ଲଣ୍ଡନ୍‌ରେ ପ୍ରିୟ ହୁଜୁରୁ ଅନ୍‌ୱର୍ ଅ.ବଙ୍କ ସହିତ ମୁଁ ସାକ୍ଷାତ୍ କରିବାକୁ ଚାହୁଁଛି । ସେ କୁହନ୍ତି ଯେ, ମୋ ଉପରେ ଏହି କଥା ବହୁତ ଗଭୀର ପ୍ରଭାବ ପକାଇଲା ଯେ, ଏତେ ଛୋଟ ବୟସରେ ଏହି ବାଳିକାର ଏତେ ବଡ଼ ସ୍ୱପ୍ନ ରହିଛି ଯେ, ସେ କହୁଛି ମୁଁ ଉପସ୍ଥିତ ଖଲିଫାଙ୍କ ସହିତ ସାକ୍ଷାତ୍ କରିବି ।

**(ଖୁତ୍‌ବା ଜୁମା 2020 ମସିହା ମେ ମାସ 29 ତାରିଖ)**

ସମ୍ମାନିତ ଶ୍ରୋତାମଣ୍ଡଳୀ ! ଖିଲାଫତ୍ ସହିତ ସଂଶ୍ଳୀଷ୍ଟ ରହିବା ନିମନ୍ତେ ଉପସ୍ଥିତ ଖଲିଫାଙ୍କ ସହିତ ନିଜେ ସଂପର୍କ ଯୋଡ଼ିବାକୁ ହେବ । ଏହାର ଏକ ପ୍ରମୁଖ ମାଧ୍ୟମ M.T.A ଅଟେ । ଏହି ଘଟଣାବଳୀରୁ ସ୍ପଷ୍ଟ ପ୍ରକାଶିତ ହୁଏ ଯେ, ସମଗ୍ର ବିଶ୍ୱ ଏମ.ଟିଏର ଅଧାମ୍ ପରିଚୟ ସହିତ କିପରି ଉପସ୍ଥିତ ଖଲିଫାଙ୍କ ସହିତ ସଂଶ୍ଳୀଷ୍ଟ ରହିଛି ? କିପରି ଖିଲାଫତର କଲ୍ୟାଣରୁ ଉପକୃତ ହେଉଅଛି ? ଅତଏବ୍ ଜମାଅତ୍‌ର ସଦସ୍ୟଙ୍କ ନିମନ୍ତେ ଏହା ଉଚିତ୍ କି ସେମାନେ ନିଜ ଘରେ ଏମ.ଟି.ଏ ବ୍ୟବସ୍ଥାକୁ ଜାରି ରଖନ୍ତୁ । ଖୁତ୍‌ବା ଜୁମା ସିଧା ପ୍ରସାରଣ ଏବଂ ଖୁତ୍‌ବାତ୍‌କୁ ନିୟମିତ ରୂପେ ନିଜେ ଶୁଣନ୍ତୁ ଏବଂ ନିଜର ପରିବାରର ଅନ୍ୟ ସଦସ୍ୟଙ୍କୁ ମଧ୍ୟ ଶୁଣାନ୍ତୁ । ହୁଜୁର ଅନ୍‌ୱର୍ ଅ.ବଙ୍କ କାର୍ଯ୍ୟକ୍ରମ "**THIS WEEK WITH HUZOOR**" ଯାହା ପ୍ରତ୍ୟେକ ସପ୍ତାହରେ ପ୍ରସାରିତ ହୋଇଥାଏ । ସ୍ୱୟଂ ଦେଖନ୍ତୁ ଏବଂ ନିଜର ସନ୍ତାନମାନଙ୍କୁ ମଧ୍ୟ ଦେଖିବା ନିମନ୍ତେ ଉତ୍ସାହିତ କରନ୍ତୁ । ଉପସ୍ଥିତ ଖଲିଫାଙ୍କର ସେବାରେ ନିୟମିତ ରୂପେ ଦୁଆ ପାଇଁ ପତ୍ର ଲେଖନ୍ତୁ । ସୟେଦିନା ହୁଜୁର ଅନ୍‌ୱର୍ ଅ.ବଙ୍କ ସ୍ୱାସ୍ଥ୍ୟ ଏବଂ ସକୁଶଳତା ନିମନ୍ତେ ପ୍ରତ୍ୟେକ ନମାଜରେ ଦୁଆ କରନ୍ତୁ । ଖିଲାଫତ୍ ବ୍ୟବସ୍ଥାର ସୁରକ୍ଷା ଏବଂ ତା'ର ଦୃଢ଼ତା ଏହା କାମନା କରେ କି ନିଜ ଘରମାନଙ୍କରେ ଜମାଅତ୍‌ର ବ୍ୟବସ୍ଥାର ପବିତ୍ରତାକୁ ଅକ୍ଷୁର୍ଣ୍ଣ ରଖନ୍ତୁ । ପୁନଶ୍ଚ ଦେଖନ୍ତୁ ! କିପରି ଆପଣଙ୍କର ଘରମାନଙ୍କରେ ପୁଣ୍ୟ ଏବଂ ପବିତ୍ର ପରିବର୍ତ୍ତନ ସୃଷ୍ଟି ହୋଇପାରୁଛି ? କିପରି କଲ୍ୟାଣ ଅବତୀର୍ଣ୍ଣ ହେଉଛି ?

ସମ୍ମାନିତ ଶ୍ରୋତାମଣ୍ଡଳୀ ! ଆମେମାନେ ଉକ୍ତ କଥାର ମଧ୍ୟ ସ୍ୱୀକାରୋକ୍ତି ପ୍ରକାଶ କରିଥାଉ ଯେ, ଆମେମାନେ ଖିଲାଫତ୍ ବ୍ୟବସ୍ଥାର ସୁରକ୍ଷା ଏବଂ ସ୍ଥାୟୀତ୍ୱତା ନିମନ୍ତେ ଶେଷ ନିଃଶ୍ୱାସ ପର୍ଯ୍ୟନ୍ତ ସଂଗ୍ରାମ ଓ ଉଦ୍ୟମ କରୁଥିବୁ । ଆମେମାନେ ନିଜର ସନ୍ତାନ ସନ୍ତତିଙ୍କୁ ସର୍ବଦା ଖିଲାଫତ୍ ସହିତ ସଂଶ୍ଳୀଷ୍ଟ ରହିବା ଏବଂ ଖିଲାଫତ୍‌ର କଲ୍ୟାଣରୁ ଉପକୃତ ହେବା ନିମନ୍ତେ ଉତ୍ସାହିତ କରୁଥିବୁ । କାରଣ ପ୍ରଳୟ ଦିବସ ପର୍ଯ୍ୟନ୍ତ ଖିଲାଫତେ ଅହେମଦିୟା ସୁରକ୍ଷିତ ରୂପେ ଅବ୍ୟାହତ ରହୁ । **ଆମିନ୍ ।**"

ଅଲ୍ଲାଃତାଲା କରନ୍ତୁ କି ପ୍ରତ୍ୟେକ ଅହେମଦି ମହିଳା ପୁରୁଷମାନେ ନଜି ନିଜ ଅଙ୍ଗୀକାର ବା ନିଜ ନିଜର ଶପଥକୁ ପୂର୍ଣ୍ଣକାରୀ ବ୍ୟକ୍ତି ହୋଇଯାଆନ୍ତୁ । ଖିଲାଫତ୍ ସହିତ ବିଶ୍ୱସ୍ତତା ଏବଂ ପ୍ରେମ ଓ ଆନ୍ତରୀକତାରେ ସର୍ବୋଚ୍ଚ ସ୍ତର ସ୍ଥାପନ କରିବା ନିମନ୍ତେ ଅଲ୍ଲାଃତାଲା ସାମର୍ଥ୍ୟ ପ୍ରଦାନ କରନ୍ତୁ । **ଆମିନ୍** । ଅଲ୍ଲାଃତାଲା ଆମମାନଙ୍କୁ ସର୍ବଦା ଖିଲାଫତ୍ ସହିତ ସଂଶ୍ଳୀଷ୍ଟ ରଖିବା ଏବଂ ଖିଲାଫତ୍‌ର କଲ୍ୟାଣରୁ ଉପକୃତ ହେବା ନିମନ୍ତେ ସାମର୍ଥ୍ୟ ପ୍ରଦାନ କରନ୍ତୁ । **ଆମିନ୍ ସୁମ୍ମା ଆମିନ୍ ।**

ہمارا خلافت پہ ایمان ہے
یہ ملّت کی تنظیم کی جان ہے
اسی سے ہر اک مشکل آسان ہے
گریزاں ہے اس سے جو نادان ہے
رہیں گے خلافت سے وابستہ ہم ج
ماعت کا قائم ہے اس سے بھرم

واخر دعونا عن الحمد للہ رب العالمین

☆--☆--☆

## ପୃ-20ର ଅବଶିଷ୍ଟାଂଶ

(କ୍ଷୀର) ନିଜ ତୁଣ୍ଡ ଦ୍ୱାରା ସ୍ପର୍ଶ କରି ତାହାକୁ କଲ୍ୟାଣ ପ୍ରଦାନ କରି ସେହି କ୍ଷୀର ଦ୍ୱାରା ଏକ ଗୋଷ୍ଠୀର ଭୋକ ଏବଂ ପେଟ ପୂରି ଯାଉଥିଲା । ବେଳେବେଳେ ଆପଣ ସ.ଅ ଲୁଣିଆ କୂଅରେ ନିଜର ପବିତ୍ର ଲାଳ ପକାଇ ତାହାକୁ ଅତ୍ୟନ୍ତ ମଧୁର ଜଳରେ ପରିଣତ କରି ଦେଇଥିଲେ । ସେହିପରି ବେଳେବେଳେ ଅତ୍ୟନ୍ତ ଗମ୍ଭୀର ରୂପେ ଆହତ ବ୍ୟକ୍ତି ଏବଂ ସାହାବାମାନଙ୍କ କ୍ଷତ ଉପରେ ହାତ ରଖି ଆପଣ ସେମାନଙ୍କୁ ଠିକ୍ କରି ଦେଉଥିଲେ । ବେଳେବେଳେ ଯୁଦ୍ଧ ସମୟରେ ଚକ୍ଷୁ ଡୋଳା କୌଣସି ଆଘାତ ବଶତଃ ଚକ୍ଷୁରୁ ବାହାରି ଯାଉଥିଲା ସେତେବେଳେ ଆପଣ ସେହି ଆଖି ଡୋଳାକୁ ସ୍ୱହସ୍ତରେ କଲ୍ୟାଣ ଦ୍ୱାରା ପୁନଃ ଠିକ୍ କରି ଦେଉଥିଲେ । ଠିକ୍ ସେହିପରି ଆହୁରି ଅନେକ କାର୍ଯ୍ୟ ରହିଛି ଯାହାକୁ ଆପଣ ସ.ଅ ନିଜର ବ୍ୟକ୍ତିଗତ ଶକ୍ତି ତଥା ସାମର୍ଥ୍ୟତା ଦ୍ୱାରା ସମ୍ପାଦନ କରିଥିଲେ । ସେହି କାର୍ଯ୍ୟ ଅର୍ଥାତ୍ ଆଁହଜରତ ସ.ଅଙ୍କ ବ୍ୟକ୍ତିଗତ ଶକ୍ତି ଓ ସାମର୍ଥ୍ୟତା ସହିତ ଏକ ଲୁକ୍କାୟିତ ଐଶୀ ଶକ୍ତି ମଧ୍ୟ ମିଶ୍ରିତ ହୋଇ ରହୁଥିଲା । ଅର୍ଥାତ୍ ଅଲ୍ଲାଃତାଲାଙ୍କର ଅଲୌକିକ ଶକ୍ତି ମଧ୍ୟ ତହିଁରେ ଅନ୍ତର୍ଭୁକ୍ତ ଥିଲା ।

**(ଆଇନା କମାଲାତେ ଇସଲାମ୍, ରାହାନୀ ଖଜାଏନ୍, ଭାଗ-5, ପୃ-65-66)**

اَللّٰھُمَّ صَلِّ عَلٰی مُحَمَّدٍ وَّاٰلِ مُحَمَّدٍ وَّبَارِکْ وَسَلِّمْ اِنَّکَ حَمِیْدٌ مَّجِیْدٌ

**(ଅଲଫଜଲ୍ ଇଣ୍ଟରନ୍ୟାସନଲ୍, 2 ମେ, 2025 ମସିହା, ପୃ-2-7)**

☆--☆--☆

## ଯାମିୟା ଅହେମଦିୟା କାଦିୟାନ୍‌ରେ ନାମ ଲେଖାଇବା ନିମନ୍ତେ ଆଗ୍ରହୀ ଓ ଇଚ୍ଛୁକ ଅହେମଦି ଛାତ୍ରମାନେ ଦୟାକରି ଧ୍ୟାନ ଦିଅନ୍ତୁ !

ଯାମିୟା ଅହେମଦିୟା କାଦିୟାନ୍ ହ. ମସିହ୍ ମଉଦ୍ ଅ.ସଙ୍କ ଦ୍ୱାରା ସ୍ଥାପିତ ଏକ ପବିତ୍ର ଧାର୍ମିକ ଶିକ୍ଷାନୁଷ୍ଠାନ ଅଟେ । ଏଠାରେ ଏଯାବତ୍ ସହସ୍ରାଧିକ ବିଦ୍ୱାନ୍ ଏବଂ ମୁବଲ୍ଲିଗିନ୍‌ମାନେ ଶିକ୍ଷା ପ୍ରାପ୍ତ କରି ଇସଲାମ୍ ଧର୍ମର ପ୍ରକୃତ ଶିକ୍ଷାକୁ ପୃଥିବୀର କୋଣ ଅନୁକୋଣ ପର୍ଯ୍ୟନ୍ତ ପରିବ୍ୟାପ୍ତ କରିବାର କର୍ତ୍ତବ୍ୟ ସମ୍ପାଦନ କରି ଆସୁଛନ୍ତି । ସୟେଦିନା ହୁଜୁରେ ଅନ୍‌ୱର୍ ଅ.ବ ମଧ୍ୟ ଅନେକ ଅବସରରେ ଅହେମଦି ଛାତ୍ରମାନଙ୍କୁ ହ. ମସିହ୍ ମଉଦ୍ ଅ.ସଙ୍କ ଦ୍ୱାରା ସ୍ଥାପିତ ଏହି ପବିତ୍ର ଧାର୍ମିକ ଶିକ୍ଷାନୁଷ୍ଠାନରୁ ଶିକ୍ଷା ଆହରଣ କରିବା ସଂକ୍ରାନ୍ତରେ ସେବା କରିବା ପ୍ରତି ଧ୍ୟାନ ଆକର୍ଷଣ କରିଛନ୍ତି । ଅତଏବ୍ ସୟେଦିନା ହୁଜୁର ଅନ୍‌ୱର୍ ଅ.ବଙ୍କ ଆଦେଶାନୁକ୍ରମେ ଅଧିକରୁ ଅଧିକ ୱାକ୍‌ଫିନେ ନଅ ଓ ଅଣ ୱାକ୍‌ଫିନେ ନଅ ଛାତ୍ରମାନଙ୍କୁ ଯାମିୟା ଅହେମଦିୟା କାଦିୟାନ୍‌ରେ ନାମ ଲେଖାଇ ଶିକ୍ଷାର୍ଜନ କରିବା ପ୍ରସଙ୍ଗରେ ଧର୍ମ ସେବା କରିବା ନିମନ୍ତେ ନିଜକୁ ଉପସ୍ଥାପିତ କରିବା ଉଚିତ୍ । ଅତଏବ୍ ଯେଉଁ ଛାତ୍ରମାନେ ଯାମିୟା ଅହେମଦିୟାରେ ନାମ ଲେଖାଇବା ନିମନ୍ତେ ଇଚ୍ଛୁକ ଓ ଅଗ୍ରହୀ ଅଟନ୍ତି ସେମାନେ "ଶୋବା ୱକ୍‌ଫେ ନଅ ଭାରତ" (ୱକଫେ ନଅ ବିଭାଗ) କିମ୍ବା ନଜାରତ୍ ତାଲିମ୍ ସହିତ ଯୋଗାଯୋଗ କରନ୍ତୁ ଓ ଶୀଘ୍ରାତିଶୀଘ୍ର ଫର୍ମ (ଆବେଦନ ଫର୍ମ)ଟିକୁ ପୂରଣ କରି ତା-30-06-2025 ସୁଦ୍ଧା ୱକ୍‌ଫେ ନଅ ଭାରତ କାର୍ଯ୍ୟାଳୟ କିମ୍ବା ନଜାରତ୍ ତାଲିମିକୁ ପ୍ରେରଣ କରନ୍ତୁ ।

**ନାମ ଲେଖାଇବା ନିମନ୍ତେ ନିମ୍ନଲିଖିତ ସର୍ତ୍ତାବଳୀ ଉଦ୍ଦିଷ୍ଟ ରହିଛି:**

(1) ମ୍ୟାଟ୍ରିକ୍ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ର ନିମନ୍ତେ ଆବେଦନକାରୀ ଛାତ୍ରର ବୟସ 17 ବର୍ଷ ହୋଇଥିବା ଆବଶ୍ୟ ଏବଂ +2 ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ର ନିମନ୍ତେ ଆବେଦନକାରୀ ଛାତ୍ରର ବୟସ 19 ବର୍ଷ ହୋଇଥିବା ଆବଶ୍ୟକ । ଯେଉଁ ଛାତ୍ରମାନେ ପବିତ୍ର କୁରଆନ୍ କରୀମ୍ ମୁଖସ୍ଥ କରିଛନ୍ତି ସେମାନଙ୍କର ବୟସ ସୀମା ଯଦି ଉପରୋକ୍ତରେ ବର୍ଣ୍ଣିତ ବୟସ ସୀମା ଠାରୁ ଅଧିକ ହୁଏ ତେବେ ସେ କ୍ଷେତ୍ରରେ ସେମାନଙ୍କ ପାଇଁ ବୟସ କୋହଳ କରିଦିଆଯିବ ।

(2) ଯାମିୟା ଅହେମଦିୟାରେ ନାମ ଲେଖାଇବା ନିମନ୍ତେ ଜାତୀୟ କ୍ୟାରିୟର୍ ପ୍ଲାନିଂ କମିଟି ୱକଫେ୍ ନଅ ଭାରତ ଛାତ୍ରମାନଙ୍କର ଇଣ୍ଟରଭ୍ୟୁ (ସାକ୍ଷାତ୍‌କାର) ଏବଂ ଲିଖିତ ପରୀକ୍ଷା ଆୟୋଜନ କରିବ ଓ ଯାମିୟା ଅହମଦିୟା ନିମନ୍ତେ ସେହି ଛାତ୍ରମାନଙ୍କୁ Select (ଚୟନ) କରିବ ଯେଉଁମାନେ ଉପରୋକ୍ତ ସର୍ତ୍ତକୁ ପୂରଣ କରୁଥିବେ । ଲିଖିତ ପରୀକ୍ଷାରେ ପବିତ୍ର କୁରଆନ୍ କରୀମ୍, ଇସଲାମ୍, ଅହମଦିୟତ୍, ଦିନି ମାଲୁମାତ୍, ଉର୍ଦ୍ଦୁ, ଇଂରାଜୀ ଏବଂ ସାଧାରଣ ଜ୍ଞାନରୁ ପ୍ରଶ୍ନ ପଡ଼ିବ ।

(3) ଲିଖିତ ପରୀକ୍ଷାରେ ଏବଂ ସାକ୍ଷାତ୍‌କାରରେ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରମାନଙ୍କର ନୁର୍ ହସ୍ପିଟାଲ୍ କାଦିୟାନ୍‌ରେ ମେଡ଼ିକାଲ୍ ପରୀକ୍ଷା କରାଯିବ । ଲିଖିତ ପରୀକ୍ଷା, ସାକ୍ଷାତ୍‌କାର ଏବଂ ସୟେଦିନା ହୁଜୁର ଅନ୍‌ୱର୍ ଅ.ବଙ୍କ ଅନୁମୋଦନ କ୍ରମେ ଯାମିୟା ଅହମଦିୟା କାଦିୟାନ୍‌ରେ ମେଡ଼ିକାଲ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରମାନଙ୍କର ହିଁ ନାମ ଲେଖାଯିବ ।

(4) ସ୍ନାତକ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରମାନଙ୍କୁ ଯାମିୟା ଅହେମଦିୟା କାଦିୟାନ୍‌ରେ ନାମ ଲେଖାଇବା ନିମନ୍ତେ ଅଗ୍ରାଧିକାର ପ୍ରଦାନ କରାଯିବ । ଅବେଦନ ଫର୍ମ Mail ମାଧ୍ୟମରେ ପ୍ରାପ୍ତ କରିବାର ଠିକଣା ନିମ୍ନଲିଖିତ ଅଟେ ।

**waqfenau@qadian.in**
**WAQF-E-NAU DEPARTMENT (NAZARAT TALEEM)**
**Darul Balaqh, CIVIL LINE , QADIAN**
**DISTRICT: GURDASPUR,**
**PUNJAB (INDIA) PIN: 143516**
**CONTACT: 01872-500975, 9988991775**

**(ସଦର୍ ନ୍ୟାସ୍‌ନଲ୍ କ୍ୟାରିୟର୍ ପ୍ଲାନିଂ କମିଟି ୱକ୍‌ଫେ ନଅ ଭାରତ)**

☆--☆--☆

## କେତେକ ନିର୍ବାଚିତ ଦୁଆ

(1) اَللّٰھُمَّ اِنِّیْ اَعُوْذُبِکَ مِنَ الْکَسَلِ وَالْھَرَمِ وَلْمَغْرَمِ وَلْمَاْثَمِ ۔ اَللّٰھُمَّ اِنِّیْ اَعُوْذُبِکَ مِنْ عَذَابِ النَّارِ الْفِتْنَۃِ النَّارِ، وَفِتْنَۃِ الْقَبْرِ وَعَذَابِ الْقَبْرِ، وَشَرِّ فِتْنَۃِ الْغِنٰی، وَشَرِّ فِتْنَۃِ الْفَقْرِ، وَشَرِّ فِتْنَۃِ الْمَسِیْحِ الدَّجَّالِ اَللّٰھُمَّ اَغْسِلْ خَطَایَا بِمَاءِ الثَّلْجِ وَلْبَرْدِ وَنَقِّ قَلْبِیْ مَنَ الْخَطَایَا کَمَا یُنَقِّی الثَّوْبُ الْاَبْیَضُ مِنَ الدَّنَسِ وَبَاعِدْ بَیْنِیْ وَبَیْنَ خَطَایَا کَمَا بَاعَدْتَ بَیْنَ الْمَشْرِقِ وَ الْمَغْرِبِ

(2) اَللّٰھُمَّ اِنِّیْ اَعُوْذُ بِکَ مِنْ عَذَابِ الْقَبْرِ، وَاَعُوْذُ بِکَ مِنْ فِتْنَۃِ الْمَسِیْحِ الدَّجَّالِ، وَاَعُوْذُبِکَ مِنْ فِتْنَۃِ الْمَحْیَا، وَفِتْنَۃِ الْمَمَاتِ، اَللّٰھُمَّ اِنِّیْ اَعُوْذُبِکَ مِنَ الْمَاْثَمِ وَالْمَغْرَمِ ۔

(3) لَا اِلٰہَ اِلَّا اَنْتَ، سُبْحَانَکَ، اَللّٰھُمَّ اَسْتَغْفِرُکَ لِذَنْبِیْ، وَاَسْاَلُکَ رَحْمَتَکَ، اَللّٰھُمَّ زِدْنِیْ عِلْمًا، وَلَا تُزِغْ قَلْبِیْ بَعْدَ اِذْ ھَدَیْتَنِیْ، وَھَبْ لِیْ مِنْ لَّدُنْکَ رَحْمَۃً، اِنَّکَ اَنْتَ الْوَھَّابُ ۔

(4) لَا اِلٰہَ اِلَّا اللّٰہُ وَحْدَہٗ لَا شَرِیْکَ لَہٗ، اَللّٰہُ اَکْبَرُ کَبِیْرًا، وَالْحَمْدُ لِلّٰہِ کَثِیْرًا، سُبْحَانَ اللّٰہِ رَبِّ الْعَالَمِیْنَ، لَا حَوْلَ وَلَا قُوَّۃَ اِلَّا بِاللّٰہِ الْعَزِیْزِ الْحَکِیْمِ

☆--☆--☆

## (ଖୁତ୍‌ବା ଜୁମା)

କେବଳ ବ୍ୟକ୍ତିଗତ ସାମର୍ଥ୍ୟତା ସ୍ୱରୂପ ଆଁହଜରତ ସ.ଅ ଅନେକ ଚମତ୍କାର ପ୍ରଦର୍ଶନ କିରଥିଲେ । ସେହି ବ୍ୟକ୍ତିଗତ ସାମର୍ଥ୍ୟତା ସହିତ କୌଣସି ଦୁଆ (ପ୍ରାର୍ଥନା) ନଥିଲା । ଆପଣ ସ.ଅ ଅନେକ ଥର ପିଆଲା ମଧ୍ୟରେ ଥିବା ସ୍ୱଳ୍ପ ଜଳକୁ ନିଜର ଆଙ୍ଗୁଠି ବୁଡ଼ାଇ ତାହାକୁ ଅଧିକ କରି ଦେଉଥିଲେ । ଅର୍ଥାତ୍ ସମସ୍ତ ସୈନ୍ୟବାହିନୀ, ଓଟ ଏବଂ ଅଶ୍ୱମାନେ ସେହି ଜଳକୁ ପାନ କରି ନେଉଥିଲେ । କିନ୍ତୁ ତଥାପି ସେହି ଜଳ ସେମିତିକୁ ସେମିତି ଅର୍ଥାତ୍ ସେତିକି ମାତ୍ରାରେ ଉପସ୍ଥିତ ରହୁଥିଲା ଏବଂ ଅନେକ ଥର ଦୁଇଟି କିମ୍ବା ଚାରି ପଟ ରୁଟି ହାତରେ ରଖିବା ଦ୍ୱାରା ସହସ୍ର ଭୋକିଲା ଏବଂ ଶୋଷିଲା ବ୍ୟକ୍ତିମାନଙ୍କର ଏହି ରୁଟି ଦ୍ୱାରା ପେଟ ପୂରି ଯାଉଥିଲା । ସେହିପରି ବେଳେବେଳେ କିଞ୍ଚିତ ପରିମଣାର ଦୁଗ୍ଧ (କ୍ଷୀର) ନିଜ ତୁଣ୍ଡ ଦ୍ୱାରା ସ୍ୱର୍ଶ କରି ତାହାକୁ କଲ୍ୟାଣ ପ୍ରଦାନ କରି ସେହି କ୍ଷୀର ଦ୍ୱାରା ଏକ ଗୋଷ୍ଠୀର ଭୋକ ଏବଂ ପେଟ ପୂରି ଯାଉଥିଲା । ବେଳେବେଳେ ଆପଣ ସ.ଅ ଲୁଣିଆ କୂଅରେ ନିଜର ପବିତ୍ର ଲାଳ ପକାଇ ତାହାକୁ ଅତ୍ୟନ୍ତ ମଧୂର ଜଳରେ ପରିଣତ କରି ଦେଉଥିଲେ । ସେହିପରି ବେଳେବେଳେ ଅତ୍ୟନ୍ତ ଗମ୍ଭୀର ରୂପେ ଆହତ ବ୍ୟକ୍ତି ଏବଂ ସାହାବାମାନଙ୍କ କ୍ଷତ ଉପରେ ହାତ ରଖି ଆପଣ ସେମାନଙ୍କୁ ଠିକ୍ କରି ଦେଉଥିଲେ । ବେଳେବେଳେ ଯୁଦ୍ଧ ସମୟରେ ଚକ୍ଷୁ ଡୋଳା କୌଣସି ଆଘାତ ବଶତଃ ଚକ୍ଷୁରୁ ବାହାରି ଯାଉଥିଲା ସେତେବେଳେ ଆପଣ ସେହି ଆଖି ଡୋଳାକୁ ସ୍ୱହସ୍ତରେ କଲ୍ୟାଣ ଦ୍ୱାରା ପୁନଃ ଠିକ୍ କରି ଦେଉଥିଲେ । ଠିକ୍ ସେହିପରି ଆହୁରି ଅନେକ କାର୍ଯ୍ୟ ରହିଛି ଯାହାକୁ ଆପଣ ସ.ଅ ନିଜର ବ୍ୟକ୍ତିଗତ ଶକ୍ତି ତଥା ସାମର୍ଥ୍ୟତା ଦ୍ୱାରା ସମ୍ପାଦନ କରିଥିଲେ । ସେହି କାର୍ଯ୍ୟ ଅର୍ଥାତ୍ ଆଁହଜରତ ସ.ଅଙ୍କ ବ୍ୟକ୍ତିଗତ ଶକ୍ତି ଓ ସାମର୍ଥ୍ୟତା ସହିତ ଏକ ଲୁକ୍କାୟିତ ଐଶୀ ଶକ୍ତି ମଧ୍ୟ ମିଶ୍ରିତ ହୋଇ ରହୁଥିଲା । ଅର୍ଥାତ୍ ଅଲ୍ଲାଃତାଲାଙ୍କର ଅଲୌକିକ ଶକ୍ତି ମଧ୍ୟ ତହିଁରେ ଅନ୍ତର୍ଭୁକ୍ତ ଥିଲା ।

(ହ. ମସିହ୍ ମଉଦ୍ ଅ.ସ)

### ଖୈବର୍ ଯୁଦ୍ଧ ଏବଂ ଜାତୁର୍ ରିକାଅ ଯୁଦ୍ଧର ପୃଷ୍ଠଭୂମିରେ ନବୀ କରୀମ୍ ସ.ଅଙ୍କ ପବିତ୍ର ଜୀବନୀ ଚର୍ଚ୍ଚା ।

**11 APRIL 2025 ମସିହା ଅନୁଯାୟୀ ୧୧ ଶହାଦତ୍ ୧୪୦୪ ହିଜ୍ରୀ ଶମ୍‌ଶୀ, ସ୍ଥାନ-ମସ୍‌ଜିଦ୍ ମୁବାରକ ଇସ୍‌ଲାମାବାଦ୍ ଟେଲ୍‌ଫୋର୍ଡ଼ (ସରେ) ୟୁ.କେ ।**

ଖୁତ୍‌ବାର ଉକ୍ତ ମଧ୍ୟବର୍ତ୍ତୀ ଟୀକା ବଦର୍‌ର ସମ୍ପାଦକୀୟ ମଣ୍ଡଳୀ ଓ ଅଲ୍‌ଫଜଲ୍ ଲଣ୍ଡନ୍‌ର ସମ୍ପାଦକୀୟ ମଣ୍ଡଳୀଙ୍କ ପକ୍ଷରୁ କୃତଜ୍ଞତାର ସହିତ ପ୍ରକାଶିତ କରାଯାଉଛି।

أَشْهَدُ أَنْ لَّا إِلٰهَ إِلَّا اللّٰهُ وَحْدَهٗ لَا شَرِيكَ لَهٗ وَأَشْهَدُ أَنَّ مُحَمَّدًا عَبْدُهٗ وَ رَسُوْلُهٗ۔ أَمَّا بَعْدُ فَأَعُوْذُ بِاللّٰهِ مِنَ الشَّيْطٰنِ الرَّجِيْمِ۔ بِسْمِ اللّٰهِ الرَّحْمٰنِ الرَّحِيْمِ۔ اَلْحَمْدُلِلّٰهِ رَبِّ الْعَالَمِيْنَ۔ اَلرَّحْمٰنِ الرَّحِيْمِ ۔ مٰلِكِ يَوْمِ الدِّيْنِ ۔اِيَّا كَ نَعْبُدُ وَ اِيَّاكَ نَسْتَعِيْنُ۔ اِهْدِنَا الصِّرَاطَ الْمُسْتَقِيْمَ۔صِرَاطَ الَّذِيْنَ اَنْعَمْتَ عَلَيْهِمْ۔غَيْرِالْمَغْضُوْبِ عَلَيْهِمْ وَلَاالضَّآلِّيْنَ۔

ତଶହୁଦ୍, ତଉଜ୍ ଏବଂ ସୁରଃ ଫାତିହାର ଆବୃତ୍ତି କରିବା ପରେ ହୁଜୁର ଅନ୍‌ୱର୍ ଅୟେଦହୁଲ୍ଲାଃହୁ ତାଆଲା ବନିସ୍ରେହିଲ୍ ଅଜିଜ୍ କହିଲେ, ଖୈବର୍ ଯୁଦ୍ଧ ପରବର୍ତ୍ତୀ କେତେକ ଘଟଣାବଳୀ ସଂପର୍କରେ ମୁଁ ବର୍ଣ୍ଣନା କରୁଥିଲି । ତନ୍ମଧ୍ୟରୁ ଗୋଟିଏ ଘଟଣା ତୈମାବାସୀଙ୍କ ସହିତ ସନ୍ଧି ସ୍ଥାପନର ଘଟଣା ମଧ୍ୟ ରହିଛି । ତୈମା ମଦିନା ଠାରୁ ସିରୀୟା ମାର୍ଗରେ ଏକ ଜଣାଶୁଣା ସହର ଥିଲା । ଏହା ମଦିନା ଠାରୁ ପ୍ରାୟ 400 କି.ମି ଦୂରରେ ଅବସ୍ଥିତ ଥିଲା ।

**(ଶରହୁଜ୍ ଜର୍କାନୀ, ଭାଗ-3, ପୃ-303, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍, ବୈରୁତ୍)**

ତୈମାର ଇହୁଦୀମାନଙ୍କୁ ଯେତେବେଳେ ଖୈବର୍, ଫଦକ୍ ଓ ୱାଦିଉଲ୍ କୁରାର ପରିସ୍ଥିତିର ସୂଚନା ପ୍ରାପ୍ତ ହେଲା ସେତେବେଳେ ସେମାନେ ମୁସଲମାନମାନଙ୍କ ବିରୁଦ୍ଧରେ କୌଣସି କୌଣସି ପ୍ରକାରର ଯୁଦ୍ଧ କରିବା ପରିବର୍ତ୍ତେ ସ୍ୱୟଂଲୋକ ପଠାଇ ସନ୍ଧି ଉପସ୍ଥାପିତ କରିଥିଲେ । ଆଁହଜରତ ସ.ଅ ସେମାନଙ୍କର ଉକ୍ତ ପ୍ରସ୍ତାବକୁ ସ୍ୱୀକାର କରିନେଲେ ଏବଂ ତୈମାର ଇହୁଦୀମାନଙ୍କୁ ନିଜର ଧନ ସମ୍ପଦ ସହିତ ସେମାନଙ୍କୁ ନିଜ ଅଞ୍ଚଳରେ ରହିବା ନିମନ୍ତେ ଅନୁମତି ମଧ୍ୟ ପ୍ରଦାନ କରିଦେଲେ । **(ଅଲ୍ ବଦାୟା ୱନ୍ ନହାୟିୟାହ୍, ଭାଗ-3, ପୃ-352, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍, ବୈରୁତ୍) (ଗଜ୍‌ୱାତ୍ ୱ ସରାୟା, ପୃ-388, ଫରିଦ୍ ପବ୍ଲିଶର୍ସ ସାହିୱାଲ୍)**

ଇତ୍ୟବସରରେ ନମାଜେ ଫଜର୍ ବିଳମ୍ବ ପାଠ କରିବାର ଘଟଣା ମଧ୍ୟ ବର୍ଣ୍ଣିତ ହୋଇଛି । ହ. ଅବୁ ହୁରୈରାହ୍ ର.ଅ ବର୍ଣ୍ଣନା କରନ୍ତି ଯେ, ଯେତେବେଳ ରସୁଲୁଲ୍ଲାଃ ସ.ଅ ଖୈବର୍ ଯୁଦ୍ଧରୁ ପ୍ରତ୍ୟାବର୍ତ୍ତନ (ଫେରିଲେ) କଲେ ସେତେବେଳେ ଆପଣ ସ.ଅ ଅହୋରାତ୍ର (ସାରା ରାତି) ଚାଲିଥିଲେ । ପୁନଶ୍ଚ ଯେତେବେଳେ ଆପଣ ସ.ଙ୍କୁ ନିଦ ଆସିଲା ସେତେବେଳ ଆପଣ ସ.ଅ ମଦିନା ନିକଟବର୍ତ୍ତୀ ବିଶ୍ରାମ ନେବା ନିମନ୍ତେ ଶିବିର ସ୍ଥାପନ କଲେ ଏବଂ ବିଲାଲ୍ ର.ଅଙ୍କୁ କହିଲେ, ହେ ବିଲାଲ୍ ! ଆଜି ରାତିରେ ତୁମେ ମୋ ନମାଜ ସମୟରେ ମୋତେ ସୁରକ୍ଷା ପ୍ରଦାନ କରିବ । ଅର୍ଥାତ୍ ତୁମେ ଦେଖୁଥିବ ଏବଂ ମୁଁ ଯେତେବେଳେ ଶୋଇଯିବି ଓ ନମାଜ ସମୟ ହୋଇଯିବ ସେତେବେଳେ ତୁମେ ମୋତେ ନିଦରୁ ଉଠାଇ ଦେବ । ପୁନଶ୍ଚ ହ. ବିଲାଲ୍ ର.ଅଙ୍କ ନିମନ୍ତେ ଯେତିକି ନିୟତିକୃତ ଥିଲା ସେତିକି ଆପଣ ର.ଅ ନମାଜ ପାଠ କଲେ । ହ. ବିଲାଲ୍ ର.ଅ ନିଦରୁ ଉଠୁଥିଲେ ଏବଂ ରାତି ସାରା ନମାଜ ପାଠ କରୁଥିଲେ ଓ ରସୁଲ୍ କରୀମ୍ ସ.ଅ ଏବଂ ଆପଣ ସ.ଅଙ୍କ ସାହାବାମାନେ ଶୋଇ ପଡ଼ିଲେ । ଯେତେବେଳେ ସକାଳ ସମୟ ପାଖେଇ ଆସିଲା ସେତେବେଳେ ହ. ବିଲାଲ୍ ର.ଅ ସିନ୍ଦୁରା ଫାଟିବା (ପୂର୍ବ ଦିଗରେ ସୂର୍ଯ୍ୟୋଦୟ ହେବା ଅର୍ଥାତ୍ ସକାଳ ହେବା) ଦିଗକୁ ମୁହଁ କରି ନିଜର ସବାରୀର ସାହାଯ୍ୟ ଯେତେବେଳେ ନେଲେ ସେତେବେଳେ ହ. ବିଲାଲ ର.ଅ  ନିଦ୍ରାସକ୍ତ ହୋଇଗଲେ (ନିଦ ଆସିଗଲା) । ହ. ବିଲାଲ୍ ର.ଅ ନିଜର ଓଟ ସହିତ ଭରା ଦେଇ ଶୋଇଥିଲେ । ଅତଏବ୍ ନା ରସୁଲୁଲ୍ଲାଃ ସ.ଅ ଏବଂ ନା ହିଁ ଆପଣ ସ.ଅଙ୍କ ସାହାବାମାନଙ୍କ ମଧ୍ୟରୁ କେହି ନିଦ୍ରାବସ୍ଥାରୁ ଉଠି ପାରିଲା ଓ ନା ହିଁ ବିଲାଲ୍ ର.ଅ ନିଦରୁ ଉଠି ପାରିଲେ । ଏପର୍ଯ୍ୟନ୍ତ କି ସେମାନଙ୍କ ଉପରେ ଖରା ପଡ଼ିଲା । ରସୁଲୁଲ୍ଲାଃ ସ.ଅ ସାହାବାମାନଙ୍କ ମଧ୍ୟରୁ ସର୍ବ ପ୍ରଥମେ ନିଦରୁ ଉଠିଲେ । ରସୁଲୁଲ୍ଲାଃ ସ.ଅ ଚିନ୍ତିତ ହେଲେ ଏବଂ କହିଲେ, ହେ ବିଲାଲ୍ ! ହେ ବିଲାଲ୍ ! ହ. ବିଲାଲ୍ ର.ଅ କହିଲେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ମୋର ମାତାପିତା ଆପଣ ସ.ଅଙ୍କ ଉପରେ ଉତ୍ସର୍ଗ ହୋଇ ଯାଆନ୍ତୁ । ଯେଉଁ ଅସ୍ତିତ୍ୱ ଆପଣ ସ.ଅଙ୍କୁ ଅଟକାଇ ରଖିଥିଲେ ସେହି ଅସ୍ତିତ୍ୱ ମୋର ଆତ୍ମକୁ ମଧ୍ୟ ଅଟକାଇ ରଖିଲେ । ଆପଣ ସ.ଅ ସେଠାରୁ ବାହାରିବା ନିମନ୍ତେ ଆଦେଶ ଦେଲେ । ସୁତରାଂ ସେ ନିଜର ଯାନକୁ ଟିକିଏ ଚଳାଇଲେ ପୁନଶ୍ଚ ରସୁଲୁଲ୍ଲାଃ ସ.ଅ କିଛି ଦୂର ଯାଇ ବସିଲେ । ଆପଣ ସ.ଅ ସେଠାରେ ୱଜୁ କଲେ ଏବଂ ସାହାବାମାନଙ୍କୁ ନମାଜ ପାଠ କରିବା ନିମନ୍ତେ ଆଦେଶ ଦେଲେ । ହ. ବିଲାଲ୍ ର.ଅ ନମାଜ୍‌ର ଇକାମତ୍ କହିଲେ । ପୁନଶ୍ଚ ଆପଣ ସ.ଅ ସାହାବାମାନଙ୍କୁ ସକାଳ ନମାଜ ପାଠ କରାଇଲେ । ଯେଉଁ ସ୍ଥାନରେ ଆପଣ ସ.ଅ ଶୋଇଥିଲେ ସେଠାରେ ଛିଡ଼ା ହୋଇ ଆପଣ ସ.ଅ ସାହାବାମାନଙ୍କୁ ନମାଜ୍ ପାଠ କରାଇଲେ ନାହିଁ ବରଂ ଆଗକୁ ଯାଇ ଖୋଲା ସ୍ଥାନରେ ବାଜମାଅତ୍ (ସାମୂହିକ) ନମାଜ୍ ପାଠ କରାଇଲେ । ଆପଣ ସ.ଅ ଯେତେବେଳେ ନମାଜ ପାଠ କରି ସାରିଲେ ସେତେବେଳେ ଆପଣ ସ.ଅ କହିଲେ, ଯେଉଁ ବ୍ୟକ୍ତି ନମାଜ୍ ଭୁଲିଯାଏ ତେବେ ସେହି ବ୍ୟକ୍ତି ପକ୍ଷେ ଏହା ଉଚିତ୍ ହେବ କି ସେହି ବ୍ୟକ୍ତିକୁ ଯେତେବେଳେ ବି ନମାଜ କଥା ମନେ ପଡ଼ିବ ସେତେବେଳେ ସେ ନମାଜ ପାଠ କରିନେଉ । କାରଣ ଅଲ୍ଲାଃତାଲା କହିଛନ୍ତି ଯେ, ତୁମେମାନେ ନମାଜ୍‌କୁ ମୋର ଚର୍ଚ୍ଚା ନିମନ୍ତେ ପାଠ କର । **(ସହିହୁଲ୍ ବୁଖାରୀ, କିତାବୁଲ୍ ମସାଜିଦି ୱ ମୱାଜିଇସ୍ ସଲାତା.... ହଦିସ୍ ନଂ-680) (ସବ୍‌ଲୁଲ୍ ହୁଦା, ୱର୍ ରଶ୍ଵାଦ୍, ଭାଗ-5, ପୃ-149, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଏଠାରେ ଏକଥା ମଧ୍ୟ ସ୍ୱଷ୍ଟ ହେଉ କି ନମାଜ୍ ଫଜର୍ ବିଳମ୍ବ କରି ପାଠ କରିବାର ଅନେକ ଯୁଦ୍ଧ ଯାତ୍ରା ସମୟରେ ବର୍ଣ୍ଣିତ ହୋଇଛି । କେହି କେହି ଏହି ଘଟଣାକୁ ତୁବୁକ୍‌ର ଘଟଣା ବୋଲି ବର୍ଣ୍ଣନା କରନ୍ତି ତ' ଆଉ କେତେକ ଲୋକ ଏହାକୁ ହୁଦୈବିୟା ଘଟଣା ବୋଲି ବର୍ଣ୍ଣନା କରିଛନ୍ତି । **(ତାରିଖୁଲ୍ ଖମିସ୍ , ଭାଗ-2, ପୃ-437, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍) (ଲୁଲୁଉଲ୍ ମକ୍‌ନୁନ୍, ଭାଗ-3, ପୃ-477, ଲିନ୍ ନଶ୍ରି ୱତ୍ ତୌଜିଇ)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ସମ୍ଭବତଃ ବର୍ଣ୍ଣନାକାରୀଙ୍କୁ ଭ୍ରମ ଲାଗିଛି ଏବଂ ଅନ୍ୟ କୌଣସି ଯୁଦ୍ଧର ଘଟଣାକୁ ଏହି ବର୍ଣ୍ଣନା ସହିତ ବର୍ଣ୍ଣନା କରି ଦେଇଥିବେ କିମ୍ବା ସମ୍ଭବତଃ ଏକାଧିକ ଥର ଉକ୍ତ (ଏହି) ଘଟଣା ଘଟିଥାଇ ପାରେ । ସେ ଯାହା ହେଉ ଅଲ୍ଲାଃତାଲା ହିଁ ଅନ୍ତର୍ଯାମୀ ଅଟନ୍ତି । ସେ ହିଁ ଜାଣନ୍ତି ଯେ, ପ୍ରକୃତ ଘଟଣାଟି କ'ଣ ?

ମଦିନାରୁ ପ୍ରତ୍ୟାବର୍ତ୍ତନ (ଫେରିବା) ସମୟରେ ସାହାବାମାନେ ଉଚ୍ଚ ସ୍ୱରରେ ତକ୍‌ବିର୍ କହୁଥିଲେ । ଏଥି ସଂକ୍ରାନ୍ତରେ ହ. ଅବୁ ମୁସା ଅଶ୍‌ଅରୀ ର.ଅ ବର୍ଣ୍ଣନା କରିଛନ୍ତି ଯେ, ମଦିନାରୁ ପ୍ରତ୍ୟାବର୍ତ୍ତନ ସମୟରେ ଲୋକମାନେ ଏକ ଉପତ୍ୟକା ଉପରେ ଚଢିଗଲେ। ସେମାନେ ନିଜର ସ୍ୱରକୁ ତକ୍‌ବିର୍ (ସ୍ଲୋଗାନ୍) ଦ୍ୱାରା ଉଚ୍ଚ କଲେ । ଅର୍ଥାତ୍ اَللّٰهُ اَكْبَرُ اَللّٰهُ اَكْبَرُ لَا اِلٰهَ اِلَّا اللّٰهُ ଯେତେବେଳେ କହିଲେ, ସେତେବେଳେ ରସୁଲୁଲ୍ଲାଃ ସ.ଅ ସେମାନଙ୍କୁ କହିଲେ, ହେ ସାହାବାମାନେ ! ତୁମେମାନେ ନିଜର ସ୍ୱରକୁ ଧୀର ରଖ । କାରଣ ତୁମେମାନେ କୌଣସି କାଲକୁ ଡାକୁ ନାହଁ ଏବଂ କୌଣସି ଅନୁପସ୍ଥିତ ବ୍ୟକ୍ତିକୁ ଡାକୁ ନାହଁ । ଅଲ୍ଲାଃତାଲା ଶ୍ରବଣକାରୀ ଅଟନ୍ତି ଏବଂ ସେ ବିଦ୍ୟମାନ ମଧ୍ୟ ଅଟନ୍ତି । ତେଣୁ ତୁମେମାନେ ମଧ୍ୟବର୍ତ୍ତୀ ସ୍ୱର ରଖ । ତୁମେମାନେ ସେହି ସତ୍ତାଙ୍କୁ ଡାକୁଛ ଯିଏ ଅତି ଶ୍ରବଣକାରୀ ଅଟନ୍ତି ଏବଂ ଅତ୍ୟନ୍ତ ନିକଟବର୍ତ୍ତୀ ଅଟନ୍ତି । ସେ ତୁମମାନଙ୍କ

ସହିତ ଅଛନ୍ତି । ବର୍ଣ୍ଣନାକାରୀ କୁହନ୍ତି ଯେ, ମୁଁ ରସୁଲୁଲ୍ଲାଃ ସ.ଅଙ୍କ ସବାରୀ ପଛରେ ଥିଲି ଆପଣ ସ.ଅ ମୋ ସ୍ୱରକୁ ଶୁଣିନେଲେ ଏବଂ ମୁଁ କହୁଥିଲି ଯେ, لَاحَوْلَ وَلَا قُوَّةَ إِلَّا بِاللهِ । ମୁଁ ଯେତେବେଳେ لَاحَوْلَ وَلَا قُوَّةَ إِلَّا بِاللهِ ପାଠ କଲି ସେତେବେଳେ ଆପଣ ସ.ଅ ମୋର ସ୍ୱରକୁ ଶୁଣିନେଲେ । ପ୍ରତ୍ୟୁତ୍ତରରେ ଆପଣ ସ.ଅ ମୋତେ କହିଲେ, ହେ ଅବଦୁଲ୍ଲାଃ ବିନ୍ କୈସ୍ ! ମୁଁ କହିଲି ଆଜ୍ଞା ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ମୁଁ ଉପସ୍ଥିତ ଅଛି । ଅବୁ ମୁସା ଅଶ୍‌ଅରୀ ର.ଅଙ୍କ ନାମ ଅବଦୁଲ୍ଲାଃ ବିନ୍ କୈସ୍ ଥିଲା । ମୁଁ କହିଲି ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ମୁଁ ଉପସ୍ଥିତ ଅଛି । ଆପଣ ସ.ଅ କହିଲେ, କ'ଣ ମୁଁ ତୁମମାନଙ୍କୁ ଏକ କଲମା ବିଷୟରେ ଅବଗତ କରାଇବି ନାହିଁ ଯେଉଁ କଲମା ସ୍ୱର୍ଗର ନିଧି ମଧ୍ୟରୁ ଅନ୍ୟତମ ନିଧି ଅଟେ । ମୁଁ କହିଲି, ଅବଶ୍ୟ ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ମୋର ମାତାପିତା ଆପଣ ସ.ଅଙ୍କ ଉପରେ ଉତ୍ସର୍ଗ ହୋଇ ଯାଆନ୍ତୁ । ଆପଣ ସ.ଅ କହିଲେ, لَاحَوْلَ وَلَا قُوَّةَ إِلَّا بِاللهِ । ଏହି କଲମା କେବଳ ପାପରୁ ବର୍ତ୍ତିବା ନିମନ୍ତେ ଶକ୍ତି ନୁହେଁ, ଏହି କଲ୍‌ମା ମନୁଷ୍ୟ ମଧ୍ୟରେ ପୁଣ୍ୟ କର୍ମ ସମ୍ପାଦନ କରିବା ନିମନ୍ତେ କେବଳ ସାମର୍ଥ୍ୟ ସୃଷ୍ଟି କରେ ନାହିଁ ବରଂ ଏହି କଲ୍‌ମା ଅଲ୍ଲାଃତାଲାଙ୍କ ସାମର୍ଥ୍ୟତା ଦ୍ୱାରା ପ୍ରାପ୍ତ ହୋଇଥାଏ ।

**(ସହିହୁଲ୍ ବୁଖାରୀ, କିତାବୁଲ୍ ମୁଗାଜି, ବାବ୍-ଖୈବର୍ ଯୁଦ୍ଧ, ହଦିସ୍ ନଂ-4205)**

ଅତଏବ୍ ଏଥିପ୍ରତି ଆପଣ ସ.ଅ ଧ୍ୟାନ ଆକର୍ଷଣ କରିଛନ୍ତି ଏବଂ କହିଲେ, ତୁମେମାନେ ସେହି କଲ୍‌ମା ପାଠ କରୁଥିବ ଏବଂ ଏହି କଲ୍‌ମା ତ' ସର୍ବୋଚ୍ଚ କଲ୍‌ମା ଅଟେ ଏବଂ ଅଲ୍ଲାଃତାଲାଙ୍କ ସମୀପବର୍ତ୍ତୀ (ନିକଟବର୍ତ୍ତୀ) କରାଇଥାଏ । ସେ ଯାହା ହେଉ ମଦିନା ଆଡ଼କୁ ଯାତ୍ରା ଜାରି ରହିଲା ଏବଂ ଇସ୍‌ଲାମୀୟ ସୈନ୍ୟବାହିନୀ ମଦିନାରୁ ମୁହର୍ରମ୍ ମାସ 7 ହିଜ୍ରୀରେ ବାହାରିଥିଲା । ଇସ୍‌ଲାମୀୟ ସୈନ୍ୟବାହିନୀ ଅଲ୍ଲାଃତାଲାଙ୍କର କୃପା ଏବଂ ସଫଳତାକୁ ଭରପୁର ଢଙ୍ଗରେ ସାଉଁଟି ସିଫର୍‌ର ଶେଷ ଦିନମାନଙ୍କର କିମ୍ବା ରବିଉଲ୍ ଅୱଲ୍‌ର ପ୍ରାରମ୍ଭିକ ତାରିଖରେ ମଦିନା ଫେରି ଆସିଲା।

**(ଗଜୱାତ୍ ଓ ସରାୟା, ପୃ-388, ଫରିଦ୍ ପବ୍ଲିସର୍ସ ସାହିୱାଲ୍)**

ଖୈବର୍ ଠାରେ ରସୁଲୁଲ୍ଲାଃ ସ.ଅଙ୍କ ଅବସ୍ଥାନ କାଳ ସଂପର୍କରେ ମତଭେଦ ଦେଖିବାକୁ ମିଳେ । ହ. ଇବ୍‌ନେ ଅବ୍‌ବାସ୍ ର.ଅ ବର୍ଣ୍ଣନା କରନ୍ତି ଯେ, ରସୁଲୁଲ୍ଲାଃ ସ.ଅ ଖୈବର୍ ଠାରେ 6 ମାସ କାଳ ଅବସ୍ଥାନ କରିଥିଲେ । ଆପଣ ସ.ଅ ଏହି ଅବଧି ମଧ୍ୟରେ ଦୁଇଟି ନମାଜକୁ ଏକତ୍ରିତ (ମିଶାଇ) କରି ପାଠ କରୁଥିଲେ । ଅନ୍ୟ ବର୍ଣ୍ଣନାମାନଙ୍କରେ ବର୍ଣ୍ଣିତ ହୋଇଛି ଯେ, ଆପଣ ସ.ଅ ଖୈବର୍ ଠାରେ 40 ଦିନ କାଳ ଅବସ୍ଥାନ କରିଥିଲେ । ଅଧିକାଂଶ ବର୍ଣ୍ଣନାରେ ଆଁହଜରତ୍ ସ.ଅଙ୍କର ଖୈବର୍ ଠାରେ ସ୍ୱଳ୍ପ ଦିନ ଅବସ୍ଥାନ ସଂପର୍କରେ ବର୍ଣ୍ଣନା ମିଳିଥାଏ ।

**(ସବ୍‌ଲୁଲ୍ ହୁଦା, ୱର୍ ରଶ୍ଚାଦ୍, ଭାଗ-5, ପୃ-156, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍)**

ଖୈବର୍ ବିଜୟ ହେବା ପରେ ମୁସଲମାନମାନଙ୍କ ସପକ୍ଷରେ ଅନେକ ସକାରାତ୍ମକ ପ୍ରଭାବ ପ୍ରାଦୁର୍ଭୂତ ହୋଇଥିଲା । ଖୈବର୍ ବିଜୟର ଏକ ମୌଳିକ ପ୍ରଭାବ ଏହା ଥିଲା କି ଆରବ ଦେଶର ଆଖପାଖରେ ଅନେକ ସଂପ୍ରଦାୟମାନେ ଇସ୍‌ଲାମ୍ ଧର୍ମ ଏବଂ ମୁସଲମାନମାନଙ୍କ ବିରୁଦ୍ଧରେ ଯୋଜନା ପ୍ରସ୍ତୁତ କରିବାରେ ବ୍ୟସ୍ତ ଥିଲେ । ସେମାନେ ଭୟଭୀତ ହୋଇଗଲେ ଏବଂ କେତେକ ସଂପ୍ରଦାୟ ତ' ସନ୍ଧି କରିବା ନିମନ୍ତେ ହାତ ବଢ଼ାଇଲେ । ଆଉ କେତେକ ସଂପ୍ରଦାୟ ଆଜ୍ଞାବହତ୍ୱ ପ୍ରକାଶ କରିବାରେ କୁଶଳତା ବୋଲି ମନେକଲେ । ସେହିପରି ମୁସଲମାନମାନଙ୍କର ରାଜନୈତିକ ସମ୍ମାନ ମଧ୍ୟ ବୃଦ୍ଧି ପାଇଥିଲା । ଖୈବର୍ ବିଜୟର ଏକ ପରିଣାମ ଏହା ବାହାରିଲା କି ଆରବ ଦେଶରେ ଇହୁଦୀମାନଙ୍କର ଶକ୍ତି ସଂପୂର୍ଣ୍ଣ ରୂପ୍ ସମାପ୍ତ ହୋଇଗଲା । ମଦିନାର ଇହୁଦୀ ଏବଂ ଖୈବର୍‌ର ଇହୁଦୀମାନେ ଆରବ ଦେଶରେ ଭୂଖଣ୍ଡରେ ଅନେକାଂଶରେ ଅର୍ଥନୈତିକ ଏବଂ ସୈନ୍ୟ ଶକ୍ତିର ଏକ ଲକ୍ଷଣ ରୂପେ ମନେକରୁଥିଲେ । ବିଶେଷ କରି ଇସ୍‌ଲାମ୍ ଧର୍ମ ବିରୁଦ୍ଧରେ ଶତ୍ରୁତା, ବିଦ୍ୱେଷ ଓ ଈର୍ଷାରେ ସେମାନେ ଏତେ ବଢ଼ି ଯାଇଥିଲେ ଯେ, ଉଣା ଅଧିକେ ପ୍ରତ୍ୟକ ପ୍ରକାର ବୀରତ୍ୱ ତଥା ସାହସିକତାରେ ଶତ୍ରୁକୁ ଏମାନଙ୍କର ସମର୍ଥନ ପ୍ରାପ୍ତ ହେଉଥିଲା ।

ତୃତୀୟ ମୌଳିକ ପ୍ରଭାବ ମଦିନାର ମୁସଲମାନମାନଙ୍କର ନିଜର ଅର୍ଥନୀତି ଉପରେ ସକାରାତ୍ମକ ଢଙ୍ଗରେ ହେଲା । ହ. ଆଏଶା ର.ଅ, ହ. ଅବଦୁଲ୍ଲାଃ ବିନ୍ ଉମର୍ ର.ଅ ଓ ଅନ୍ୟ ସାହାବାମାନେ ବର୍ଣ୍ଣନା କରନ୍ତି ଯେ, ଖୈବର୍ ଜୟ ହେବା ପରେ ଆମମାନଙ୍କୁ ପେଟପୂରା ଆହାର ପ୍ରାପ୍ତ ହେଉଥିଲା । ଏହା ପୂର୍ବରୁ ଆମମାନେ ପେଟପୂରି ଆହାର ଖାଇପାରୁ ନଥିଲୁ । ଖୈବର୍ ପରେ ମୁସଲମାନମାନଙ୍କ ନିକଟରେ ଖାଦ୍ୟ ପେୟର ଜିନିଷ ଏତେ ମାତ୍ରାର ଉପଲବ୍ଧ ହୋଇଯାଇଥିଲା ଯେ, ବର୍ତ୍ତମାନ ସେମାନେ ନିଜର ଅନ୍‌ସାର ଭାଇମାନଙ୍କୁ ସେହି ସମସ୍ତ ସମ୍ପତ୍ତି ଏବଂ ଅଂଶ ଫେରସ୍ତ କରିଦେଲେ ଯେଉଁ ସମ୍ପତ୍ତି ଏବଂ ଭାଗ ସେମାନେ ନିଜର ପ୍ରବାସକାରୀ ଭାଇମାନେ ସେମାନଙ୍କୁ ସେତେବେଳେ ପ୍ରଦାନ କରିଥିଲେ । ଅର୍ଥାତ୍ ମୁସଲମାନ ଅଭାବ ଏବଂ ଅନଟନ ଓ ଦାରିଦ୍ରାବସ୍ଥାରେ ମକ୍କାରୁ ମଦିନା ପ୍ରବାସ କରି ଚାଲି ଆସିଥିଲେ । ସେ କୁହନ୍ତି ଯେ, ମକ୍କାର ପ୍ରବାସକାରୀମାନେ ଯେତେବେଳେ ମଦିନା ଆସିଲେ ସେତେବେଳେ ସେମାନେ ଏପରି ଅବସ୍ଥାରେ ଥିଲେ କି ସେମାନଙ୍କ ନିକଟରେ କିଛି ବି ନଥିଲା ମଦିନାର ଅନ୍‌ସାର୍‌ମାନେ ଜମି, ସମ୍ପତ୍ତି ଓ ପାଳିତ ପଶୁ ମାଲିକ ଥିଲେ । ଅତଏବ୍ ଅନ୍‌ସାରମାନେ ଏପରି ଜମି, ସମ୍ପତ୍ତି ଏବଂ ପଶୁମାନଙ୍କୁ ବାଣ୍ଟିଲେ ଅନ୍‌ସାରୀମାନେ ପ୍ରତ୍ୟେକ ବର୍ଷ ନିଜର ଉଦ୍ୟାନ ଏବଂ ଫସଲରୁ ପ୍ରାପ୍ତ ଅର୍ଦ୍ଧ ଫଳ ପ୍ରବାସକାରୀମାନଙ୍କୁ ଦେଉଥିଲେ । ହ. ଅନସ୍ ର.ଅଙ୍କ ମାତାଶ୍ରୀ ଯେତେବେଳେ ନିଜର ଫଳନ୍ତି ଖଜୁରୀ ବୃକ୍ଷ ଆଁହଜରତ ସ.ଅଙ୍କ ସେବାରେ ଉପସ୍ଥାପିତ କରିଦେଲେ ସେତେବେଳେ ରସୁଲୁଲ୍ଲାଃ ସ.ଅ ସେହି ବୃକ୍ଷଗୁଡ଼ିକୁ ଉମ୍ମେ ଐମନଙ୍କୁ ଦେଇଦେଲ । ଆଁହଜରତ ସ.ଅ ସେହି ଖଜୁରୀ ବୃକ୍ଷ ନିଜେ ରଖିଲେ ନାହିଁ ବରଂ ଉମ୍ମେ ଐମନଙ୍କୁ ଦେଇଦେଲେ । ପ୍ରବାସକାରୀମାନେ ଯେତେବେଳେ ଖୈବରରୁ ଫେରିଲେ ସେତେବେଳେ ସେମାନେ ଅନ୍‌ସାରମାନଙ୍କୁ ସେମାନଙ୍କର ଧନ ଫେରସ୍ତ କରିଦେଲେ । ରସୁଲୁଲ୍ଲାଃ ସ.ଅ ହ. ଅନସ୍ ର.ଅଙ୍କ ମାତାଶ୍ରୀଙ୍କୁ ଖଜୁରୀ କୋଳା ବୃକ୍ଷ ଫେରାଇ ଦେଲେ । ହ. ଅନସ୍ ର.ଅ କୁହନ୍ତି ମୁଁ ଯେତେବେଳେ ଐମନଙ୍କୁ କହିଲି କି ଏହି ବୃକ୍ଷ ବର୍ତ୍ତମାନ ଆମମାନଙ୍କୁ ଫେରସ୍ତ ମିଳିଯାଇଛି ତେଣୁ ସେ କହିଲେ, ମୁଁ କଦାପି ଏହି ବୃକ୍ଷକୁ ଫେରସ୍ତ କରିବି ନାହିଁ । ରସୁଲୁଲ୍ଲାଃ ସ.ଅ ମୋତେ ଏହି ଖଜୁରୀ ବୃକ୍ଷ ଦେଇଛନ୍ତି ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ସମ୍ଭବତଃ ଆଁହଜରତ ସ.ଅ ସେହି ବୃକ୍ଷ ଆପଣ ସ.ଅଙ୍କ ପ୍ରତି ଥିବା ପ୍ରେମ ହେତୁ ଆପଣଙ୍କୁ ଦେଇଥାଇ ପାରନ୍ତି । ତେଣୁ ଉମ୍ମେ ଐମନ୍ ଜିନିଷ ଫେରସ୍ତ କରିବାକୁ ଚାହୁଁ ନଥିଲେ । ସେ ଯାହା ହେଉ ଯେଉଁ କାରଣ ବି ଥିବ ସେହି କାରଣରୁ ଆପଣ ଫେରସ୍ତ କରିଥାଇ ନପାରନ୍ତି । ସେ କହିଲେ, ମୁଁ ଆଉ ଏହି ବୃକ୍ଷ ଫେରସ୍ତ କରିବି ନାହିଁ । ହ. ଅନସ୍ ର.ଅ ରସୁଲୁଲ୍ଲାଃ ସ.ଅଙ୍କ ସେବାରେ ଯାଇ ସମସ୍ତ ଘଟଣା ବୃତ୍ତାନ୍ତ ବର୍ଣ୍ଣନା ଯେତେବେଳେ କଲେ ସେତେବେଳେ ରସୁଲୁଲ୍ଲାଃ ସ.ଅ ହ. ଉମ୍ମେ ଐମନ୍ ର.ଅଙ୍କୁ କହିଲେ, ହେ ଉମ୍ମେ ଐମନ୍ ! ତୁମେ ଏହି ବୃକ୍ଷ ଦେଇଦିଅ। ଏହି ବୃକ୍ଷ ବଦଳରେ ମୁଁ ଆପଣଙ୍କୁ ଏତେ ସଂଖ୍ୟକ ବୃକ୍ଷ ପ୍ରଦାନ କରିବି। କିନ୍ତୁ ସେ ଜମା ମାନୁ ନଥିଲେ । ସେ କୁହନ୍ତି, ଏହି ବୃକ୍ଷ ଆପଣ ସ.ଅ ପ୍ରାରମ୍ଭିକ କାଳରେ ମୋତେ ଦେଇଥିଲେ । ବୃକ୍ଷଟି ଅତ୍ୟନ୍ତ କଲ୍ୟାଣମୟ ଅଟେ ତେଣୁ ମୁଁ ଏହି ବୃକ୍ଷ ଦେଇ ପାରିବି ନାହିଁ । ଏପର୍ଯ୍ୟନ୍ତକି ଆପଣ ସ.ଅ ସେହି ବୃକ୍ଷ ବଦଳରେ 10 ଗୁଣା ବୃକ୍ଷ ଯେତେବେଳେ ଦେଲେ ସେତେବେଳେ ଉମ୍ମେ ଐମନ୍ ସେହି ବୃକ୍ଷ ଫେରସ୍ତ କରିଦେଲେ । **(ସହିହୁଲ୍ ବୁଖାରୀ, କିତାବୁଲ୍ ହିବା ଓ ଫଜଲିହା...... ବାବ୍-ଫଜଲୁଲ୍ ମନିହତା, ହଦିସ୍ ନଂ-2630) (ମୁସ୍‌ଲିମ୍, କିତାବୁଲ୍ ଜିହାଦ୍ ୱସ୍ ସୈର୍, ବାବ୍- ରଦ୍ଦଲ୍ ମୁହାଜିରିନା ଇଲଲ୍ ଅନ୍‌ସାରି.......ହଦିସ୍ ନଂ-1771)(ସବ୍‌ଲୁଲ୍ ହୁଦା, ୱର୍ ରଶ୍ଚାଦ୍, ଭାଗ-5, ପୃ-151, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍)**

ଇତିହାସରେ ଏକ ଯୁଦ୍ଧର ଚର୍ଚ୍ଚା ମିଳେ ସେହି ଯୁଦ୍ଧକୁ ଜାତୁର୍ ରିକାଅ ଯୁଦ୍ଧ କୁହାଯାଏ। ଉକ୍ତ ଯୁଦ୍ଧକୁ ମୁହାରିବ୍ ଯୁଦ୍ଧ ଏବଂ ବନୁ ସାଆଲବା ଯୁଦ୍ଧ ଓ ବନୁ ଅନ୍‌ମାର୍ ଯୁଦ୍ଧ ମଧ୍ୟ କୁହାଯାଏ । କାରଣ ଏହି ସଂପ୍ରଦାୟମାନଙ୍କ ପକ୍ଷରୁ ଏହି ଯୁଦ୍ଧ ହୋଇଥିଲା । ଜାତୁର୍ ରିକାଅ ଯୁଦ୍ଧର ନାମ କରଣ ଅଲ୍ ଅଆଜିବ୍ ଯୁଦ୍ଧ ମଧ୍ୟ କରାଯାଇଛି । କାରଣ ଉକ୍ତ ଯୁଦ୍ଧରେ ଅନେକ ବିଚିତ୍ର ଓ ଅଦ୍ଭୁତ ଘଟଣା ଅର୍ଥାତ୍ ଚମତ୍କାର ମଧ୍ୟ ପ୍ରଦର୍ଶିତ ହୋଇଥିଲା । ଏହି ଯୁଦ୍ଧର ନାମକରଣ ଜାତୁର୍ ରିକାଅର ଆଉ ଏକ କାରଣ ଏହା ବର୍ଣ୍ଣିତ ହୋଇଛି ଯେ, ଉକ୍ତ ଅଞ୍ଚଳରେ ଏକ ବୃକ୍ଷ କିମ୍ବା ଏକ ପର୍ବତ ଥିଲା ଯାହାର ନାମ ଜାତୁର୍ ରିକାଅ ଥିଲା । ସେଇଥି ପାଇଁ ଉକ୍ତ ଯୁଦ୍ଧର ନାମ ଜାତୁର୍ ରିକାଅ ପଡ଼ିଗଲା। **(ସିରତୁଲ୍ ହଲବିୟାହ୍, ଭାଗ-2, ପୃ-366, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍) (କିତାବୁଲ୍ ମୁଗାଜି ଲିଲ୍‌ୱାକିଦି, ଭାଗ-1, ପୃ-333, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍)**

ଜାତୁର୍ ରିକାଅ ଯୁଦ୍ଧର ଆଉ ଏକ ନାମକରଣ ସଂପର୍କରେ ହ.ଅବୁ ମୁସା ଅଶ୍‌ଅରୀ ର.ଅ ବର୍ଣ୍ଣନା କରିଛନ୍ତି ଯେ, ସାହାବାମାନଙ୍କ ନିକଟରେ ଖୁବ୍ କମ୍ ସଂଖ୍ୟକ ଯାନ ଥିଲା । ଏମାନେ ସ୍ୱୟଂ 6 ଜଣ ସଦସ୍ୟ ଥିଲେ ଯେଉଁମାନଙ୍କ ପାଖରେ କେବଳ ଗୋଟିଏ ଯାନ ଉପଲବ୍ଧ ଥିଲା । ଏହି ଯାନ ଉପରେ ସେମାନେ ପାଳି କରି ଆରୋହଣ ହେଉଥିଲେ (ବସୁଥିଲେ) । ପଥୁରିଆ ଭୂମି ଉପରେ ଚାଲିବା ଯୋଗୁଁ ସାହାବାମାନଙ୍କ ପାଦ କ୍ଷତାକ୍ତ ହୋଇଯାଇଥିଲା ଏବଂ ସେମାନେ ଜୀର୍ଣ୍ଣ ଶୀର୍ଣ୍ଣ (ଫଟା ପୁରୁଣା) ବସ୍ତ୍ରକୁ ପାଦରେ ଗୁଡ଼ାଇ ବାଟ ଚାଲୁଥିଲେ । ସ୍ୱୟଂ ହ. ଅବୁ ମୁସା ଅଶ୍‌ଅରୀ ର.ଅଙ୍କ ପାଦ ମଧ୍ୟ ଆହତ ଏବଂ କ୍ଷତାକ୍ତ ହୋଇ ନଥିଲା ବରଂ ନଖ ମଧ୍ୟ ଉପୁଡ଼ି ଯାଇଥିଲା । ବସ୍ତ୍ରର ପଟ୍ଟିକୁ ରିକାଅ କୁହାଯାଏ ସେଇଥି ପାଇଁ ଉକ୍ତ ଯୁଦ୍ଧ ଜାତୁର୍ ରିକାଅ ଅର୍ଥାତ୍ ପଟ୍ଟି ବାଲା ଯୁଦ୍ଧ ନାମରେ ଖ୍ୟାତ ହୋଇଗଲା । **(ସହିହୁଲ୍ ବୁଖାରୀ, କିତାବୁଲ୍ ମୁଗାଜି, ବାବ୍-ଗଜ୍‌ୱାତୁର୍ ରିକାଅ, ହଦିସ୍ ନଂ-4128)**

ସେ ଯାହା ହେଉ ଏସବୁ ବିଭିନ୍ନ ନାମ ରହିଛି । ଆଉ ଏକ ସ୍ଥଳେ ଏହା ମଧ୍ୟ ଉଲ୍ଲିଖିତ ହୋଇଛି ଯେ, ଯେଉଁ ଭୂମି ଉପରେ ଏହି ଯୁଦ୍ଧ ହୋଇଥିଲା ସେହି ଭୂମିର ଅନେକ ରଙ୍ଗ ଥିଲା । କେତେକ ଇତିହାସବିତ୍‌ମାନେ ଉଲ୍ଲେଖ କରିଛନ୍ତି ଯେ, ଉକ୍ତ ଯୁଦ୍ଧରେ ବିଭିନ୍ନ ରଙ୍ଗର ଅଶ୍ୱ (ଘୋଡ଼ା)ମାନେ ରହିଥିଲେ । ସେହିପରି ଆଉ କେତେକ ବର୍ଣ୍ଣନାକାରୀ ଏବଂ ଇତିହାସବିତ୍‌ମାନେ ଉଲ୍ଲେଖ କରିଛନ୍ତି ଯେ, ଉକ୍ତ ଯୁଦ୍ଧରେ ଧ୍ୱଜାମାନଙ୍କରେ ପଟ୍ଟି (ଗାର ବା ରେଖା) ତିଆରି କରାଯାଇଥିଲା କିମ୍ବା ବିଭିନ୍ନ ରେଖାକୁ ଏକତ୍ରିତ କରି ଧ୍ୱଜା ତିଆରି କରାଯାଇଥିଲା । ତେଣୁ ତାହାକୁ ଜାତୁର୍ ରିକାଅ କୁହାଗଲା । କେତେକ ଲୋକମାନେ କହିଲେ, ଉପରୋକ୍ତ ସମସ୍ତ ପ୍ରସଙ୍ଗ ଏକତ୍ରିତ ହେବା ଯୋଗୁଁ ତାହାକୁ ଜାତୁର୍ ରିକାଅ ବୋଲି କୁହାଗଲା । **(ସିରତୁଲ୍ ହଲବିୟାହ୍, ଭାଗ-2, ପୃ-371, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍)(ଶରହୁଲ୍ ଜର୍କାନୀ, ଭାଗ-2, ପୃ-525, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍ ବୈରୁତ୍) (ଶରହୁଲ୍ ଜର୍କାନୀ, ଅଲା ମୌତା ଭାଗ-1, ପୃ-542, ଦାରେ ଅହୟାଉତ୍ ତୁରାସୁଲ୍ ଅରବି ବୈରୁତ୍)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଉକ୍ତ ଯୁଦ୍ଧର ଆଉ ଏକ ନାମ ଗଜ୍‌ୱା ସଲାତୁଲ୍ ଖୌଫ୍ ମଧ୍ୟ ଅଟେ । କାରଣ ଉକ୍ତ ଯୁଦ୍ଧରେ ନମାଜେ ଖୌଫ୍ ପାଠ କରାଯାଇଥିଲା। **(ଶରହୁଲ୍ ଜର୍କାନୀ, ଭାଗ-2, ପୃ-521, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍ ବୈରୁତ୍)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଉକ୍ତ ଯୁଦ୍ଧର ଇତିହାସ ସଂପର୍କରେ ବିଭିନ୍ନ ମତଭେଦ ରହିଛି । ଇତିହାସ ଏବଂ ଜୀବନୀ ପୁସ୍ତକାନୁଯାୟୀ ଜାତୁର୍ ରିକାଅ ଯୁଦ୍ଧ 4 କିମ୍ବା 5 ହଜ୍ରୀରେ ହୋଇଥିଲା । ସୁତରାଂ ଇବ୍‌ନେ ହିଶ୍ଶାମ୍ ଇବ୍‌ନେ ଇସହାକଙ୍କ ଠାରୁ ବର୍ଣ୍ଣନା କରନ୍ତି ଯେ, ଜାତୁର୍ ରିକାଅକୁ 4 ହିଜ୍ରୀରେ ବନୁ ନୁଜୈରର 3 ମାସ ପରବର୍ତ୍ତୀ ଯୁଦ୍ଧ ବୋଲି ବିବେଚିତ କିରଛନ୍ତି । କିନ୍ତୁ ଇବ୍‌ନେ ସାଆଦ୍‌ଙ୍କ ନିକଟରେ ଜାତୁର୍ ରିକାଅ ଯୁଦ୍ଧ 5 ହିଜ୍ରୀରେ ହୋଇଥିଲା । **(ସିରତ୍ ଇବ୍‌ନେ ହିଶ୍ଶାମ୍, ପୃ-614, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍, ବୈରୁତ୍) (ଅତ୍‌ତବ୍‌କାତୁଲ୍ କୁବ୍ରା, ଭାଗ-2, ପୃ-46-47, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍, ବୈରୁତ୍)**

ଅପରପକ୍ଷେ ଇମାମ୍ ବୁଖାରୀ ଏକ ବଳିଷ୍ଠ ସାକ୍ଷ୍ୟ ମାଧ୍ୟମରେ ଉକ୍ତ ଯୁଦ୍ଧକୁ ଖୈବର୍ ଯୁଦ୍ଧ ପରବର୍ତ୍ତୀ ଯୁଦ୍ଧ ଅର୍ଥାତ୍ 7 ହିଜ୍ରୀର ଯୁଦ୍ଧ ବୋଲି ବର୍ଣ୍ଣନା କରିଛନ୍ତି । ସେହି ସାକ୍ଷ୍ୟ ଏହିପରି ଯେ, ହ. ଅବୁ ମୁସା ଅଶଅରୀ ର.ଅ ଉକ୍ତ ଯୁଦ୍ଧରେ ସାମିଲ୍ ଥିଲେ। ହ. ଅବୁ ମୁସା ଅଶଅରୀ ର.ଅ ଖୈବର୍ ଯୁଦ୍ଧ ପରେ ମୁସଲମାନେ ହୋଇଥିଲେ । ସେଠାରେ ଖୈବର ଠାକୁ ଆସି ହ. ଅବୁ ମୁସା ଅଶ୍ଅରୀ ର.ଅ ସାମିଲ୍ ହୋଇଥିଲେ। ତେଣୁ 7 ଇତିହାସରେ ଉକ୍ତ ଯୁଦ୍ଧ 7 ହିଜ୍ରୀରେ ହୋଇଛି ବୋଲି ଅଧିକ ଉଚିତ୍ ବୋଲି ମନେ ହେଉଛି । **(ସହିହୁଲ୍ ବୁଖାରୀ, କିତାବୁଲ୍ ମୁଗାଜି, ବାବ୍-ଗଜୱା ଜାତୁର୍ ରିକାଅ, ହଦିସ୍ ନଂ-2630)**

ସିରତ୍ ଖାତମୁନ୍ ନବୀୟିନ୍‌ରେ ଶେଷାର୍ଦ୍ଧରେ ହ. ମିର୍ଜା ବଶୀର୍ ଅହମଦ ସାହେବ ର.ଅ ନିଜର ଅବଶିଷ୍ଟାଂଶ ଭାଗ ନିମନ୍ତେ ଯେଉଁ ବିଷବସ୍ତୁ ଉଲ୍ଲେଖ କରିଛନ୍ତି ତହିଁରେ ଗଜ୍‌ୱା ଜାତୁର୍ ରିକାଅ ଯୁଦ୍ଧକୁ ଖୈବର୍ ଯୁଦ୍ଧ ପରବର୍ତ୍ତୀ ଅର୍ଥାତ୍ 7 ହିଜ୍ରୀର ଯୁଦ୍ଧ ବୋଲି ବିବେଚିତ କିରଛନ୍ତି । **(ସିରତ୍ ଖାତମୁନ୍ ନବୀୟିନ୍, ଲେଖକ- ସାହିବ୍‌ଜାଦା ହ. ମିର୍ଜା ବଶୀର୍ ଅହେମଦି ସାହେବ ଏମ୍.ଅ ର.ଅ, ପୃ-838)**

ଉକ୍ତ ଯୁଦ୍ଧର ଏକ କାରଣ ଏହା ମଧ୍ୟ ଥିଲା ଯେ, ନଜଦ୍ ଅଞ୍ଚଳରେ କେତେକ ଲୋକମାନେ ବେଳେବେଳେ ଚୋରି ଡକାୟତି କରି ଯାତ୍ରୀମାନଙ୍କୁ ହଇରାଣ ହରକତ୍ କରୁଥିଲେ । ଏହି ଲୋକମାନେ କୌଣସି ସ୍ଥାନରେ ଅବସ୍ଥାନ କରୁ ନଥିଲେ । ସେଇଥି ପାଇଁ ଏମାନଙ୍କୁ କାବୁ କରିବା ଅତ୍ୟନ୍ତ କାଠିକର ପାଠ ଥିଲା । ନବୀ କରୀମ୍ ସ.ଅ ଏମାନଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ନିମନ୍ତେ ନିଷ୍ପତ୍ତି ନେଲେ । **(ଜୀବନୀ ଶବ୍ଦକୋଷ, ଭାଗ-8 ପୃ-468, ଦାରୁସ୍ ସଲାମ୍‌ରୁ ଉଦ୍ଧୃତ)**

ଉକ୍ତ ଯୁଦ୍ଧର ଦ୍ୱିତୀୟ କାରଣ ଏହା ମଧ୍ୟ ବର୍ଣ୍ଣନା କରାଯାଏ ଯେ, ଜନୈକ ବ୍ୟକ୍ତି ବାଣିଜ୍ୟିକ ଜିନିଷ ପତ୍ର ନେଇ ମଦିନା ଆସିଲା । ମଦିନାର ଲୋକମାନେ ସେହି ବ୍ୟକ୍ତି ଠାରୁ ଯେତେବେଳେ ଜିନିଷ ପତ୍ର କିଣିଲେ ସେତେବେଳେ ସେ ସେହି ମୁସଲମାନମାନଙ୍କୁ କହିବାକୁ ଲାଗିଲା ଯେ, ବନୁ ଅନ୍‌ମାର୍ ଏବଂ ବନୁ ସାଆଲ୍‌ବା ତୁମ ବିରୁଦ୍ଧରେ ଏକ ସୈନ୍ୟବାହିନୀ ଏକତ୍ରିତ କରି ସାରିଛନ୍ତି । କିନ୍ତୁ ତୁମେ ସେମାନଙ୍କ ଠାରୁ ଅନବଗତ ଅଟ । ରସୁଲୁଲ୍ଲାଃ ସ.ଅଙ୍କୁ ଉକ୍ତ ଖବର ଯେତେବେଳେ ପ୍ରାପ୍ତ ହେଲା ସେତେବେଳେ ଆପଣ ସ.ଅ ମଦିନାରେ ଜଣେ ବ୍ୟକ୍ତିକୁ ଶାସକ ରୂପେ ନିଯୁକ୍ତ କଲେ ଏବଂ ଯାତ୍ରା ନିମନ୍ତେ ପ୍ରସ୍ତୁତି ଆରମ୍ଭ କଲେ । ଇବ୍‌ନେ ଇସହାକ୍ କୁହନ୍ତି ଯେ, ହ. ଅବୁ ଜର୍ ଗଫ୍ଫାରୀ ର.ଅଙ୍କୁ ଆଁହଜରତ ସ.ଅ ମଦିନାର ଶାସକ ରୂପେ ନିଯୁକ୍ତ କଲେ । ଇବ୍‌ନେ ସାଆଦ୍ ଓ ଇବ୍‌ନେ ହିଶ୍ଶାମ କୁହନ୍ତି ଯେ, ହ. ଉସ୍‌ମାନ୍ ବିନ୍ ଅଫ୍ଫାନ୍ ର.ଅଙ୍କୁ ଆଁହଜରତ ସ.ଅ ମଦିନାର ଶାସକ ରୂପେ ନିଯୁକ୍ତ କଲେ । **(ଶରହୁଲ୍ ଜର୍କାନୀ, ଭାଗ-2, ପୃ-527-528, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍ ବୈରୁତ୍) (ସବ୍‌ଲୁଲ୍ ହୁଦା, ୱର୍ ରଶ୍ଶାଦ୍, ଭାଗ-5, ପୃ-175, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍)**

ସେ ଯାହା ହେଉ ଆପଣ ସ.ଅ ପୁନଶ୍ଚ ଯାତ୍ରା ନିମନ୍ତେ ବାହାରିଲେ । ଯୁଦ୍ଧର ପରିସ୍ଥିତି ଏବଂ ଘଟଣାବଳୀ ସଂକ୍ରାନ୍ତରେ ଏହିପରି ଅତିରିକ୍ତ ଚର୍ଚ୍ଚା ମିଳେ ଯେ, ରସୁଲୁଲ୍ଲାଃ ସ.ଅ ମଦିନାରୁ 400 ଜଣ ବ୍ୟକ୍ତିଙ୍କ ସହିତ କିମ୍ବା କେତେକ ବର୍ଣ୍ଣନାନୁଯାୟୀ 700 କିମ୍ବା 800 ଜଣ ଲୋକମାନଙ୍କ ସହିତ ବାହାରିଲେ ଏବଂ ଶୁକ୍ରାହ୍ ଉପତ୍ୟକା ଠାରେ ଆପଣ ସ.ଅ ପହଞ୍ଚିଲେ । ଶୁକ୍ରାହ୍ ଉପତ୍ୟକା ମଦିନା ଠାରୁ ଦୁଇ ଦିନର ବ୍ୟବଧାନରେ ଅବସ୍ଥିତ ଅଟେ । ସେହି ଉପତ୍ୟକା ଠାରେ ଆପଣ ସ.ଅ ଦିନେ ଦି ଦିନ ଅବସ୍ଥାନ କଲେ ଏବଂ ଏଣେତେଣେ ନିଜର ସୈନ୍ୟବାହିନୀକୁ ପ୍ରେରଣ କଲେ । ରାତ୍ର ପର୍ଯ୍ୟନ୍ତ ମସସ୍ତ ସୈନ୍ୟ ଟୁକୁଡ଼ି ଫେରି ଆସିଲା ଏବଂ ସେମାନେ ଆଁହଜରତ ସ.ଅଙ୍କୁ ସୂଚନା ଦେଲେ ଯେ, ସେମାନେ କାହାରିକୁ ଦେଖି ନାହାନ୍ତି ଏବଂ ସେମାନେ ନିଜର ପାଦ ଚିହ୍ନକୁ ମଧ୍ୟ ଲିଭାଇ ଦେଲେ । ଏତଦ୍‌ପରେ ରସୁଲୁଲ୍ଲାଃ ସ.ଅ ସେମାନଙ୍କ ସହିତ ବାହାରିଲେ ଏପର୍ଯ୍ୟନ୍ତକି ଆପଣ ସ.ଅ ନଖଲ୍ ନାମକ ସ୍ଥାନକୁ ଚାଲି ଆସିଲେ । ନଖଲ୍ ମଦିନା ଠାରୁ ପ୍ରାୟ 62 ମାଇଲ୍ ବ୍ୟବଧାନରେ ଅବସ୍ଥିତ୍ ଏକ ସ୍ଥାନର ନାମ । ଯେତେବେଳେ ଏମାନଙ୍କର ସଂପ୍ରଦାୟ ଠିକଣା ପର୍ଯ୍ୟନ୍ତ ପହଞ୍ଚିଲା ସେତେବେଳେ ସେଠାରେ ମହିଳାମାନଙ୍କ ବ୍ୟତୀତ ଅନ୍ୟ କାହାରିକୁ ପାଇଲେ ନାହିଁ । ମୁସଲମାନମାନେ ସେହି ମହିଳାମାନଙ୍କୁ ଗିରଫ କରିନେଲା । କେତେକ ଇତିହାସବିତ୍‌ମାନେ ମହିଳାମାନଙ୍କର ଗିରଫ ପ୍ରସଙ୍ଗ ସଂପର୍କରେ ଚର୍ଚ୍ଚା କରି ନାହାନ୍ତି । ସେମାନେ କୁହନ୍ତି: "କୌଣସି ଗିରଫଦାରୀ ହେଲା ନାହିଁ ଏବଂ ଗ୍ରାମୀଣ ତଥା ପୁର ପଲ୍ଲୀ ବା ନିପଟ ମଫସଲର ଲୋକମାନେ ପର୍ବତର ଶୀର୍ଷ ଭାଗକୁ ଗଲେ । ସେମାନେ ପର୍ବତର ଶୀର୍ଷ ଭାଗରୁ ସମସ୍ତ ଦୃଶ୍ୟ ଦେଖୁଥିଲେ।" **(ସବ୍‌ଲୁଲ୍ ହୁଦା, ଭାଗ-5, ପୃ-175, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍) (ଜୀବନୀ ଶବ୍ଦକୋଷ, ଭାଗ-8 ପୃ-474, ଦାରୁସ୍ ସଲାମ୍‌ରୁ ଉଦ୍ଧୃତ)**

ପୁରୁଷମାନେ ଖସି ପଳାୟନ କଲେ ଏବଂ ମହିଳାମାନେ ସେଠାରେ ରହିଗଲେ। ସେମାନେ ଯାଇପାରିଲେ ନାହିଁ । କେତେକଙ୍କ ନିକଟରେ ଏହା ଅଧିକ ସମ୍ଭାବନା ରହିଛି ଯେ, ମହିଳାମାନଙ୍କୁ ଗିରଫ କରିନିଆଗଲା । ହ. ଜାବିର୍ ର.ଅ ବର୍ଣ୍ଣନା କଲେ ଯେ, ନବୀ କରୀମ୍ ସ.ଅ ନଖଲ୍ ନାମକ ଏକ ସ୍ଥାନରୁ ଜାତୁର୍ ରିକାଅ ଅଭିମୁଖେ ଗଲେ । ସେଠାରେ ଗତ୍‌ଫାନ୍ ସଂପ୍ରଦାୟ ସହିତ ଆପଣ ସ.ଅ ମୁହାଁମୁହିଁ ହେଲେ । କିନ୍ତୁ କୌଣସି ଯୁଦ୍ଧ ହେଲା ନାହିଁ । କିନ୍ତୁ ପରସ୍ପର ମୁହାଁମୁହିଁ ରହିବା ହେତୁ ପରସ୍ପର ପ୍ରତି ଆକ୍ରମଣ ଯଥେଷ୍ଟ ଆଶଙ୍କା ରହିଥିଲା ଏବଂ ଶତ୍ରୁ ଯେକୌଣସି ମୁହୂର୍ତ୍ତରେ ସହସା ଆକ୍ରମଣ କରିପାରେ । କାରଣ ଏହି ଆଶଙ୍କା ରହିଥିଲା ଯେ, ଶତ୍ରୁ ପକ୍ଷରୁ ଆକ୍ରମଣ ହୋଇ ପାରିବ । ଇତି ମଧ୍ୟରେ ନମାଜ୍‌ର ସମୟ ଯେତେବେଳେ ହୋଇଗଲା ସେତେବେଳେ ରସୁଲୁଲ୍ଲାଃ ସ.ଅ ସଲାତୁଲ୍ ଖୌଫ୍ ପାଠ କଲେ । **(ସହିହୁଲ୍ ବୁଖାରୀ, କିତାବୁଲ୍ ମୁଗାଜି, ବାବ୍-ଗଜ୍‌ୱା ଜାତୁର୍ ରିକାଅ, ହଦିସ୍ ନଂ-4127)**

ଅର୍ଥାତ୍ ଏପରି ନମାଜ ଯହିଁରେ କିଛି ଲୋକ ସାମିଲ୍ ହେଲେ । ଅଧା ଲୋକ ପ୍ରଥମ ରକାତ୍‌ରେ ସାମିଲ୍ ହେଲେ ଏବଂ ଆଉ ଅଧେ ଲୋକ ଅର୍ଦ୍ଧ ନମାଜରେ ସାମିଲ୍ ହେଲେ ଏବଂ ପୁନଶ୍ଚ ପଛକୁ ହଟିଗଲେ ପୁନଶ୍ଚ ଦ୍ୱିତୀୟ ଦଳ ଆସିଲା ସେ ମଧ୍ୟ ନମାଜ୍‌ରେ ସାମିଲ୍ ହେଲା ଏବଂ ଆପଣ ସ.ଅଙ୍କ ସହିତ ନମାଜ୍ ପାଠ କଲା। ଏହାର ଚର୍ଚ୍ଚା ପବିତ୍ର କୁରଆନ୍ କରୀମ୍‌ରେ ସୁରତୁନ୍ ନିସାରେ ମିଳେ ଯେ, ଏପରି ଭୟପ୍ରଦ ଅବସ୍ଥାର ଯେତେବେଳେ ସମ୍ମୁଖୀନ ହୁଅ ସେତେବେଳେ କିପରି ନମାଜ ପାଠ କରାଯିବ ଉଚିତ୍ ଯେ, ଶତ୍ରୁ ପକ୍ଷ ଆକ୍ରମଣ ଯେପରି ନକରୁ । ବହିକି ହ. ଜାବିର୍ ର.ଅଙ୍କ ଠାରୁ ବର୍ଣ୍ଣନା କରିଛନ୍ତି ଯେ, ରସୁଲୁଲ୍ଲାଃ ସ.ଅ ଜୋହୋର୍ ନମାଜ ପାଠ କରାଇଲେ । ଅବିଶ୍ୱାସକାରୀମାନେ ମୁସଲମାନମାନଙ୍କ ଉପରେ ଆକ୍ରମଣ କରିବା ନିମନ୍ତେ ଇଚ୍ଛା ବ୍ୟକ୍ତ କଲେ ଏବଂ କହିବାକୁ ଲାଗିଲେ ଯେ, ଆପଣ ସ.ଅ ସେମାନଙ୍କୁ ଛାଡ଼ି ଦିଅନ୍ତୁ । ଏତଦ୍‌ପରେ ଏକ ନମାଜ୍ ରହିଛି ଯାହା ସେମାନଙ୍କୁ ନିଜର ପୁତ୍ରମାନଙ୍କ ଅପେକ୍ଷା ଅଧିକ ପ୍ରିୟ ବୋଲି ଲାଗେ । ଜିବ୍ରାଇଲ୍ ଅ.ସ ରସୁଲୁଲ୍ଲାଃ ସ.ଅଙ୍କ ନିକଟକୁ ଆସିଲେ ଏବଂ ଶତ୍ରୁର ଯୋଜନା ସଂପର୍କରେ ସୂଚନା ପ୍ରଦାନ କଲେ । ସେ ଯାହା ହେଉ ଏହା ସବ୍‌ଲୁଲ୍ ହୁଦାରେ ତାଙ୍କର ବର୍ଣ୍ଣନା ଅଟେ ଯେ, ଶତ୍ରୁମାନଙ୍କ ଯୋଜନା ସଂପର୍କରେ ହ. ଜିବ୍ରାଇଲ୍ ଅ.ସ ଆଁହଜରତ ସ.ଅଙ୍କୁ ଯେତେବେଳେ ସୂଚନା ପ୍ରଦାନ କରିଦେଲେ ସେତେବେଳେ ଆପଣ ସ.ଅ ସଲାତୁଲ୍ ଖୌଫ୍ ପାଠ କରାଇଲେ । ଇବ୍‌ନେ ସାଆଦ୍ ବର୍ଣ୍ଣନା କରିଛନ୍ତି ଯେ, ଏହା ପ୍ରଥମ ସଲାତୁଲ୍ ଖୌଫ ଥିଲା ଯାହା ଆପଣ ସ.ଅ ପାଠ କରାଇଥିଲେ । **(ସବ୍‌ଲୁଲ୍ ହୁଦା, ୱର୍ ରଶ୍ଶାଦ୍, ଭାଗ-5, ପୃ-175, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍, ବୈରୁତ୍)**

ବୁଖାରୀର ବ୍ୟାଖ୍ୟାକାର ଅଲ୍ଲାମା ବଦ୍‌ରୁଦ୍ଦୀନ ଐନୀ ସାହେବ ଉଲ୍ଲେଖ କରନ୍ତି ଯେ, ନମାଜେ ଖୌଫ୍ ସଂପର୍କରେ ମତପାର୍ଥକ୍ୟ ରହିଛି ଯେ, ପ୍ରଥମ ଥର କେଉଁ ବର୍ଷରେ ଏଥି ସଂକ୍ରାନ୍ତରେ କୁରଆନୀୟ ଆଦେଶ ଅବତୀର୍ଣ୍ଣ ହେଲା । ସମସ୍ତ ବିଦ୍ୱାନ୍‌ମାନଙ୍କର କହିବା କଥା କି ପ୍ରଥମ ଥର ଜାତୁର୍ ରିକା ଯୁଦ୍ଧରେ ଏହି ନମାଜ୍ ପାଠ କରାଯାଇଥିଲା। ହେଲେ କେଉଁ ବର୍ଷ ଏହି ଆଦେଶାବଳୀ ଅବତୀର୍ଣ୍ଣ ହେଲା ଏଥି ସଂକ୍ରାନ୍ତରେ ବିଦ୍ୱାନ୍‌ମାନଙ୍କର ମତପାର୍ଥକ୍ୟ ରହିଛି । କେହି କୁହନ୍ତି 4 ହିଜ୍ରୀରେ, ତ' ଆଉ କେହି 5 ହିଜ୍ରୀରେ ସେହି ପରି ଆଉ କେହି 7 ହିଜ୍ରୀ ବୋଲି ବର୍ଣ୍ଣନା କରିଛନ୍ତି। ଏକ କଥାନ ଅନୁଯାୟୀ ନମାଜ୍ ଖୌଫ୍ ବଦ୍ରୁଲ ମୌଇଦ୍ ଠାରୁ ପୂର୍ବେ ପ୍ରଥମ ଥର କରି ପାଠ କରାଯାଇଥିଲା । ନମାଜେ ଖୌଫ୍ ଶୱାଲ୍ 4 ହିଜ୍ରୀରେ ହୋଇଥିଲା । **(ଉମ୍‌ଦତୁଲ୍ କାରି, ଭାଗ-6, ପୃ-376, ପ୍ରକାଶନ ସ୍ଥାନ-ଦାରେ ଅହୟାଉତ୍ ତୁରାସୁଲ୍ ଅରବୀ. ବୈରୁତ୍) (ଫତହୁଲ୍ ବାରି, ଭାଗ-5, ପୃ-348-349, କଦିମି କୁତୁବ୍ ଖାନା)**

ଇତ୍ୟବସରରେ ଜଣେ ସାହାବିଙ୍କ ଉପରେ ଆକ୍ରମଣ ହୋଇଥିବା ଘଟଣା ସଂପର୍କରେ ମଧ୍ୟ ସୂନା ମିଳେ । ଆଁହଜରତ ସ.ଅ ଏକଦା ଏକ ସ୍ଥାନରେ ରାତ୍ର ଯାପନ କଲେ । ସେତେବେଳେ ପବନ ଜୋରର ବହୁଥିଲା । ଆପଣ ସ.ଅ ସାହାବାମାନଙ୍କୁ କହିଲେ, କିଏ ସେହି ବ୍ୟକ୍ତି ଯିଏ ଆଜି ରାତିରେ ମୋ ପାଇଁ (ଏବଂ ଅନ୍ୟ ସହାବାମାନଙ୍କ ପାଇଁ) ପ୍ରହରା ଦେବ । ପ୍ରତ୍ୟୁତ୍ତରରେ ହ. ଅବ୍‌ବାଦ୍ ବିନ୍ ବିଶର୍ ର.ଅ ହ. ଅମ୍ମାର୍ ବିନ୍ ୟାସିର୍ ର.ଅ ଛିଡ଼ା ହେଲେ ଏବଂ କହିବାକୁ ଲାଗିଲେ ଯେ, ଆମେମାନେ ଆପଣ ସ.ଅଙ୍କ ନିମନ୍ତେ ପ୍ରହରା ଦେବୁ ଏତଦ୍‌ପରେ ଦୁହେଁ ଘାଟିର ଶୀର୍ଷ ସ୍ଥାନରେ ଯାଇ ବସିଗଲେ । ହ. ଅବ୍‌ବାଦ୍ ବିନ୍ ବିଶର୍ ର.ଅ ହ. ଅମ୍ମାର ବିନ୍ ୟାସିର୍‌ଙ୍କୁ କହିଲେ, ହେ ୟାସିର୍ ! ପ୍ରାରମ୍ଭିକ ରାତ୍ରରେ ମୁଁ ପ୍ରହାର ଦେଇଦେବି ଏବଂ ତାଙ୍କୁ କହିଲେ, ତୁମେ ଶୋଇପଡ଼ ଏବଂ ଶେଷ ପ୍ରହରରେ ତୁମେ ପ୍ରହରା ଦେଇଦେବ । କାରଣ ମୁଁ ଟିକେ ଶୋଇଯିବ । ସୁତରାଂ ହ. ଅମ୍ମାର୍ ବିନ୍ ୟାସିର୍ ତ' ଶୋଇ ପଡ଼ିଲେ କିନ୍ତୁ ହ. ଅବ୍‌ବାଦ୍ ବିନ୍ ବିଶର୍ ର.ଅ ଛିଡ଼ା ହୋଇ ନମାଜ ପାଠ କରିବାକୁ ଲାଗିଲେ । ହୁଜୁ ଅନ୍‌ୱର୍ ଅ.ବ କହିଲେ, ସେ ଯାହା ହେଉ ଏହା ବର୍ଣ୍ଣିତ ହୋଇଛି ଯେ, ସେ ଯେତେବେଳେ ନମାଜ ପାଠ କରୁଥିଲେ ସେତେବେଳେ ଶତ୍ରୁ ପକ୍ଷର ଜଣେ ବ୍ୟକ୍ତି ହ. ଅବବାଦ୍ ବିନ୍ ବିଶର୍ ର.ଅଙ୍କୁ ଦେଖିନେଲା ପର୍ବତର ସେହି ଫାଙ୍କ ସ୍ଥାନରେ ହ. ଅବ୍‌ବାଦ୍ ବିନ୍ ବିଶର୍ ର.ଅଙ୍କ ଛାୟୀ ଦେଖିଲା କି ଆପଣ ର.ଅ ନମାଜ୍ ପଢୁଛନ୍ତି ଟିକେ ହଲ ଚଲ ହେଉଥିଲା। ତେଣୁ ସେହି ଶତ୍ରୁ ଭାବିଲା ଯେ, ଏହି ନମାଜ ପାଠକାରୀ ବ୍ୟକ୍ତି ହେଉଛି ମୁସଲମାନ ବ୍ୟକ୍ତି ଏବଂ ସେ ପ୍ରହରା ଦେଉଅଛି । ଏହା ହିଁ ସେହି ଶତ୍ର ଭାବିଥିବ । ତେଣୁ ସେ ତୀର ଚଳାଇଦେଲା ଯେ, ଏହି ବ୍ୟକ୍ତି ହେଉଛି ଆମମାନଙ୍କର ଶତ୍ରୁ । ହ. ଅବ୍‌ବାଦ୍ ବିନ୍ ବିଶର୍ ର.ଅଙ୍କ ଶରୀରରେ ଏକ ତୀର୍ ଆସି ବାଜିଲା । ହ. ଅବ୍‌ବାଦ୍ ବିନ୍ ବିଶର୍ ର.ଅ ନମାଜ ପାଠ କରୁଥିଲେ ଏବଂ ନମାଜରେ ଆପଣ ନିମଗ୍ନ ଥିଲେ ।

ସେ ନିଜ ଶରୀରରୁ ତୀର କାଢି ଫିଙ୍ଗିଦେଲେ କିନ୍ତୁ ନମାଜ୍ ପାଠ କରିବା ଭଙ୍ଗ କଲେ ନାହିଁ ବରଂ ନମାଜ୍ ଜାରି ରଖିଲେ । ପୁନଶ୍ଚ ସେହି ଶତ୍ରୁ ଦ୍ୱିତୀୟ ତୀର ଚଲାଇଲା। ତାହା ମଧ୍ୟ ଆସି ତାଙ୍କ ଅର୍ଥାତ୍ ହ. ଅବ୍‌ବାଦ୍ ବିନ୍ ବିଶର ର.ଅଙ୍କ ଶରୀରରେ ବାଜିଲା । ହ. ଅବ୍‌ବାଦ୍ ବିନ୍ ବିଶର୍ ର.ଅ ସେହି ତୀରକୁ ମଧ୍ୟ କାଢି ଫିଙ୍ଗିଦେଲେ । ପୁନଶ୍ଚ ତୃତୀୟ ତୀର ଯେତେବେଳେ ଶତ୍ରୁ ମାରିଲା ସେତେବେଳେ ହ. ଅବ୍‌ବାଦ୍ ବିନ୍ ବିଶର୍ ର.ଅଙ୍କ ଶରୀରରୁ ଯଥେଷ୍ଟ ରକ୍ତ ବହି ଯାଇଥିଲା । ହ ଅବ୍‌ବାଦ୍ ବିନ୍ ବିଶର ର.ଅ ନିଜର ନମାଜ ସଂପୂର୍ଣ୍ଣ କଲେ ଏବଂ ହ. ଅମ୍ମାନ ବିନ୍ ୟାସିର୍ ର.ଅଙ୍କୁ ନିଦରୁ ଉଠାଇଲେ। ସେହି ଶତ୍ରୁ ବ୍ୟକ୍ତି ଜଣକ ଯେତେବେଳେ ଅନ୍ୟ ମୁସଲମାନ ବ୍ୟକ୍ତିକୁ ଦେଖିଲା ସେତେବେଳେ ସେ ପଳାୟନ କଲା । ହ. ଅମ୍ମାନର୍ ବିନ୍ ୟାସିର୍ ର.ଅ ହ. ଅବ୍‌ବାଦ୍ ବିନ୍ ବିଶର୍ ର.ଅଙ୍କୁ ଆହତ ଅବସ୍ଥାରେ ଯେତେବେଳେ ଦେଖିଲେ ସେତେବେଳେ ସେ କହିଲେ, ହେ ବିଶର୍ ! ତୁମେମାନେ ମୋତେ ନିଦରୁ ଉଠେଇଲ ନାହିଁ କାହିଁକି ? ପ୍ରତ୍ୟୁତ୍ତରରେ ହ. ଅବବାଦ୍ ବିନ୍ ବିଶର୍ ର.ଅ କହିବାକୁ ଲାଗିଲେ, ହେ ଅମ୍ମାର୍ ! ମୁଁ ନମାଜ୍‌ରେ ସୁରତୁଲ୍ କହଫ୍‌ର ତିଲାୱତ୍ କରଥିଲି ଏବଂ ମୋ ମନ ମାନିଲା ନାହିଁ ଯେ, ମୁଁ ଏହି ତିଲାୱତ୍‌କୁ ବନ୍ଦ୍ କରିଦେବି । **(ସିରତୁଲ୍ ହଲବିୟାହ୍, ଭାଗ-2, ପୃ-369-368, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍) (ଅସ୍‌ସିରତୁନ୍ ଇବ୍‌ନେ ହିଶ୍ଶାମ୍, ପୃ-617-618, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍, ବୈରୁତ୍)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ହ. ଅବ୍‌ବାଦ୍ ବିନ୍ ବିଶର୍ ର.ଅଙ୍କ ଅଲ୍ଲାଃତାଲାଙ୍କ ସହିତ ଏକ ବିଚିତ୍ର ସଂପର୍କ ଥିଲା ଏବଂ ନିଷ୍ଠାପୂର୍ଣ୍ଣ ବିଶ୍ୱସ୍ତମୂଳକ ସଂପର୍କ ଥିଲା । ଅର୍ଥାତ୍ ଅବ୍‌ବାଦ୍ ବିନ୍ ବିଶର୍ ର.ଅ ସେହି ଲୋକମାନଙ୍କୁ ମଧ୍ୟରୁ ଅନ୍ୟତମ ଥିଲେ ଯେ, ସେ ନିଜର ଆହତାବସ୍ଥା ସଂପର୍କରେ ତିଳେମାତ୍ର ଭୃକ୍ଷେପ କଲେ ନାହିଁ । କେତେକ ବର୍ଣ୍ଣନାରେ ଏହା ମଧ୍ୟ ଚର୍ଚ୍ଚା ହୋଇଛି ଯେ, ତୀର ହ. ଅମ୍ମାର ବିନ୍ ୟାସିର୍ ର.ଅଙ୍କୁ ବାଜିଥିଲା । **(ସବ୍‌ଲୁଲ୍ ହୁଦା, ୱର୍ ରଶ୍ଶାଦ୍, ଭାଗ-5, ପୃ-180, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍, ବୈରୁତ୍)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ସେ ଯାହା ହେଉ 15 ଦିନର ଉକ୍ତ ଅଭିଯାନ ପରେ ରସୁଲୁଲ୍ଲାଃ ସ.ଅଙ୍କ ମଦିନା ଆଡ଼କୁ ଫେରି ଆସିଲେ ଏବଂ ଆପଣ ସ.ଅ ଜୁଆଲ୍ ବିନ୍ ସୁରାକାଙ୍କୁ ମଦିନା ଆଡ଼କୁ ପ୍ରେରଣ କଲେ । କାରଣ ସେ ମଦିନାବାସୀଙ୍କୁ ମୁସଲମାନମାନଙ୍କ ସକୁଶଳତା ସଂପର୍କରେ ଶୁଭ ସୂଚନା ପ୍ରଦାନ କଲେ ।

**(ସିରତୁଲ୍ ହଲବିୟାହ୍, ଭାଗ-2, ପୃ-370, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍)**

ହ. ଜାବିର୍ ର.ଅ ବର୍ଣ୍ଣନା କରନ୍ତି ଯେ, ରସୁଲୁଲ୍ଲାଃ ସ.ଅ ଯେତେବେଳେ ସିରାର ନାମକ ସ୍ଥାନରେ ଅବତୀର୍ଣ୍ଣ କଲେ । ସିରାର୍ ମଦିନା ଠାରୁ 3 ମାଇଲ୍ ବ୍ୟବଧାନରେ ଅବସ୍ଥିତ ଏକ ସ୍ଥାନ ଅଟେ । ଅତଏବ୍ ଆଁହଜରତ ସ.ଅ ଓଟ ଜେବହ୍ କରିବା ନିମନ୍ତେ ଆଦେଶ ଦେଲେ ଏବଂ ସେଠାରେ ଦିନ ତମାମ ଆପଣ ସ.ଅ ଅବସ୍ଥାନ କଲେ । ମୁସଲମାନମାନେ ମଧ୍ୟ ଆପଣ ସ.ଅଙ୍କ ସହିତ ଥିଲେ । ରସୁଲୁଲ୍ଲାଃ ସ.ଅ ଯେତେବେଳେ ସିରୀୟା ଅର୍ଥାତ୍ ସନ୍ଧ୍ୟା ସମୟ ଯେତେବେଳେ ହେଲା ସେତେବେଳେ ମଦିନାରେ ପ୍ରବେଶ କଲେ ଏବଂ ଆମେମାନେ ମଧ୍ୟ ଆପଣ ସ.ଅଙ୍କ ସହିତ ଥିଲୁ । **(ସବ୍‌ଲୁଲ୍ ହୁଦା, ୱର୍ ରଶ୍ଶାଦ୍, ଭାଗ-5, ପୃ-180, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍, ବୈରୁତ୍) (ଅତ୍‌ତବ୍‌କାତୁଲ୍ କୁବ୍ରା, ଭାଗ-2, ପୃ-47, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍, ବୈରୁତ୍)**

ହୁଜୁର ଅନ୍‌ୱର୍ ଅ.ବ କହିଲେ ଉକ୍ତ ଯୁଦ୍ଧରେ କେତେକ ଚମତ୍କାର ମଧ୍ୟ ପ୍ରକଟିତ ହୋଇଥିଲା । ଯେପରିକି ପୂର୍ବେ ଚର୍ଚ୍ଚା ହୋଇଛି ଯେ, ଏହି ଚମତ୍କାରଗୁଡ଼ିକୁ ଯୁଦ୍ଧ ମଧ୍ୟ କୁହାଯାଏ । ପ୍ରଥମତଃ ଆଁହଜରତ ସ.ଅଙ୍କ ଉପରେ ଶତ୍ରୁର ଖଡ଼୍‌ଗ ରଖିବାର ବିଖ୍ୟାତ ଘଟଣା ଅଟେ । ହ. ଜାବିର୍ ବିନ୍ ଅବ୍‌ଦୁଲ୍ଲାଃ ବର୍ଣ୍ଣନା କରିଛନ୍ତି ଯେ, ସେ ରସୁଲୁଲ୍ଲାଃ ସ.ଅଙ୍କ ସହିତ ନଜଦ୍ ଅଭିମୁଖେ ଏକ ଯୁଦ୍ଧାଭିଯାନରେ ଯାଇଥିଲେ । ଲୋକମାନେ ଦ୍ୱିପ୍ରହର ସମୟ ଏକ କଣ୍ଟାଳିଆ ଉପତ୍ୟକା ଦେଇ ଗତି କଲେ । ଅର୍ଥାତ୍ ସାହାବାମାନେ କଣ୍ଟକିତ ଉପତ୍ୟକାର ସମ୍ମୁଖୀନ ହେଲେ । ରସୁଲୁଲ୍ଲାଃ ସ.ଅ ଶିବିର ସ୍ଥାପନ କଲେ । ସେତେବେଳେ ଦ୍ୱିପ୍ରହର ହୋଇ ଯାଇଥିଲା । ଲୋକମାନେ ମଧ୍ୟ ବୃକ୍ଷର ଛାୟୀ ଖୋଜୁଥିଲେ ଏବଂ ଏଣେତେଣେ ବୁଲି ବିଶ୍ରାମ କରିବାକୁ ଲାଗିଲେ । ରସୁଲୁଲ୍ଲ ସ.ଅ କିକର ବୃକ୍ଷ ତଳେ ବିଶ୍ରାମ ନେଲେ ଏବଂ ନିଜର ଖଡ଼୍‌ଗ ବୃକ୍ଷ ଉପରେ ଓହଳାଇ ଦେଲେ । ହ. ଜାବିର୍ ର.ଅ କହିଲେ, "ଆମେମାନେ କିଛି ସମୟ ବିଶ୍ରାମ ନେଲୁ । ପୁନଶ୍ଚ ଦେଖିଲୁ ଯେ, ରସୁଲୁଲ୍ଲାଃ ସ.ଅ ଆମମାନଙ୍କୁ ଡାକୁଛନ୍ତି । ଆମେମାନେ ଯେତେବେଳେ ଆପଣ ସ.ଅଙ୍କ ନିକଟକୁ ଆସିଲୁ ସେତେବେଳେ ଏହା ଦେଖିଲୁ ଯେ, ଆପଣ ସ.ଅଙ୍କ ପାଖରେ ଏକ ନିପଟ ମଫସଲ୍ ବ୍ୟକ୍ତି ବସିଛି । ରସୁଲୁଲ୍ଲାଃ ସ.ଅ କହିଲେ, ହେ ସାହାବାମାନେ ! ମୁଁ ଯେତେବେଳେ ନିଦରେ ଶୋଇଥିଲି ସେତେବେଳେ ଏହି ବ୍ୟକ୍ତି ଜଣକ ମୋର ଖଡ଼୍‌ଗ ଧରି ନେଇଛି । ମୁଁ ଯେତେବେଳେ ନିଦରୁ ଉଠିଲି ସେତେବେଳେ ସେହି ବ୍ୟକ୍ତି ନିଜର ହାତରେ ମୋ ଖଡ଼୍‌ଗ ଧରିଥିଲା ଏବଂ ମୋ ବେକ ପାଖରେ ଖଡ଼୍‌ଗ ଦେଖାଇ ଛିଡ଼ା ହୋଇଥିଲା । ସେହି ବ୍ୟକ୍ତି ଜଣକ ମୋତେ ଏହା କହିଲା, ହେ ମୁହମ୍ମଦ ସ.ଅ ! ତୁମକୁ ମୋ ଠାରୁ କିଏ ବଞ୍ଚାଇବ ? ମୁଁ ତା'କୁ ଉତ୍ତର ଦେଲି ଯେ, ମୋତେ ଅଲ୍ଲାଃତାଲା ରକ୍ଷା କରିବେ । ତେବେ ସେହି ବ୍ୟକ୍ତି ଖଡ଼୍‌ଗକୁ ଖୋଳରେ ପୂରାଇ ଦେଲା ଏବଂ ଏଠାରେ ସେ ବର୍ତ୍ତମାନ ବସିଛି । ଆପଣ ସ.ଅ ସେହି ଆକ୍ରମଣକାରୀ ବ୍ୟକ୍ତିକୁ ଶାସ୍ତି (ଦଣ୍ଡ) ଦେଲେ ନାହିଁ ।"**(ସହିହୁଲ୍ ବୁଖାରୀ, କିତାବୁଲ୍ ମୁଗାଜି, ବାବ୍-ଗଜ୍‌ୱା ଜାତୁର୍ ରିକାଅ, ହଦିସ୍ ନଂ-4135)(ସହିହୁଲ୍ ବୁଖାରୀ, କିତାବୁଲ୍ ଜିହାଦ୍ ୱସ୍ ସୈର୍, ବାବ୍-ତଫରକ୍କନାସା ଅନିଲ୍ ଇମାମି.....ହଦିସ୍ ନଂ-2913)**

ସେହି ବ୍ୟକ୍ତିର ନାମ ଗୌରସ୍ ବିନ୍ ହାରିସ୍ ବୋଲି ବର୍ଣ୍ଣନା କରାଯାଇଥାଏ । କେତେକ ଇତିହାସବିତ୍ ଏବଂ ବିଦ୍ୱାନ୍‌ମାନେ କୁହନ୍ତି ସେହି ବ୍ୟକ୍ତିର ନାମ ଗୌର୍କ ଥିଲା। ବେଳେବେଳେ ସେହି ବ୍ୟକ୍ତିର ନାମ ଗୁୱୈରସ୍ ମଧ୍ୟ କୁହାଯାଏ । **(ସହିହୁଲ୍ ବୁଖାରୀ, କିତାବୁଲ୍ ମୁଗାଜି, ବାବ୍-ଗଜୱା ଜାତୁର୍ ରିକାଅ, ହଦିସ୍ ନଂ-4136) (ଅସ୍‌ସିରତୁଲ୍ ହଲବିୟାହ୍, ଭାଗ-2, ପୃ-369, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍) (ଶରହୁଜ୍ ଜର୍କାନୀ, ଭାଗ-2, ପୃ-532, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍ ବୈରୁତ୍)**

ସେହି ବ୍ୟକ୍ତି ସଂପର୍କରେ ଏହା ମଧ୍ୟ ବର୍ଣ୍ଣନା କରାଯାଏ ଯେ, ସେହି ବ୍ୟକ୍ତି ଇସ୍‌ଲାମ୍ ଧର୍ମ ସ୍ୱୀକାର କରି ନେଇଥିଲା । ସେହିପରି ଏହା ମଧ୍ୟ ବର୍ଣ୍ଣନା କରାଯାଏ ଯେ, ସେହି ବ୍ୟକ୍ତି ଇସଲାମ୍ ଧର୍ମ ସ୍ୱୀକାର କରି ନଥିଲା । କିନ୍ତୁ ସେହି ବ୍ୟକ୍ତି ଆପଣ ସ.ଅଙ୍କ ସହିତ ଏହି ଅଙ୍ଗୀକାର କରିଥିଲା ଯେ, ସେ ଭବିଷ୍ୟତରେ ସେ କେବେ ବି ଆପଣ ସ.ଅଙ୍କ ସହିତ ମୁକାବିଲା କରିବା ନିମନ୍ତେ ଆସିବ ନାହିଁ । **(ଅସ୍‌ସିରତୁଲ୍ ହଲବିୟାହ୍, ଭାଗ-2, ପୃ-369, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍) (ଶରହୁଜ୍ ଜର୍କାନୀ, ଭାଗ-2, ପୃ-530, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍ ବୈରୁତ୍)**

ଆଁହଜରତ ସ.ଅଙ୍କ ଉପରେ ଖଡ଼୍‌ଗ ରଖିବା ଅର୍ଥାତ୍ ଆଁହଜରତ ସ.ଅଙ୍କୁ ଖଡ଼୍‌ଗ ଦେଖାଇବାର ଘଟଣା ମଧ୍ୟ ବର୍ଣ୍ଣନାରେ ଦେଖିବାକୁ ମିଳେ । ଅର୍ଥାତ୍ ବର୍ଣ୍ଣନାରେ ଦୁଉସୁର୍ ନାମକ ଜଣେ ବ୍ୟକ୍ତି ଆଁହଜରତ ସ.ଅଙ୍କ ଉପରେ ଆକ୍ରମଣ କରିବାର ଚର୍ଚ୍ଚା ରହିଛି । କେତେକ ବିଦ୍ୱାନ୍‌ମାନେ ଏହି ଦୁଇ ଘଟଣାବଳୀକୁ ଗୋଟିଏ ଘଟଣା ବୋଲି ବର୍ଣ୍ଣନା କରିଛନ୍ତି ଏବଂ କେତେକଙ୍କ ନିକଟରେ ଏହି ଦୁଇଟି ଘଟଣା ଭିନ୍ନ ଭିନ୍ନ ସ୍ଥାନରେ ଘଟିଥିଲା । **(ଅସ୍‌ସିରତୁଲ୍ ହଲବିୟାହ୍, ଭାଗ-2, ପୃ-369, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହରୁ ଉଦ୍ଧୃତ)**

ଦୁଉସୁର୍‌ର ଆକ୍ରମଣ ଘଟଣା 2 ହିଜ୍ରୀରେ ଜି ଅମର୍ ଯୁଦ୍ଧ କିମ୍ବା ବନି ଗତ୍‌ଫାନ୍ ଯୁଦ୍ଧରୁ ପ୍ରତ୍ୟାବର୍ତ୍ତନ ସମୟରେ ଘଟିଥିଲା । ସେହି ଘଟଣାଟି ଏହିପରି ଯେ, ଅବିଶ୍ୱାସକାରୀମାନେ ଯେତେବେଳେ ଆଁହଜରତ ସ.ଅଙ୍କୁ ଏକ ସ୍ଥାନରେ ଏକୁଟିଆ ଶୋଇଥିବାର ଦେଖିଲା ସେତେବେଳେ ସେ ନିଜର ଅଧିପତି ଦୁଉସୁର ନିକଟକୁ ଆସିଲେ । ଏହି ବ୍ୟକ୍ତି ଜଣକ ସେହି ସମସ୍ତ ଅବିଶ୍ୱାସକାରୀଙ୍କ ମଧ୍ୟରୁ ସର୍ବାଧିକ ବୀର ଓ ସାହସୀ ଥିଲା । ଅବିଶ୍ୱାସକାରୀମାନେ ସେହି ବ୍ୟକ୍ତିକୁ କହିଲେ, ହେ ଦୁଉସୁର ! ଆଁହଜରତ ସ.ଅ ବର୍ତ୍ତମାନ ସଂପୂର୍ଣ୍ଣ ରୂପେ ଏକୁଟିଏ ଶୋଇଛନ୍ତି । ବର୍ତ୍ତମାନ ତୁମର ଏହି କର୍ତ୍ତବ୍ୟ ରହିଛି ଯେ, ତୁମେ ମୁହମ୍ମଦ ସ.ଅଙ୍କ ସହିତ ମୁହାଁମୁହିଁ ହୁଅ ।

ସେହିପରି ଅନ୍ୟ ଏକ ବର୍ଣ୍ଣନାରେ ଏହିପରି ବର୍ଣ୍ଣିତ ହୋଇଛି ଯେ, ଦୁଉସୁର୍ ସ୍ୱୟଂ ଯେତେବେଳେ ଆଁହଜରତ ସ.ଅଙ୍କୁ ଏକାନ୍ତ ଶୋଇଥିବାର ଦେଖିଲା ସେତେବେଳେ ସେ କହିଲା, ଯଦି ବର୍ତ୍ତମାନ ମୁଁ ଆଁହଜରତ ସ.ଅଙ୍କୁ ହତ୍ୟା ନକଲି ତେବେ ଅଲ୍ଲାଃତାଲା ମୋର ସ୍ୱୟଂ ସଂହାର କରିଦେବେ । ସେ ଯାହା ହେଉ ଏକଥା କହି ଦୁଉସୁର ଖଡ଼୍‌ଗ ଉଠାଇ ଆଁହଜରତ ସ.ଅଙ୍କ ପାଖକୁ ଗଲା ଏବଂ ଆଁହଜରତ ସ.ଅଙ୍କ ମୁଣ୍ଡ ପାଖରେ ପହଞ୍ଚି ଅଟକିଗଲା । ପୁନଶ୍ଚ ସେ ସହସା ଆପଣ ସ.ଅଙ୍କୁ ସମ୍ବୋଧିତ କରି କହିଲା ଅବା ଏହା କହିଲା କି ହେ ମୁହମ୍ମଦ୍ ! ବର୍ତ୍ତମାନ ତୁମକୁ ମୋ କବଳରୁ କିଏ ରକ୍ଷା କରିବ ? ଆଁହଜରତ ସ.ଅ ଅତ୍ୟନ୍ତ ତୃପ୍ତ ଏବଂ ସନ୍ତୁଷ୍ଟ କଣ୍ଠରେ କହିଲେ: "ତୁମ ହାତରୁ ଅର୍ଥାତ୍ ତୁମ କବଳରୁ ଅଲ୍ଲାଃତାଲା ମୋତେ ରକ୍ଷା କରିବେ । ଏକଥା ଶୁଣି ସେ ଭୂମି ଉପରେ ପଡ଼ିଗଲା ଏବଂ ତା' ହାତରୁ ଖଡ଼୍‌ଗ ଖସି ପଡ଼ିଲା । ଆଁହଜରତ ସ.ଅ ତୁରନ୍ତ ତା'ର ଖଡ଼୍‌ଗ ଧରି ପକାଇଲେ ଏବଂ ତା'କୁ କହିଲେ, ହେ ବ୍ୟକ୍ତି ବର୍ତ୍ତମାନ ତୁମକୁ ମୋ କବଳରୁ କିଏ ଉଦ୍ଧାର କରିବ ? ପ୍ରତ୍ୟୁତ୍ତରରେ ଦୁଉସୁର କହିଲା, ଅର୍ଥାତ୍ କେହି ବି ନୁହଁ। ମୋତେ ତ' ବର୍ତ୍ତମାନ କେହି ରକ୍ଷା (ବଞ୍ଚାଇ ପାରିବ) କରି ପାରିବ ନାହିଁ । ମୁଁ ସାକ୍ଷ୍ୟ ପ୍ରଦାନ କରୁଛି ଯେ, ଅଲ୍ଲାଃତାଲାଙ୍କ ବ୍ୟତୀତ କେହି ବି ଉପାସ୍ୟ ଯୋଗ୍ୟ ନାହାନ୍ତି ଏବଂ ମୁହମ୍ମଦ ସ.ଅ ଅଲ୍ଲାଃତାଲାଙ୍କ ବାର୍ତ୍ତାବହ ଅଟନ୍ତି । ସେ କହିବାକୁ ଲାଗିଲା ଯେ, ଅଲ୍ଲାଃତାଲାଙ୍କ ଶପଥ କରି କହୁଛି ! ଭବିଷ୍ୟତରେ ମୁଁ କେବେ ବି ଆପଣଙ୍କ ବିରୁଦ୍ଧରେ ଲୋକମାନଙ୍କୁ ଏକତ୍ରିତ କରିବି ନାହିଁ । ଅତଏବ୍ ସେ ଏହି ଅଙ୍ଗୀକାର କଲା । ଆପଣ ସ.ଅ ତା'ର ଖଡ଼୍‌ଗ ତା'କୁ ପ୍ରଦାନ କରିଦେଲେ ଏବଂ ଏକ ବର୍ଣ୍ଣନାରେ ବର୍ଣ୍ଣିତ ହୋଇଛି ଯେ, ଦୁଉସୁର୍ ଆପଣ ସ.ଅଙ୍କ ଆଡ଼କୁ ମୁହଁ କରି କହିବାକୁ ଲାଗିଲା, ମୁଁ ଅଲ୍ଲାଃତାଲାଙ୍କ ଶପଥ (ରାଣ) ଖାଇ କହୁଛି ! ଆପଣ ସ.ଅ ଉପକାର ଏବଂ ଦୟା କରିବାରେ ମୋ ଅପେକ୍ଷା ସର୍ବୋତ୍କୃଷ୍ଟ ବ୍ୟକ୍ତି ଅଟନ୍ତି । ରସୁଲୁଲ୍ଲାଃ ସ.ଅ ପ୍ରତ୍ୟୁତ୍ତରରେ କହିଲେ, أَنَاأَحَقُّ بِذٰلِكَ مِنْكَ ଅର୍ଥାତ୍ ମୁଁ ତୁମ ଅପେକ୍ଷା ଉକ୍ତ କଥାର ସବୁଠୁ ବେଶି ଅଧିକାରୀ ବ୍ୟକ୍ତି ଅଟେ କି ମୁଁ ଉପକାର କରିବି ଏବଂ ଦୁଉସୁର୍ ନିଜ ଜାତି ଆଡ଼କୁ ଫେରି ଆସିଲା । କିନ୍ତୁ ତା'ର ଅବସ୍ଥା ପରିବର୍ତ୍ତନ ହୋଇଯାଇଥିଲା । ସେ ନିଜର ଜାତିକୁ ତବ୍‌ଲିଗ୍ (ପ୍ରଚାର) କରୁଥିଲା । ଦୁଉସୁର୍ ସମସ୍ତ ଘଟଣା ବୃତ୍ତାନ୍ତ ବର୍ଣ୍ଣନା କରି କହିଲା, ଯେ ମୋ ସହିତ କ'ଣ ଘଠିଥିଲା । ମୁଁ କିପରି ପଡ଼ିଗଲି । ସେ ତଳେ ପଡ଼ିଯିବାର ଘଟଣାକୁ ଏହିପରି ବର୍ଣ୍ଣନା କରେ । କୁହାଯାଏ ଯେ, ମୁଁ ସେଠାରେ ଏକ ଉଚ୍ଚତା ସମ୍ପନ୍ନ ବ୍ୟକ୍ତିକୁ ଦେଖିଲି । ମୁଁ ଯେତେବେଳେ ସେଠାରେ ଖଡ଼୍‌ଗ ଧରି ଛିଡ଼ା ହୋଇଥିଲି ସେତେବେଳେ ମୁଁ ଦେଖିଲି ଯେ, ଜଣେ ଉଚ୍ଚତା ସମ୍ପନ୍ନ ବ୍ୟକ୍ତି ମୋ ପାଖକୁ ଆସିଲା ଏବଂ ସେ ମୋତେ ଧକ୍କା ଦେଲା ସେତେବେଳେ ମୁଁ ପିଠି ଭରା ଦେଇ ତଳେ ପଡ଼ିଗଲି । ସେତେବେଳେ ମୁଁ ଜାଣିନେଲି ଯେ, ଏ କୌଣସି ବ୍ୟକ୍ତି ନୁହନ୍ତି

ବରଂ ଏ ତ' ଜଣେ ଦେବଦୂତ ଅଟନ୍ତି। ସୁତରାଂ ସେହି ସମୟରେ ସ୍ୱୀକାର କରିନେଲି ଯେ, ଅଲ୍ଲାଃତାଲାଙ୍କ ବ୍ୟତୀତ କେହି ବି ଉପାସ୍ୟ ଯୋଗ୍ୟ ନୁହନ୍ତି ଏବଂ ମୁହମ୍ମଦ ସ.ଅ ଅଲ୍ଲାଃତାଲାଙ୍କ ବାର୍ତ୍ତାବହ ଅଟନ୍ତି । ସେ କୁହେ କି ମୁଁ ଅଲ୍ଲାତାଲାଙ୍କ ରାଣ ଖାଇ କହୁଛି ମୁଁ ଆଁହଜରତ ସ.ଅଙ୍କ ବିପକ୍ଷରେ କେହି କୌଣସି ପ୍ରତିକ୍ରିୟା ପ୍ରଦର୍ଶନ କରିବି ନାହିଁ । ଏହାପରେ ସେ ନିଜ ସଂପ୍ରଦାୟ ଆଡ଼କୁ ଫେରି ସଂପ୍ରଦାୟବାସୀଙ୍କୁ ଇସ୍‌ଲାମ୍ ଧର୍ମ ଆମନ୍ତ୍ରିତ କରିବାକୁ ଲାଗିଲା । ଉକ୍ତ ଘଟଣାଟି ଏକ ସ୍ଥାନରେ ଏହିପରି ଉଲ୍ଲିଖିତ ହୋଇଛି ।" **(ଅସ୍‌ସିରତୁଲ୍ ହଲବିୟାହ୍, ଭାଗ-2, ପୃ-290, 369, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହରୁ ଉଦ୍ଧୃତ) (ସବ୍‌ଲୁଲ୍ ହୁଦା, ୱର୍ ରଶ୍ଶାଦ୍, ଭାଗ-10, ପୃ-257-258, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍, ବୈରୁତ୍)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଏଠାରେ ଏକ ପକ୍ଷୀର ଘଟଣା ମଧ୍ୟ ଘଟିଥିଲା। ହ. ଜାବିର୍ ର.ଅ ବର୍ଣ୍ଣନା କରନ୍ତି ଯେ, ଆମେମାନେ ରସୁଲୁଲ୍ଲାଃ ସ.ଅଙ୍କ ସହିତ ଥିଲୁ । ସାହାବାମାନଙ୍କ ମଧ୍ୟରୁ ଜଣେ ବ୍ୟକ୍ତି ଏକ ପକ୍ଷୀର ଛୁଆ ଘିନି ଆସିଲା ଏବଂ ରସୁଲୁଲ୍ଲାଃ ସ.ଅ ସେହି ବ୍ୟକ୍ତି ଆଡ଼କୁ ଦେଖୁଥିଲେ । ସେହି ପକ୍ଷୀ ଛୁଆର ବାପା ମା ଥିଲେ ଏବଂ ସେମାନଙ୍କ ମଧ୍ୟରୁ ବାପା କିମ୍ବା ମା ନିଜକୁ ସେହି ସାହାବିଙ୍କ ସମ୍ମୁଖରେ ଆସି ନେହୁରା ହୋଇ ନିଜକୁ ପକାଇଦେଲେ । ହ. ଜାବିର୍ ର.ଅ କୁହନ୍ତି ଯେ, ମୁଁ ଲୋକମାନେଙ୍କୁ ଦେଖିଲି ଯେ, ସେମାନେ ଏହି ଦୃଶ୍ୟକୁ ଦେଖି ଆଶ୍ଚର୍ଯ୍ୟ ଭାବ ପ୍ରକାଶ କରୁଥିଲେ । ଅତ୍ୟନ୍ତ ଆଶ୍ଚର୍ଯ୍ୟ ଚକିତ ଥିଲେ ଯେ, ଏ କ'ଣ ହୋଇଯାଇଛି ଯେ, ପକ୍ଷୀ ଆସି ନିଜେ ବସି ଯାଇଛି । ଅତଏବ୍ ରସୁଲୁଲ୍ଲାଃ ସ.ଅ କହିଲେ, ହେ ସାହାବାମାନେ ତୁମେମାନେ ଏହି ଦୃଶ୍ୟକୁ ଦେଖି ଆଶ୍ଚର୍ଯ୍ୟଚକତି ହେଉଛ ଅଥଚ ଏହି ପକ୍ଷୀର ପିତା କିମ୍ବା ମାତା ନିଜର ପ୍ରାଣକୁ ନିଜର ସନ୍ତାନ ସକାଶେ ଉପସ୍ଥାପିତ କରୁଛନ୍ତି । ତୁମେମାନେ ଏହି ପକ୍ଷୀର ସନ୍ତାନକୁ ଧରି ନେଇଛ ଏବଂ ସେମାନେ ନିଜର ସନ୍ତାନାକୁ ମୁକୁଳାଇବା ନିମନ୍ତେ ନିଜକୁ ଉପସ୍ଥାପିତ କରି ଦେଉଛନ୍ତି । ଆପଣ ସ.ଅ କହିଲେ, ମୁଁ ଅଲ୍ଲାଃତାଲାଙ୍କ ଶପଥ କରି କହୁଛି ! ତୁମର ପାଳନକର୍ତ୍ତା ଏହି ପକ୍ଷୀ ଠାରୁ ବି ସର୍ବାଧିକ ଦୟାବାନ ଓ ସଦା କରୁଣାମୟ ଅଟନ୍ତି ଯିଏ ତୁମମାନଙ୍କ ପ୍ରତି ଦୟାବତୀର୍ଣ୍ଣ କରିଥାଆନ୍ତି। ଯେପରି ଏହି ପକ୍ଷୀ ନିଜର ସନ୍ତାନ ପାଇଁ ଦୟାବତୀର୍ଣ୍ଣ ସକାଶେ ଦୟାଭିକ୍ଷା କରୁଛି ଠିକ୍ ସେହିପରି ତୁମମାନଙ୍କର ପାଳନ କର୍ତ୍ତା ଅର୍ଥାତ୍ ଅଲ୍ଲାଃତାଲା ତୁମମାନଙ୍କ ଉପରେ ଏହାଠୁ ବଳି ଦୟାବତୀର୍ଣ୍ଣ କରିଥାଆନ୍ତି। **(ଇମ୍‌ତାଅଲ୍ ଅସ୍‌ମାଅ, ଭାଗ-5 ପୃ-275, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍ ବୈରୁତ୍)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଏକ ପାଗଳ ପିଲାର ଏକ ଘଟଣା ରହିଛି । ଉକ୍ତ ଘଟଣାଟି ଚମତ୍କାରରେ ବର୍ଣ୍ଣିତ ହୋଇଛି । ହ. ଜାବିର୍ ର.ଅ ବର୍ଣ୍ଣନା କରନ୍ତି ଯେ, ଆମେମାନେ ରସୁଲୁଲ୍ଲାଃ ସ.ଅଙ୍କ ସହିତ ଜାତୁର୍ ରିକାଅ ଯୁଦ୍ଧରେ ଯେତେବେଳେ ବାହାରିଲୁ ସେତେବେଳେ ମାର୍ଗରେ ଏକ ମଫସଲ ମହିଳା ନିଜର ପୁତ୍ର ସହିତ ଆସିଲା । ସେହି ମହିଳା କହିବାକୁ ଲାଗିଲା, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ଏ ହେଉଛି ମୋର ପୁତ୍ର ଏବଂ ଏହି ସନ୍ତାନ ଉପରେ ସୈତାନ୍ ନିଜର ଆଧିପତ୍ୟ ବିସ୍ତାର କରି ନେଇଛି । ଅର୍ଥାତ୍ ପାଗଳାମୀ ଆକ୍ରମଣ କରିଛି । ପାଗଳ ହୋଇଯାଇଛି । ପାଗଳଙ୍କ ପରି ଆଚରଣ ପ୍ରଦର୍ଶନ କରୁଛି । ଆପଣ ସ.ଅ ସେହି ବାଳକର ପାଟି ଫିଟାଇଲେ ଏବଂ ତା' ପାଟିରେ ନିଜର ପବିତ୍ର ଲାଳ ପକାଇଦେଲେ ଏବଂ କହିଲେ, ହେ ଅଲ୍ଲାଃଙ୍କ ଶତ୍ରୁ ! ଦୂର ହୋଇଯା । ମୁଁ ଅଲ୍ଲାଃତାଲାଙ୍କ ବାର୍ତ୍ତାବହ ଅଟେ । ଆପଣ ସ.ଅ ଏହି ଦୁଆ କଲେ । ଏହି କଲମା ଅର୍ଥାତ୍ ଏହି ବାଣୀ ଆପଣ ସ.ଅ ତିନି ଥର ଉଚ୍ଚାରଣ କଲେ । ପୁନଶ୍ଚ ଆପଣ ସ.ଅ କହିଲେ, ଏହି ବାଳକକୁ ନେଇଯାଅ ଏବଂ ଏହି ବାଳକକୁ ଏହି କଷ୍ଟ ତଥା ଏହି ସମସ୍ୟା ଆଉ କେବେ ହେବ ନାହିଁ । **(ଇମ୍‌ତାଅଲ୍ ଅସ୍‌ମାଅ, ଭାଗ-5, ପୃ-260, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍ ବୈରୁତ୍)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଆଉ ଏକ ଘଟଣା ରହିଛି । ସେହି ଘଟଣା ହେଉଛି ୩ଟି ଅଣ୍ଡାର ଘଟଣା । ଅର୍ଥାତ୍ ଏମୁପକ୍ଷୀର ଘଟଣା । ହ. ଜାବିର୍ ର.ଅ ବର୍ଣ୍ଣନା କରନ୍ତି ଯେ, ଜାତୁର୍ ରିକାଅ ଯୁଦ୍ଧରେ ଉଲ୍‌ବା ବିନ୍ ଜୈଦ୍ ହାର୍‌ସି ର.ଅ ତିନୋଟି ଅଣ୍ଡା ଆଣିଲେ । ସେହି ଅଣ୍ଡା ଏମୁପକ୍ଷୀରେ ଅଣ୍ଡା ଦେଉଥିବା ସ୍ଥାନରେ ପଡ଼ିଥିଲା ସେହି ସ୍ଥାନରୁ ଉଲବା ବିନ୍ ଜୈଦ୍ ଏହି ୩ଟି ଅଣ୍ଡା ଘିନି ଆଣିଥିଲେ । ଆପଣ ସ.ଅ କହିଲେ, ହେ ଜାବିର୍ ! ଏହି ଅଣ୍ଡାଗୁଡ଼ିକୁ ନେଇନିଅ ଏବଂ ଏହାକୁ ରାନ୍ଧ । ମୁଁ ସେହି ଅଣ୍ଡାକୁ ରାନ୍ଧିଲି ଏବଂ ଅଣ୍ଡାକୁ ଏକ ପାତ୍ରରେ ରଖି ନେଇ ଆସିଲି । ପୁନଶ୍ଚ ମୁଁ ରୁଟି ଖୋଜିବାକୁ ଲାଗିଲି । କିନ୍ତୁ ମୋତେ ରୁଟି ମିଳିଲା ନାହିଁ । ରସୁଲୁଲ୍ଲାଃ ସ.ଅ ଓ ଆପଣ ସ.ଅଙ୍କ ସାହାବି ବିନା ରୁଟିରେ ଏହି ଅଣ୍ଡିଗୁଡ଼ିକୁ ଖାଇବାକୁ ଲାଗିଲେ । ଏପର୍ଯ୍ୟନ୍ତକି ସେମାନେ ତୃପ୍ତ ହୋଇଗଲେ । ସେମାନେଙ୍କର କ୍ଷୁଧା ମେଣ୍ଟିଗଲା ଅର୍ଥାତ୍ ପେଟ ପୂରିଗଲା । ପାତ୍ର ମଧ୍ୟରେ ଅଣ୍ଡା ସେହିପରି ପଡ଼ିଥିଲା ଯେପରି ପ୍ରାରମ୍ଭରେ ପଡ଼ିଥିଲା । ପୁନଶ୍ଚ ଅନେକ ସାହାବାମାନେ ସେହି ପାତ୍ରରୁ ଅଣ୍ଡା ଖାଇଲେ ଏବଂ ପୁନଶ୍ଚ ଅମେମାନେ ଆଗକୁ ବାହାରି ପଡ଼ିଲୁ । **(ଇମ୍‌ତାଅଲ୍ ଅସ୍‌ମାଅ, ଭାଗ-7 ପୃ-321, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍ ବୈରୁତ୍)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଇତ୍ୟବସରରେ ଏକ ଓଟର ଘଟଣାର ଚର୍ଚ୍ଚା ମଧ୍ୟ ମିଳେ । ଉକ୍ତ ଘଟଣା ଏକ ଓଟର ନିଜ ମାଲିକ ବିରୁଦ୍ଧରେ ଅଭିଯୋଗର ଘଟଣା ଅଟେ। ହ. ଜାବିର୍ ର.ଅ ବର୍ଣ୍ଣନା କରନ୍ତି ଯେ, ଆମେମାନେ ଜାତୁର୍ ରିକାଅ ଯୁଦ୍ଧରୁ ଫେରିଲୁ । ଏପର୍ଯ୍ୟନ୍ତକି ଆମେମାନେ ହର୍‌ରାହ୍ ଠାରେ ଯେତେବେଳେ ପହଞ୍ଚିଲୁ ସେତେବେଳେ ଏକ ଓଟ ଦ୍ରୁତ ଗତିରେ ଆସିଲା ଏବଂ ସେ ବିଳିବିଳେଇବାକୁ ଆରମ୍ଭ କରିଦେଲା। ଏହା ଦେଖି ରସୁଲୁଲ୍ଲାଃ ସ.ଅ କହିଲେ, ହେ ସାହାବାମାନେ କ'ଣ ତୁମେମାନେ ଏହା ଜାଣ କି ଏହି ଓଟ କ'ଣ କହିଲା ? ଏହି ଓଟ ନିଜ ମାଲିକ ବିରୁଦ୍ଧରେ ମୋତେ ଅଭିଯୋଗ କରୁଥିଲା । ତା'ର ମାଲିକ ଅନେକ ବର୍ଷ ଧରି ତା' ଠାରୁ କାମ ଆଦାୟ କରି ଆସୁଛି ଏବଂ ସେ ଏହି ଓଟକୁ ଜେବହ୍ କରିବାକୁ ସ୍ଥିର କରିଛି । ହେ ଜାବିର୍ ! ଏହି ଓଟର ମାଲିକ ପାଖକୁ ଯାଅ ଏବଂ ତା'କୁ ମୋ ପାଖକୁ ଡାକି ଆଣ । ହ. ଜାବିର୍ ର.ଅ କୁହନ୍ତି: "ମୁଁ କହିଲି, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ମୁଁ ତ' ସେହି ମାଲିକକୁ ଚିହ୍ନି ନାହିଁ ଯେ, ଏହି ଓଟଟିର ମାଲିକ କିଏ ? ତୁମେ ଏହି ଓଟକୁ ନେଇଯାଉ ସେ ତୁମକୁ ତା'ର ମାଲିକ ଘର ପର୍ଯ୍ୟନ୍ତ ନେଇଯିବ ଏବଂ ତୁମର ମାର୍ଗ ଦର୍ଶନ କରିବ । ସେହି ଓଟକୁ ଛାଡ଼ିଦିଅ ସେ ତୁମକୁ ତା' ମାଲିକ ପର୍ଯ୍ୟନ୍ତ ପହଞ୍ଚାଇ ଦେବ । ସୁତରାଂ ହ. ଜାବିର୍ ର.ଅ ସେହି ଓଟକି ଧରି ତା' ମାଲିକ ପାଖକୁ ଚାଲିଲେ । ସେ (ଓଟ) ହ. ଜାବିର୍ ର.ଅଙ୍କୁ ନିଜ ମାଲିକ ପର୍ଯ୍ୟନ୍ତ ପହଞ୍ଚାଇଦେଲା । ହ. ଜାବିର୍ ର.ଅ କୁହନ୍ତି ଯେ, ମୁଁ ସେହି ଓଟର ମାଲିକକୁ ଆପଣ ସ.ଅଙ୍କ ପାଖକୁ ନେଇ ଆସିଲି । ଆପଣ ସ.ଅ ସେହି ଓଟର ମାଲିକ ସହିତ ଓଟ ସଂପର୍କରେ ବାର୍ତ୍ତାଳାପ କଲେ । ରସୁଲୁଲ୍ଲାଃ ସ.ଅ କହିଲେ, ହେ ବ୍ୟକ୍ତି ! ତୁମେ ଏହି ଓଟକୁ ମୋତେ ବିକ୍ରି କରିଦିଅ । ସେହି ବ୍ୟକ୍ତି ଅର୍ଥାତ୍ ଓଟର ମାଲିକ ନିଜର ଓଟକୁ ଆପଣ ସ.ଅଙ୍କୁ ବିକ୍ରି କରିଦେଲା । ଆପଣ ସ.ଅ ତା'କୁ ଜଙ୍ଗଲରେ ଚରିବା ନିମନ୍ତେ ଛାଡ଼ିଦେଲେ । "

**(ମୁଭଜିମୁଲ୍ ଔସତି, ଭାଗ-9, ପୃ-54, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍, ବୈରୁତ୍)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ସେହିପରି ଆଉ ଏକ ଘଟଣା ରହିଛି । ସେହି ଘଟଣାଟି ହେଲା ହ. ଜାବିର୍ ର.ଅଙ୍କ ଓଟ ହଜିବାର ଘଟଣା । ହ. ଜାବିର୍ ର.ଅ ବର୍ଣ୍ଣନା କରନ୍ତି ଯେ, ଏକ ଅନ୍ଧାର ରାତିରେ ମୋ ଓଟ ହଜିଗଲା । ମୁଁ ରସୁଲୁଲ୍ଲାଃ ସ.ଅଙ୍କ ପାଖ ଦେଇ ଯେତେବେଳେ ଅତିକ୍ରମ କଲି ସେତେବେଳେ ଆପଣ ସ.ଅ ମୋତେ ପଚାରିଲେ ଯେ, ହେ ଜାବିର୍ ! କ'ଣ ହୋଇଛି ? ମୁଁ କହିଲି, ହେ ଅଲ୍ଲାଃଙ୍କ ବାର୍ତ୍ତାବହ! ମୋର ଓଟ ହଜି ଯାଇଛି । ଆପଣ ସ.ଅ କହିଲେ, ହେ ଜାବିର୍ ! ତୁମର ଓଟ ଅମକ ସ୍ଥାନରେ ଅଛି । ଯାଅ ସେଠାକୁ ଯାଇ ତୁମେ ତା'କୁ ଧରିନିଅ । ହ. ଜାବିର୍ ର.ଅ କୁହନ୍ତି ଯେ, ମୁଁ ସେହି ସ୍ଥାନ ଆଡ଼କୁ ଗଲି କିନ୍ତୁ ମୋତେ ଓଟ ମିଳିଲା ନାହିଁ । ମୁଁ ଫେରି ଆସିଲି। ମୁଁ ପୁଣି ଥରେ ଆପଣ ସ.ଅଙ୍କୁ କହିଲି, ହେ ଅଲ୍ଲାଃଙ୍କ ବାର୍ତ୍ତାବହ! ମୋର ଓଟ ହଜି ଯାଇଛି । ଆପଣ ଯେଉଁ ସ୍ଥାନର ଠିକଣା ମୋତେ ଦେଇଥିଲେ ସେଠାରେ ମୋତେ ମୋର ଓଟ ମିଳିଲ ନାହିଁ । ଅତଏବ୍ ଆପଣ ସ.ଅ ହ ଜାବିର୍ ର.ଅଙ୍କୁ ପୁଣିଥରେ ସେହିପରି କହିଲେ, ଯେ, ହେ ଜାବିର୍ ! ତୁମେ ଅମକ ସ୍ଥାନକୁ ଯାଅ । ସେଠାରେ ତୁମର ଓଟ ରହିଛି । ହ. ଜାବିର୍ ର.ଅ କୁହନ୍ତି ଯେ, ମୁଁ ଆଁହଜରତ ସ.ଅଙ୍କ କହିଥିବା ସ୍ଥାନକୁ ଗଲି । କିନ୍ତୁ ମୋତେ ସେଠାରେ ଓଟ ମିଳିଲା ନାହିଁ । ମୁଁ ଫେରି ଆସିଲି । ମୁଁ ପୁନଃ ଏହିପରି ଆଁହଜରତ ସ.ଅଙ୍କୁ କହିଲି, ହେ ଅଲ୍ଲାଃଙ୍କ ବାର୍ତ୍ତାବହ! ମୋର ଓଟ ହଜି ଯାଇଛି । ମୋତେ ମୋର ଓଟ ମିଳୁ ନାହିଁ । ମୁଁ ଆପଣ ସ.ଅଙ୍କ କହିବା ମୁତାବକ ସେହି ସ୍ଥାନକୁ ଗଲି କିନ୍ତୁ ସେଠାରେ ନିଜର ଓଟକୁ ପାଇଲି ନାହିଁ । ତେଣୁ ମୁଁ ଫେରି ଆସିଲି । ପ୍ରତ୍ୟୁତ୍ତରରେ ଆପଣ ସ.ଅ କୃପାବତ୍ସଳପୂର୍ବକ କହିଲେ, ହଉ ଚାଲ ଜାବିର, ଯାଇ ଦେଖିବା ତୁମର ଓଟ କେଉଁଠି ଅଛି ? ଚାଲ ମୋ ସହିତ। ଆପଣ ସ.ଅ ହ ଜାବିର୍ ର.ଅଙ୍କ ସହିତ ଚାଲିଲେ । ହ. ଜାବିର୍ ର.ଅ କୁହନ୍ତି ଯେ, ଏପର୍ଯ୍ୟନ୍ତକି ଆମେମାନେ ଓଟ ପାଖରେ ପହଞ୍ଚିଗଲୁ । ଆପଣ ସ.ଅ ଓଟକୁ ଧରି ମୋତେ ଦେଇଦେଲେ । **(ସବ୍‌ଲୁଲ୍ ହୁଦା, ୱର୍ ରଶ୍ଶାଦ୍, ଭାଗ-5, ପୃ-177, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍, ବୈରୁତ୍)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ହ. ଜାବିର୍ ର.ଅଙ୍କ ଏକ ଆଳସ୍ୟ ଓଟର ଘଟଣାର ଚର୍ଚ୍ଚା ମଧ୍ୟ ମିଳେ । ସେହି ଯୁଦ୍ଧ ସଂକ୍ରାନ୍ତରେ ହ. ଜାବିର୍ ବିନ୍ ଅବ୍‌ଦୁଲ୍ଲାଃ ର.ଅ ବର୍ଣ୍ଣନା କରିଛନ୍ତି ଯେ, ମୁଁ ନବୀ କରୀମ୍ ସ.ଅଙ୍କ ସହିତ ଥିଲି । ମୋର ଓଟ ଅଳସୁଆ ହୋଇଗଲା ଏବଂ କ୍ଳାନ୍ତ ହୋଇ ପଡ଼ିଲା । ନବୀ କରୀମ୍ ସ.ଅ ମୋ ପାଖକୁ ଆସିଲେ ଏବଂ କହିଲେ, ହେ ଜାବିର୍ ! ମୁଁ କହିଲି ଆଜ୍ଞା ହେ ଅଲ୍ଲାଃଙ୍କ ବାର୍ତ୍ତାବହ! ଆପଣ ସ.ଅ କହିଲେ, କ'ଣ ହୋଇଛି ? ମୁଁ କହିଲି ମୋର ଏହି ଓଟ ଅଳସୁଆ ହୋଇଯାଇଛି ଏବଂ କ୍ଳାନ୍ତ ହୋଇଯାଇଛି । ମୁଁ ପଛେଇ ଯାଇଛି । ଆପଣ ସ.ଅ ନିଜର ଯାନରୁ ଓହ୍ଲାଇଲେ ପୁନଶ୍ଚ କହିଲେ, କ'ଣ ତୁମ ପାଖରେ ଜଳ ଅଛି ? ମୁଁ ଆପଣ ସ.ଅଙ୍କୁ ଉତ୍ତର ଦେଲି ଯେ, ଆଜ୍ଞା ହଁ ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ମୋ ପାଖରେ ଜଳ ଅଛି । ଏହାପରେ ମୁଁ ଏକ ଜଳ ପାତ୍ର ନେଲି । ଆପଣ ସ.ଅ ସେହି ପାତ୍ରରେ ଫୁଙ୍କ ମାରିଲେ ଏବଂ ସେହି ଓଟର ଅଣ୍ଟା ଏବଂ ମୁଣ୍ଡ ଉପରେ ଜଳ ଛିଞ୍ଚିଦେଲେ । ପୁନଶ୍ଚ ଆପଣ ସ.ଅ କହିଲେ, ମୋତେ ଗୋଟିଏ ଆଶାବାଡ଼ି ଦିଅ । ହ. ଜାବିର୍ ର.ଅ କୁହନ୍ତି: "ମୁଁ ନିଜର ଆଶାବାଡ଼ି ଆପଣ ସ.ଅଙ୍କୁ ଦେଲି ଅବା ଏପରି କହିଲି ଯେ, ମୁଁ ଏକ ବୃକ୍ଷରୁ ଏକ ବାଡ଼ି କାଟି ଆଣି ଆପଣ ସ.ଅଙ୍କୁ ଦେଇଦେଲି । ସେ ଯାହା ହେଉ ଆପଣ ସ.ଅ ସେହି ଓଟକୁ କିଛି ପ୍ରହାର ମଧ୍ୟ ଲଗାଇଲେ ଏବଂ ନିଜର ବାଡ଼ିରୁ ତା'କୁ (ଓଟକୁ) ଟାଣିବାକୁ ଲାଗିଲେ । ପୁନଶ୍ଚ ଆପଣ ସ.ଅ କହିଲେ, ହେ ଜାବିର୍ ! ଏହି ଓଟ ଉପରେ ଆରୋହଣ ହୋଇଯାଅ । ହ. ଜାବିର୍ ର.ଅ କୁହନ୍ତି ଯେ, ମୁଁ ସେହି ଓଟ ଉପରେ ଆରୋହଣ ହୋଇଗଲି । ଏତଦପରେ ମୁଁ ଏହା ଅବଲୋକନ କଲି ଯେ, ମୋର ସେହି ଓଟ ଦ୍ରୁତଗାମୀ ହୋଇଯାଇଛି ଯେ, ମୁଁ ବର୍ତ୍ତମାନ ମୁଁ ସେହି ଓଟକୁ ଆଁହଜରତ ସ.ଅଙ୍କ ଠାରୁ ଆଗକୁ ଯିବାରୁ ଅଟକାଇବାକୁ ଲାଗିଲି । ମୁଁ ହୁଜୁର ସ.ଅଙ୍କ ସହିତ ଚାଲିବାକୁ ଲାଗିଲି । ଆପଣ ସ.ଅ ମୋ ସହିତ କଥାବାର୍ତ୍ତା କରିବାକୁ ଲାଗିଲେ ଏବଂ ମୋତେ ପଚାରିବାକୁ ଲାଗିଲେ ଯେ, ହେ

EDITOR
Qamarul Haque Khan
Sub-Editor : SAYED ATAUL WAHAB
Mob : (+91) 8437782443
website : www.akhbarbadr.in

REGISTERED WITH THE REGISTRAR OF THE NEWSPAPERS FOR INDIA AT NO PUN ODI/2016/68750

The Weekly **BADAR** Qadian

Qadian - 143516 Distt. Gurdaspur (Pb.)

Postal Reg. No.GDP-40/2023-2025 Vol. 10 Thursday- 15-22 May 2025 Issue No. 20-21

MANAGER
SHAIKH MUJAHID AHMAD
Mobile. : +91 99153 79255
e-mail :managerbadrqnd@gmail.com

ଜାବିର୍ ! କ'ଣ ତୁମେ ବିବାହ କରି ନେଇଛ କି ? ମୁଁ ଉତ୍ତର ଦେଲି ଯେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ହଁ ମୁଁ ବିବାହ କରିନେଇଛି । ଆଁହଜରତ ସ.ଅ ପୁନଶ୍ଚ ପଚାରିଲେ ଯେ, ହେ ଜାବିର୍ ତୁମେ କୁଆଁରୀ କନ୍ୟା ସହିତ ବିବାହ କରିଛ ନା ବିଧବା ସହିତ ବିବାହ କରିଛ ? ହ. ଜାବିର୍ ର.ଅ କହିଲେ, ମୁଁ ଆଁହଜରତ ସ.ଅଙ୍କୁ ଉତ୍ତର ଦେଲି ଯେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ମୁଁ ବିଧବାକୁ ବିବାହ କରିଛି । ଆପଣ ସ.ଅ କହିଲେ, ହେ ଜାବିର୍ ର.ଅ ! ତୁମେ କୁଆଁରୀ କନ୍ୟା ସହିତ କାହିଁକି ବିବାହ କଲ ନାହିଁ? ତୁମେ ଯୁବକ ଅଟ ଏବଂ ତୁମେ ସେହି କୁଆଁରୀ କନ୍ୟା ସହିତ ଖେଳି ଥାଆନ୍ତ ଏବଂ ସେହି କୁଆଁରୀ କନ୍ୟା ତୁମ ସହିତ ଖେଳି ଥାଆନ୍ତା । ମୁଁ କହିଲି, ହେ ଅଲ୍ଲାଃଙ୍କ ବାର୍ତ୍ତାବହ! ମୋର 2ଟି ଭଉଣୀ ଅଛନ୍ତି ଏବଂ ମୁଁ ଏହା ମନେକଲି ଯେ, ମୁଁ ଏପରି ଏକ ମହିଳା ସହିତ ବିବାହ କରିବି ଯିଏ ମୋ ଭଉଣୀମାନଙ୍କର ମନ ରଖିବ, ସେମାନଙ୍କର ଯତ୍ନ ନେବ ଏବଂ ସେମାନଙ୍କ ମୁଣ୍ଡର କେଶରେ ପାନିଆ ପ୍ରୟୋଗ କରି ସେମାନଙ୍କ କେଶର ଜୁଡ଼ା ବାନ୍ଧି ପାରୁଥିବ ଓ ସେମାନାଙ୍କର ଲାଳନ ପାଳନ କରି ପାରୁଥିବ । ଆପଣ ସ.ଅ ପୁନଶ୍ଚ କହିଲେ, ହେ ଜାବିର୍ ବର୍ତ୍ତମାନ ତୁମେ ଘରେ ପହଞ୍ଚିବାକୁ ଲାଗିଲଣି । ତେଣୁ ତୁମେ ଯେତେବେଳେ ଘରେ ପହଞ୍ଚ ସେତେବେଳେ ତୁମେମାନେ ବୁଦ୍ଧି ବିବେକର ସହିତ ସତର୍କତା ଅବଲମ୍ବନ କରିନେବ । ଆପଣ ସ.ଅ ହ. ଜାବିର୍ ର.ଅଙ୍କୁ ଏହି ଉପଦେଶ ଦେଲେ । ପୁନଶ୍ଚ ଆପଣ ସ.ଅ କହିଲେ, ଆପଣ ସ.ଅ ପୁନଶ୍ଚ କହିଲେ, ହେ ଜାବିର୍ ! କ'ଣ ତୁମେ ନିଜର ଏହି ଓଟକୁ ମୋତେ ବିକ୍ରି କରିବ କି ? ମୁଁ କହିଲି ଆଜ୍ଞା ମୁଁ ଏହି ଓଟକୁ ଆପଣ ସ.ଅଙ୍କୁ ବିକ୍ରି କରିଦେବି । ଆପଣ ସ.ଅ ସେହି ଓଟକୁ ମୋ ଠାରୁ ଏକ ଔକିୟା ରୌପ୍ୟ ମୂଲ୍ୟରେ କିଣିନେଲେ। ରସୁଲୁଲ୍ଲାଃ ସ.ଅ ମୋ ପୂର୍ବରୁ ମଦିନାରେ ଯାଇ ପହଞ୍ଚିଗଲେ ଏବଂ ମୁଁ ପରବର୍ତ୍ତୀ ଦିନ ସକାଳେ ଯାଇ ମଦିନାରେ ପହଞ୍ଚିଗଲି । ଆମେମାନେ ମସ୍‌ଜିଦ୍ ଯେତେବେଳେ ଆସିଲୁ ସେତେବେଳେ ମୁଁ ଆପଣ ସ.ଅଙ୍କୁ ମସ୍‌ଜିଦ୍‌ର ଦ୍ୱାର ସମ୍ମୁଖରେ ପାଇଲି । ଆପଣ ସ.ଅ କହିଲେ, ଏବେ ପହଞ୍ଚିଲ କି ? ମୁଁ କହିଲି, ଆଜ୍ଞା ଏବେ ପହଞ୍ଚିଲି । ଆପଣ ସ.ଅ କହିଲେ, ହେ ଜାବିର୍! ତୁମେ ନିଜର ଓଟକୁ ଛାଡ଼ିଦିଅ ଏବଂ ମସ୍‌ଜିଦ୍ ଯାଇ ଦୁଇ ରକାତ୍ ନମାଜ ପାଠ କର । ସୁତରାଂ ହ. ଜାବିର୍ ର.ଅ ଭିତରକୁ ଗଲେ ଏବଂ ନମାଜ ପାଠ କଲେ । ପୁନଶ୍ଚ ଆପଣ ସ.ଅ ହ. ବିଲାଲ୍ ର.ଅଙ୍କୁ କହିଲେ, ହେ ବିଲାଲ୍ ! ତୁମେ ଜାବିରଙ୍କୁ ଏକ ଔକିୟା ରୌପ୍ୟ ଓଜନ କରି ଦେଇଦିଅ। ଅର୍ଥାତ୍ ବାଟରେ ଆଁହଜରତ ସ.ଅଙ୍କ ସହିତ ଯେଉଁ ମୂଲ୍ୟ ନିର୍ଦ୍ଧାରିତ ହୋଇଥିଲା ସେହି ମୂଲ୍ୟ ଦେବାକୁ କହିଲେ । ହ. ବିଲାଲ୍ ର.ଅ ଏକ ଔକିୟା ଓଜନ କରି ମୋତେ ଓଟର ମୂଲ୍ୟ ଦେଇଦେଲେ ଏବଂ ଏହି ମୂଲ୍ୟ ଠାରୁ କିଛି ଅଧିକ ମଧ୍ୟ ଦେଲେ । ହ. ଜାବିର୍ ର.ଅ କୁହନ୍ତି, ମୁଁ ଯେତେବେଳେ ଫେରିବାକୁ ଲାଗିଲି ସେତେବେଳେ ଆପଣ ସ.ଅ କହିଲେ, ହେ ଜାବିରଙ୍କୁ ମୋ ପାଖକୁ ଡକାଅ । ଜାବିର୍ ର.ଅ କୁହନ୍ତି ଯେ, ମୁଁ ମନରେ କହିଲି ଯେ, ବର୍ତ୍ତମାନ ନବୀ କରୀମ୍ ସ.ଅ ମୋର ଓଟ ଫେରସ୍ତ କରିଦେବେ ଏବଂ ମୋତେ ଓଟ ଫେରସ୍ତ ଅପେକ୍ଷା ଅନ୍ୟ କୌଣସି କଥା ଅପ୍ରିୟ ନଥିଲା । ଆପଣ ସ.ଅ କହିଲେ, ହେ ଜାବିର୍ ! ତୁମେ ନିଜର ଓଟ ମଧ୍ୟ ନେଇଯାଅ ଏବଂ ଓଟର ମୂଲ୍ୟ ମଧ୍ୟ ନିଜ ପାଖରେ ରଖ । ଅର୍ଥାତ୍ ହ. ଜାବିର୍ ର.ଅଙ୍କ ଆଶା ବିପରୀତ । ହ. ଜାବିର୍ ର.ଅଙ୍କ ମନରେ ଏହି ଧାରଣା ରହିଥିଲା ଯେ, ଓଟ ଫେରସ୍ତ କରିବା ପରେ ମୋତେ ଓଟର ମୂଲ୍ୟ ଦେବାକୁ (ଫେରାଇବାକୁ) ନପଡୁ । କିନ୍ତୁ ଆଁହଜରତ ସ.ଅ କହିଲେ, ହେ ଜାବିର୍ ! ତୁମେ ଓଟର ମୂଲ୍ୟ ରଖି ଓ ଓଟକୁ ମଧ୍ୟ ନିଜ ପାଖରେ ରଖ । ଆପଣ ସ.ଅ ଓଟର ମୂଲ୍ୟ ଫେରସ୍ତ ନେଲେ ନାହିଁ ।" **(ସହିହୁଲ୍ ବୁଖାରୀ, କିତାବୁଲ୍ ବୁୟୁ...... ବାବ୍-ଶରଅଦ୍ ଦୌଖାବୁ ଓ୍ୱର୍ ହୁମର୍, ହଦିସ୍ ନଂ-2097)**

ହୁଜୁର ଅନ୍‌ଓ୍ୱର୍ ଅ.ବ କହିଲେ, ଆଁହଜରତ ସ.ଅଙ୍କ ଚମତ୍କାର ମଧ୍ୟରୁ କିଞ୍ଚିତ ପରିମାଣର ଜଳକୁ ପ୍ରଚୁର ଜଳରେ ପରିଣତ କରିବାର ଏକ ଘଟଣାର ଚର୍ଚ୍ଚା ମଧ ରହିଛି । ହ. ଜାବିର୍ ର.ଅ ବର୍ଣ୍ଣନା କରନ୍ତି ଯେ, ସେହି ଯୁଦ୍ଧ (ଜାତୁର ରିକାଅ ଯୁଦ୍ଧ) ସମୟରେ ଏକଦା ରସୁଲୁଲ୍ଲାଃ ସ.ଅ କହିଲେ, ହେ ଜାବିର୍ ! ଓଜୁ ନିମନ୍ତେ ଘୋଷଣା କର ! ମୁଁ ସାହାବାମାନଙ୍କୁ କହିଲି, ଶୁଣ, ଶୁଣ, ଶୁଣ !! ଓଜୁ ଓଜୁ (ଓଜୁ କର) ! ମୁଁ ଲୋକମାନଙ୍କ ମଧ୍ୟରେ ଏହି ଘୋଷଣା କରିଦେଲି । କିନ୍ତୁ ମୁଁ ରସୁଲୁଲ୍ଲାଃ ସ.ଅଙ୍କୁ କହିଲି, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ମୁଁ ବର୍ତ୍ତମାନ ଆମ ନିକଟରେ ଯାତ୍ରୀସମୂହ ମଧ୍ୟରେ ବୁନ୍ଦାଏ ଜଳ ପାଇଲି ନାହିଁ । ଆପଣ ସ.ଅ କହିଲେ, ଅମକ ପୁତ୍ର ଅମକ ଅନ୍‌ସାରୀଙ୍କ ପାଖକୁ ଯାଅ ଏବଂ ଯାଇ ଦେଖ ! କ'ଣ ତା ଜଳ ଥଳୀ ମଧ୍ୟରେ କିଛି ଜଳ ଅଛି ? ହ. ଜାବିର୍ ର.ଅ କୁହନ୍ତି ଯେ, ମୁଁ ସେହି ଅମକ ବ୍ୟକ୍ତି ପାଖକୁ ଗଲି ଏବଂ ତା' ପାଖରେ ଯାଇ ଯେତେବେଳେ ଦେଖିଲି ସେତେବେଳେ ତା'ର ଜଳ ଥଳୀ ମଧ୍ୟରୁ ଗୋଟିଏ ଜଳ ଥଳୀ ମଧ୍ୟରେ ବୁନ୍ଦାଏ ଜଳ ଥିଲା । ଅର୍ଥାତ୍ କିଛି ପରିମାଣର ଜଳ ଥିଲା । ମୁଁ ଯଦି ସେ ଜଳପାତ୍ରକୁ ଶୁଷ୍କ ସ୍ଥାନରେ ଓଲଟାଇ ଦେଇଥାଆନ୍ତି ତେବେ ସେହି ଶୁଷ୍କ ସ୍ଥାନ ସେହି ଜଳକୁ ଶୋଷି ନେଇଥାଆନ୍ତା । କହିବାର ତାତ୍ପର୍ଯ୍ୟ ଏହିକି ଯେ, ଏତେ ସ୍ୱଳ୍ପ ପରିମାଣର ଜଳ ଥିଲା ଥଳୀ ମଧ୍ୟରୁ ବାହାରିବା ଅତ୍ୟନ୍ତ କଷ୍ଟକର ଥିଲା । ପୁନଶ୍ଚ ମୁଁ ରସୁଲୁଲ୍ଲାଃ ସ.ଅଙ୍କ ନିକଟକୁ ଆସିଲି ଏବଂ କହିଲି, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ଏହି ଜଳ ଥଳୀର ମୁହଁରେ କେବଳ ବୁନ୍ଦାଏ ଜଳ ମୁଁ ପାଇଲି । ଅର୍ଥାତ୍ ବହୁତ କମ୍ ପରିମାଣର ଜଳ। ଯଦି ମୁଁ ସେହି ଜଳଥଳୀକୁ ଓଲଟାଇ ଦେଇଥାଆନ୍ତି ତେବେ ତା'ର ଅର୍ଥାତ୍ ଜଳ ଥଳୀର ଶୁଷ୍କ ଭାଗ ସେହି ଜଳକୁ ଶୋଷିନେବ । ଆପଣ ସ.ଅ କହିଲେ, ମୁଁ ସେହି ଜଳ ଥଳୀକୁ ଆପଣ ସ.ଅଙ୍କ ପାଖକୁ ଆଣିଲି ଆପଣ ସ.ଅ ସେହି ଜଳ ଥଳୀକୁ ନିଜ ହାତରେ ଧରିଲେ ଏବଂ କିଛି କହିବାକୁ ଲାଗିଲେ । ଅର୍ଥାତ୍ ଆପଣ ସ.ଅ ଦୁଆ କଲେ। ମୁଁ ଜାଣି ପାରିଲି ନାହିଁ ଯେ, ଆପଣ ସ.ଅ କେଉଁ ଦୁଆ କଲେ ? ଆପଣ ସ.ଅ ସେହି ଜଳକୁ ନିଜ ହାତରେ ଧରି ଚାପିବାକୁ ଲାଗୁଥିଲେ । ପୁନଶ୍ଚ ଆପଣ ସ.ଅ ମୋତେ ସେହି ଜଳଥଳୀ ଦେଇ କହିଲେ, ହେ ଜାବିର୍ ! ଏକ ବଡ଼ କୁଣ୍ଡ ଆଣ । ତେଣୁ ମୁଁ କୁଣ୍ଡ ଆଣି ଆଁହଜରତ ସ.ଅଙ୍କ ସମ୍ମୁଖରେ ରଖିଦେଲି । ଆପଣ ସ.ଅ କୁଣ୍ଡ ମଧ୍ୟରେ ଏପରି ହାତ ଉଠାଇଲେ ଏବଂ ଏପରି ନିଜର ହସ୍ତ ପ୍ରସାରିତ କଲେ ଏବଂ ନିଜର ଆଙ୍ଗୁଠିକୁ ସଂପ୍ରସାରିତ କଲେ । ଅର୍ଥାତ୍ କୁଣ୍ଡରେ ନିଜର ହାତକୁ ଏପରି ପ୍ରସାରିତ କରିଦେଲେ ଯେପରି ଆପଣ ସ.ଅଙ୍କ ହସ୍ତ କୁଣ୍ଡର ତଳ ଭାଗ ପର୍ଯ୍ୟନ୍ତ ପହଞ୍ଚିଗଲା । ଅର୍ଥାତ୍ ଆପଣ ସ.ଅ କୁଣ୍ଡରେ ନିଜର ହାତ ବୁଲାଇଲେ ଏବଂ ତା'ପରେ କୁଣ୍ଡର ନିମ୍ନ ଭାଗରେ ନିଜର ହାତ ବୁଲାଇଲେ । ଏତଦ୍‌ପରେ ଆପଣ ସ.ଅ କହିଲେ, ହେ ଜାବିର୍! ନିଅ ମୋ ହାତରେ ଜଳ ଅଜାଡ଼ି ଦିଅ ଏବଂ ବିସ୍‌ମିଲ୍ଲାଃ ପାଠ କର । ମୁଁ ଦେଖିଲି ଯେ, ଜଳ ଆପଣଙ୍କର ଆଙ୍ଗୁଠି ମଧ୍ୟରୁ ଝରଣା ପରି ଦ୍ରୁତ ବେଗରେ ବାହାରିବାକୁ ଲାଗିଲା। ଏପର୍ଯ୍ୟନ୍ତକି ଜଳକୁଣ୍ଡ ଜଳ ଦ୍ୱାରା ପୂର୍ଣ୍ଣ ହୋଇଗଲା । ଆପଣ ସ.ଅ କହିଲେ, ହେ ଜାବିର୍ ! ତୁମେ ପ୍ରତ୍ୟେକ ସେହି ବ୍ୟକ୍ତିକୁ ଡାକ ଯେଉଁ ବ୍ୟକ୍ତିକୁ ଜଳର ଆବଶ୍ୟକତା ଥିବ । ହ. ଜାବିର୍ ର.ଅ କୁହନ୍ତି, ଲୋକମାନେ ଆସିଲେ ଏବଂ ସେମାନେ ଜଳପାନ କଲେ । ଏପର୍ଯ୍ୟନ୍ତକି ସେମାନଙ୍କର ତୃଷ୍ଣା ନିବାରଣ ହୋଇଗଲା । ଅର୍ଥାତ୍ ଶୋଷ ମେଣ୍ଟିଗଲା । ମୁଁ (ଜାବିର୍ ର.ଅ) କହିଲି, ଆଉ କେହି ଅଭାବି ବ୍ୟକ୍ତି ଅଛି ଯାହାକୁ ଜଳର ଆବଶ୍ୟକତା ରହିଛି ? ପୁନଶ୍ଚ ରସୁଲୁଲ୍ଲାଃ ସ.ଅ ଅତ୍ୟନ୍ତ ମନୋଯୋଗପୂର୍ବକ ନିଜର ହାତ କୁଣ୍ଡରୁ କାଢିଲେ ଏବଂ ସେହି କୁଣ୍ଡ ଜଳ ଦ୍ୱାରା ପୂର୍ଣ୍ଣ ହୋଇ ରହିଥିଲା । **(ସହି ମୁସ୍‌ଲିମ୍, କିତାବୁଜ୍ ଜୁହୋଦ ଓ୍ୱର୍ ରକାଇକୁ, ବାବ୍-ହଦିସ୍ ଜାବିରୁତ୍ ତୱିଲୁ, ହଦିସ୍ ନଂ-3013)**

ନବୀ କରୀମ୍ ସ.ଅଙ୍କ ଏହିପରି ଚମତ୍କାର ସଂକ୍ରାନ୍ତରେ ପୁଣ୍ୟଶ୍ଲୋକ ହ. ମସିହ୍ ମଉଦ୍ ଅ.ସ କୁହନ୍ତି: "ଏହି ସ୍ତରର ସାନ୍ନିଧାବସ୍ଥାରେ ବେଳେବେଳେ ମନୁଷ୍ୟ ଦ୍ୱାରା ଏପରି ଚମତ୍କାର ସମ୍ପାଦିତ ହୋଇ ଯାଇଥାଏ ଯେ, ତାହା ମାନବିକ ଶକ୍ତି ଠାରୁ ବହିର୍ଭୂତ ଥିବାର ଜ୍ଞାତ ହୋଇଥାଏ ଏବଂ ଐଶୀ ରୂପ ନିଜ ମଧ୍ୟରେ ରଖି ଥାଆନ୍ତି । ଯେପରିକି ଆମର ପ୍ରିୟ ମୁନିବ, ନବି ଶିରୋମଣି, ନବୀ ଶ୍ରେଷ୍ଠ ହ. ମୁହମ୍ମଦ ସ.ଅ ବଦର୍ ଯୁଦ୍ଧରେ ଅବିଶ୍ୱାସକାରୀଙ୍କ ଉପରେ ମୁଠାଏ ଗୋଡ଼ି ନିକ୍ଷେପ କରିଥିଲେ (ଫୋପାଡ଼ି ଥିଲେ) । ସେହି ମୁଠାଏ ଗୋଡ଼ି କୌଣସି ଦୁଆ ମାଧ୍ୟମରେ ନୁହେଁ ବରଂ ସ୍ୱୟଂ ନିଜର ଆଧ୍ୟାତ୍ମିକ ସାମର୍ଥ୍ୟତା ଦ୍ୱାରା ଫିଙ୍ଗିଥିଲେ । ସେହି ମୁଠାଏ ଗୋଡ଼ି ଅବିଶ୍ୱାସକାରୀଙ୍କ ଉପରେ ଏପରି ପ୍ରଭାବ ପକାଇଲା ଯେ, ଅବିଶ୍ୱାସକାରୀଙ୍କ ମଧ୍ୟରୁ ଏପରି କୌଣସି ବ୍ୟକ୍ତି ନଥିଲା ଯାହାର ଚକ୍ଷୁରେ ଏହି ଗୋଡ଼ିର ପ୍ରଭାବ ପଡ଼ି ନଥିଲା । ସେମାନେ ସମସ୍ତେ ଅନ୍ଧଙ୍କ ପରି ହୋଇଗଲେ ଏବଂ ପରାଜିତ ତଥା ଚିନ୍ତିତାବସ୍ଥା ସେମାନଙ୍କ ମଧ୍ୟରେ ସୃଷ୍ଟି ହୋଇଯାଇଥିଲା । ଫଳତଃ ସେମାନେ ପାଗଳଙ୍କ ପରି ପଳାୟନ କରିବା ଆରମ୍ଭ କଲେ । ଏହି ଚମତ୍କାର ଆଡ଼କୁ ଆଲ୍ଲାଃତାଲା ଉକ୍ତ ଆୟତ୍‌ରେ ଇଙ୍ଗିତ କରିଛନ୍ତି ଯେ, وَمَا رَمَیۡتَ اِذۡ رَمَیۡتَ وَلٰکِنَّ اللّٰہَ رَمٰی **(ଅଲ୍ ଅନଫାଲ୍: 18)**ଏବଂ ଯେତେବେଳେ ତୁମେ ଗୋଡ଼ି ନିକ୍ଷେପ କରିଥିଲ ତାହା ତୁମ୍ଭେ ନିକ୍ଷେପ କରି ନଥିଲ ବରଂ ଅଲ୍ଲାଃତାଲା ନିକ୍ଷେପ କରିଥିଲେ ।"

ଏହିପରି ଆଁହଜରତ ସ.ଅଙ୍କ ଦ୍ୱିତୀୟ ଚମତ୍କାର ଚନ୍ଦ୍ରମାର ଦୁଇ ଖଣ୍ଡ ହେବା ଅଟେ। ତାହା ସେହି ଐଶୀ ଶକ୍ତି ଦ୍ୱାରା ପ୍ରାଦୁର୍ଭୂତ ହଇଥିଲା ଯେ, କୌଣସି ଦୁଆ ତା' ସହିତ ସାମିଲ୍ ନଥିଲା । କାରଣ ତାହା ଆଙ୍ଗୁଠିର ଇଙ୍ଗିତ ଦ୍ୱାରା ସମ୍ପାଦିତ ହୋଇଥିଲା । ତାହା ଐଶୀ ଶକ୍ତି ଦ୍ୱାରା ପରିପୂର୍ଣ୍ଣ ଥିଲା ଏବଂ ସେହି ମହାଜାଗତିକ ଘଟଣା ଘଟିଥିଲା । କେବଳ ବ୍ୟକ୍ତିଗତ ସାମର୍ଥ୍ୟତା ସ୍ୱରୂପ ଆଁହଜରତ ସ.ଅ ଅନେକ ଚମତ୍କାର ପ୍ରଦର୍ଶନ କିରଥିଲେ । ସେହି ବ୍ୟକ୍ତିଗତ ସାମର୍ଥ୍ୟତା ସହିତ କୌଣସି ଦୁଆ (ପ୍ରାର୍ଥନା) ସାମିଲ୍ ନଥିଲା । ଆପଣ ସ.ଅ ଅନେକ ଥର ପିଆଲା ମଧ୍ୟରେ ଥିବା ସ୍ୱଳ୍ପ ଜଳକୁ ନିଜର ଆଙ୍ଗୁଠି ବୁଡ଼ାଇ ତାହାକୁ ଅଧିକ କରି ଦେଇଥିଲେ । ଅର୍ଥାତ୍ ସମସ୍ତ ସୈନ୍ୟବାହିନୀ, ଓଟ ଏବଂ ଅଶ୍ୱମାନେ ସେହି ଜଳକୁ ପାନ କରି ନେଉଥିଲେ । କିନ୍ତୁ ତଥାପି ସେହି ଜଳ ସେମିତିକୁ ସେମିତି ଅର୍ଥାତ୍ ସେତିକି ମାତ୍ରାରେ ଉପସ୍ଥିତ ରହୁଥିଲା ଏବଂ ଅନେକ ଥର ଦୁଇଟି କିମ୍ବା ଚାରି ପଟ ରୁଟି ହାତରେ ରଖିବା ଦ୍ୱାରା ସହସ୍ର ଭୋକିଲା ଏବଂ ଶୋଷିଲା ବ୍ୟକ୍ତିମାନଙ୍କର ଏହି ରୁଟି ଦ୍ୱାରା ପେଟ ପୂରି ଯାଉଥିଲା। ସେହିପରି ବେଳେବେଳେ କିଞ୍ଚିତ ପରିମାଣର ଦୁଗ୍ଧ **(ଅବଶିଷ୍ଟାଂଶ...ପୃ-14ରେ)**

Printed & Published by: Jameel Ahmed Nasir on behalf of Nigran Board of Badar. Name of Owner: Nigran Board of Badar. And printed at Fazle-Umar Printing Press. Harchowal Road, Qadian, Distt. Gurdaspur-143516, Punjab. And published at office of the Weekly Badar Mohallah - Ahmadiyya, Qadian Distt. Gsp-143516, Punjab. India. Editor: Qamrul Haque Khan